

ସମୟ ଆସିବ, ସାରା ବିଶ୍ୱ ଗେରୁଆ ପିନ୍ଧିବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ


facebook.com/odishabhaskar
twitter.com/odishabhaskar
GET IT ON Google Play
Download on the App Store




ଶ୍ରେୟାଙ୍କୁ ଜନ୍ମଦିନ ଶୁଭେଚ୍ଛା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୪୩ Vol. 21 No-343 13 MARCH 2025 THURSDAY BHUBANESWAR ଗୁରୁବାର, ୧୩ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଖୁବ୍‌ଶୀଘ୍ର ବଜାରକୁ ଆସିବ ୧୦୦,୨୦୦ ଟଙ୍କିଆ ନୋଟ୍

ନୂଆଦିଲ୍ଲୀ, ୧୨।୩: ଖୁବ୍‌ଶୀଘ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ ୧୦୦ ଓ ୨୦୦ ଟଙ୍କିଆ ନୂଆ ନୋଟ୍ ଜାରି କରିବାକୁ ଯାଉଛି। କିନ୍ତୁ ଏହାର ଡିଜାଇନରେ କୌଣସି ପରିବର୍ତ୍ତନ ଘଟିବ ନାହିଁ। ଏହି ନୂତନ ନୋଟ୍‌ଗୁଡ଼ିକରେ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ସ୍ୱାକ୍ଷର ରହିବ ବୋଲି ଆରବିଆଇ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ନୂତନ ଗଭର୍ଣ୍ଣର ନିଯୁକ୍ତି ପରେ ତାଙ୍କ ସ୍ୱାକ୍ଷର ସମ୍ବଳିତ ନୋଟ୍ ଜାରି କରାଯାଇଥାଏ। ପୁରୁଣା ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ବୈଧ ରହିବ। ଏହାକୁ ବଦଳାଯିବ ନାହିଁ। ନୂଆନୋଟ୍ ଖୁବ୍‌ଶୀଘ୍ର ବ୍ୟାଙ୍କ ଏବଂ ଏଟିଏମ୍‌ରେ ଉପଲବ୍ଧ ହେବ।

### ଦୁଇଭାଇଙ୍କ ମୃତ୍ୟୁ ଘଟଣାରେ ୭ ଅଟକ

ନୟାଗଡ଼, ୧୨।୩(ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଧାନଚାଙ୍ଗୁଡ଼ା ଗାଁରେ ଦୁଇ ନାବାଳକ ଭାଇଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପୋଲିସ ତନାଘନା ଜାରି ରଖିଛି। ଏହି ଘଟଣାରେ ପୋଲିସ ମୃତ ନାବାଳକଙ୍କ ବାପା, ଜେଜେମା ଓ ପଡ଼ୋଶୀ ଘରର ଲୋକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ ଯେ ଗତ ସୋମବାର ଘର ଭିତରୁ ଦୁଇଭାଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା।

### 'ରାସନ କାର୍ଡରେ ମିଳିବ ଗହମ'

ଭୁବନେଶ୍ୱର, ୧୨।୩(ଭାସ୍କର ନ୍ୟୁଜ): ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ରାସନ କାର୍ଡରେ ପୂର୍ବଭଳି ଗହମ ଯୋଗାଇ ଦିଆଯିବ। ଏ ନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ସେନ୍‌ସେକ୍ସ: ୭୪,୦୨୯.୭୬

ସର୍ବାଧିକ: ୩୬.୮ ଡିଗ୍ରୀ
ସର୍ବନିମ୍ନ: ୨୩.୨ ଡିଗ୍ରୀ

### ୧୨।୩।୨୦୨୫ ର ମତାମତ

ଅନୁପ୍ରବେଶକାରୀଙ୍କ ପାଇଁ କେନ୍ଦ୍ର ସରକାର ଆଣୁଥିବା ଆଇନ ଯଥାର୍ଥ ନୁହେଁ କି?




### ଆଜିର ପ୍ରସଙ୍ଗ

ଦୁର୍ଦ୍ଦାନ୍ତ ଅପରାଧିଙ୍କୁ କରାଯାଉଥିବା ଏନକାଉଣ୍ଟର ଠିକ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ବାଚସ୍ପତିଙ୍କ ସହ ଆଲୋଚନା ପରେ ବଦଳିଲା ନିଷ୍ପତ୍ତି

# ହଟିଲା ମୋବାଇଲ କଟକଣା



### ମୋବାଇଲ ନେବେ, ଫଟୋ ଉଠାଇପାରିବେନି

### ତାରାଙ୍କ ନିଲମ୍ବନ ନେଇ ବଢୁଛି ବିବାଦ

### ସମର୍ଥନରେ ବାହାରିଲା ବିଜୁ ଜନତାଦଳ

ଭୁବନେଶ୍ୱର, ୧୨।୩(ଭାସ୍କର ନ୍ୟୁଜ): ବିଧାନସଭା ପ୍ରେସ୍ ଗ୍ୟାଲେରୀକୁ ସାମ୍ବାଦିକମାନେ ମୋବାଇଲ ନେବା ଉପରୁ କଟକଣା ହଟିଯାଇଛି। ସାମ୍ବାଦିକଙ୍କ ଧାରଣା ପରେ ଏହି କଟକଣା ପ୍ରତ୍ୟାହାର କରି ନେଇଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଏ ନେଇ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାମ୍ବାଦିକଙ୍କ ଉପରେ ଲଗାଯାଇଥିବା ମୋବାଇଲ କଟକଣାକୁ ହଟାଇ ନିଆଯାଇଛି। ସାମ୍ବାଦିକମାନେ ପ୍ରେସ୍ ଗ୍ୟାଲେରୀକୁ ମୋବାଇଲ ନେଇପାରିବେ, କିନ୍ତୁ ଫଟୋଗ୍ରାଫି କିମ୍ବା ଭିଡିଓ ରେକର୍ଡିଂ କରିପାରିବେ ନାହିଁ। ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ନୀତିନିୟମ ମାନିବାକୁ ସାମ୍ବାଦିକଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରିଣ୍ଟ୍ ମିଡିଆ ସାମ୍ବାଦିକମାନଙ୍କୁ ବିଧାନସଭାର ଗୃହ ପରିଚାଳନା ଫଟୋ ଯୋଗାଇ ଦିଆଯିବ ବୋଲି ବାଚସ୍ପତି କହିଛନ୍ତି। ବାଚସ୍ପତିଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସାମ୍ବାଦିକମାନେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେବାପରେ ତାଙ୍କ ନିକଟକୁ ଆସିଥିଲେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ • ପୃଷ୍ଠା ୫ ଦେଖନ୍ତୁ

## ୨୭ରେ ବିଧାନସଭା ଘେରିବ କଂଗ୍ରେସ



ଭୁବନେଶ୍ୱର, ୧୨।୩(ଭାସ୍କର ନ୍ୟୁଜ): କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ନିଲମ୍ବନ ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରିବ କଂଗ୍ରେସ। ଏ ନେଇ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ବୁଧବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, ଅଖିଳ ଭାରତ କଂଗ୍ରେସ ସଂପାଦିକା ରୋଜାଲିନ ତିର୍କୀଙ୍କ ସମେତ ସମସ୍ତ ବିଧାୟକ ଯୋଗ ଦେଇଥିଲେ। ବୈଠକ ପରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ, ଓଡ଼ିଶାରେ ନାରୀମାନଙ୍କ ପ୍ରତି ଅତ୍ୟାଚାର ଓ ଶିଶୁମାନଙ୍କ ଉପରେ ଯୌନ ଶୋଷଣ ସୀମା ଲଂଘିଛି। ବିଧାନସଭା ଭିତରେ • ପୃଷ୍ଠା ୫ ଦେଖନ୍ତୁ

## ମୋଦୀ-ମରିସସ୍ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା

# ୮ଟି ଚୁକ୍ତିନାମା ସ୍ୱାକ୍ଷରିତ



ନୂଆଦିଲ୍ଲୀ, ୧୨।୩: ମରିସସ୍ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ମରିସସ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ଦୀର୍ଘ ସମୟ ଆଲୋଚନା କରିଥିଲେ । ପରେ ଉଭୟପକ୍ଷ ମଧ୍ୟରେ ୮ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ମୁଦ୍ରା ସମାଧାନ ପ୍ରଣାଳୀ ଉପରେ ମରିସସର କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ପାଇପ୍ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ରୀୟ ଜଳ ପ୍ରାଧିକରଣର ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ଆର୍ଥିକ ସହାୟତା ପାଇଁ ମରିସସ ସରକାର ଓ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଋଣ ସୁବିଧା ଉପରେ ଆଉ ଏକ ଚୁକ୍ତିନାମା ହୋଇଛି। ସେହିପରି କୂଟନୀତିଜ୍ଞଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ନିମନ୍ତେ ଭାରତୀୟ ବୈଦେଶିକ ସେବା ପ୍ରତିଷ୍ଠାନ ଏବଂ ମରିସସର ବୈଦେଶିକ ବ୍ୟାପାର, ଆଞ୍ଚଳିକ ସମନ୍ୱୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ଭାରତୀୟ ନୌସେନା ଏବଂ ମରିସସ୍ ପୋଲିସବାହିନୀ ମଧ୍ୟରେ ହ୍ୱାଇଟ୍ ସିପିଂ ସୂଚନା ଆଦାନ ପ୍ରଦାନ ପାଇଁ ବୈଷୟିକ ଚୁକ୍ତିନାମା ହୋଇଛି। ସେହିପରି ମରିସସର ଆର୍ଥିକ ଅପରାଧ କମିଶନ ଏବଂ ଭାରତୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟରେ ଆଉଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ମରିସସର ଶିଳ୍ପ, କ୍ଷୁଦ୍ର ଏବଂ • ପୃଷ୍ଠା ୫ ଦେଖନ୍ତୁ

## ୨୪ରେ ରାଷ୍ଟ୍ରପତି

# ୨୨ରେ ଓଡ଼ିଶା ଆସିବେ ଶାହ



ଭୁବନେଶ୍ୱର/ନୟାଗଡ଼, ୧୨।୩ (ଭାସ୍କର ନ୍ୟୁଜ): ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ। ଆସନ୍ତା ୨୨ ତାରିଖରେ ସେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତାଙ୍କର ଏହି ଗସ୍ତ ସମୟରେ ଶ୍ରୀ ଶାହ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାବ୍ୟତୀତ ସେ ଦଳୀୟ ସଂଗଠନ ସଂପର୍କରେ ମଧ୍ୟ ନେତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଶାହଙ୍କ ଗସ୍ତର ଗୋଟିଏ ଦିନ ପରେ ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତାଙ୍କ ଗସ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ନୟାଗଡ଼ର କଣ୍ଟିଲୋ ନୀଳମାଧବ ମନ୍ଦିର ଦର୍ଶନ କରିବା ନେଇ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବ୍ୟବସ୍ଥା, ଅସ୍ଥାୟୀ ହେଲିପ୍ୟାଡ ଓ ଅନ୍ୟାନ୍ୟ ବ୍ୟବସ୍ଥାର ପରିଚାଳନା ନେଇ ସ୍ଥିତି ସମୀକ୍ଷା କରିଛନ୍ତି ନୟାଗଡ଼ ଜିଲ୍ଲାପାଳ ଓ ଏସ୍‌ପି। ସୂଚନାଥାଉକି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୪ ତାରିଖ ଅପରାହ୍ନ ୧.୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିଧାସଳଖ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବେ। ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏପରିକି ରାଷ୍ଟ୍ରପତି ଜଗନ୍ନାଥ ସଂସ୍କୃତିର ମୂଳପୀଠ ଭାପୁର ବ୍ଲକ ଅଧୀନ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ ଥିବା ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେଠାରୁ ସନ୍ଧ୍ୟାରେ ଭୁବନେଶ୍ୱର ଫେରି ରାତ୍ରିଯାପନ କରିବେ । ୨୫ ତାରିଖରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେବା ସହ କଟକର ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ।

## ରାଜ୍ୟରେ ପାରଦ ଟପିଲା ୪୦ ଡିଗ୍ରୀ

# ଆଜିଠୁ ଜଳିବ ପଶ୍ଚିମ ଓଡ଼ିଶା

### ସୂଚନା ଦେଲା ପାଣିପାଗ ବିଭାଗ

### ୪୦.୫ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ

### ୧୨ ସହରର ତାପମାତ୍ରା ୩୮ଡିଗ୍ରୀ ଉପରେ

### ୪ ଦିନ ପାଇଁ ହିଟ୍‌ୱେଭ୍ ଆଲର୍ଟ ଜାରି



ଭୁବନେଶ୍ୱର, ୧୨।୩(ଭାସ୍କର ନ୍ୟୁଜ): ରାଜ୍ୟରେ ଅସହ୍ୟ କଲାଣି ତାତି। ବାହାରକୁ ଗୋଡ଼ କାଢିବା କାଠିକର ପାଠ ହେଲାଣି। ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ଯାଏ ଉପରମୁହାଁ ହେଲାଣି ପାରଦ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇବା ନେଇ ପାଣିପାଗ ବିଭାଗ ସୂଚନା ଦେଇଥିବାବେଳେ ଗୁରୁବାରଠାରୁ ପଶ୍ଚିମ ଓଡ଼ିଶା ଜଳିବ ବୋଲି ମଧ୍ୟ ସୂଚନା ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ପବନ ପ୍ରବାହିତ ହେଉଥିବାରୁ ତାତିର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ୩୭ରୁ ୩୯ ଡିଗ୍ରୀ ଭିତରେ ରହୁଥିବାବେଳେ ବୁଧବାର ଏହା ୪୦ ଡିଗ୍ରୀ ଟପିଯାଇଛି। ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସୁନ୍ଦରଗଡ଼, ସୋନପୁର, ସମ୍ବଲପୁର ଆଦି ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଥିବାରୁ ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର ଓ ବରଗଡ଼କୁ ମଧ୍ୟ ଆଲର୍ଟ ଜାରି କରାଯାଇଛି। ପଶ୍ଚିମ ଓଡ଼ିଶାରେ ୪ ଦିନ ଧରି ଟାଇଁ ଟାଇଁ ଖରା ରାଜ କରିବ। • ପୃଷ୍ଠା ୫ ଦେଖନ୍ତୁ

## ଭୁବନେଶ୍ୱର, ସମ୍ବଲପୁର ପରେ ରାଉରକେଲା

# ଦୁର୍ଦ୍ଦାନ୍ତ ଅପରାଧୀକୁ ଏନ୍‌କାଉଣ୍ଟର



ରାଉରକେଲା, ୧୨।୩(ଭାସ୍କର ନ୍ୟୁଜ): ବିଭିନ୍ନ ସଙ୍ଗୀନ ଅପରାଧରେ ସଂପୃକ୍ତ ଥାଇ ବାରମ୍ବାର ଅପରାଧ କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏବେ ପୋଲିସ ଏନକାଉଣ୍ଟର କରିବା ଆରମ୍ଭ କରିଛନ୍ତି । ପ୍ରଥମେ ରାଜଧାନୀ ଭୁବନେଶ୍ୱର ଓ ପରେ ସମ୍ବଲପୁର ଏବଂ ତା ପରେ ରାଉରକେଲାରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି। ତେବେ ବୁଧବାର ଭୋର ସମୟରେ ରାଉରକେଲାରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ପୋଲିସ ଏନକାଉଣ୍ଟର କରିବା ପରେ ସେ ଗୁରୁତର ଆହତ ହେଇଛି। ତାକୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଝାଡ଼ଖଣ୍ଡର ଏହି ଦୁର୍ଦ୍ଦାନ୍ତ ଅପରାଧୀ ବ୍ୟାସ ଲକ୍ରା ବୁଧବାର ଭୋର ସମୟରେ ବିଶ୍ରା ଥାନା ଅକ୍ଷୟଶିଳା ଜଳପ୍ରପାତ ନିକଟରେ ଲୁଚିଥିବାବେଳେ ପୋଲିସ ତାକୁ ଏନକାଉଣ୍ଟର କରିଥିଲା। ତାହାର ଡାହାଣ ଗୋଡ଼ରେ ଗୁଳି ବାଜିଛି। ବ୍ୟାସ ନାମରେ • ପୃଷ୍ଠା ୫ ଦେଖନ୍ତୁ

## ଟ୍ରେନ୍ ହାଇଜାକ୍ ନାଟକ ଶେଷ

# ସମସ୍ତ ବିଦ୍ରୋହୀ ନିହତ

### ୩୦୦ରୁ ଅଧିକ ଯାତ୍ରୀ ଉଦ୍ଧାର

### ୧୫୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ହତ୍ୟା

### ପାକ୍ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ



ଇସଲାମାବାଦ, ୧୨।୩: ପାକିସ୍ତାନରେ ଟ୍ରେନ୍ ଅପହରଣ କରିଥିବା ବାଲୁଚି ଲିବରେସନ ଆର୍ମିର ସମସ୍ତ ବିଦ୍ରୋହୀଙ୍କୁ ପାକ୍ ସୁରକ୍ଷାକର୍ମୀମାନେ ନିପାତ କରିଛନ୍ତି। ଏ ନେଇ ବାଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସର୍ଫରାଜ ବୁଗତି ପ୍ରଧାନମନ୍ତ୍ରୀ ସହବାଜ ସରିଫଙ୍କୁ ସୂଚନା ଦେଇଛନ୍ତି । ଏହି ଅପହରଣ ଘଟଣାରେ ବିଦ୍ରୋହୀମାନେ ୧୦୦ରୁ ଅଧିକ ପାକ୍ ସେନାଙ୍କୁ ହତ୍ୟା କରିଛନ୍ତି। ଅପହୃତ ହୋଇଥିବା ୪୫୦ ଯାତ୍ରୀଙ୍କ ମଧ୍ୟରୁ ୩୦୦ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅନ୍ୟ ପଣବନ୍ଦୀଙ୍କ ପତ୍ତା ମିଳୁନାହିଁ । ଏଥିପୂର୍ବରୁ ଅପରେସନ ବନ୍ଦ କରି ଜେଲରେ ଥିବା ବେଲୁଚି ବନ୍ଦୀଙ୍କୁ ନ ଛାଡ଼ିଲେ ପଣବନ୍ଦୀ ହୋଇ ରହିଥିବା ଯାତ୍ରୀଙ୍କୁ ହତ୍ୟା କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଏହି ଘଟଣାର ୨୪ ଘଣ୍ଟା ପରେ କ୍ୱେଟା ରେଳଷ୍ଟେସନକୁ ୨୦୦ରୁ ଅଧିକ କଫିନ ଅଣାଯାଇଛି। ତେବେ ମୃତ୍ୟୁ ସଂପର୍କରେ କୌଣସି ସୂଚନା ମିଳିପାରି ନାହିଁ । ଏହି ୨୦୦ଟି କଫିନକୁ ରେଳ ଷ୍ଟେସନରୁ ବାଲୁଚିସ୍ତାନ ପଠାଯାଉଛି। ପୂର୍ବରୁ ବାଲୁଚିସ୍ତାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖତାର ମେଙ୍ଗଲ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଥିଲେ ଯେ ବାଲୁଚିସ୍ତାନର ଗୋଟିଏ ଇଞ୍ଚ ମଧ୍ୟ ବାକିନାହିଁ, ଯେଉଁଠି ପାକିସ୍ତାନ ସରକାର ନିଜର ଅଧିକାର ଦାବି କରିପାରିବେ। • ପୃଷ୍ଠା ୫ ଦେଖନ୍ତୁ

## ରୁଷ-ୟୁକ୍ରେନ ଅସ୍ତ୍ରବିରତିରେ ନୂଆ ମୋଡ଼

# ଆମେରିକା ନୁହେଁ, ଆମ ସର୍ତ୍ତରେ ହେଉ ବୁଝାମଣା: ରୁଷ



ନୂଆଦିଲ୍ଲୀ, ୧୨।୩: ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଜାରି ରହିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଏହି ଅସ୍ତ୍ରବିରତି ପାଇଁ ୟୁକ୍ରେନ ସହମତ ହୋଇଥିବାବେଳେ ଆଗକୁ ଆମେରିକା ରୁଷକୁ ଏ ନେଇ ରାଜି କରାଇବ। ତେବେ ଯୁଦ୍ଧ ବନ୍ଦ କରି ଶାନ୍ତି ଫେରାଇବାକୁ ରୁଷ ଚାହୁଁଛି କି ନାହିଁ ତାହା ଖୁବ୍‌ଶୀଘ୍ର ସ୍ପଷ୍ଟ ହୋଇଯିବ। ସାଉଦିଆରବରେ ଆମେରିକା ଏବଂ ୟୁକ୍ରେନ ମଧ୍ୟରେ ଆଲୋଚନା ପରେ ରୁଷ ଉପରେ ଚାପ ବୃଦ୍ଧି ପାଇଛି। ଆଲୋଚନାର ଗୋଟିଏ ଦିନ ପରେ ୟୁକ୍ରେନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ଆମେରିକା ଦ୍ୱାରା ପ୍ରସ୍ତାବିତ ୩୦ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବକୁ ଗ୍ରହଣ କରିବାକୁ ଆମେ ପ୍ରସ୍ତୁତ। ଅନ୍ୟପକ୍ଷରେ ଏ ନେଇ ରୁଷିଆ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିଲେ ବି ରୁଷର ଜଣେ ଅଧିକାରୀ କହିଛନ୍ତି ଯେ ଆମେରିକା ସର୍ତ୍ତରେ ନୁହେଁ, ବରଂ ଆମ ସର୍ତ୍ତ ଉପରେ ଆଲୋଚନା ହେବା ଜରୁରି । ରୁଷ ଅଧିକାରୀଙ୍କ ଏହି ବୟାନ ପରେ ଅସ୍ତ୍ରବିରତି ପ୍ରସ୍ତାବ ନୂଆ ମୋଡ଼ ନେଇଛି। ତେବେ ୟୁକ୍ରେନ ସହମତ ହୋଇଥିବା ଅସ୍ତ୍ରବିରତି ପ୍ରସ୍ତାବକୁ ବୁଧବାର • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



କଅଣ ଚାଲିଛି ସତରେ କେଜାଣି
ବୁଝି ହେଉନାହିଁ କିଛି,
ଲୋକ ପ୍ରତିନିଧି ଏମିତି ହେବ ତ
ଛିଃ ଛିଃ ଏମେଲେ ଛିଃ ଛିଃ ।
ଲାଜ ସରମକୁ ପୋଛି,
କାଣ୍ଡ କାରଖାନା ଯାହା କରୁଛନ୍ତି
ନିନ୍ଦନ୍ତି ପୋକ ଓ ମାଛି ।



ବୋଲଗଡ଼(ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟବନ୍ଧ ଗ୍ରାମର ପଶ୍ଚିମେଶ୍ୱର ଦେବଙ୍କ ପୀଠରେ ସପ୍ତମ ବାର୍ଷିକ ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ସକାଳ ସମୟରେ ଗ୍ରାମର ମାବୁଢ଼ିଦେଇ ସିଂହନାଦ ଡ୍ୟାମରୁ ପଟୁଆର ଶୋଭାଯାତ୍ରା ସହିତ କଳସ ଯାତ୍ରା କରାଯାଇ ତୀର୍ଥ ଆବାହନ,୧୦୮ କଳସ ସ୍ଥାପନ,ଶୁଭ ଅଙ୍କୁରାରୋପଣ, ଯଜ୍ଞାରମ୍ଭ, ଅଗ୍ନି ସ୍ଥାପନ ହୋଇଥିଲା । ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ଯଜ୍ଞ ଆରମ୍ଭ,ସାଲାପୂଜା, ଦେବାର୍ଚ୍ଚନା ଆଦି କାର୍ଯ୍ୟ କରାଯାଇ ଶେଷ ଦିବସରେ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ହୋଇଥିଲ । ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ଅତିଥି ଭାବେ ସ୍ଥାନୀୟ ସମାଜସେବୀ ମନୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । କର୍ତ୍ତା ଭାବେ ମାନଗୋବିନ୍ଦ ରାଉତରାୟ ଓ ଚାରୁଲତା ରାଉତରାୟ କାର୍ଯ୍ୟ ତୁଲାଇଥିଲେ । ଆଚାର୍ଯ୍ୟ ଓ ସାଥୀମାନଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।ଏହି ଅବସରରେ ରାମନାଟକ, ଦାସକାଠିଆ, ଭାଗବତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପାଟବନ୍ଧ ଗ୍ରାମବାସୀ ସମେତ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁମାନେ ମିଳିତ ଭାବେ ସହଯୋଗ କରି ପରିଚାଳନା କରିଥିଲେ ।



# ଛଦେଶ ବ୍ଲକ ଗଠନ ଦାବିରେ ଦାବିପତ୍ର ପ୍ରଦାନ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳର ସର୍କିଟ ହାଉସ ଠାରେ ଛଦେଶ ବ୍ଲକ ସଂଗ୍ରାମ ସମିତି ପକ୍ଷରୁ ହର୍ଷବର୍ଦ୍ଧନ ସିଂଦେଓ, ଅର୍ଜୁନ ସାହୁ, ସୁଶୀଲ କୁମାର ରାଉତ, ଅଶୋକ ପରିଡ଼ା, ବିଷ୍ଣୁ ପ୍ରସାଦ ଲେଙ୍କା, ଲକ୍ଷ୍ମୀଧର ରାଉତ, ଧ୍ରୁବ ଚରଣ ରାଉତ,ଜୟକୃଷ୍ଣ ସାହୁ,ହାଡିବନ୍ଧୁ ସେଠୀ,ରମେଶ ପଣ୍ଡା,ଗତିକୃଷ୍ଣ ବିଶ୍ୱାଳ,ହୃଦାନନ୍ଦ ବିଶ୍ୱାଳ,ସୁବାସ ସାହୁ,ବାସୁଦେବ ଧଳ,ରାଜକୁମାର ପ୍ରଧାନଙ୍କ ସମେତ ଏକ ଟିମ ଓଡିଶା ସରକାରଙ୍କର ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଢେଙ୍କାନାଳ ଜିଲ୍ଲାର ଛଦେଶ ଅଂଚଳକୁ ଏକତ୍ର କରି ଛଦେଶ ବ୍ଲକ ଗଠନ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବୀ ପତ୍ରରେ ଦର୍ଶାଯାଇଛି ସଦର ବ୍ଲକର ୮ ଟି ଏବଂ ଓଡ଼ାପଡ଼ା ବ୍ଲକର ୪ ଟି ପଂଚାୟତ ଜିଲ୍ଲା ସଦର ମହକୁମାଠାରୁ ଦୂରରେ ଥିବା ସହ ବିକାଶ ଠାରୁ ବହୁ ପଛରେ ଅବହେଳିତ ଅବସ୍ଥାରେ ରହିଛି । ଲୋକସଂଖ୍ୟା ଦୃଷ୍ଟିରୁ ବ୍ଲକ ଗଠନ ହେବା ସହଅଂଚଳର ଦ୍ରୁତ ବିକାଶ ହେବ ବୋଲି ଦାବୀ ହେଉଛି । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଓ ପଂଚାୟତିରାଜ ମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କୁ ଦାବୀପତ୍ର ଦିଆଯିବା ସହ ଦାବୀ ପୂରଣ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି ।

# ମହିଳା ମହାବିଦ୍ୟାଳୟରେ ପଦବୀ ଖାଲି, ଶିକ୍ଷାଦାନ ବିପର୍ଯ୍ୟସ୍ତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ମାହାଙ୍ଗା ପଲ୍ଲିସାହିସ୍ଥିତ ସର୍ବପୁରାତନ ମହିଳାମହାବିଦ୍ୟାଳୟରେ ବହୁ କର୍ମଚାରୀ ପଦବୀ ଖାଲି ପଡିଥିବାର ଅଭିଯୋଗ ହୋଇଛି । ଏହି ପଦବୀ ଗୁଡିକୁ ପୁରଣ କରାଯିବା ଦିଗରେ ଶିକ୍ଷା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ପ୍ରତିବାଦରେ ଆଗାମୀ ଦିନରେ ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି । ଏପରିସ୍ଥଳେ ମାହାଙ୍ଗା ମହିଳା ମହାବିଦ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀ ନଥିବାରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଥିବାର ଅଭିଯୋଗ ହୋଇଛି । ପଲ୍ଲୀସାହି ଠାରେ ମାହାଙ୍ଗା ମହିଳା ମହାବିଦ୍ୟାଳୟ ମହତ ଉଦ୍ଦେଶ୍ୟ ନେଇ ସ୍ଥାପନ କରାଯାଇଥିଲା । ଏହି ମହାବିଦ୍ୟାଳୟର +୨ କଳାରେ ୩୯୩ଜଣ,+୩ କଳରେ ୨୨୫ଜଣ ଓ +୨ ବିଜ୍ଞାନ ଶ୍ରେଣୀରେ ୯୮ଜଣ ଏହିପରି ଭାବେ ମୋଟ ୭୧୬ଜଣ ଛାତ୍ରୀ ଅଧ୍ୟୟନ କରନ୍ତି । ତେବେ ଏହି ମହାବିଦ୍ୟାଳୟରେ +୩ ବିଜ୍ଞାନ ଶ୍ରେଣୀ ଖୋଲିବା ନିମନ୍ତେ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି । ଏସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗରେ ଦରଖାସ୍ତ ପଡି ରହିଛି । କିନ୍ତୁ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ଗ୍ରହଣ କରାଯାଉ ନାହିଁ । ଫଳରେ ଛାତ୍ରୀମାନେ +୩ ବିଜ୍ଞାନ ଶିକ୍ଷାଲାଭରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଦୀର୍ଘ ଦିନ ହେଲା ଏହି ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ, ଶିକ୍ଷା, ଓଡିଆ,ଇତିହାସ ପ୍ରଭୃତି ବହୁ ବିଭାଗର ଅଧାପକ ପଦବୀ ଖାଲି ପଡିଛି । ପଦବୀ ଖାଲି ପଡିଥିବା କାରଣରୁ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହେଉଛି । ଛାତ୍ରୀମାନେ ଶିକ୍ଷାଲାଭରୁ ବଂଚିତ ହେଉଛନ୍ତି । ତେବେ ଏହି ମହାବିଦ୍ୟାଳୟରେ ଅଧ୍ୟାପକ ଅଧ୍ୟାପିକା ପଦବୀ ଖାଲି ପଡିଥିବା କାରଣରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଉଜ୍ଜଳ ଭବିଷ୍ୟତକୁ ଆଖି ଆଗରେ ରଖି ମହାବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଉଚିତ ମଣୁନଥିବାର ଜଣାଯାଇଛି । ଅପରପକ୍ଷରେ ଏହି ମହାବିଦ୍ୟାଳୟରେ ଦୀର୍ଘ ଦିନ ହେଲା କନିଷ୍ଠ କିରାଣୀ ଓ ଲାଇବ୍ରେରିଆନ ପଦବୀ ଖାଲି ପଡିଛି । ଫଳରେ କଲେଜର ସରକାରୀ କାଗଜପତ୍ର ପ୍ରସ୍ତୁତିରେ ନାନା ସମସ୍ୟା ସୃଷ୍ଟି ହେଉଛି । କୌଣସି ଲାଇବ୍ରେରିଆନ ନଥିବା କାରଣରୁ ଛାତ୍ରୀମାନେ ପାଠ୍ୟପୁସ୍ତକ ପାଇବାରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ମହାବିଦ୍ୟାଳୟରେ ଖାଲି ପଡିଥିବା କର୍ମଚାରୀ ପଦବୀ ଗୁଡିକୁ ପୁରଣ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି । ତେବେ ଶିକ୍ଷା ବିଭାଗ ତରଫରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।




## ବନ୍ଧୁକ ଓ ଭୁଜାଲି ମୁନରେ ମହିଳା କର୍ମଚାରୀଙ୍କ ଠାରୁ ଲୁଟ୍

କରଞ୍ଜିଆ (ଭାସ୍କର ନ୍ୟୁଜ୍): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜୁଆଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଜୈନିକ ମହିଳା କର୍ମଚାରୀଙ୍କ ଠାରୁ ଆଜି ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଲୁଟ ହେଇଥିବା ଥାନାରେ ଅଭିଯୋଗ ହେଇଛି ।ମହିଳା ସ୍ୱାସ୍ଥକର୍ମୀ ଟୁଇଁକିଲ ବେହେରା କାର୍ଯ୍ୟରତ ଥିବାବେଳେ ରୋଗୀ ଭେସରେ ୨ ଜଣ ଦୁର୍ବୃତ୍ତ ଆସି ବନ୍ଧୁକ ଏବଂ ଭୁଜାଲି ଦେଖାଇ ତାଙ୍କ ନିକଟରୁ ସୁନାଚେନ ଲୁଟି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ଖବର ପାଇ ଘଟଣା ସ୍ଥଳରେ ଓ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭି ଆଧାରରେ ପୋଲିସ ଘଟଣାର ତଦନ୍ତ କରୁଛି ।ତେବେ ଗତ କିଛି ଦିନ ହେବ କରଞ୍ଜିଆ ଉପଖଣ୍ଡରେ ଏପରି ଲୁଟ ଛୀନତାଇ ଦିନ ଦିପହରରେ କାର୍ଯ୍ୟାଳୟ ଓ ରାସ୍ତାଘାଟର ହେଉଥିବାରୁ ପୋଲିସର ମୁଣ୍ଡବଥାର କାରଣ ପାଲଟିଛି ।

# ଜଙ୍ଗଲରୁ ପଳାଇ ଆସିଥିବା ହରିଣ ଉଦ୍ଧାର



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଜଙ୍ଗଲ ମଧ୍ୟରୁ ଜନ ବସତି ମଧ୍ୟକୁ ପଳାଇ ଆସିଥିବା ଏକ ହରିଣକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି । ପ୍ରାପ୍ତ ସୂଚନାରୁ ଜଣାଯାଏ ଯେ ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ରେ ଅଧୀନ ଖଙ୍କିରା ସେକ୍ସନରେ ଥିବା ଖଙ୍କିରା ସରଂକ୍ଷିତ ଜଙ୍ଗଲ ମଧ୍ୟରୁ ୭ବର୍ଷର ଏକ ହରିଣ ବାଟ ବଣା ହୋଇ ଆଜି ଖଙ୍କିରା ଗ୍ରାମ ମଧ୍ୟକୁ ଚାଲି ଆସିଥିଲା । ଗ୍ରାମର କିଛି କୁକୁର ତାକୁ କାମୁଡି ଗୋଡ଼ାଇ ତଡୁଥିଲା ସମୟରେ ଗ୍ରାମବାସୀ ମାନେ ପ୍ରଥମେ କୁକୁରଙ୍କ ଠାରୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଖଙ୍କିରା ବନପାଳ ମନୋଜ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ଉକ୍ତ ହରିଣକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିଥିଲେ । ପରେ ହରିଣଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ କପିଳାସ ଅଭୟାରଣ୍ୟର ଘୋର ଘୋରି ଅଂଚଳ ଜଙ୍ଗଲ ମଧ୍ୟରେ ଛାଡି ଥିଲେ ।

## ପଞ୍ଚୁଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ

କଣାସ(ଭାସ୍କର ନ୍ୟୁଜ୍): କଣାସ ଅଞ୍ଚଳର ମୁଖ୍ୟ ପର୍ବ ପଞ୍ଚୁଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାଳସିଂହ ଗତକାଲି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୯ ତାରିଖଦିନ କଣାସ ଅଞ୍ଚଳର କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାଳସିଂହପାଞ୍ଚଟି ସ୍ଥାନରେ ଗୋଟିଏ ଦିନରେ ହେଉଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପୋଲିସକୁ କଷ୍ଟ ସାଧ୍ୟ ହୋଇପଡୁଛି । କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ କଣାସ, ଦୋକନ୍ଦା, ସିରେଇ, ଅଣ୍ଡାଳସିଂହ ଗ୍ରାମ୍ୟ କମିଟର କର୍ମକର୍ତ୍ତାମାନଙ୍କୁ ଡାକି କିପରି ଶାନ୍ତି ଶୃଙ୍ଖଳାର ସହିତ ମେଳଣ ପର୍ବ କରାଯିବ ଆଲୋଚନା କରିଥିବା ।ବେଳେ ଜଙ୍କିଆ ମେଳଣରେ ପ୍ରବଳ ଜନସମାଗମ ହେଉଥିବା ଦୃଷ୍ଟି ଦେଖି ଗତକାଲି କଣାସ ତହସିଲିଦାର ହିମାଂଶ ଶେଖର ଗିରିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ, ଗଡିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର, ସ୍ଥାନୀୟ ସରପଞ୍ଚ , ଗ୍ରାମ୍ୟ କମିଟ ସଭାପତି, ସାଂପାଦକ ଓ କର୍ମକର୍ତ୍ତା ବସି କିପରି ଶାନ୍ତିଶୃଙ୍ଖଳାର ସହିତ କିପରି ମେଳଣ ଅନୁଷ୍ଠିତ ହେବ ଆଲୋଚନା କରିଥିଲେ ।

## ଘୋଡାଶାଳ ଗେଟ୍ ମରାମତି ଓ ନିର୍ମାଣ ପାଇଁ ନଗରପାଳଙ୍କ ଆଲୋଚନା

ତାଳଚେର(ଭାସ୍କର ନ୍ୟୁଜ୍): ତାଳଚେର ପୌର ପରିଷଦ ଅଧୀନରେ ଥିବା ଫାଷ୍ଟ ଗେଟ୍‌କୁ ନୂତନ ରୂପ ମିଳିଲା ପରେ ଏବେ ଏକ ନମ୍ବର ୱାର୍ଡ ରେ ଥିବା ଘୋଡ଼ା ଶାଳ ଗେଟ ଓ ହାତୀ ଶାଳ ଗେଟ୍ କୁ ମରାମତି ଓ ଆବଶ୍ୟକ ସ୍ଥଳେ ନିର୍ମାଣ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ତେବେ ଏହା ଏକ ଚଳଚଞ୍ଚଳ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇପାରେ । ତେଣୁ ଏହାକୁ ଦୃଷ୍ଟିରେ ରଖି ଉଭୟ ଗେଟ ପାର୍ଶ୍ୱରେ ଥିବା ସ୍ଥାନରେ ହୋଇଥିବା ଦଖଲ କାରୀଙ୍କ ଅନୁମତି କ୍ରମେ ଉଭୟ ପଟେ ମଟର ସାଇକେଲ ଓ ପଥଚାରୀ ମାନଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ରାସ୍ତା ସମ୍ପ୍ରସାରଣ ଅପରିହାର୍ଯ୍ୟ ହୋଇପଡିଛି । ତେଣୁ ଏଥିପାଇଁ ନଗର ପାଳ ପବିତ୍ର ଭୂତିଆ ଙ୍କ ଅଧ୍ୟକ୍ଷତାରେ ୱାର୍ଡର ମୁଖିଆ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରାମର୍ଶ ଲୋଡିଥିଲେ । ଏଥିରେ ସମସ୍ତ ଉପସ୍ଥିତ ବ୍ୟକ୍ତି ଓ ଗେଟ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ସହମତି ପ୍ରକାଶ କରିବାରୁ । ଆସନ୍ତା କାଲି ଠାରୁ ଗେଟ କାର୍ଯ୍ୟ ଆରମ୍ଭ କରି ଦୁଇମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ନଗରପାଳ ଶ୍ରୀ ଭୁତିଆ ପ୍ରକାଶ କରିଥିଲେ । ଏହି ଆଲୋଚନା ବେଳେ ସମାଜ ସେବୀ ଧିରେନ୍ ଶତପଥୀ, ଯୁବନେତା ଦୀପକ୍ ଥିଅ , ପୁପୁନା ଦାସ , କାଉନସିଲର ଯଶୋବନ୍ତ ମିଶ୍ର , ବାବୁନି ସ୍ୱାଇଁ , ଯଶୋନନ୍ତ ସିଂହ ସାମନ୍ତ । ଜ୍ଞାନରଞ୍ଜନଦାସ , ଲଳିତ ବଲଭ ରାଉତ, କୁନା ଦାସ, ଲିଟୁ ଦେବତା, ଲିପୁନ ସାହୁ, ସୋନା ପାତ୍ର , ସୁଶାନ୍ତ ମାଝୀ , ରଶ୍ମି ରଞ୍ଜନ ମିଶ୍ର ପ୍ରଫୁଲ୍ଲ କୁମାର ଦାସ , ତପନ କୁମାରମହାରଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ନଦୀରେ ବୁଡ଼ି ଯୁବକ ମୃତ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ନଦୀରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ବାଲିପଡ଼ିଆ ଗ୍ରାମର ସ୍ୱର୍ଗତ ଦୁଃଶାସନ ସାହୁଙ୍କ ସାନପୁଅ ଜିତେନ୍ଦ୍ର କୁମାର ସାହୁ (୨୭) । ଜିତେନ୍ଦ୍ର ଗାଧୋଇବା ପାଇଁ ବରପଦା ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ନଦୀକୁ ଯାଇଥିଲେ । ନଦୀ ବନ୍ଧ କଡ଼ରୁ ବାଲି ଚୋର ମାନେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରିବା ଦ୍ୱାରା ସେହି ଜାଗାରେ ନଦୀ ବହୁ ଗଭୀର ହେବା ସହ ନଦୀର ସ୍ରୋତ ମଧ୍ୟ ବହୁତ ଅଧିକ ଥିଲା । ସ୍ଥାନୀୟ ଲୋକମାନେ ବରପଦା ଛଡାରେ ଗାଧୋଉଥିବା ବେଳେ ସେ ଛଡାର ଅପରପାର୍ଶ୍ୱକୁ ଗାଧୋଇବାକୁ ଯିବା ଦ୍ୱାରା ହଠାତ୍ ଗଭୀର ଜଳରେ ବୁଡ଼ିଯାଇଥିଲେ । ପ୍ରଖର ସ୍ରୋତ ପାଇଁ ସେ ନିଜକୁ ରକ୍ଷା କରିପାରିନଥିଲେ । ସ୍ଥାନୀୟ ସାହାସୀ ଯୁବକମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଗୋପାଳପୁର କ୍ଷତ୍ରିୟ ଚିକିତ୍ସାଳୟକୁ ନେଇଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

### ଶ୍ରୀମଦ ଭାଗବତ ଗୀତା ପାରାୟଣ ଓ ଜ୍ଞାନଯଜ୍ଞ ||||||||||||||

# 'ଗୀତାକୁ ପ୍ରତ୍ୟେକ ସନାତନୀ ବ୍ୟବହାର କରିବା ବିଧେୟ'



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ମାହାଙ୍ଗା ବ୍ଲକ ପଲ୍ଲିସାହି ଗ୍ରାମପଂଚାୟତ ଧାରୋ ଶ୍ୟାମସୁନ୍ଦରପୁର ଠାରେ ଧର୍ମଜାଗରଣ ସମନ୍ୱୟ ଓ ମନୋରମା ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶ୍ରୀମଦ ଗୀତା ଭାବଗତ ଗୀତା ପାରାୟଣ ଓ ଜ୍ଞାନଯଜ୍ଞ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ଗୀତା ପାରାୟଣ କରାଯାଇଥିଲା । ଗୀତା ପାରାୟଣ ଓ ଜ୍ଞାନଯଜ୍ଞ ମହୋତ୍ସବରେ ଡ. ଗୌତମ ଚରଣ ମହାରଣା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦାନ କରି ଦୈନନ୍ଦିନ ଜୀବନରେ ଗୀତାର ଆବଶ୍ୟକତା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ଗୀତା ଭଗବାନ ଶ୍ରୀକୃଷ୍ଣଙ୍କ ଗୃହ । ଯାହା ଘରେ ଗୀତା ଅଛି ସେ ଘର ବୈକୁଣ୍ଠପୁର । ପ୍ରତ୍ୟେକ ପ୍ରାଣୀ ସେଠାରେ ସେହି ପରମାତ୍ମା ସତା ବିଦ୍ୟମାନ । ତେଣୁ ସମସ୍ତଙ୍କୁ ଆତ୍ମୀୟତାର ସହ ବ୍ୟବହାର କରିବା ପ୍ରତ୍ୟକ ସନାତନୀର କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥିଭାବେ ଗୋବିନ୍ଦ ସିଦ୍ଧଗିରି ଆଶ୍ରମର ମହନ୍ତ ବିଶ୍ୱନାଥ ଦାସ ପତଞ୍ଜଳୀରୁ ଏସଡିପିଆର ମହାପାତ୍ର, ଧର୍ମଜାଗରଣ କଟକ ଜିଲ୍ଲା ସଂଯୋଜକ ଦେବେନ୍ଦ୍ର କୁମାର ନାୟକ, ସୌର ବ୍ରାହ୍ମଣ ପରିଷଦର ରାଜ୍ୟ ସଭାପତି ରଘୁବର ଦାସ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଗୋପାଳଜୀୟୁ ବେଦ ବିଦ୍ୟାଳୟ ମାହାଙ୍ଗାର ବିଦ୍ୟାର୍ଥୀମାନେ ବେଦପାଠ କରିଥିଲେ । ଏଥିରେ ବିଭିନ୍ନ ଆଂଚଳିକ ଗୀତା ସଙ୍ଗଠନର ମୁଖ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜ୍ଞାନଯଜ୍ଞରେ କର୍ତ୍ତାଭାବେ ଆଶୁତୋଷ ଆଚାର୍ଯ୍ୟ, କର୍ତ୍ତାଭାବେ ପ୍ରିୟଙ୍କା ଆଚାର୍ଯ୍ୟ କାର୍ଯ୍ୟ ସମାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ କୈଳାସ ଚନ୍ଦ୍ର ଆଚାର୍ଯ୍ୟ, କରୁଣାକର ନାୟକ, ମୃତ୍ୟୁଞ୍ଜୟ ନାୟକ, ମମତାମୟୀ ଆଚାର୍ଯ୍ୟ , ଅନୁସ୍ୱୟା ମିଶ୍ର, ଶ୍ରଦ୍ଧାଞ୍ଜଳୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାମ୍ବାଦିକ ମନୋଜ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସ୍ଥାନୀୟ ଅଂଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ ।

# ମହିଳା ସଶକ୍ତିକରଣ ସପ୍ତାହ ଉଦ୍‌ଘାଟିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନର ମହିଳା ଶାଖା 'ଶକ୍ତି ବାହିନୀ'ର ତୃତୀୟ ବାର୍ଷିକ ଉତ୍ସବ ତଥା ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳା ସଶକ୍ତିକରଣ ସପ୍ତାହ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମ ଦିବସ ଢେଙ୍କାନାଳ ସହରର ଖମାରସାହିସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ୧୭୭ ଛାତ୍ରୀ ମାନଙ୍କୁ ଶିଶୁ କନ୍ୟା ସୁରକ୍ଷା, ମୂଲ୍ୟବୋଧକ ଶିକ୍ଷା ଓ ଆତ୍ମରକ୍ଷା କୌଶଳ ଉପରେ ସଦସ୍ୟା ମାନଙ୍କ ଦ୍ୱାରା ସଚେତନତା କରାଇବା ସହ ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଆମେଚର ତାଇକୋଣ୍ଡୋ ଓ ପେନକାକ ସିଲାଟ ଆସୋସିଏସନର ସମ୍ପାଦକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ମିଶନ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଶକ୍ତି ବାହିନୀର ସଦସ୍ୟ ଗାୟତ୍ରୀ ମିଶ୍ର ସ୍ୱାଗତଭାଷଣ ଦେବା ସହ ଏହି ଅନୁଷ୍ଠାନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଏହି ସପ୍ତାହ ପାଳନରେ ମହିଳା ସୁରକ୍ଷା, ସଶକ୍ତିକରଣ, ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା ଶିବିର ମାର୍ଚ୍ଚ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ, ଏହାର ଉଦଯାପନୀ ଉତ୍ସବରେ ଉତ୍ସବରେ ଜିଲ୍ଲାର ବିଭିନ୍ନ ଦିଗରେ ସଫଳତା ତଥା ଜିଲ୍ଲା ପାଇଁ ଗୌରବ ଆଣିଥିବା ମହିଳାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ନାୟକ ଏହି କାର୍ଯ୍ୟକ୍ରମକୁ ଆମ୍ଭ କଲେଜରେ ଅୟୋଜନ କରିଥିବାରୁ ଶକ୍ତି ବାହିନୀ ଅନୁଷ୍ଠାନକୁ ଧନ୍ୟବାଦ ଦେବା ସହ ଆତ୍ମରକ୍ଷା କୌଶଳର ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁଙ୍କୁ ଉତ୍କୃଷ୍ଟ କୌଶଳ ଶିକ୍ଷା ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଆତ୍ମରକ୍ଷା କୌଶଳ ଜୀବନରେ ବହୁତ ଜରୁରୀ ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅରୁଣ ବେହେରା, ଶିକ୍ଷୟିତ୍ରୀ ରାଜଶ୍ରୀ ତ୍ରିପାଠୀ, ସଂଘମିତ୍ରା ସୁଭଲକ୍ଷ୍ମୀ ଉପସ୍ଥିତ ରହିଥିଲେ, ଅନୁଷ୍ଠାନର ସଦସ୍ୟା ଗୁରୁଦେବଜୀ ଫାଉଣ୍ଡେସନର ସଦସ୍ୟ ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଓଡାପଡା ବ୍ଲକ୍ ଅନ୍ତର୍ଗତ ସାଇଁବିରି ଗ୍ରାମରେ ନିତ୍ୟଲୀଳା ହରିନାମ ମହାମନ୍ତ୍ର ଅଷ୍ଟପ୍ରହର ନାମଯଜ୍ଞ ୧୯୬୪ମସିହା ଠାରୁ ଆରମ୍ଭ ହୋଇଥିବା ଚଳିତ ବର୍ଷ ୬୧ବର୍ଷରେ ପହଁଚିଛି । ଏହି ମହତ ଅନୁଷ୍ଠାନଟିକୁ ଗ୍ରାମର ଅର୍ଜୁନ ଚରଣ ଜେନାଙ୍କ ପ୍ରେରଣାରେ ଆରମ୍ଭ ହୋଇଥିଲା । ଏହି ମହାମନ୍ତ୍ର ବର୍ଷ ସାରା ପ୍ରତ୍ୟକ ଦିନ ସଂଧ୍ୟା ୭ ଘଟିକା ସମୟରେ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରାଯାଇଥାଏ । ଏହି ନାମ ସଂକୀର୍ତ୍ତନକୁ ଲୋକମାନେ ଶ୍ରବଣ କଲାପରେ ରାତ୍ର ଭୋଜନ ଗ୍ରହଣ କରିଥାନ୍ତି । ଏହି ନିତ୍ୟଲୀଳା ମହାମନ୍ତ୍ର ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଗ୍ରାମବାସୀମାନେ କୁହନ୍ତି । ଏହା ପ୍ରତ୍ୟେକ ବର୍ଷ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ହୋଇଥାଏ । ସକାଳ ୬ ଘଟିକାରୁ ଆରମ୍ଭ କରାଯାଇ ପରଦିନ ଏକାଦଶୀ ତିଥିରେ ସକାଳ ୬ ଘଟିକା ପର୍ଯ୍ୟନ୍ତ ଚାଲେ । ଶ୍ରଦ୍ଧାଳୁ ମାନଙ୍କ ଲାଗି ଦିବା ଓ ରାତ୍ରିରେ ପ୍ରସାଦସେବନ ବ୍ୟବସ୍ଥା ଗ୍ରାମବାସୀଙ୍କ ତରଫରୁ ହୋଇଥାଏ ।

## ରାଣୀପୁର ଝରିଆଲ ପରିଦର୍ଶନରେ ରାଜ୍ୟ ପର୍ଯ୍ୟଟନ ସଚିବ

ବଙ୍ଗୋମୁଣ୍ଡା /ମୁରିବାହାଲ (ଭାସ୍କର ନ୍ୟୁଜ୍): ଦେଶର ଅନନ୍ୟ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ରାଣୀପୁର ଝରିଆଲ ପରିଦର୍ଶନ କରିଛନ୍ତି ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ । ଗତବର୍ଷ ଏହି ଐତିହାସିକ ଧରୋହର କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ସାମିଲ ହୋଇଥିଲା । ତେବେ ସାମିଲ ହୋଇଥିଲେ ହେଁ କିଛି ମାସ ବିତିଯାଇଥିଲେ ମଧ୍ୟ କୌଣସି ବୈଠକ ହୋଇ ପାରୁନଥିବା ଯୋଗୁଁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଗତ ସେପଟେମ୍ବର ମାସରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ପର୍ଯ୍ୟଟନ ସଚିବ ଙ୍କ ସହ ତାଙ୍କ ଅଫିସରେ ଭେଟି ତୁରନ୍ତ ବୈଠକ ଡାକିବା ପାଇଁ ଅନୁରୋଧ କରିଥିଲେ । ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତା ଓ ପର୍ଯ୍ୟଟନ ବିଭାଗର ଡାଇରେକ୍ଟର ଙ୍କ ଆବାହକତ୍ୱ ରେ ଆଭାସୀ ମାଧ୍ୟମରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂ ଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶୀବାଜୀ ଇସଲୱାର , ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରି, ବଲାଙ୍ଗୀର ଟୁରିଷ୍ଟ ଅଫିସର ରଶ୍ମୀ ରଞ୍ଜନ ମିଶ୍ର ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ତେବେ ଏହାକୁ ନେଇ ମଙ୍ଗଳବାର ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ ନିଜେ ପହଞ୍ଚି ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ କିଭଳି ତୁରନ୍ତ କାମ ଆରମ୍ଭ କରାଯାଇପାରିବ ଅନୁଧ୍ୟାନ କରିଛନ୍ତି ଏବଂ ପରେ ମନ୍ଦିର ଟ୍ରଷ୍ଟ କମିଟି ସହ ଆଲୋଚନା କରିଥିଲେ । ଏଥିରେ ଆବାହକ ଅନିଲ କୁମାର ତ୍ରିପାଠୀ ବୈଠକ ସଂଯୋଜନା ସହ ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବାସହ ଅତ୍ୟାବଶ୍ୟକ କାମର ତୁରନ୍ତ ସମାଧାନ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି । ତେବେ ଏହି ସମୟରେ ବଲାଙ୍ଗୀର ଜିଲ୍ଲାପାଳ, ଟିଟିଲାଗଡ଼ ଉପଜିଲ୍ଲାପାଳ, ବଲାଙ୍ଗୀର ଟୁରିଷ୍ଟ ଅଫିସର, ବଙ୍ଗୋମୁଣ୍ଡା ତହସିଲଦାର ଜ୍ୟୋତ୍ସ୍ନା ମାଝୀ, ବିଡ଼ିଓ ଶଙ୍କର୍ଷଣ ବେହେରା,ସାଂସଦ ଙ୍କ ପ୍ରତିନିଧି ଭାବେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବାଜି ମହାନ୍ତି, କଣ୍ଟାବାଞ୍ଜି ବିଧାୟକଙ୍କ ପ୍ରତିନିଧି ଭାବେ ମୁକେଶ ବାଗ, ମନ୍ଦିର ଟ୍ରଷ୍ଟ କମିଟିର ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନିଲ କୁମାର ତ୍ରିପାଠୀ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଠେମରା ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ମୁଣ୍ଡପଦର ସରପଞ୍ଚ ରାଧାକାନ୍ତ ବେହେରା, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ, କୃଷ୍ଣ ସାହୁ , ଯୌବନ ବାଗ, ସ୍ମରଣ ମହାନ୍ତି, ଅର୍ଜୁନ ଯାଦବ, କଉଁସିଲ ସମିତି ସଭ୍ୟ ଙ୍କ ପ୍ରତିନିଧି ଦିବାକର ବାଗ, ଟ୍ରଷ୍ଟ କମିଟିର କାର୍ଯ୍ୟକାରିଣୀ ସଦସ୍ୟ ଗୋପୀନାଥ ସାହୁ, ରଶ୍ମିରଞ୍ଜନ ପୁଟେଲ,ନିତ୍ୟାନନ୍ଦ ପୃଷେଠ, ହେମନ୍ତ ସାହୁ, ଯୁବରାଜ ବାଗ, ଝରିଆଲ ରାଜସ୍ୱ ନିରୀକ୍ଷକ ରାକେଶ ବେହେରା , ଥବିର ବାଗ , ମିଡ଼ିଆ ପ୍ରଭାରୀ ଅଶୋକ ନାରାୟଣ ଭୋଇ, ହୁଲେଶ୍ୱର ହଂସ, ଦୀପକ ଯାଦବ ପ୍ରମୁଖ ସାମିଲ ହୋଇଥିଲେ ।



# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା




ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଜିଲ୍ଲାସ୍ତରୀୟ 'ଲକ୍ଷପତି ଦିଦି' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡ଼ିଶା ଜୀବିକା ମିଶନ୍ ମାଧ୍ୟମରେ ରାଜ୍ୟ ସରକାର ଏହି ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲ୍ଲାରେ ଆରମ୍ଭ ହୋଇଛି ଲକ୍ଷପତି ଦିଦି କର୍ମଶାଳା ।କମ୍ୟୁନିଟି ସହାୟକମାନେ ତୃଣମୂଳ ସ୍ତରରେ କେଉଁଭଳି ଅଧିକରୁ ଅଧିକ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଲକ୍ଷପତି ଦିଦି କରିପାରିବେ – ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ । ସ୍ୱୟଂ ସହାୟକ ଗୋଷ୍ଠୀର ଯେଉଁ ସଦସ୍ୟାଙ୍କ ପରିବାରର ବାର୍ଷିକ ଆୟ ଏକ ଲକ୍ଷ କିମ୍ବା ତଦୁର୍ଦ୍ଧ୍ୱ କିମ୍ବା ଅପଣାଇଥିବା ଜୀବିକାରୁ ମାସିକ ଆୟ ଅତି କମରେ ଦଶ ହଜାରରୁ ଅଧିକ ହୋଇଥିବ / ଏକରୁ ଅଧିକ ରୋଜଗାର ବା ଜୀବନ ଜୀବିକାର ପନ୍ଥା ଥିବ ସେମାନଙ୍କୁ ଲକ୍ଷପତି ଦିଦି କୁହାଯାଇପାରିବ । ନିଜ ପିଲାଙ୍କ ଉଚ୍ଚ ଶିକ୍ଷା, ଜୀବନର ଗୁଣବତ୍ତା, ଆର୍ଥିକ ନିରାପତ୍ତା ଓ ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ୱୟଂ ସହାୟକ ସଦସ୍ୟା ଲକ୍ଷପତି ଦିଦି ହେବାର ଆବଶ୍ୟକତା ରହିଛି । ମହିଳାମାନେ ଅର୍ଥନୈତିକ ସ୍ୱାବଲମ୍ବୀ ହୋଇନପାରିଲେ ସମାଜର ଉନ୍ନତି ହୋଇପାରିବନାହିଁ ବୋଲି ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ମତବ୍ୟକ୍ତ କରିଥିଲେ । ଏକରୁ ଅଧିକ ଜୀବିକାକୁ ଗ୍ରହଣ କରିବା, ଅପଣାଇଥିବା ଜୀବିକାରୁ ଅଧିକ ଉତ୍ପାଦନ କରିବା, କୃଷି ଉତ୍ପାଦିତ ଦ୍ରବ୍ୟର ପ୍ରକ୍ରିୟାକରଣରେ ସମ୍ପୃକ୍ତ ହେବା ଏବଂ ଉତ୍ପାଦିକା ଗୋଷ୍ଠୀ ସହିତ ମହିଳାମାନେ ଯୋଡିହେବା ପାଇଁ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ୨୦୨୪ – ୨୫ ଆର୍ଥିକ ବର୍ଷରେ କେନ୍ଦ୍ରାପଡା ଜିଲ୍ଲାରେ ୩୬,୧୯୭ ଲକ୍ଷପତି ଦିଦି ସୃଷ୍ଟି କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ଏଯାବତ ୬୧ ପ୍ରତିଶତ ଅର୍ଥାତ୍ ୨୧,୯୮୧ ଲକ୍ଷପତି ଦିଦି ସୃଷ୍ଟି କରାଯାଇସାରିଛି । ଉକ୍ତ କର୍ମଶାଳାରେ ୧୮ ଜଣ ଲକ୍ଷପତି ଦିଦି, ୯ ଜଣ ଏମବିକେ ଓ ୯ ଜଣ ସିଆରପିଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିବା ସହ ସେମାନଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ଉକ୍ତ କର୍ମଶାଳାରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ, ସାଂସଦଙ୍କ ପ୍ରତିନିଧି ଗୀତାଞ୍ଜଳି ସେଠୀ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ସେଠୀ, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଏଲଡିଏମ୍ ମନୋଜ ପ୍ରଧାନୀ, ମତ୍ସ୍ୟ, ପ୍ରାଣୀସମ୍ପଦ, ଉଦ୍ୟାନକୃଷି, ଜିଲ୍ଲା ସମାଜ ମଙ୍ଗଳ, ଦକ୍ଷତା ବିକାଶ ଓ କର୍ମ ନିୟୋଜନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମଞ୍ଚାସୀନ ଥିଲାବେଳେ ବିଭିନ୍ନ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତ୍ରିଭୁବନ ଜୟସିଂହ, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ପ୍ରାଣୀମିତ୍ର, ଜୀବିକା ମିଶନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ ।ପ୍ରାରମ୍ଭରେ ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ ପାଢୀ କାର୍ମଶାଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ । ଶେଷରେ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଆରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜୟଶ୍ରୀ ପତି ମଞ୍ଚ ପରିଚାଳନା କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ(ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଯାୟୀ ମହାନଦୀ ଗଡଗଡିଆ ଘାଟରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । କାର୍ଯ୍ୟକ୍ରମର ନେତୃତ୍ୱ ନେଇ କ୍ଲବର ସଭାପତି ଦୀପକ କୁମାର ମହାନ୍ତ କହିଥିଲେ ଯେ, ପ୍ରତିଦିନ ତିଳତର୍ପଣ, ବୋଲବମ୍ ଯାତ୍ରା ସମୟରେ ମହାନଦୀରୁ ପବିତ୍ର ଜଳ ସଂଗ୍ରହ ହେଉଥିବା ସ୍ଥାନ ଅତ୍ୟନ୍ତ ଆବର୍ଜନା ପୂର୍ଣ୍ଣ ହୋଇପଡିଥିବାରୁ ଏହି ସ୍ଥାନକୁ ପରିଷ୍କାର କରିବା ନିତାନ୍ତ ଆବଶ୍ୟକ ଥିଲା । ପ୍ରଶାସନ ମଧ୍ୟ ଏହି ଐତିହାସିକ ଘାଟର ସ୍ୱଚ୍ଛତା ଏବଂ ବିକାଶ ଦିଗରେ ଧ୍ୟାନ ଦେବା ଉଚିତ ବୋଲି ସେ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଗଣେଶ ପ୍ରସାଦ ସାହୁ, ନାରାୟଣ ମହାନ୍ତି, ସୁଧୀର ରଥ, ସସ୍ମିତ ଲେଙ୍କା, ବିଜୟ ଆଚାର୍ଯ୍ୟ, ରଞ୍ଜନ କୁମାର ମହାନ୍ତି , ଦୀନବନ୍ଧୁ ସିଂ ଏବଂ ବୃନ୍ଦାବନ ନାୟକ ଯୋଗ ଦେଇଥିଲେ ।



## ରାଜ୍ୟରେ ପାଳିତ ହେବ ଶୂନ୍ୟ ସଡ଼କ ଦୁର୍ଘଟଣା ଦିବସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଡ଼କ ସୁରକ୍ଷା ଓ ଆଚରଣରେ ପରିବର୍ତ୍ତନ ପାଇଁ ଓଡ଼ିଶା ସରକାର ଏକ ପରିବର୍ତ୍ତନକାରୀ ପଦକ୍ଷେପ ଆଣିବାକୁ ଯାଉଛନ୍ତି । ଖୁବ୍‌ଶୀଘ୍ର ରାଜ୍ୟରେ ଆରମ୍ଭ ହେବ ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ(ଜାଡ୍) । ମହିଳାଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପଦକ୍ଷେପ ଏକ ମଲ୍ଟି ଷ୍ଟେକହୋଲଡର୍ସ କାର୍ଯ୍ୟକ୍ରହେବ ଯାହା ସଡ଼କର ଉପଯୁକ୍ତ ବ୍ୟବହାର ଦିଗରେ ଏକ ବାତାବରଣ ସୃଷ୍ଟି କରିବାରେ ଲକ୍ଷ୍ୟ ରଖୁଛି । ବୁଧବାର ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ବାଣିଜ୍ୟ ଓ ପରିବହନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଓଏସଆରଟିସିର ସିଏମଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଟ୍ୱିନସିଟି ପୋଲିସ କମିଶନର ଡକ୍ଟର ଏସ. ଦେବଦତ୍ତ ସିଂହ, କୁଟ ଏମଡି ଡକ୍ଟର ଏନ ଥିରୁମାଲା ନାୟକ, ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କେଟଶ ବାଲସୁବ୍ରମଣିଆନ୍ ଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି, ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲା

## ରାଜା ଚକ୍ରଙ୍କ ସମେତ ଅନ୍ୟ ୪ ଜଣଙ୍କ ଜାମିନ ଖାରଜ

କଟକ(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ରାଜା ଚକ୍ରଙ୍କ ସମେତ ସୁଶାନ୍ତ କୁମାର ସାମଲ, ସୁଧାଂଶୁ ଶେଖର ନାୟକ, ସମୀର କୁମାର ଜେନା, ସଦାଶୀବ ସାମଲଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ଗତକାଲି ହାଇକୋର୍ଟ ଏହି ମାମଲାରେ ସେମାନଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବା ସହ ମାମଲାର ରାୟ ସଂରକ୍ଷିତ ରଖିଥିଲେ । ଆଜି ହାଇକୋର୍ଟରେ ମାମଲାର ରାୟ ପ୍ରକାଶ ପାଇଛି । ପ୍ରକାଶିତ ରାୟରେ ହାଇକୋର୍ଟ ପୂର୍ବରୁ ପ୍ରଦାନ କରିଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି । ଫଳରେ ରାଜା ଚକ୍ରଙ୍କ ସମେତ ସେମାନଙ୍କ ସହଯୋଗୀଙ୍କ ଗିରଫଦାରୀ ଆଶଙ୍କା ବୃଦ୍ଧି ପାଇଛି । ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଅଭିଯୁକ୍ତ ରାଜା ଚକ୍ର ତଦନ୍ତରେ ସହଯୋଗ କରୁନାହାନ୍ତି ।

## କୃଷ୍ଣ ଚନ୍ଦ୍ର ରାୟ ଚତୁର୍ଥ ସ୍ମାରକୀ ବକ୍ତୃତାରେ ସମାବେଶୀ ବିକାଶ ପାଇଁ ରାଜ୍ୟପାଳଙ୍କ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଆରଆଇଇ-ଏନସିଇଆରଟି କ୍ୟାମ୍ପସ୍ ଅଡିଟୋରିୟମଠାରେ ଅନୁଷ୍ଠିତ ଚତୁର୍ଥ କୁମାର କୃଷ୍ଣ ଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ସମାବେଶୀ ବିକାଶ, ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ଶାସନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦିବଂଗତ ବିଶିଷ୍ଟ ସାମାଜିକ କର୍ମୀ କୁମାର କୃଷ୍ଣ ଚନ୍ଦ୍ର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟପାଳ ସ୍ୱର୍ଗତ ରାୟଙ୍କର ସାମାଜିକ ନ୍ୟାୟ, ଶିକ୍ଷା ଏବଂ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଉଦ୍ୟମ ସଂପର୍କରେ ଆଲୋକପାତ କରିଥିଲେ। ବିକାଶାର୍ଥେ ବିଦ୍ୟାର୍ଥୀ ଟ୍ରଷ୍ଟ ଓ ଏବିଭିପି, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ସୌମେନ୍ଦ୍ର କୁମାର ଜେନା କୁମାର କୃଷ୍ଣ ଚନ୍ଦ୍ର ରାୟଙ୍କର ଜୀବନାଦର୍ଶ ଓ ତ୍ୟାଗ ସଂପର୍କରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତାଭାବେ ବି. ସୁରେନ୍ଦ୍ରନ ସ୍ୱର୍ଗତ ରାୟଙ୍କର ଜୀବନବ୍ୟାପୀ ସାଧନା ଓ ସମର୍ପଣ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ତାଙ୍କ ଆଦର୍ଶର ପ୍ରାସଙ୍ଗିକତା ତଥା ଭବିଷ୍ୟତ ଭାରତ ଗଠନର ଦୃଷ୍ଟିଭଙ୍ଗୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିପ୍ତୀମୟୀ ପ୍ରତିହାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଚସ୍ପତିଙ୍କୁ ଭେଟିଲେ ବିଜେଡି ବିଧାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଚସ୍ପତିଙ୍କୁ ଭେଟିଲେ ବିଜେଡି ବିଧାୟକ । ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡି ବିଧାୟକମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିବା ସହ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରିଛନ୍ତି। ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଗତକାଲି ଘଟିଥିବା ଘଟଣାର ତର୍ଜମା କରିବାର ଆବଶ୍ୟକତା ଥିଲା । କଂଗ୍ରେସ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ନିଷ୍ପତ୍ତି ପୁର୍ନବିଚାର କରିବା ପାଇଁ ବାଚସ୍ପତିଙ୍କୁ ଭେଟି ଦାବି କରିଛୁ ବୋଲି ସେ କହିଛନ୍ତି ।

## ଗାନ୍ଧିମୂର୍ତ୍ତି ତଳେ କଂଗ୍ରେସ ବିଧାୟକଙ୍କ ଧାରଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଶ୍ନ କାଳ ବୟକଟ୍ କରି ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସ ବିଧାୟକ ଧାରଣା ଦେଇଛନ୍ତି । ଗୃହ ଭିତରକୁ ନ ଯାଇ ଗୃହ ବାହାରେ ଧାରଣାରେ ସାମିଲ ହୋଇଛନ୍ତି କଂଗ୍ରେସ ବିଧାୟକ ତାରା ବାହିନୀପତି । ନାରୀ ନିର୍ଯାତନା ନେଇ କଳା ପଟି ବାନ୍ଧି ହାତରେ ପ୍ଲାକ କାର୍ଡ ଧରି ଧାରଣାରେ ବସିଛନ୍ତି କଂଗ୍ରେସ ବିଧାୟକ ।

## ଧାରଣାରତ କଂଗ୍ରେସ ସଦସ୍ୟଙ୍କୁ ଶାସକ ଦଳର ବୁଝାସୁଝା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାରଣାରତ କଂଗ୍ରେସ ସଦସ୍ୟଙ୍କୁ ଶାସକ ଦଳର ବୁଝାସୁଝା । ଗାନ୍ଧୀ ମୂର୍ତ୍ତୀ ତଳେ ଧାରଣାରେ ବସିଥିବା କଂଗ୍ରେସ ବିଧାୟକଙ୍କୁ ଭେଟିଛି ସରକାରଙ୍କ ପ୍ରତିନିଧି ଦଳ । ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ଅନ୍ୟ ବିଧାୟକ ମାନେ କଂଗ୍ରେସ ବିଧାୟକଙ୍କ ସହ ଭେଟି ଆଲୋଚନା କରିଛନ୍ତି । ଗୃହକୁ ଫେରାଇ ଆଣିବାକୁ ଶାସକ ଦଳ ଉଦ୍ୟମ କରିଛି ।

## ସୂଚନା ଅଧିକାର ଆଇନ କର୍ମଶାଳା




କଟକ(ଭାସ୍କର ନ୍ୟୁଜ୍): ସୂଚନା ଅଧିକାର ଆଇନ୍-୨୦୦୫କୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିଛି । ସାଧାରଣ ଜନତା ଏହି ଆଇନକୁ ସରଳ ଓ ସୁବିଧାଜନକ ଭାବେ ବ୍ୟବହାର କରି ବିଭିନ୍ନ ବିଭାଗର ତଥ୍ୟ ଉପଲବ୍ଧ କରିବା ପାଇଁ ବିଭାଗୀୟ ଦପ୍ତରଗୁଡ଼ିକୁ ନିଜର ସାଧାରଣ ତଥ୍ୟଗୁଡ଼ିକୁ ସୂଚନା ଅଧିକାର ପୋର୍ଟାଲରେ ନିଜ ଆଡୁ ସାର୍ବଜନୀନ କରି ପ୍ରକାଶ କରିବାର ବିଧି ରହିଛି । ସରକାର ଉକ୍ତ ତଥ୍ୟକୁ ଇଂରାଜୀ ସହ ଓଡ଼ିଆରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ନିମନ୍ତେ ଜନ ସୂଚନା ଅଧିକାରୀମାନେ ନିର୍ଭୁଲ ଭାବେ ଅବିଳମ୍ବେ ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସେମାନଙ୍କୁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଅଧିକାର ଆଇନ୍-୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଆଜି କଟକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି କର୍ମଶାଳାରେ ଯୋଗଦେଇ ଜନ ସୂଚନା ଅଧିକାରୀମାନେ ସୂଚନା ଅଧିକାର ଆଇନ୍-୨୦୦୫ର ଧାରା ୪(୧)(ଖ) ଅନୁଯାୟୀ ନିଜ ବିଭାଗର ସମସ୍ତ ତଥ୍ୟ ସୂଚନା ଅଧିକାର ୱେବସାଇଟରେ ଉଭୟ ଓଡ଼ିଆ ଓ ଇଂରାଜୀରେ ଅପଲୋଡ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶାରଦ ଭାବେ ଲୁମିନସ୍ ଇନଫୋସିସର ମାଷ୍ଟର ଟ୍ରେନର ସଂଗ୍ରାମ କୁମାର ପୃଷ୍ଟି ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତେ ନିଜ ନିଜ ବିଭାଗ ବା କାର୍ଯ୍ୟାଳୟର ସୂଚନା ଅଧିକାର ପୋର୍ଟାଲରେ ଉଭୟ ଓଡ଼ିଆ ଓ ଇଂରାଜୀରେ ତଥ୍ୟ ଅପଲୋଡ କରିବାକୁ ପରାମର୍ଶ ଦେଇଥିଲେ।

## ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ

କଟକ(ଭାସ୍କର ନ୍ୟୁଜ୍): କଟକ ସହରାଞ୍ଚଳରେ ଖାଲି ପଡିଥିବା ୧୦୯ଟି ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ କଟକ ଜିଲ୍ଲା ଗୃହରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଡ୍ରାଇଭିଂ, କମ୍ପ୍ୟୁଟର ଡାଟା ଏଂଟ୍ରି, ହାଡଓୟାର, ଇଲେକ୍ଟ୍ରିସିଆନ୍, ଅଟୋମୋବାଇଲ୍, ମେକାନିକ, ରୋଷେୟା, ଭଣ୍ଡାରୀ, ସଫେଇ କର୍ମଚାରୀ, ପାଣି ପାଇପ ମେକାନିକ, ମାଳି ଆଦି କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ପଦବୀରେ ଆବେଦନ କରିବା ନିମନ୍ତେ ଆବେଦନ ଫର୍ମ ନିକଟସ୍ଥ ଥାନା, ଫାଣ୍ଡି, ଦୁର୍ଗପତି ସହରାଂଚଳ କଟକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ । ଆବେଦନକାରୀ ଫର୍ମ ଏ ପୂରଣ କରି ଜିଲ୍ଲା ଗୃହରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ କଟକ ସହରାଂଚଳରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି ।

## ବନ୍ଧା ହେବେ ମଦ ପିଇ ହୋଲି ଖେଳିଲେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହୋଲି ପର୍ବକୁ ଶୃଙ୍ଖଳିତ କରିବା ପାଇଁ ଗାଇଡଲାଇନ୍ ଜାରି କରିଛି କମିଶନରେଟ୍ ପୋଲିସ । ମଦ ପିଇ ହୋଲି ଖେଳିଲେ ଗିରଫ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା । ସେ କହିଛନ୍ତି ହୋଲି ପରେ ମଦ୍ୟପାନ କରି କୌଣସି ନଦୀ ଓ ପୋଖରୀରେ ଗାଧୋଇବା ଉପରେ କଟକଣା ଜାରୀ କରାଯାଇଛି । ହୋଲି ଦିନ ସହରରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ । ସମସ୍ତ ଗାଧୁଆ ଘାଟରେ ପୋଲିସ ସହ ଅଗ୍ନିଶମ କର୍ମଚାରୀ ରହିବେ । ରାସ୍ତା ଉପରେ ହୋଲି ଖେଳି ଗହଳି କଲେ ପିସିଆର ଭ୍ୟାନ୍ ଉଠାଇ ନେବ । ଯିଏ ରାସ୍ତାରେ ପାଟି ତୁଣ୍ଡ କରିବେ, ଗଣ୍ଡଗୋଳ କରିବେ,ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ପୋଲିସ । କେବଳ ହର୍ବାଲ୍ ରଙ୍ଗକୁ ଅନୁମତି ଦିଆଯିବ । କେମିକାଲ୍ ରଙ୍ଗ ଉପରେ କଟକଣା ରହିବ । ଏହା ସହିତ ହୋଲିରେ ମଦ ପିଇ ଗାଡି ନ ଚଲାଇବାକୁ ଡିସିପି ପରାମର୍ଶ ଦେଇଛନ୍ତି । ହୋଲି ଦିନ ଚେକିଂ ବ୍ଲକିଂ ମଧ୍ୟ କରାଯିବ । ସବୁ ଥାନା ଅଧିକାରୀମାନେ ରାସ୍ତାରେ ଜଗିବେ । ହୋଲି ପୂର୍ବରୁ ରାଜଧାନୀର ସମସ୍ତ ହୋଟେଲ, ଲଜରେ ଯାଞ୍ଚ କରାଯିବ । ମଦ ବିକ୍ରି ଏବଂ କେମିକାଲ ରଙ୍ଗ ବିକ୍ରି ଉପରେ ପୋଲିସର ନଜର ରହିବ । ଶାନ୍ତି ଶୃଙ୍ଖଳା ର ସହ ହୋଲି ସେଲିବ୍ରେସନ କରିବାକୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ଡିସିପି ।



ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାରତ ସାମ୍ବାଦିକଙ୍କ ମଧ୍ୟରୁ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବିଧାନସଭା ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।

## ବିଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଆଜି ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ବୈଠକରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନରରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ସସ୍ମିତ ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ । ତାଲିମର ପ୍ରଥମ ଅଧିବେଶନରେ ଭାରତୀୟ ପ୍ରଶାସନିକ ସେବାର ଅବସର ପ୍ରାପ୍ତ ଅଧିକାରୀ ଗଣେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଓଏଫ୍ଏସ୍ ଅଧିକାରୀ ସଞ୍ଜୟ ପାରମାଣିକ ତାଲିମ ଦେଇଥିବା ବେଳେ, ଦ୍ୱିତୀୟ ଅଧିବେଶନରେ ଯୁଗ୍ମ ସଚିବ ତଥା ଓଏଫ୍ଏସ ଅଧିକାରୀ ଗଙ୍ଗାଧର ମଲ୍ଲିକ ତାଲିମ ଦେଇଥିଲେ।

## ବୟନିକାର ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଣାକାରଙ୍କ ଆର୍ଥିକ ବିକାଶ ପାଇଁ ବୟନିକା ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର । ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା)ର ୩୮ତମ ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି । ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ଅଧ୍ୟକ୍ଷତାରେ ବୁଧବାର ବାର୍ଷିକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ପରିଚାଳନା ପରିଷଦର କର୍ମକର୍ତା ଓ ସଭ୍ୟସଭ୍ୟା, ୨୭୧ଟି ସଭ୍ୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଅଧିକରୁ ଅଧିକ ବ୍ୟବସାୟ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ ସଭାରେ ଅବଗତ କରାଇଥିଲେ । ପରିଚାଳନା ପରିଷଦର ସଭ୍ୟ ଶ୍ରୀଧର ବେହେରା ଓ ଶେଷ କୁମାର ମେହେର ବୟନିକାର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବୟନିକାର ସାଧାରଣ ପରିଚାଳକ ତଥା ସମ୍ପାଦକ ଡକ୍ଟର ସୁଷମା ବାରିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏପ୍ରିଲ ପହିଲାରୁ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜାନ ଓ ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା । ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟର ୩କୋଟି ୫୨ଲକ୍ଷ ଲୋକ ଉପକୃତ ହେବେ । ପ୍ରତି ପରିବାର ପିଛା ୧୫ଲକ୍ଷ ଟଙ୍କା ଲେଖାଏଁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯିବ । ୭୦ବର୍ଷର ଉର୍ଦ୍ଧ୍ୱ ସମସ୍ତେ ଏହି ଚିକିତ୍ସା ପାଇପାରିବେ ବୋଲି କୁହାଯାଇଛି ।

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ-୨୦୨୫' ସ୍ଥାନୀୟ ଉତ୍କଳ ମଣ୍ଡପରେ ୪ଦିନ ବ୍ୟାପି ପାଳନ କରାଯାଉଛି । ଜୟଦେବ ସମାରୋହର ତୃତୀୟ ଦିବସ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ ବିଶିଷ୍ଟ ବଂଶୀ ବାଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡଃ ସ୍ନେହପ୍ରଭା ସାମନ୍ତରାୟ ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କୃତ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଗୁରୁ ନିମାକାନ୍ତ ରାଉତରାୟ ଏବଂ ଏହି ଉତ୍ସବକୁ ପୌରହିତ୍ୟ କରିଥିଲେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଜୟ କୁମାର ଜେନା । ତୃତୀୟ ଦିବସ ଆରମ୍ଭରୁ ସଂସ୍କୃତିକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବାଦ୍ୟ ବିଚିତ୍ରା (ବଂଶୀ, ସୀତାର ଓ ବେହେଲା ପରିବେଷଣ ହୋଇଥିଲା ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରୀନିବାସ ଶତପଥୀ, ଗୁରୁ ସୌନ୍ଦର୍ଯ୍ୟ ରଞ୍ଜନ ରାୟ ଓ ଗୁରୁ ପ୍ରଶାନ୍ତ କୁମାର ପାଢୀଙ୍କ ଏକକ ଓଡିଶୀ ନୃତ୍ୟ ସାଖୀ ଗୋପିନାଥ ନୃତ୍ୟ ଶିଳ୍ପୀ ଗୁରୁ ପଙ୍କଜ କୁମାର ପ୍ରଧାନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଗୀତ ରଚନା କରିଥିଲେ ନବ କିଶୋର ମିଶ୍ର । ସଙ୍ଗୀତ ରଚନା ଗୁରୁ ବିଜୟ କୁମାର ଜେନା. ନୃତ୍ୟ ରଚନା ପଦ୍ମଶ୍ରୀ ଅରୁଣା ମହାନ୍ତି ।

## ହୋଲ୍ଡିଂ ଟ୍ୟାକ୍ସ ଖିଲାପକାରୀଙ୍କ ନାମ ଘୋଷଣା କଲେ ବିଏମ୍‌ସି କର୍ତ୍ତୃପକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୃହ ଟିକସ ବା ହୋଲ୍ଡିଂ ଟ୍ୟାକ୍ସ ବାବଦରେ ଭୁବନେଶ୍ୱର ମହାନଗର ନିଗମ ଜାରିକଲା ଅଧିକ ବକେୟା ଥିବା ମାଲିକ ମାନଙ୍କ ସୂଚନା । ବହୁଦିନ ଧରି ବକେୟା ରଖିଥିବା ଏବଂ ଅଧିକ ବକେୟା ରଖିଥିବା ଖିଲାପକାରୀ ଚିହ୍ନଟ ହେବା ଆବଶ୍ୟକ । ସରକାରଙ୍କ ନିୟମକୁ ଅମାନ୍ୟ କରି ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ବିଏମ୍‌ସି ପର୍ତ୍ତୃପକ୍ଷ ନୋଟିସ୍ ଦେବା ସାଙ୍ଗକୁ ସେମାନଙ୍କ ନାମକୁ ସାର୍ବଜନୀନ କରିଛନ୍ତି । ସହରର ବିକାଶ ପାଇଁ ସହରାଞ୍ଚଳ ପ୍ରଶାସନ କେତେକ ଉତ୍ସରୁ ରାଜସ୍ୱ ପାଇଥାନ୍ତି । ତେବେ ଜାଣିଶୁଣି ଏହା ଫାଙ୍କିବା ନୈରାଶ୍ୟ ଜନକ ଏବଂ ଅନ୍ୟ ସହରବାସୀଙ୍କ ଉପରେ ଉକ୍ତ ବକେୟା ଅଙ୍କ କୁପ୍ରଭାବ ପକାଇବ ବୋଲି କହିଛନ୍ତି କମିଶନର ରାଜେଶ ପ୍ରଭାକର ପାଟିଲ । ସୂଚନା ଅନୁଯାୟୀ, ୫୦ ଲକ୍ଷରୁ ୧ କୋଟି ବକେୟା ବର୍ଗରେ ଦକ୍ଷିଣପୂର୍ବ ଜୋନ୍‌ର ୩ ଜଣ, ଦକ୍ଷିଣପଶ୍ଚିମ ଜୋନ୍‌ର ୫ ଜଣ ଏବଂ ଉତ୍ତର ଜୋନ୍‌ର ୭ ଜଣ ରହିଛନ୍ତି । ସେହିପରି, ୧ କୋଟିରୁ ଉର୍ଦ୍ଧ୍ୱ ବକେୟା ରାଶିରେ ଦକ୍ଷିଣପୂର୍ବ ଜୋନ୍‌ର ୫ ଜଣ, ଦକ୍ଷିଣପଶ୍ଚିମ ଜୋନ୍‌ର ୫ ଜଣ ଏବଂ ଉତର ଜୋନ୍‌ର ୬ ଜଣ ରହିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ନିଜର ହୋଲ୍ଡିଂ ଟ୍ୟାକ୍ସ ଦେବାରେ ଖିଲାପି ନହେବା ପାଇଁ ଚେତାଇ ଦିଆଯାଉଛି । ଖିଲାପକାରୀ ସହଯୋଗ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ତରଫରୁ କୁହାଯାଇଛି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ସପୋର୍ଟର ମହିଳା ଉତ୍ସବ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସପୋର୍ଟ ପକ୍ଷରୁ ମହିଳା ଉତ୍ସବ-୨୦୨୫ ଗୀତ ଗୋବିନ୍ଦ ସଦନଠାରେ ମନୋଜ୍ଞ ପରିବେଶରେ ଆୟୋଜିତ ହୋଇଯାଇଛି । ସଂସ୍ଥାର ସଭାପତି ତଥା ଓଡ଼ିଶା ଭାସ୍କର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ରୋଟାରିଆନ୍ ତରୁଲତା ଦ୍ୱିବେଦୀ, ସଂଜୀବ ସାହୁ, ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ସଞ୍ଜୟ ଲାଠ୍, ୟୁସିସିଆଇ ସଂପାଦକ ତଥା ଶିଳ୍ପୋଦ୍ୟୋଗୀ ସଞ୍ଜୀବ ମହାପାତ୍ର, ସମାଜସେବୀ ପ୍ରକାଶ ରଥ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମାଜର ପ୍ରଗତୀରେ ମହିଳାମାନଙ୍କ ଭୂମିକା ସଂପର୍କରେ ଆଲୋଚନା କରିଥିଲେ । ସଂପାଦିକା ଅନୁପମା ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉପଲକ୍ଷେ ଏକ ଉତ୍କର୍ଷ ସମାଜ ଗଠନ କାର୍ଯ୍ୟକ୍ରମ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏଥିରେ ଉତ୍କଳ ଚାମ୍ବର ଅଫ୍ କର୍ମସର ସଂପାଦକ ସଞ୍ଜୟ ମହାପାତ୍ର, ଆଇଇଡିର ପ୍ରୋଗ୍ରାମ ଅଫିସର ଅମର ମହାପାତ୍ର, ରାଜ୍ୟ ମହିଳା କମିଶନର ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ ଓ ଅନ୍ନପୂର୍ଣ୍ଣା ଦାସ ବକ୍ତବ୍ୟ ରଖିଥିଲେ । ଉତ୍ସବରେ ଆଧୁନିକ ବେଶଭୂଷା, ରାନ୍ଧଣା ପ୍ରତିଯୋଗିତା ସମେତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ଚିତ୍ତାକର୍ଷକ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସଦସ୍ୟା ବିଷ୍ଣୁପ୍ରିୟା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ସରିଲା ସିକିଲ୍ ସେଲ୍ ଆନିମିଆ ଓ ଥାଲାସେମିଆ ରୋଗ ସମ୍ପର୍କିତ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ସିକିଲ୍ ସେଲ୍ ଏବଂ ଥାଲାସେମିଆ ନିରାକରଣ: ବେଷ୍ଟ ପ୍ରାକ୍ଟିସ୍ ଓ ସ୍କେଲେବଲ୍ ଷ୍ଟ୍ରାଟେଜୀ' ବିଷୟବସ୍ତୁକୁ ନେଇ ଦୁଇ ଦିନିଆ ଜାତୀୟ କର୍ମଶାଳା ଉଦଯାପିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜାତି ନିର୍ଦ୍ଦେଶକ ଡ଼ ପୋମା ଟୁଡୁ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ଉପ ଶାସନ ସଚିବ ଡ଼ ରାଜି ଏନ.ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଏମଡ଼ି ଡ଼ ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୩୦୦ ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି । ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, ଅନ୍ତର୍ଜାତୀୟ ପ୍ରତିନିଧି, ଚିକିତ୍ସା ବିଶେଷଜ୍ଞ, ୟୁଏନଡିପି, ୟୁନିସେଫ୍, ଆଇଏସଏଚବିଟିର ପ୍ରତିନିଧି ଏବଂ ୧୦ ଟି ସିକିଲସେଲ ପ୍ରଭାବିତ ରାଜ୍ୟର ଜନଜାତି କଲ୍ୟାଣ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ । ସେହିପରି ଦୁଇ ଦିବସୀୟ ଆଲୋଚନାରେ ନାଗପୁରରୁ ପ୍ରଫେସର ଦିପ୍ତି ଜୈନ, କୋଲକାତାରୁ ପ୍ରଫେସର ମୈତ୍ରୀ ଭଟ୍ଟାଚାର୍ଯ୍ୟ, କାର୍ଲିଫର୍ଣ୍ଣିଆସ୍ଥିତ ଲୋମା ଲିଣ୍ଡା ବିଶ୍ୱବିଦ୍ୟାଳୟର ସିକିଲ୍ ସେଲ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶ ପ୍ରଫେସର ଅକ୍ଷତ ଜୈନ, ଏମ୍ସ ଦିଲ୍ଲୀର ପ୍ରଫେସର ତୁଲିକା ସେଠ, ଜେଏନୟୁର ସହକାରୀ ପ୍ରାଧ୍ୟାପକ ପ୍ରଫେସର ସୁନିତା ରେଡ୍ଡି, ଆଇସିଏମଆରର ରିସର୍ଚ୍ଚ ଡିଭିଜନର ମୁଖ୍ୟ ଡ଼ ବୋନ୍ଥା ଭି ବାବୁ, କୋଲକାତାସ୍ଥିତ ଏନଆରଏସ୍ ମେଡିକାଲ୍ କଲେଜର ମୁଖ୍ୟ ପ୍ରଫେସର ଟି.କେ ଦଲାଇ, ଥାଲାସେମିକ୍ ର ସଚିବ ଶୋଭା ଟୁଲି, ୟୁନିସେଫ୍ ଓ ଏନଆଇସିର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସିକିଲ୍ ସେଲ୍ ଆନିମିଆ ଓ ଥାଲାସେମିଆର ପ୍ରମୁଖ ସମସ୍ୟା, ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ବିଭିନ୍ନ ରାଜ୍ୟରୁ ଆସିଥିବା କିଛି ସିକିଲ୍ ସେଲ୍ ରୋଗୀ ଅନୁଭୂତି ବାଣ୍ଟିଥିଲେ ।



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



## ଭାରତ ପାଇଁ ଲଜ୍ଜାକର ତଥ୍ୟ

# ପ୍ରଦୂଷଣର ଅବାରିତ ଧାରା

ପ୍ରଦୂଷଣ ଏବେ ସମଗ୍ର ବିଶ୍ୱରେ ଏକ ଭୟଙ୍କର ସମସ୍ୟା ରୂପେ ଦେଖା ଦେଇଛି। ଏହା ବହୁ ଦୂରାରୋଗ୍ୟ ବ୍ୟାଧିର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖୁଥିବା ବେଳେ ପ୍ରଦୂଷଣକୁ ରୋକିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ଉଦ୍ୟମ କରାଯାଉଛି। କେବଳ ବାୟୁ ପ୍ରଦୂଷଣ ଯେ ସମସ୍ୟା ସୃଷ୍ଟି କରୁଛି ତା' ନୁହେଁ, ଜଳ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ କ୍ଷତି ପହଞ୍ଚାଉଛି। ଏହାରି ଭିତରେ ସୁଇଜରଲାଣ୍ଡ୍‌ର ଏୟାର କ୍ୱାଲିଟି ଟେକ୍ନୋଲୋଜି ସଂସ୍ଥା ମଙ୍ଗଳବାର ଦିନ ଜାରି କରିଥିବା ଏକ ରିପୋର୍ଟ ଭାରତ ପାଇଁ ଖୁବ୍ ଲଜ୍ଜାକର ଓ ଚିନ୍ତାଜନକ ମନେ ହେଉଛି। ଗତବର୍ଷ ଅର୍ଥାତ୍ ୨୦୨୪ ମସିହାରେ ସାରା ବିଶ୍ୱର ସମସ୍ତ ବଡ଼ ସହରର ବାୟୁସ୍ତର ଯାଞ୍ଚ କରିବା ପରେ ସୁଇସ୍ ସଂସ୍ଥା ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସାରା ପୃଥିବୀର ୨୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ କେବଳ ଭାରତର ୧୩ଟି ସହର ରହିଛି। ସେହିପରି ସମସ୍ତ ଦେଶର ରାଜଧାନୀ ଭିତରେ ଭାରତର ରାଜଧାନୀ ନୂଆଦିଲ୍ଲୀ ସବୁଠାରୁ ପ୍ରଦୂଷିତ ରାଜଧାନୀ ରୂପେ ପରିଗଣିତ ହୋଇଛି। ଭାରତ ପାଇଁ ଆଉ ଏକ ଲଜ୍ଜାକର ତଥ୍ୟ ହେଉଛି ଯେ, କେବଳ ସହର ବା ରାଜଧାନୀ ନୁହେଁ, ଆମେ ଦେଶ ବର୍ତ୍ତମାନ ବିଶ୍ୱର ପଞ୍ଚମ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର ରୂପେ ଏହି ତାଲିକାରେ ସ୍ଥାନିତ ହୋଇଛି। ଏହି ରିପୋର୍ଟ ଅନୁଯାୟୀ ଭାରତର ହାରାହାରି ପ୍ରଦୂଷଣ ସ୍ଥିତିରେ ଯଦିଓ ଗତବର୍ଷ ସାମାନ୍ୟ ଉନ୍ନତି ଘଟିଥିଲା, ତଥାପି ଗୋଟିଏ ଦେଶର ୧୩ଟି ସହର ସର୍ବାଧିକ ପ୍ରଦୂଷିତ ସହରର ମାନ୍ୟତା ପାଇବା କିଛି କମ୍ କଥା ନୁହେଁ। ଗତ ୨୦୨୩ ମସିହାରେ ଭାରତର ପି.ଏମ୍. ସାନ୍ଦ୍ରତା ସ୍ତର ଘନମିଟର ପ୍ରତି ୫୪.୪ ମାଇକ୍ରୋଗ୍ରାମ୍ ରହିଥିବା ବେଳେ ୨୦୨୪ରେ ଏହି ସ୍ତର ୫୦.୬ ମାଇକ୍ରୋଗ୍ରାମ୍‌କୁ ଖସିଥିଲା। ଏହା ସତ୍ତ୍ୱେ ବିଭିନ୍ନ ସହରର ପ୍ରଦୂଷଣ ସ୍ଥିତିରେ ଅବନତି ଘଟିଚାଲିଛି। ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ପ୍ରଦୂଷଣ କ୍ରମାଗତ ଭାବରେ ବଢ଼ିଚାଲିବା ନିଶ୍ଚିତ ଭାବରେ ଏକ ଶୁଭ ଲକ୍ଷଣ ନୁହେଁ। ଆମ ଦେଶର ଯେଉଁ ୧୩ଟି ସହର ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇଛି, ସେଥିମଧ୍ୟରେ ଆସାମ୍‌ର ବର୍ଣ୍ଣିହାଟ, ନୂଆଦିଲ୍ଲୀ, ମୁଲ୍ଲାନପୁର (ପଞ୍ଜାବ), ଫରିଦାବାଦ୍, ଲୋନି, ଗୁରୁଗ୍ରାମ୍, ଗଙ୍ଗାନଗର, ଗ୍ରେଟର୍ ନଏଡା, ଭିଓ୍ୱାନି, ମୁଜାଫର ନଗର, ହନୁମାନ ଗଡ଼ ଓ ନଏଡ଼ା ଅନ୍ତର୍ଭୁକ୍ତ। ବାୟୁ ପ୍ରଦୂଷଣ ଭାରତରେ ଏଭଳି ଏକ ଗୁରୁତର ବିପଦ ରୂପେ ଦେଖାଦେଇଛି, ଯାହା ପ୍ରତି ମଣିଷର ଆୟୁଷକୁ ୫ବର୍ଷରୁ ଅଧିକ କମାଇ ଦେଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଆକଳନ କରିଛନ୍ତି। ଗତବର୍ଷ ପ୍ରକାଶିତ ଏକ ଗବେଷଣାମୂଳକ ତଥ୍ୟ ଅନୁଯାୟୀ ଗତ ୨୦୦୯ ମସିହାରୁ ୨୦୧୯ ମଧ୍ୟରେ ଭାରତରେ ପ୍ରତିବର୍ଷ ପ୍ରାୟ ୧୫ଲକ୍ଷ (ଦେଢ଼ ନିୟୁତ) ମୃତ୍ୟୁ ବାୟୁ ପ୍ରଦୂଷଣ ଯୋଗୁଁ ଘଟୁଛି। ବାୟୁ ପ୍ରଦୂଷକ କଣିକା ଫୁସ୍‌ଫୁସ୍ ଓ ରକ୍ତ



ପ୍ରବାହରେ ଖୁବ୍ ସହଜରେ ପ୍ରବେଶ କରିପାରେ। ଏହାଫଳରେ ଶ୍ୱାସକ୍ରିୟାରେ ସମସ୍ୟା, ହୃଦ୍‌ରୋଗ ଏପରିକି କର୍କଟ ରୋଗରେ ମନୁଷ୍ୟ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିବାର ସମ୍ଭାବନା ଦେଖାଦିଏ। ବିଭିନ୍ନ ଶିଳ୍ପ ସଂସ୍ଥା ଓ ଯାନବାହନରୁ ନିଷ୍କାସିତ ହେଉଥିବା ଧୂଆଁ, କାଠ ଜାଳିବା ବା ଚାଷ ଜମିରେ ଧାନଗଛର ଶୁଖିଲା ତଳଅଂଶକୁ ପୋଡ଼ିବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍ ବୟାନ୍ ଦେଇଛନ୍ତି ଯେ, ଭାରତରେ ବାୟୁ ଗୁଣବତ୍ତା ହ୍ରାସ ନେଇ ଯଥେଷ୍ଟ ତଥ୍ୟ ହସ୍ତଗତ ହୋଇଥିଲେ ମଧ୍ୟ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନର ଅଭାବ ରହିଛି, ଯାହା ଦିନକୁ ଦିନ ଅଧିକ ବିପଦ ସୃଷ୍ଟି କରୁଛି। ତାଙ୍କର ଏହି ମନ୍ତବ୍ୟକୁ ହାଲୁକା ଭାବରେ ବିଚାର କରାଯିବା ଆଦୌ ସମୀଚିନ ନୁହେଁ। ପ୍ରଦୂଷଣଜନିତ ସମସ୍ୟାକୁ ତୁରନ୍ତ ରୋକାନଗଲେ ଦିନେ ଏହା ଦେଶ ପାଇଁ ବଡ଼ ବିପଦ ସୃଷ୍ଟି କରିବା ସୁନିଶ୍ଚିତ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଭ୍ରଷ୍ଟାଚାର କ'ଣ ଏବେ ଗ୍ରହଣୀୟ ?



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆମ ଦେଶ ବିକାଶ ପଥରେ ଆଗେଇଛି। ଦେଶ ବିଶ୍ୱର ପଞ୍ଚମ ଅର୍ଥବ୍ୟବସ୍ଥାକୁ ଟପିଯିବାକୁ ବସିଲାଣି ଓ ଆଗାମୀ କିଛି ବର୍ଷ ମଧ୍ୟରେ ଆମେ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥାରେ ପରିଣତ ହେବାର ଲକ୍ଷ୍ୟ ରଖିଛେ। ଆମେ ବିଶ୍ୱଗୁରୁ ହେବାର ସ୍ୱପ୍ନ ମଧ୍ୟ ଦେଖୁଛେ। ଆମ ଭାଗ୍ୟନିୟନ୍ତା ବା ନେତାମାନେ ବିକାଶ ପ୍ରସଙ୍ଗରେ ଅନେକ କଥା ବଖାଣୁଛନ୍ତି। କିନ୍ତୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟ ଆମ ଦେଶର ସମ୍ମାନକୁ କ୍ଷୁର୍ଣ୍ଣ କରିଛି। ଯଦି ଏହି ରିପୋର୍ଟର ସତ୍ୟତା ରହିଛି ତେବେ ବିଶ୍ୱସ୍ତରରେ ଆମର ସ୍ଥିତି କ'ଣ ସେ କଥା ବୁଝିବା କଷ୍ଟକର ନୁହେଁ। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ନିକଟରେ କରପସନ ପରସେପସନ ଇଣ୍ଡେକ୍ସ ବା ଭ୍ରଷ୍ଟାଚାର ବୋଧ ସୂଚକାଙ୍କ ଜାରି କରିଛି। ଜାରି କରାଯାଇଥିବା ଏହି ଭ୍ରଷ୍ଟାଚାର ବୋଧ ସୂଚକାଙ୍କ - ୨୦୨୪କୁ ଦେଖିଲେ ଭାରତ(ଆମଦେଶ) ଏକ ଭ୍ରଷ୍ଟ ରାଷ୍ଟ୍ର ବା ଦେଶ ବୋଲି ଜଣାପଡ଼େ। କ'ଣ ଭାରତରେ ଭ୍ରଷ୍ଟାଚାରର ମାତ୍ରା ବ୍ୟାପକ? ଏ ପ୍ରସଙ୍ଗରେ ଆମେ ଜନସାଧାରଣ ଏପରିକି ଶାସନ- ପ୍ରଶାସନ ମଧ୍ୟ ଭାବିବା ଉଚିତ୍। ବିଶ୍ୱ ସ୍ତରରେ ଆମ ଦେଶର ଗୁରୁତ୍ୱ ବଢୁଛି ବୋଲି କୁହାଯାଉଥିବା ବେଳେ ଏହି ରିପୋର୍ଟକୁ ଦେଖିଲେ ଆମ ଦେଶର ଭିତିର କଥା ସ୍ପଷ୍ଟ ହୋଇଯାଉଛି। ଏହା ଚିନ୍ତାଜନକ ମଧ୍ୟ। ଭାରତ କ'ଣ ଭ୍ରଷ୍ଟାଚାର ମୁକ୍ତ ଦେଶ ହୋଇପାରିବ ନାହିଁ? ଦେଶରୁ କ'ଣ ଭ୍ରଷ୍ଟାଚାରର ବିଲୋପ ହେବ ନାହିଁ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କିମାରୁଛି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁସାରେ ଭ୍ରଷ୍ଟାଚାର ପ୍ରସଙ୍ଗରେ ବିଶ୍ୱର ୧୮୦ ଦେଶର ତାଲିକାରେ ଭାରତ ୯୬ ସ୍ଥାନରେ ରହିଛି। ପୂର୍ବବର୍ଷ ତୁଳନାରେ ଏ ବର୍ଷ ଭାରତର ସ୍ଥାନ ଗୋଟିଏ ପାହାଚ ତଳକୁ ଖସିଆସିଛି। ବିଗତ ବର୍ଷ ଭ୍ରଷ୍ଟାଚାର ପ୍ରସଙ୍ଗରେ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ସର୍ବେକ୍ଷଣ କରି ଭାରତକୁ ୩୯ ମାର୍କ (ଅଙ୍କ) ଦେଇଥିଲା କିନ୍ତୁ ଏଥର ୩୮ ମାର୍କ ଦେଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ଯେଉଁ ମାର୍କ (ଅଙ୍କ) ଦିଆଯାଏ ତଦନୁସାରେ ୧୦୦ ହେଉଛି ସବୁଠାରୁ ଉତ୍ତମ ଓ ଶୂନ୍ ଅଙ୍କ ସବୁଠାରୁ ଖରାପ। ମାର୍କ ଅନୁସାରେ ଦେଶମାନଙ୍କୁ ତାଲିକାରେ ସ୍ଥାନୀତ କରିଛି ଏହି ସଂସ୍ଥା। ୨୦୨୨ ପାଇଁ ପ୍ରକାଶିତ ଭ୍ରଷ୍ଟାଚାର ବୋଧ ସୂଚକାଙ୍କରେ ଭାରତକୁ ୪୦ ମାର୍କ ମିଳିଥିଲା। କିନ୍ତୁ ୨୦୨୪ର ରିପୋର୍ଟରେ ମିଳିଛି ୩୮। ଏଥିରୁ ସ୍ପଷ୍ଟ ଯେ ଭାରତରେ ଭ୍ରଷ୍ଟାଚାର ବଢ଼ିଛି। ମାତ୍ର ଗୋଟିଏ ମାର୍କ କମ୍ ହେବାରୁ ଆମ ଦେଶର ସ୍ଥାନ ୩ଟି ପାହାଚ ତଳକୁ ଖସିଆସିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୧୬ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ବିମୁଦ୍ରାକରଣ କରିଥିଲେ ଓ ଦେଶ ଭ୍ରଷ୍ଟାଚାର ମୁକ୍ତ ହେବ ବୋଲି ଆଶ୍ୱାସନା ଦେଇଥିଲେ। କିନ୍ତୁ ଦେଶରୁ ଦୁର୍ନୀତି ବା ଭ୍ରଷ୍ଟାଚାର ହଟିଛି କି? ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ଏହି ରିପୋର୍ଟକୁ ସରକାରୀ ପ୍ରବକ୍ତାମାନେ ଭାରତ ବିରୋଧି ଷଡଯନ୍ତ୍ରର ଆଖ୍ୟା ଦେଉଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏମିତି କିଛି ରିପୋର୍ଟ ପ୍ରକାଶ ପାଇଲେ ସରକାରୀ ପ୍ରବକ୍ତାମାନେ ଏଭଳି କଥା ହିଁ କହିଥାନ୍ତି।

ଏହି ଭ୍ରଷ୍ଟାଚାର ସୂଚକାଙ୍କ ଅନୁସାରେ ଆମ ଦେଶରେ ଯେ କେବଳ ଭ୍ରାଷ୍ଟାଚାର ରହିଛି ତା' ନୁହେଁ ବିଶ୍ୱର ଅନେକ ଦେଶରେ ଭ୍ରଷ୍ଟାଚାରର ମାତ୍ରା ମଧ୍ୟ ବ୍ୟାପକ। ୧୮୦ଟି ଦେଶର ସୂଚକାଙ୍କରୁ ସ୍ପଷ୍ଟ ଯେ ୩୨ଟି ଦେଶ ୨୦୧୨ ମସିହା ପରଠାରୁ ଭ୍ରାଷ୍ଟାଚାରକୁ ରୋକିବା ଦିଗରେ ବେଶ୍ ସଫଳ ହୋଇଛନ୍ତି କିନ୍ତୁ ୧୪୮ଟି ଦେଶରେ ଭ୍ରଷ୍ଟାଚାର ଯଥାବତ୍ ସ୍ଥିତିରେ ରହିଛି ଅଥବା ବଢ଼ିଛି। ସୂଚକାଙ୍କ ଏକ ବିଶେଷତ୍ୱ ହେଉଛି ଯେ ଭ୍ରଷ୍ଟାଚାରକୁ ଅତି ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି। ସାଧାରଣତଃ କିଛି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଏବଂ ବିଶେଷତଃ ଯେଉଁଥିରେ ଧନରାଶିର ନେଣ-ଦେଣ ଥାଏ ତାକୁ ଭ୍ରଷ୍ଟାଚାର ବୋଲି କୁହାଯାଇଥାଏ। କିନ୍ତୁ ସୂଚକଙ୍କ ଅନୁସାରେ ପ୍ରଦତ୍ତ ଶକ୍ତିକୁ ନିଜସ୍ୱ ଲାଭ ପାଇଁ ଉପଯୋଗ କରିବାକୁ ମଧ୍ୟ ଭ୍ରଷ୍ଟାଚାର କୁହାଯାଇଛି। ଭ୍ରଷ୍ଟାଚାର କାରଣରୁ ବିଶ୍ୱାସ ଭଙ୍ଗ ହୋଇଥାଏ, ଗଣତନ୍ତ୍ର ଦୁର୍ବଳ ହୋଇଥାଏ, ଆର୍ଥିକ ବିକାଶ ବାଧିତ ହୋଇଥାଏ ଏବଂ ଅସମାନତା, ସାମାଜିକ ବିଭାଜନ ଭଳି ସଙ୍କଟ ସୃଷ୍ଟି ହୋଇଥାଏ। ସୂଚକାଙ୍କ ଅନୁସାରେ ଭ୍ରଷ୍ଟାଚାର ସେତେବେଳେ ଉଜାଗର ହୋଇଥାଏ ଓ ଭ୍ରଷ୍ଟାଚାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ଯେତେବେଳେ ଆମକୁ ବୁଝାପଡ଼େ ଯେ ଭ୍ରଷ୍ଟାଚାର କେମିତି ହୋଇଛି। ସୂଚକାଙ୍କର ସ୍ପଷ୍ଟ କରାଯାଇଛି ଯେ ଭ୍ରଷ୍ଟାଚାର ଅନେକ ପ୍ରକାରର ହୋଇଥାଏ ଯଥା- ଲୋକ ସେବକମାନେ ସେବା ପ୍ରଦାନ ପରିବର୍ତ୍ତେ ଧନ ବା ଅନୁଗ୍ରହ ଚାହିଁଥାନ୍ତି, ରାଜନେତାଙ୍କ ଦ୍ୱାରା ସାର୍ବଜନିକ ଧନର ଦୁରୁପଯୋଗ ଏପରିକି ନିଜର ପ୍ରିୟଜନଙ୍କୁ ଅନୁକମ୍ପା ପ୍ରଦର୍ଶନ, ବିଭିନ୍ନ କାର୍ଯ୍ୟ ପାଇଁ ଅଧିକାରୀମାନେ ଲାଞ୍ଚ ନେବା ଆଦି। କୁହାଯାଇଛି ଯେ ଭ୍ରଷ୍ଟାଚାର ବ୍ୟବସାୟରେ, ସରକାରରେ, ଗଣମାଧ୍ୟମ ଓ ସିଭିଲ ସୋସାଇଟିରେ ଏପରିକି ନ୍ୟାୟାଳୟରେ ମଧ୍ୟ ହୋଇପାରେ। ଏହା ଶିକ୍ଷା ସ୍ୱାସ୍ଥ୍ୟ, ମୂଳଭୁତ ବ୍ୟବସ୍ଥା ଅର୍ଥାତ୍ ସବୁ ସ୍ଥାନରେ ସମ୍ଭବ। ଭ୍ରଷ୍ଟାଚାରରେ ରାଜନେତା, ସରକାରୀ ଅଧିକାରୀ, ଲୋକସେବକ, ବ୍ୟବସାୟୀ ଏପରିକି ସାଧାରଣ ନେତା ମଧ୍ୟ ଲିପ୍ତ ହୋଇପାରନ୍ତି। ରିପୋର୍ଟରେ ଏକଥା ମଧ୍ୟ କୁହାଯାଇଛି ଯେ ବଦଳୁଥିବା ପରିସ୍ଥିତି ସହ ତାଳ ମିଳାଇ ଭ୍ରଷ୍ଟାଚାରର ରୂପମଧ୍ୟ ବଦଳୁଛି। ଏହା ନିୟମ, କାନୁନ୍ ଏପରିକି ବୈଷୟିକ ଜ୍ଞାନକୌଶଳକୁ ମଧ୍ୟ ବଦଳାଇ ଦେଇପାରେ। ସମାଜ ଭ୍ରଷ୍ଟାଚାର ମୂଲ୍ୟ ନିଜର ସ୍ୱତନ୍ତ୍ରତାକୁ ହରାଇ ଭ୍ରଷ୍ଟାଚାରର ମୂଲ୍ୟ ପରିଶୋଧ କରିଥାଏ।

ରିପୋର୍ଟରେ କୁହାଯାଇଛି ଯେ ଭ୍ରଷ୍ଟାଚାର ସହ ଲଢ଼ିବା ପାଇଁ ଆମକୁ ପାରଦର୍ଶିତାକୁ ଆପଣେଇବାକୁ ପଡିବ। ପାରଦର୍ଶିତାର ଅର୍ଥ ହେଉଛି କିଏ, କାହିଁକି, କେମିତି ଓ କେତେ ଏସବୁର ଉତ୍ତର ଜାଣିବା। ଏ ସବୁକୁ ଅଧିକ ସ୍ପଷ୍ଟ କରାଗଲେ ସ୍ପଷ୍ଟ ଯେ ଔପଚାରିକ ଏବଂ ଅନୌପଚାରିକ ନିୟମ, ଯୋଜନା ପ୍ରକ୍ରିୟା ଏବଂ କ୍ରିୟାକୁ ଉଜାଗର କରାଯିବା ଆବଶ୍ୟକ। ପାରଦର୍ଶିତା ଆମକୁ ବା ସାଧାରଣ ଜନତାଙ୍କୁ ଜନସ୍ୱାର୍ଥର ସୁରକ୍ଷା ପାଇଁ ସକ୍ଷମ କରିଥାଏ। ସୂଚନା ମାଗିବା ଓ ପାଇବା ଏହା ସମସ୍ତଙ୍କର ଅଧିକାର। ଏହା ଭ୍ରଷ୍ଟାଚାର ବିରୁଦ୍ଧରେ ଏକ ଅସ୍ତ୍ର। ଏକଥା ମଧ୍ୟ ସତ୍ୟ ଯେ ପାରଦର୍ଶିତାର ଅର୍ଥ କେବଳ ସୂଚନା ପ୍ରାପ୍ତି ନୁହେଁ, ଏହାକୁ ସାଧାରଣ ନାଗରିକ ବୁଝିବା ଏବଂ ପ୍ରୟୋଗ କରିବା ଆବଶ୍ୟକ। କିନ୍ତୁ ସୂଚନା ମିଳିବାରେ ମଧ୍ୟ ଅନେକ ବାଧା ରହିଛି। ଯଦିଓ ଆମଦେଶର ରାଜନୈତିକ ଦଳମାନେ ନିଜକୁ ସାଧୁ ସଙ୍କୋଟ ଭାବେ ପରିଚିତ ହେବା ପାଇଁ ଅନେକ କଥା କହୁଛନ୍ତି ଏବଂ ଦେଶରୁ ଭ୍ରଷ୍ଟାଚାର କମିଯାଇଛି ବୋଲି କହୁଛନ୍ତି କିନ୍ତୁ ପ୍ରକୃତ କଥା ଏହାଠାରୁ ବହୁଦୂରରେ। ଅନେକ ଭ୍ରଷ୍ଟ ରାଜନେତାଙ୍କୁ ଶାସକ ଦଳ ନିଜ ଦଳରେ ସାମିଲ କରି ଧୋଇ ପୋଛି ସଫା କରି ଦେଉଛନ୍ତି। ଦେଖାଯାଉଛି ଶାସନରେ ଥିବା ନେତାମାନେ ଅଚାନକ ଭବ୍ୟାତିଭବ୍ୟ ହୋଇଯାଉଛନ୍ତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟରେ କୁହାଯାଇଛି ଯେ ଅସଲରେ ଆମ ଚାରିପଟେ ଭ୍ରଷ୍ଟାଚାର ପସରା ମେଲାଇ ଦେଇଛି। ଜୀବନରେ ଯେମିତି କିଛି ବି ସଫା ସୁତୁରା ନାହିଁ, ଭ୍ରଷ୍ଟାଚାର କାହାକୁ ନା କାହାକୁ ଆହତ କରୁଛି ଓ ବ୍ୟଥିତ କରୁଛି। କିନ୍ତୁ କାହାରି ମୂଲ୍ୟାଙ୍କନ କରି ତା'ର ଭ୍ରଷ୍ଟ ହେବା ବାବଦରେ କିଛି କହିବା ପାଇଁ ଆମର ସାହସ ନାହିଁ। ଭ୍ରଷ୍ଟତା ଏବେ ସ୍ୱାଭାବିକ ହୋଇଯାଇଛି। ମଣିଷ ମାତ୍ରେ ହିଁ ଭୁଲ କରିବ ଏଥିରେ ଚମକିବାର କିଛି ନାହିଁ। ସତ୍ୟ ହେଉଛି ଆମେ ସମସ୍ତେ ଭ୍ରଷ୍ଟାଚାରକୁ ଜୀବନର ଏକ ଯଥାର୍ଥ ଭାବେ ସ୍ୱୀକାର କରିନେଇଛେ। ଭ୍ରଷ୍ଟାଚାରୀଙ୍କୁ ଆମେ ମଧ୍ୟ ନିମ୍ନ ଦୃଷ୍ଟିରେ ଦେଖୁନାହେଁ। ଅନ୍ୟ ପକ୍ଷରେ ଆମ ଆଖ ପାଖରେ କେହି ଯଦି ଭ୍ରଷ୍ଟାଚାର କରୁନଥିବା ଲୋକେ ଦେଖାଯାଆନ୍ତି ଆମେ ତାଙ୍କର ଅବ୍ୟବାହାରିତା ଏବଂ ମୁର୍ଖତାକୁ ନେଇ ଲଜ୍ଜିତ ଏବଂ ଚକିତ ହେଉଛେ।

ଅନେକ ସମୟରେ ଏମିତି ଲାଗେ ଯେ ଆମର ପାରମ୍ପରିକ ଚିନ୍ତା ବା ମାନସିକତା କେଉଁଠି ନା କେଉଁଠି ଭ୍ରଷ୍ଟାଚାରର ସ୍ୱୀକାର୍ଯ୍ୟତା ପାଇଁ ଦାୟୀ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଆମ ସମାଜ ଭଲ ମନ୍ଦର କଥା ବୁଝିବାକୁ ରାଜି ନୁହେଁ। ଏବେ କାହାର ଖରାପ କାର୍ଯ୍ୟ ଆମକୁ ଆହତ କରୁନାହିଁ। ଖରାପ ଭ୍ରଷ୍ଟାଚାର/ଦୁର୍ନୀତିକୁ ଯେମିତି ଆମେ ଧୋଇ ପୋଛି ସଫା କରି ଦେଉଛେ ଓ ଆମେ ଏସବୁକୁ ଭୁଲ/ତ୍ରୁଟି ବୋଲି ମାନୁନାହେଁ। ଏଣୁ ଭ୍ରଷ୍ଟାଚାର/ଦୁର୍ନୀତିକୁ ଦୂର କରିବା କଥା କୁହାଯାଉଛି କାହିଁକି ?

# ପ୍ରେମ ଓ ଫଲ୍‌ଗୁ ଯାତ୍ରା : ଦୋଳଯାତ୍ରା



**ଡ. ଅରୁନ୍ଧତୀ ଦେବୀ**
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧାତ୍ମିକ ଶ୍ରଦ୍ଧାଳୁ ଓ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରାଟି ପାଞ୍ଚଦିନ ପାଇଁ ପାଳିତ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ହୋଇଥାଏ। ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜିତ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ। ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି। ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି। ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ। ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି।

ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ। ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି। ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖିଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଇମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ। ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ।' ଦୋଳ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ। ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଲଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତାକର୍ଷକ। ପାଟପଟୁଆର, ରୋଷଣୀ, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି। ଓଡ଼ିଶାର ବିଭିନ୍ନ ମେଳଣ ଭିତରେ ଧର୍ମଶାଳର ମୁନସୀମେଲଣ, ପଞ୍ଚୁପାଣ୍ଡବ ସନ୍ନିକଟ ଓଳକଣା ମେଲଣ ଓ ଗ୍ରାମାଞ୍ଚଳରେ ବେଶ ଲୋକପ୍ରିୟ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଳାଇ ଗ୍ରାମର ଅଙ୍କୁରା ମେଲଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନ ମୋହନଙ୍କୁ ନେଇ ବର୍ଷ ବର୍ଷ ଧରି ସ୍ୱର୍ଗତଃ ଡାକ୍ତର ବୈକୁଣ୍ଠନାଥ ଭୂୟାଁଙ୍କ ଆୟୋଜନରେ ପ୍ରତିବର୍ଷ ହୁଏ ଭୂୟାଁ ମେଲଣ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ।

ବର୍ଷ ବର୍ଷ ଧରି ଓଡ଼ିଶାରେ ଦୋଳଯାତ୍ରା ଓ ଫଗୁର ବିଶେଷତାକୁ ନେଇ ଜଣେ ବିଶିଷ୍ଟ କୃଷ୍ଣପ୍ରେମୀଙ୍କୁ ନେଇ ଗବେଷକ ଡକ୍ଟର ଆର.ଏଲ.ମିତ୍ର ତାଙ୍କ - "The Antiquities of Odisha" ଲେଖିଛନ୍ତି 'The red powder (Abir) is largely thrown on them, and every one in the assembled crowd indulges in throwing the powder on his neighbours. The other rituals of the ceremony are observed before Jagannatha Himself in the sanctuaroy' ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା। ଦୋଳ ଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିଠା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀମାନଙ୍କୁ ଶୁଭାଶୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା।

# ସାହିତ୍ୟ ଓ ଇତିହାସର ଏକ ମଧୁର ସମନ୍ୱୟ

**ଡ. କୁଞ୍ଜବିହାରୀ ମହାନ୍ତି**
ପ୍ରାକ୍ତନ ଅଧ୍ୟକ୍ଷ, ନିମାପଡ଼ା ମହାବିଦ୍ୟାଳୟ
ଶିଶୁପାଳଗଡ଼, ଭୁବନେଶ୍ୱର
ମୋ: ୯୪୩୯୫୮୩୧୪୫

୧୯୬୭ ମସିହାର କଥା। ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଭିଡ଼ କହିଲେ ନସରେ। କାରଣ ସେତେବେଳେ ଆଙ୍ଗୁଠିରେ ଗଣିଦେବା ପରି ମାତ୍ର ଅଳ୍ପ କେତୋଟି କଲେଜ ଥିଲା। ସେଇଠି ପ୍ରି-ୟୁନିଭରସିଟି କ୍ଲାସରେ ନାମ ଲେଖାଇବା ପାଇଁ ଅପେକ୍ଷାରତ ଲମ୍ବା ଧାଡିରେ ପ୍ରଥମଥର ପାଇଁ ସାକ୍ଷାତ ହୋଇଥିଲା ସତ୍ୟବାଦୀ ବଳିଆରସିଂହଙ୍କ ସହିତ। ସେ ସାକ୍ଷାତ୍ ସମୟ ଥିଲା ଏକ ଶୁଭଲଗ୍ନ। ଏତେ ପିଲା ତ ଥିଲେ, ହେଲେ ଆମେ ଦୁହେଁ ଦୁହିଁଙ୍କ ପ୍ରତି ଏତେ ଆକର୍ଷିତ ହେଲୁ କାହିଁକି ସେ କଥା ମୋତେ ବି ଜଣାନଥିଲା। ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସୁନା ଚିହ୍ନେ ବଣିଆ- ଗୁଣ ଚିହ୍ନେ ଗୁଣିଆ ନ୍ୟାୟରେ ବନ୍ଧୁତାର ସେତୁଟିଏ କ୍ରମେ ଦୃଢ଼ ହେବାକୁ ଲାଗିଲା ଆମ ଭିତରେ। ଶ୍ରୀମନ୍ଦିର, ସମୁଦ୍ରକୂଳ, ଗୋପବନ୍ଧୁ ଭବନ ପାଠାଗାର, ବ୍ରାହ୍ମଣ ସମିତି ପାଠାଗାର, ଟାଉନ ହଲ୍ ଲାଇବ୍ରେରୀ, ରଘୁନନ୍ଦନ ଲାଇବ୍ରେରୀ, ଅନ୍ୟାନ୍ୟ ସଭାସମିତିରେ ଯୋଗ ଦେବା ଥିଲା ଆମର ନିତିଦିନିଆ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଅନେକ ସମୟରେ ପଢ଼ାପଢ଼ି ସମ୍ପର୍କୀୟ ଆଲୋଚନାରେ ବେଳ କଟୁଥିଲା। ପୁଣି ଆମେ ଦୁହେଁ ଏନ୍‌ସିସି ନେଇଥିବାରୁ କଲେଜ ଫିଲଡରେ ହେଉଥିବା ଏନ୍‌ସିସି ପ୍ୟାରେଡକୁ ଏକାଠି ଯିବା ଆସିବା କରୁଥିଲୁ। ଆମ ଘରେ ଓ ସାହିରେ ସମସ୍ତେ ଜାଣିଥିଲେ ଆମେ ଦୁହେଁ ଅନ୍ତରଙ୍ଗ ବନ୍ଧୁ। ସେତେବେଳେ ଏନ୍‌ଏସ୍‌ଏସ୍‌ର କାଟ୍‌ତି ସବୁଠୁ ଥିଲା ବେଶୀ। ଏଥିରେ ସାମିଲ ହେବା ପାଇଁ ପିଲାଙ୍କ ଭିତରେ ପ୍ରବଳ ପ୍ରତିଯୋଗିତା ହେଉଥିଲା। ସୌଭାଗ୍ୟବଶତଃ ଆମେ ଦୁହେଁ ଏନ୍‌ଏସ୍‌ଏସ୍‌ରେ ଯୋଗଦେବା ପାଇଁ ନିର୍ବାଚିତ ହେଲୁ। ସେହିବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଖୋଲିଥାଏ ଓ ଆମ ଏନ୍‌ଏସ୍‌ଏସ୍ କ୍ୟାମ୍ପ ଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ପୁରୀ କଲେଜର ପ୍ରଥମ କ୍ୟାମ୍ପ। ଏହା ଥିଲା ୧୯୭୦ ମସିହା ମଇ ମାସର କଥା। କ୍ୟାମ୍ପ ପୁରୀ ନିକଟସ୍ଥ ଶାସନ ଦାମୋଦରପୁର ଗ୍ରାମରେ ପଡିଥିଲା। ଏଇଟି ଥିଲା ଦଶଦିନିଆ କ୍ୟାମ୍ପ। ଗାଁ ରାସ୍ତା ତିଆରି କାମ। କାମ ଚାଲୁଥାଏ ଘଣ୍ଟା କଣ୍ଟା ଆଉ ମିନିଟ୍ କଣ୍ଟାରେ। ଠିକ୍ ସମୟରେ ସବୁ ଠିକ୍‌ଠାକ କାମ ହେବ। ଟିକିଏ ଏପଟ ସେପଟ ହେଲେ ସବୁ ସରିଲା। ଆମର ପ୍ରୋଗ୍ରାମ ଅଫିସର ଥାଆନ୍ତି ପ୍ରଫୁଲ୍ଲ ସାର୍- ଡ. ପ୍ରଫୁଲ୍ଲ କୁମାର ମହାପାତ୍ର। ଉପରେ ଭାରି କଡା ଭିତରେ କିନ୍ତୁ ଭାରି ନରମ। ସବୁ ପିଲାଙ୍କୁ ସ୍ନେହ ମମତାର ରଜ୍ଜୁରେ ଏକାଠି ବାନ୍ଧି ପକାଇଥାନ୍ତି। ସେଥିରୁ ମୁକୁଳିବାକୁ ଜୁ ନାହିଁ। ଗୋଡେ ଗୋଡେ ଜଗିଥିବେ। କାମବେଳେ ଯେମିତି ଖାଇଲାବେଳେ ବି ସେମିତି। କିଏ ଖାଇଲା ନ ଖାଇଲା ସବୁକଥାରେ ତତ୍ପର। ସତ୍ୟବାବୁ ଓ ମୁଁ ଏ କ୍ୟାମ୍ପରେ ବହୁତ ମଜା ଉଠାଇଥିଲୁ। ଝୁଡିରେ ମାଟି ଭର୍ତ୍ତି କରି ଯେମିତି ବୋହୁଥିଲୁ ସଂଧ୍ୟାରେ ଆଲୋଚନା, ପଦ୍ୟାନ୍ତର, ଗୀତ, ନାଚରେ ମଧ୍ୟ ସେମିତି ଭାଗ ନେଇଥିଲୁ। ସବୁ କଥାରେ ଥିଲା ଉତ୍ସାହ, ଉଦ୍ଦୀପନା ଓ ଆଗ୍ରହ।

୧୯୬୯ ମସିହା କଲେଜ ନିର୍ବାଚନ ଆମ ପାଇଁ ଥିଲା ଅନନ୍ୟ ଅନୁଭୂତି ସର୍ବସ୍ୱ। ସେବର୍ଷ ଛାତ୍ର ସଂସଦ ନିର୍ବାଚନରେ ସହ ସମ୍ପାଦକ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା କଥାଟା ମୋ ମୁଣ୍ଡରେ ଭର୍ତ୍ତି କରିଦେଲେ ସତ୍ୟବାଦୀ ବାବୁ। ଅନ୍ୟ ବନ୍ଧୁମାନେ ସେ କଥାକୁ ସମର୍ଥନ କରିଗଲେ। ଖାଲି କହିଦେଲେ ତ ହେବ ନାହିଁ କାର୍ଯ୍ୟକାରୀ କରିବା ପୁଣି ସଫଳ ହେବା ସହଜ କଥା ନୁହେଁ। ମୁଁ ଟିକିଏ ଆଗପଛ ହେଉଥିଲି। ସତ୍ୟବାଦୀବାବୁ ଛାଡିବା ଲୋକ ନୁହଁନ୍ତି। ଯାହା ଜିଦ୍ ଧରିଥିବେ ସେ କଥା କାମରେ କରି ନ ଦେଖାଇବା ପର୍ଯ୍ୟନ୍ତ ତାଙ୍କର ତ୍ରାହି ନାହିଁ। ରାଜନୀତି ପ୍ରତି ତାଙ୍କର ନିଶା ସେତେବେଳେ ପ୍ରବଳ ଥିଲା। ଓଡ଼ିଶା ରାଜନୀତି ତାଙ୍କର ମୁହେଁ ମୁହେଁ। ବିଭିନ୍ନ ପାର୍ଟି ରାଜନୀତି, ନିର୍ବାଚନ ଫଳାଫଳ, ନେତାମାନଙ୍କର ଜୀବନପଞ୍ଜିକା ପୁରା ମୁଖସ୍ତ। ଆମକୁ ସେତେବେଳେ ଆଶ୍ଚର୍ଯ୍ୟ ଲାଗେ ଯେ ଏ ଲୋକ ଏତେ କଥା ମନେ ରଖିପାରୁଚି କିପରି? ଭାବୁଥିଲୁ ଏ ବୋଧେ ଭବିଷ୍ୟତରେ ଜଣେ ରାଜନୀତିଜ୍ଞ ଅଥବା ଐତିହାସିକ ହେବେ! ସେଦିନ ଭାବନା ଆଜି ସତରେ ପରିଣତ ହୋଇଛି। ସତ୍ୟବାଦୀ ବାବୁ ଆଜି ଜଣେ ପ୍ରଖ୍ୟାତ ଐତିହାସିକ ଭାବରେ ପରିଚିତ ହୋଇଛନ୍ତି। ମନେପଡ଼େ ସେଦିନର କଥା।



କଲେଜ ନିର୍ବାଚନ ପାଇଁ ସେ ଖସଡା ପ୍ରସ୍ତୁତ କରିଦେଲେ। ସେ ସମୟରେ ସହର ଏବଂ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଦ ବିବାଦ ଲାଗି ରହିଥାଏ। ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ନେଇ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ ଓ ସହରାଞ୍ଚଳ ଛାତ୍ରଛାତ୍ରୀଙ୍କୁ ନେଇ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଓ ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ରହିଥାଏ। ଗ୍ରାମାଞ୍ଚଳ ଛାତ୍ରଛାତ୍ରୀମାନେ କଲେଜ ହଷ୍ଟେଲରେ ଓ ବାହାରେ ମେସ୍ କରି ରହୁଥାନ୍ତି। ତଥାକଥିତ ସହରୀ ଛାତ୍ରମାନେ ଗାଁ ଗହଳିରୁ ଆସିଥିବା ଛାତ୍ରମାନଙ୍କୁ ନାଲି ଚୂଡ଼ା, ମଫୁ ବୋଲି ସମ୍ବୋଧନ କରୁଥାନ୍ତି। ଯଦି କେହି ପ୍ରତିବାଦ କଲେ ତେବେ ସଂଗେ ସଂଗେ ଆରମ୍ଭ ହୋଇଯାଏ "ପୁରୀ ବୋଲି"। କଥା ଆଉ ଟିକିଏ ଉପରକୁ ଗଲେ ଉତ୍ତମ ମଧ୍ୟମର ବ୍ୟବସ୍ଥା। ସେଥିପାଇଁ ଗାଁ ଗହଳିରୁ ଆସିଥିବା ପିଲାମାନେ ମନର କ୍ରୋଧକୁ ଚାପିଦେଇ ନିରବ ରହୁଥିଲେ। ମୁଁ ପୁରୀରେ ମୋ ଭାଇଙ୍କ ପାଖରେ ରହୁଥିବାର ଷ୍ଟୁଡେଣ୍ଟସ୍ ୟୁନିୟନ ମୋ ପ୍ରାର୍ଥୀତ୍ୱକୁ ସମର୍ଥନ କରୁଥାଏ। ସେପଟେ ଗ୍ରାମାଞ୍ଚଳରୁ ଆସିଥିବାରୁ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ ତା' ପାନେଲରେ ମଧ୍ୟ ମୋ ନାଁ ଦେଇଥାଏ। ଏହିପରି ଦୁଇଟି ସଂଗଠନର ସମର୍ଥନ ପାଇଥିଲେ ମଧ୍ୟ ସତ୍ୟବାଦୀ ବାବୁଙ୍କ କୌଶଳ ଓ ରଣନୀତି ହିଁ ମୋତେ ନିର୍ବାଚନରେ ଜୟଯୁକ୍ତ କରିଥଲା। ସେ ହଷ୍ଟେଲ ଓ ମେସ୍ ବୁଲି ମୋ ପାଇଁ ଯେପରି ନିର୍ବାଚନ ପ୍ରଚାର କରିଥିଲେ ତାହା ମୁଁ ଏଯାଏଁ ଭୁଲି ନାହିଁ। ସତ୍ୟବାଦୀବାବୁ ସେହି ବର୍ଷ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନର ପ୍ରାର୍ଥୀ ଭାବେ ଡି.ଏସ୍.ଏ.ର ଶ୍ରେଣୀ ପ୍ରତିନିଧି ହୋଇଥିଲେ ଏବଂ ତା' ପରବର୍ଷ ଷ୍ଟୁଡେଣ୍ଟସ୍ କମନ୍ ରୁମ୍‌ର ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ଛାତ୍ର ଜୀବନରୁ ହିଁ ଜଣା ପଡିଥିଲା। ଆମେ କେତେଜଣ ଛାତ୍ରବନ୍ଧୁ 'ଲୋହିତ ସାହିତ୍ୟ ସଂସଦ' ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ିଥିଲୁ। ସତ୍ୟବାଦୀବାବୁ ଏହାର ଜଣେ ସକ୍ରିୟ ସଦସ୍ୟ ଥିଲେ। ଏହି ସାହିତ୍ୟ ଅନୁଷ୍ଠାନ ଦ୍ୱାରା କେବଳ ସାହିତ୍ୟ ସେବା କରାଯାଉନଥିଲା, ଅନେକ ଜନହିତକର କାର୍ଯ୍ୟ ମଧ୍ୟ ସମାହିତ ହେଉଥିଲା। ରଥଯାତ୍ରା, ଜାଗରଯାତ୍ରା ପରି ଉତ୍ସବମାନଙ୍କରେ ଯାତ୍ରୀ ତଥା ଭକ୍ତମାନଙ୍କୁ ନାନା ପ୍ରକାର ସେବା ଯୋଗାଇ ଦିଆଯାଉଥିଲା। ଏହା ବ୍ୟତୀତ ସାହିତ୍ୟ ସଭା, ଆଲୋଚନାଚକ୍ର ଓ ପତ୍ରିକା ପ୍ରକାଶନ କାର୍ଯ୍ୟ ମଧ୍ୟ ସମାହିତ ହେଉଥିଲା। ପ୍ରଫେସର ପୀତାମ୍ବର ପ୍ରଧାନ, ଚନ୍ଦ୍ରଶେଖର ରଥ, ରାଜକିଶୋର ରାୟ, ପ୍ରଭାତ ମହାପାତ୍ର, ବାସୁଦେବ ସାହୁ, ଶୈଳେନ୍ଦ୍ର ମହାପାତ୍ର, ଭାବଗ୍ରାହୀ ବିଶ୍ୱାଳ, ବିକ୍ରମ ଜେନା ପ୍ରମୁଖ ବିଶିଷ୍ଟ ସାହିତ୍ୟିକମାନେ ନିୟମିତ ଭାବେ ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। ଏପରି ପ୍ରତିଭାବାନ ସାହିତ୍ୟିକଙ୍କ ଉପସ୍ଥିତି ଆମକୁ ବହୁଳ ଭାବରେ ପ୍ରଭାବିତ କରିଥିଲା। ସତ୍ୟବାଦୀବାବୁ ଏଥିରୁ ବାଦ୍ ପଡିନଥିଲେ। ସେତେବେଳେ ସେ କଲେଜ ମୁଖପତ୍ରରେ ଯେପରି ଲେଖାଲେଖି କରୁଥିଲେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ପତ୍ରପତ୍ରିକାର କଳେବର ତାଙ୍କ ଲେଖନୀ ଦ୍ୱାରା ସୁଶୋଭିତ ହେଲା।

ସାହିତ୍ୟ ଓ ଇତିହାସର ଏକ ମଧୁର ସମନ୍ୱୟ ସାଧିତ ହୋଇଛି ତାଙ୍କରି ଲେଖନୀ ମାଧ୍ୟମରେ। ଶହୀଦ ରଘୁ ଦିବାକର, ରଣପୁର ବିଦ୍ରୋହ, ରଣପୁର ଇତିହାସ, ଜାତୀୟ ପତାକା, ଲାଲ ମାଟିର କବିତା, ନିର୍ବାଚନ: ଖୋର୍ଦ୍ଧା ଜିଲ୍ଲା, ଓଡ଼ିଶାର ଶୈବ ଓ ଶାକ୍ତପୀଠ, ଅନାଇ ରହିଛି ଗଡ଼ ଗଡ଼ଖାଇ, ଖୋର୍ଦ୍ଧା ଇତିହାସର ଅନ୍ତୁଡ଼ିଶାଳ ବରୁଣେଇ ଆଦି ତାଙ୍କ ଲେଖନୀ ନିସୃତ ଗ୍ରନ୍ଥ ସମୂହ। ଗାଁ ମାଟି, ଖୋର୍ଦ୍ଧା ଓ ଓଡ଼ିଶାକୁ ଅତି ମାତ୍ରାରେ ଭଲ ପାଉଥିବା ଜଣେ ସଚ୍ଚା ମଣିଷ ସେ। ବୀର ପାଇକମାନଙ୍କ ଶୌର୍ଯ୍ୟ- ବିକ୍ରମ, ସାହସ- ଗରିମା ତାଙ୍କୁ ପ୍ରଭାବିତ କରିଛି ବହୁଳ ଭାବରେ। ସେ ଖୋର୍ଦ୍ଧାର ଗୌରବମୟ ଗାରିମାକୁ ଲାଲମାଟିର କବିତା ସଂକଳନରେ ସ୍ଥାନିତ କରିଛନ୍ତି। ପୁନଶ୍ଚ ସେ 'ରଣପୁର ଇତିହାସ' ଓ 'ରଣପୁର ବିଦ୍ରୋହ' ପୁସ୍ତକରେ ରକ୍ତ ରଞ୍ଜିତ ରଣପୁର ଶହୀଦ ମାଟିର ଗୋଡି ପଥରକୁ ଚିପୁଡି ସେ ଇତିହାସକୁ ଖୋଜିଛନ୍ତି- ସତ୍ୟର ଅନୁସନ୍ଧାନ କରିଛନ୍ତି ସମୟର ପାହାଡ ଭାଙ୍ଗି। ଐତିହାସିକ ତଥ୍ୟକୁ ସେ ନିଜସ୍ୱ ସାହିତ୍ୟିକ ଶୈଳୀରେ ଏପରି ନିଖୁଣ ଭାବରେ ପ୍ରକାଶ କରିଛନ୍ତି ଯେ ଯାହାକୁ ପାଠ କରି ପାଠକ ବିମୁଗ୍ଧ ହୁଏ। ତାଙ୍କର ପ୍ରତ୍ୟେକ ଗ୍ରନ୍ଥରୁ ଭାବପ୍ରବଣତାର ବାସ୍ନା ସହଜରେ ବାରି ହୋଇପଡେ। ତାଙ୍କର ସେଇ ଲେଖକୀୟ ଭାବ ପ୍ରବଣତା ପାଠକକୁ ମଧ୍ୟ ଭାବନାର ସାଗରରେ ବୁଡାଇ ରଖେ। ପାଠକ ଯେତେ ପଢୁଥାଏ ସେତେ ଗଭୀରତମ ସ୍ତରକୁ ପ୍ରଦାନ କରୁଥାଏ। ସାଧାରଣ ଭାବରେ କହିଲେ ତାଙ୍କର ଭାଷା, ଶୈଳୀ ଓ ତଥ୍ୟ ଉପସ୍ଥାପନର ମୌଳିକତା ପାଇଁ ସେ ପାଠକ ମହଲରେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି। ସେ କେବଳ ଜଣେ ଐତିହାସିକ ଓ ସାହିତ୍ୟିକ ନୁହଁନ୍ତି, ଜଣେ ଦକ୍ଷ ସଂଗଠକ ମଧ୍ୟ। ଖୋର୍ଦ୍ଧାଠାରୁ ରଣପୁର ପର୍ଯ୍ୟନ୍ତ ବହୁ ଅନୁଷ୍ଠାନ ସହିତ ସେ ଜଡିତ। ଯେ କୌଣସି ସ୍ଥାନରେ ସଭା ସମିତି ହେଉ ସେଠାରେ ଦେଖିବ ସତ୍ୟବାଦୀବାବୁ ନିଶ୍ଚେ ମଞ୍ଚାସୀନ ଥିବେ। ତାଙ୍କରି ହାତର ସ୍ପର୍ଶରେ ବହୁ ଅନୁଷ୍ଠାନ ଜନ୍ମ ନେଇଛି, ପୁଣି ସମୃଦ୍ଧି ପଥରେ ଆଗେଇ ଚାଲିଛି। ଅନେକଥର ମଧ୍ୟ ତାଙ୍କ ଡାକରା ପାଇ ମୁଁ ଉତ୍ସବମାନଙ୍କରେ ଯୋଗଦେବାକୁ ଧାଇଁ ଯାଇଛି। ତାଙ୍କ ପାଖରେ କି ଚୁମ୍ବକୀୟ ଶକ୍ତି ଅଛି କେଜାଣି ଛାଏଁ ଛାଏଁ ମଣିଷ ଟାଣି ହୋଇଯାଏ। ମତେ ଲାଗେ ଗଡବାଣୀକିଲୋ ଏପରି ଜଣେ କୃତୀ ସନ୍ତାନଙ୍କ ପାଇଁ ଧନ୍ୟ ହୋଇଛି।

ମନର ବେଳାଭୂମିରେ ତ ସ୍ମୃତିର ଅନେକ ପାଦଚିହ୍ନ ପଡିଚି, ହେଲେ ସତ୍ୟବାଦୀବାବୁଙ୍କ ସହିତ ଥିବା ସମ୍ପର୍କର ସେତୁଟି ଏବେ ମଧ୍ୟ ସେଇ ସ୍ମୃତିକୁ ଉଜାଗର କରିଦେଉଛି। ନିରବରେ ବସି ଅତୀତକୁ ରୋମନ୍ଥନ କଲେ ଅନନ୍ୟ ଭାବ ରାଜ୍ୟରେ ଉଡିବୁଲେ ମନ। ଭଲଲାଗେ ଯେତିକି ଆତ୍ମହରା ହୋଇଉଠେ ସେତିକି। ଏମିତି ଜଣେ ବନ୍ଧୁ ଜୀବନରେ ମିଳିବା ସହଜ ନୁହେଁ। ପ୍ରକୃତରେ ସେ ଜଣେ ବନ୍ଧୁ ପରି ବନ୍ଧୁ। ତାଙ୍କର ୭୩ତମ ଜନ୍ମଦିବସରେ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଉଛି। 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଯୋଗୁ ଦେବତା ନର।'

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ବାରଭାଗିଆ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଗତକାଲି ଅଧିବାସ ଅବସରରେ ନିକଟସ୍ଥ ବ୍ରାହ୍ମଣୀ କୂଳର ପୋରହିତଙ୍କ ଦ୍ୱାରା ଯଥା ରୀତିନୀତିରେ ପୂଜାର୍ଚ୍ଚନା ସାରିବା ପରେ ଶତାଧିକ ପୁରୁଷ ମହିଳା ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ପୋଖରିରୁ ଜଳପୂର୍ଣ୍ଣ କଳସୀ ଧରି ବନ୍ଧସାହି, ବିଜିଗୋଳ ନୂଆଁ ସାହି ଦେଇ ଗ୍ରାମସ୍ଥ ମଙ୍ଗଳା ପୀଠ ନାମଯଜ୍ଞ ସ୍ଥଳରେ କଳସୀ ସ୍ଥାପନ କରିଥିଲେ। ଶୋଭାଯାତ୍ରା ସମୟରେ ବାଜଣା, ଘଣ୍ଟ, ଶଙ୍ଖ ଓ ହରିନାମ ଧ୍ୱନୀର ପ୍ରକମ୍ପିତ ହୋଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଜି ସକାଳୁ ହରି ନାମ ସଂକୀର୍ତ୍ତନ ଚାଲିଛି। ନିମନ୍ତେ ୨୦ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମସଂକୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ମାହୋଲ ସୃଷ୍ଟି ହୋଇଛି। ଆଜିଠାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗ୍ରାମ କମିଟିଙ୍କ ପକ୍ଷରୁ ଭକ୍ତ, ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ବୁଧବାର ଏହି ଉତ୍ସବର ଉଦ୍‌ଯାପନୀ ଅବସରରେ ନାମଯଜ୍ଞ ବିଶ୍ରାମ, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଜନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



# ବିଜେଇଏମ୍ ସ୍କୁଲ କର୍ତ୍ତୃପକ୍ଷଙ୍କ ଜାଲିଆତି ବିରୁଦ୍ଧରେ ଅଭିଭାବକ ସଂଘର ଏତଲା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଜେଇମ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଏକ ୨୦ ଜଣିଆ ପ୍ରତିନିଧି ଦଳ ବଡ଼ଗଡ ଥାନାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଜାଲିଆତି ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଗତ କିଛିଦିନ ଧରି ସ୍କୁଲ ଫି ବୃଦ୍ଧିକୁ ନେଇ ବିବାଦ ଲାଗିରହିଥିବା ବେଳେ ଆଜି ଅଭିଭାବକମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗତ ୬ତାରିଖ ଦିନ ସ୍କୁଲ ପକ୍ଷରୁ ଏକ ପ୍ରେସ ବୈଠକ ଡକାଯାଇଥିଲା। ଅଭିଭାବକ ସଂଘ ଜାଣିବା ପରେ ଶହ ଶହ ଅଭିଭାବକ ଏକ ନମ୍ବର ଗେଟ ସମ୍ମୁଖରେ ରୁଣ୍ଡ ହୋଇ, ସ୍କୁଲ କହିଥିବା ପ୍ରଶ୍ନ ସବୁ ଉତ୍ତର ଗଣ ମାଧ୍ୟମକୁ ଦେଇଥିଲେ। ସେହି ସମୟରେ ଜଣେ ଯୁବକ ମହିଳା ଅଭିଭାବକମାନଙ୍କର ଫୋଟୋ ଭିଡିଓ କରିବା, ଅଭିଭାବକମାନଙ୍କୁ ମଦ ପିଇ ଗାଳିଦେଇଥିଲା। ଖବର ନେବାରେ ଜଣାପଡିଛି ଯେ, ସେ ସ୍କୁଲର ବସ ଡ୍ରାଇଭର। ତେଣୁ ଏକ ବୈଠକ ଡକାଯାଇ ଥାନାରେ ଅଭିଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଗତ ଦୁଇତାରିଖରେ ବଡ଼ଗଡ ଥାନା ଅଧିକାରୀଙ୍କ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଫି ବୃଦ୍ଧିକୁ ପୁନଃବିଚାର କରିବା ପାଇଁ ଅନୁରୋଧରେ ପ୍ରତ୍ୟେକ ବର୍ଷ ଆୟବ୍ୟୟର ହିସାବ ୱେବ୍‌ସାଇଟ୍‌ରେ ଅପଲୋଡ କରିବା ପାଇଁ କହିଥିଲେ। ସଠିକ ହିସାବ ଆଜିପର୍ଯ୍ୟନ୍ତ ଦେଲେନାହିଁ। ମାନ୍ୟବର ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ଜଷ୍ଟିସ କେ.ପି ମହାପାତ୍ରଙ୍କ କମିଟି ରିପୋର୍ଟକୁ ଭୁଲ ଭାବେ ଅକ୍ଷକଳନ କରାଇ ପ୍ରତ୍ୟେକ ମାସ ଫି ବାବଦକୁ କୋଟିକୋଟି ଟଙ୍କା ବେଆଇନ ଆଦାୟ କରିବା ସହିତ ଟଙ୍କା ହେରଫେର ଓ ଜାଲି ଦସ୍ତାବିଜ ଦେଖାଇବା ଅଭିଯୋଗରେ ସ୍କୁଲ କମିଟିର ଚେୟାରମାନ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ ଜେନା ଓ ଅଧକ୍ଷା ସନ୍ଧ୍ୟା ଜେନାଙ୍କ ବିରୁଦ୍ଧରେ ମଧ ଥାନାରେ ଅଭିଯୋଗ କରାଯାଇଛି। ତତ୍ ସହିତ ସ୍କୁଲ୍ ପରିଚାଳନା କମିଟର ଦୁଇ ଜାଲି ସଦସ୍ୟ ସ୍ମିପ୍ରା ଦାସ ଓ ଡ ଶାଶ୍ୱତୀ ମିଶ୍ର ଦୁଇ ଜଣ ସ୍କୁଲ ଅଭିଭାବକ ସଂଘର ମନୋନୀତ ପ୍ରତିନିଧି ହୋଇ ନଥିବାରୁ ତାଙ୍କ ବିରୁଦ୍ଧରେ ମଧ ମକଦ୍ଦମା ରୁଜୁ କରି କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ଲିଖିତ ଅଭିଯୋଗ କରାଯାଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସଂଘର ସଭାପତି ରଂଜନ କୁମାର ଦାସ ଜଣେଇଛନ୍ତି। ହଜାର ହଜାର ଅଭିଭାବକଙ୍କ ସ୍ୱାର୍ଥ ଓ ନ୍ୟାର୍ଯ୍ୟ ଅଧିକାର ସମ୍ବଳିତ ଏହି ସମ୍ବେଦନଶୀଳ ଅଭିଯୋଗକୁ ତଦନ୍ତ କରି ସ୍କୁଲ କର୍ତ୍ତୃପକ୍ଷଙ୍କ ଦୋଷୀ କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଆଇନତଃ କଡା କନ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହାସଂଘର କାର୍ଯ୍ୟକରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି।

# ଭୁବନେଶ୍ୱରରୁ ଚୋରି ବାଇକ୍ ଅସ୍ତରଙ୍ଗରେ ବିକ୍ରି

○ ଗାଡି ପାର୍କିଂ ବେଳେ ରୁହନ୍ତୁ ସାବଧାନ
○ ଅସ୍ତରଙ୍ଗରୁ ଧରା ହେଲେ ଲୁଟେରା ଗ୍ୟାଙ୍ଗ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଦୁଇ ଚକିଆ ଚଲାଉଥିଲେ ହୁସିଆର, ପାର୍କିଂ କରୁଥିଲେ ରୁହନ୍ତୁ ସତର୍କ ନଚେତ ହୋଇପାରେ ଚୋରି। ଠିକ୍‌ରେ ତାଲା ନ ପକାଇଲେ ଗାଡି ପାଇବା ହୋଇପାରେ ମୁସ୍କିଲ। କାରଣ ମାଟିଜନ୍ତି ବାଇକ ଚୋର ଗ୍ୟାଙ୍ଗ। ଭୁବନେଶ୍ୱରରୁ ଗାଡି ଚୋରି କରି ବିକ୍ରି କରୁଛନ୍ତି ଅସ୍ତରଙ୍ଗରେ। ଇଞ୍ଜିନ ଠୁ ଟାୟାର, ମଡ୍‌ଗାର୍ଡ ଭଳି ପାର୍ଟସ ଖୋଲି ବିକ୍ରି କରୁଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ବୁଧବାର ପ୍ରତ୍ୟୁଷରୁ ଭୁବନେଶ୍ୱର କମିଶନରେଟ ପୋଲିସ ପହଞ୍ଚିରେ ମାରିବା ସହ ୪ଜଣ ଲୁଟେରାଙ୍କୁ ଧରିବା ସହ ୪ଟି ଦୁଇଚକିଆ ଗାଡି ଜବତ କରିଛି। ଭୁବନେଶ୍ୱର ସହର ହେଉ ଅବା ପୁରୀ ଜିଲ୍ଲାର ଭିଡ଼ଭିତରେ ଏ ସବୁ କାରସାଦି କରି ଚୋରି କରୁଥିଲେ ଅସ୍ତରଙ୍ଗ ଅଞ୍ଚଳ ସହ ପଡୋଶୀ ଥାନା ଅଞ୍ଚଳର କିଛି ଯୁବକ। ବିଭିନ୍ନ ସ୍ଥାନରୁ ଚୋରି କରି ଅସ୍ତରଙ୍ଗ ସହ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ଫଳରେ ଆପଣଙ୍କ ଗାଡି ଏବେ ଚୋର ଟାର୍ଗେଟରେ। କେଉଁଠି କେଉଁ ସମୟରେ ଚୋରି ହେବାର ଆଶଙ୍କା ରହିଛି। କାରଣ ବୁଧବାର ସକାଳୁ କମିଶନରେଟ ପୋଲିସର ୨ଟି ଭ୍ୟାନ୍‌ରେ ୭ରୁ ଊର୍ଦ୍ଧ୍ୱ କର୍ମଚାରୀ ଅସ୍ତରଙ୍ଗ ଅଞ୍ଚଳରେ ଛାନଭିନ୍ ତଦନ୍ତ କରି ଚୋରି ବାଇକ ଜବତ କରିବା ସହ ସମ୍ପୃକ୍ତ ଲୁଟେରା ଚାରିଜଣଙ୍କୁ ଅସ୍ତରଙ୍ଗ ଥାନାରେ ଅଟକ ରଖି ଦୀର୍ଘ ସମୟ ପଚରାଉଚରା ପରେ ପୋଲିସ ଥାନା ଗାଡିରେ ଭୁବନେଶ୍ୱର ନେଇଯାଇଛି। ଲୁଟେରାମାନେ ଫୋନ୍ ଓ ବାଇକ ଚୋରି କରିଥିଲେ। ଚୋରି ଗାଡିକୁ ଶସ୍ତା ଦରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ। ଗାଡିକୁ କିଣିବା ଯେତିକି ଦାମ୍ ମିଳି ନଥାଏ, ଗାଡିର ପାର୍ଟସ ଖୋଲି ତାକୁ ବଜାରରେ ବିକ୍ରି କରି ଭଲ ଦାମ୍ କମାଇଥାନ୍ତି। ଏନେଇ ବୁଧବାର ସକାଳୁ କମିଶନରେଟ ପୋଲିସ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରୁ କିଛି ଯୁବକଙ୍କୁ ଧରି ଭୁବନେଶ୍ୱର ନେଇଛନ୍ତି। ଲୁଟେରାମାନେ ଆଉ କେଉଁ ଘଟଣାରେ ସାମିଲ ଅଛନ୍ତି ତଦନ୍ତ ଜାରି ରହିଛି।

# ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ଶିବିର

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ 'ବାଳିକା ଆତ୍ମସୁରକ୍ଷା ଶିବିର' ମାର୍ଚ୍ଚ ୧୧ତାରିଖ ମଙ୍ଗଳବାର ଦିନ +୩ ପ୍ରଥମ ବର୍ଷର (କଳା/ବିଜ୍ଞାନ/ବାଣିଜ୍ୟ) ବିଭାଗର ଛାତ୍ରୀମାନଙ୍କ ନେଇ ଉଦ୍ଯାପିତ ହୋଇଯାଇଛି। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ସହିତ ବାଳିକାମାନଙ୍କର ସୁରକ୍ଷା ସମ୍ବନ୍ଧରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଇତିହାସ ବିଭାଗରୁ ବିଭାଗ ମୁଖ୍ୟ ଅଭୟଚନ୍ଦ୍ର ମିଶ୍ର ବାଳିକାମାନଙ୍କର ଆତ୍ମସୁରକ୍ଷା କୌଶଳର ଉପକାରିତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ଇତିହାସ ବିଭାଗର ଅଧ୍ୟାପିକା ସଂଘମିତ୍ରା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଶ୍ରୀ କାଦମ୍ବିନୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାଫିକ ସମସ୍ୟା ଦୂର ପାଇଁ ଭୁବନେଶ୍ୱରର ସାଂସଦଙ୍କ ଉଦ୍ୟମ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଦୂର ଦେବାକୁ ଯାଉଛି ଭୁବନେଶ୍ୱର ପଳାଶୁଣିରେ ଦୀର୍ଘ ବର୍ଷର ଟ୍ରାଫିକ୍ ସମସ୍ୟା। ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଦିଲ୍ଲୀ ଗସ୍ତରେ ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ପଳାଶୁଣି ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜର ପ୍ରଶସ୍ତିକରଣ ତଥା ପଳାଶୁଣିରେ ଟ୍ରାଫିକ୍ ସମସ୍ୟା ଦୂରୀକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପକୁ ମୋହର ବାଜିଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରମୁଖ ପ୍ରବେଶ ଦ୍ୱାର ହେଉଛି ପଳାଶୁଣି ଓ ରସୁଲଗଡ଼। କଟକରୁ ଭୁବନେଶ୍ୱରକୁ ସଂଯୋଗର ପ୍ରମୁଖ ପ୍ରବେଶ ମଧ୍ୟ ପଳାଶୁଣି। ପ୍ରତ୍ୟକ ଦିନ ଏହି ରାସ୍ତାରେ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଟ୍ରାଫିକ୍ ସମସ୍ୟାର ସାମ୍ନା କରିଥାନ୍ତି ରାଜଧାନୀବାସୀ। ଏହା ଦୂର କରିବାକୁ ବିଭିନ୍ନ ସମୟରେ ଶତାଧିକ ଲୋକଙ୍କ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ତଥା ଗଙ୍ଗୁଆ ନାଳ ଉପର ବ୍ରିଜର ପ୍ରଶସ୍ତିକରଣ ନେଇ ଦାବି ହୋଇ ଆସୁଥିଲା। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ପ୍ରକଳ୍ପ ପାଇଁ ୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ସାଂସଦଙ୍କ ପ୍ରସ୍ତାବ ଅନୁସାରେ ପଳାଶୁଣିରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ। ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ରହିଛି। ଏହା ଦେଇ ଯାଉଥିବା ଏନଏଚ ୧୬ର ଟ୍ରାଫିକ୍ ସମସ୍ୟାକୁ ଏହା ଦୂର କରିପାରୁନି। ତେଣୁ ଭୁବନେଶ୍ୱର ସାଂସଦଙ୍କ ଅନ୍ୟତମ ଡ୍ରିମ୍ ପ୍ରୋଜେକ୍ଟ ଭାବରେ ଏଠାରେ ଏକ ୬ ଥାକିଆ ଲେନ୍ ବିଶିଷ୍ଟ ରାସ୍ତା କରାଯିବ। ୪ ଥାକିଆ ରାସ୍ତାରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏ ଲେନ୍ ରାସ୍ତା ବାହାର କରାଯିବ। ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ଦୁଇଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବା ନେଇ ଭୁବନେଶ୍ୱର ସାଂସଦ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାରୁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ। ଏହି ଅବସରରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଗତମାସରେ ପଳାଶୁଣିରେ ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମରେ ଏକ ଫୁଟ୍ ଓଭର ବ୍ରିଜର ମଧ ଲୋକାର୍ପଣ ହୋଇଥିଲା। ଯାହାକି ସ୍ଥାନୀୟ ଲୋକଙ୍କର ଦୀର୍ଘ ବର୍ଷର ଦାବି ରହିଥିଲା। ଏବେ ପଳାଶୁଣିରେ ୪ ଲେନ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟକୁ ପ୍ରଶସ୍ତିକରଣ କରାଗଲେ, ବାସ୍ତବରେ ପଳାଶୁଣିରେ ବହୁ ମାତ୍ରାରେ ଟ୍ରାଫିକ୍ ଜାମରୁ ନିସ୍ତାର ମିଳିବ ବୋଲି ଆଶା କରାଯାଉଛି।

# ପ୍ରଧାନ ଶିକ୍ଷକଙ୍କ ଶତବାର୍ଷିକୀ ଜନ୍ମଉତ୍ସବ ପାଳିତ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ତଥା ରଘୁନାଥପୁର ବ୍ଲକ ଅଧୀନସ୍ତ ତରୀକୁନ୍ଦ ସ୍ଥିତ ସର୍ବ ପୁରାତନ ତରୀକୁନ୍ଦ ଉଚବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ଶତବାର୍ଷିକୀ ଜନ୍ମଉତ୍ସାବ ପରିପେକ୍ଷିରେ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ମଙ୍ଗଳବାର ବିଦ୍ୟାଳୟର ଗୁରୁ ଦକ୍ଷିଣା ସଦନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥିମାନେ ପ୍ରଥମେ ସ୍ୱର୍ଗତ ପ୍ରଧାନ ଶିକ୍ଷକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସାଭା ଆରମ୍ଭ ହୋଇଥିଲା। ଏହି ସଭାରେ ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତି ସଭାପତିତ୍ୱ କରିଥିବା ବେଳେ ବିରକୀଶ୍ୱର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଛାତ୍ର ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜ ଓ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କର ବିଷୟରେ ଉପସ୍ଥିତ ପୂର୍ବତନ ଛାତ୍ର ଓ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଷଦ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଆଚାର୍ଯ୍ୟ ଓ ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ପତି ଯୋଗଦେଇ କେବଳ ଏହି ଶିକ୍ଷ୍ୟାନୁଷ୍ଠାନ ନୁହେଁ ନିକଟରେ ମଧ ଆଉ ଏକ ଶିକ୍ଷାନୁଷ୍ଠାନ ଗଢ଼ିବାରେ ସ୍ୱତନ୍ତ୍ର ବିନ୍ଧାଣି ଥିଲେ। ଶିକ୍ଷକ ମନୋଜ କୁମାର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାଣକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ର ସଂସଦ ଯୋଗ ଦେଇ କାର୍ଯ୍ୟକ୍ରମକୁ ବହୁ ସରସ ସୁନ୍ଦର କରିଥିଲେ।

# ବ୍ୟାସ ଫାଉଣ୍ଡେସନ ଦ୍ୱାରା ୪ ମାନସିକ ଭିନ୍ନକ୍ଷମ ଉଦ୍ଧାର

## ବେସାହାରା ମାନସିକ ଭିନ୍ନକ୍ଷମଙ୍କ ପାଇଁ ଏକମାତ୍ର ସାହାରା ପାଲଟିଛନ୍ତି ସ୍ନେହମୟୀ




ପାରାଦୀପ, (ଭାସ୍କର ନ୍ୟୁଜ୍): ଏକଦା ଜଗତସିଂହପୁର ଜିଲ୍ଲା ବିଶେଷ ଭାବେ ବନ୍ଦର ସହର ପାରାଦୀପରେ ଅସହାୟ ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଂଖ୍ୟା ବୃଦ୍ଧି ଏକ ଚିନ୍ତାରକାରଣ ପାଲଟିଥିବା ବେଳେ ସେବା ଓ ଆଧାତ୍ମିକ ପ୍ରଚାରପ୍ରସାର ଧର୍ମୀ ସଂଗଠନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ କର୍ମକର୍ତ୍ତା ତଥା ସ୍ୱେଚ୍ଛାସେବୀ ମାନେ ଏହି ଅସହାୟ ଓ ନିରାଶ୍ରୟ ମାନସିକ ଭିନ୍ନକ୍ଷମମାନଙ୍କୁ ଉଦ୍ଧାର ଓ ଥଇଥାନ କରାଇବାରେ ଅନେକ ସଫଳତା ପାଇଛନ୍ତି। ମାନସିକ ଭିନ୍ନକ୍ଷମଙ୍କ ପ୍ରତି ଆଚାର୍ଯ୍ୟଙ୍କର ଦରଦ ଓ ସମବେଦନା ସ୍ୱତନ୍ତ୍ର ଓ ନିଆରା ଅଟେ ଏବଂ ଏବେ ସେ ବେସାହାରା ମାନସିକ ଭିନ୍ନକ୍ଷମଙ୍କ ପାଇଁ ଏକମାତ୍ର ସାହାରା ପାଲଟିଛନ୍ତି। ଏମାନଙ୍କୁ ଉଦ୍ଧାର ଓ ଥାଇଥନ କରିବା ସତେ ଯେମିତି ତାଙ୍କର ଉତ୍ସର୍ଗୀକୃତ ପେଶା ଓ ନିଶା ଅଟେ। ଏହି ପରିପ୍ରେକ୍ଷୀରେ ଗତ ସୋମବାର ଦିନ ଆଚାର୍ଯ୍ୟ ଜଗତସିଂହପୁର ଓ ତତ୍ ସଂଲଗ୍ନ ଅଞ୍ଚଳରୁ ୪ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି, ପ୍ରାଥମିକ ଚିକିତ୍ସା ପରେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକଙ୍କ ସହ ସହଯୋଗ ଏବଂ ପତ୍ରାଙ୍କ ଆଧାରରେ ସେମାନଙ୍କୁ ପୁରୀ ଜିଲ୍ଲାର କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନରେ ସୁରକ୍ଷିତ ଭାବେ ରଖିପାରିଛନ୍ତି। କିଛିଦିନ ପୂର୍ବରୁ ଉଦ୍ଧାର ହୋଇଥିବା ପାରାଦ୍ୱୀପ ଅଞ୍ଚଳର ୨ ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ସୁସ୍ଥ ହେବା ସହ ଆଜି ମଧ ବିରିଡ଼ି ଅଞ୍ଚଳର ଜଣେ ଯୁବକଙ୍କୁ ଆଚାର୍ଯ୍ୟ ସମ୍ପୂର୍ଣ୍ଣ ସୁସ୍ଥ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି। ଆଚାର୍ଯ୍ୟଙ୍କ ଏପରି ସେବା ଓ ଜିଲ୍ଲା ପ୍ରଶାସନର ସହଭାଗୀତା ତଥା ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ ସୁବାସ ଚନ୍ଦ୍ର ଗଜେନ୍ଦ୍ର ଓ ଅନୁଷ୍ଠାନର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ନିସଙ୍କ ଓ ଜୟଶ୍ରୀ ସରାବଙ୍କ ଉତ୍ସର୍ଗୀକୃତ ଦାୟିତ୍ୱକୁ ବୁଦ୍ଧିଜୀବୀମାନେ ଅନେକ ପ୍ରଶଂସା କରିଛନ୍ତି। ତେବେ ଏସବୁ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସୁଦୂର ପୁରୀ ଜିଲ୍ଲାରେ ଥିବା ନୀଳାଞ୍ଚଳ ସେବା ପ୍ରତିଷ୍ଠାନରେ ଅବସ୍ଥାପିତ ଓ ଚିକିତ୍ସିତ କରାଯିବା ବ୍ୟୟ ଓ ସମୟ ସାପେକ୍ଷ ହେଉଥିବାରୁ ଜଗତସିଂହପୁର ଜିଲ୍ଲାରେ ମାନସିକ ଭିନ୍ନକ୍ଷମଙ୍କ ପାଇଁ ଏକ ସେବା ପ୍ରତିଷ୍ଠାନ ସ୍ଥାପନ ପାଇଁ ସାଧାରଣରେ ଦାବୀ ହେଉଛି।

# ନୂତନ ଭାରପ୍ରାପ୍ତ ଅଧିକାରୀଙ୍କ ଯୋଗଦାନ



ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଅନ୍ତର୍ଗତ ନିଆଳି ଥାନା ଅଧିନସ୍ଥ କସର୍ଦା ଫାଣ୍ଡିରେ ନୂତନ ଭାରପ୍ରାପ୍ତ ଅଧିକାରୀ ଏସ୍.ଆଇ ଜଗନ୍ନାଥ ପାଣିଗ୍ରାହୀ ଯୋଗଦାନ କରିଛନ୍ତି। ପୂର୍ବରୁ କସର୍ଦା ଫାଣ୍ଡିରେ ଏସ୍.ଆଇ କସ୍ତୁରି ଚରଣ ଦାସ କାର୍ଯ୍ୟରତ ଥିଲେ। ପାଣିଗ୍ରାହୀ ଆଗରୁ ନିଆଳି ଥାନାରେ ୧ବର୍ଷ ହେବ ଏସ୍.ଆଇ ଭାବେ କାର୍ଯ୍ୟରତ ଥିଲେ। ଜଣେ ଯୁବ ପ୍ରତିଭାଶାଳୀ ପୋଲିସ ଏସ୍.ଆଇଙ୍କୁ ପାଇଁ ଦ୍ୱୀପାଞ୍ଚଳରେ କସର୍ଦା ଫାଣ୍ଡିକୁ ଶୁଭେଚ୍ଛାର ସୁଅ ଛୁଟୁଛି। ମଙ୍ଗଳବାର ଏରଞ୍ଚ ବଜାର କମିଟି ସଦସ୍ୟଙ୍କ ତରଫରୁ ଅମରଜ୍ୟୋତି ମହାପାତ୍ର (ସଭାପତି), ପ୍ରଫୁଲ୍ଲ ପ୍ରଧାନ(ସମ୍ପାଦକ), ଦିବାକର ବେହେରା, ମନୋରଞ୍ଜନ ସାହୁ, ଶୁଭ୍ରାଂଶୁ ଶେଖର ସେଠି, ବିଶ୍ୱ ରଞ୍ଜନ ସାହୁ, କାଳନ୍ଦୀ ସେନାପତି, ସୁବ୍ରତ ବେହେରା ଆଦି କସର୍ଦା ଫାଣ୍ଡିରେ ପହଞ୍ଚି ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରିବା ସହ ଏରଞ୍ଚ ବଜାରରେ କିପରି ଆଇନ ଶୃଙ୍ଖଳା ସମସ୍ୟା ନଉପୁଜିବ ସେ ବିଷୟରେ ଆଲୋଚନା ମଧ କରିଥିଲେ।

# ଗାଡି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ମୋରଡା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଭରଡାନଣ୍ଡା ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ମୃତ ଜଣେ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଗତକାଲି ରାତିରେ ମୋରଡା ଥାନା ଅନ୍ତର୍ଗତ ଜିଆପାଳ ଗ୍ରାମ ଉଦୟ ସୋରେନ ବାଇକ ରେ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ବାଇକ ପଛରେ ବସିଥିବା କୁସୁମକୁଟି ଗ୍ରାମ ରାଉତ ମୁର୍ମୁ ଗୁରୁତର ଆହାତ ହୋଇ ବାରିପଦା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଯାହାକୁ ନେଇ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ।

# ପାଣିରୁ ଉଦ୍ଧାର ହେଲା ମହିଳାଙ୍କ ମୃତଦେହ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ତ ଭୁତିଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ବୁଟିଗୁଡା ଗାଁରେ ରହୁଥିବା ମନ ଲାଗୁଲୁଙ୍କ ସମ୍ପର୍କୀୟ ଡ଼ାଲିମ ପୂଜାରୀ (୨୪)ଙ୍କ ମୃତଶରୀର ଗତ ୧୦ ତାରିଖ ଦିନ ଗ୍ରାମ ନିକଟରେ ଥିବା ଏକ ଝରଣାରୁ ଉଦ୍ଧାର ହୋଇଛି। ତେବେ ଡାଲିମଙ୍କର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇ ପାରିନାହିଁ। ତେବେ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୧୦ତାରିଖ ସନ୍ଧ୍ୟାରେ ସୋମନାଥପୁର ଗ୍ରାମର ଘେନୁ ପୂଜାରୀ ନାମକ ଜଣେ ବ୍ୟକ୍ତି ଓର୍କେଲ ଥାନାରେ ପହଁଞ୍ଚି ତାଙ୍କ ଝିଅ ଡାଲିମକୁ ତା'ର ସମ୍ପର୍କୀୟ ମନ ନାଗୁଲୁ ହତ୍ୟା କରିଥିବା ନେଇ ଏକ ଲିଖିତ ଏତଲା ପ୍ରଦାନ କରିଥିଲା। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏସଆଇ ଅଜିତ ସିଂ ବରିହା ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଁଞ୍ଚି ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଡାଲିମଙ୍କ ମୃତ ଶରୀରକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୋଲିସର ସୂଚନା କ୍ରମେ ଗତକାଲି ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଁଞ୍ଚି ଯାଞ୍ଚ କରିଥିଲେ। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଖଇରପୁଟ ବିଡ଼ିଓଙ୍କ ଉପସ୍ଥିତରେ ପଞ୍ଚନାମା କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଶବ ବ୍ୟବଚ୍ଛେଦ ସାରିବା ପରେ ଡାଲିମଙ୍କ ମୃତ ଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ମୃତ ଡାଲିମଙ୍କ ସମ୍ପର୍କୀୟ ମନକୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା ଜାରୀ ରଖିଛି। ସ୍ଥାନୀୟ ଅଞ୍ଚଳରୁ ମିଳିଥିବା ସୂଚନା ମୁତାବକ ପୂର୍ବରୁ ଡାଲିମ ମୁର୍ଚ୍ଛା ରୋଗରେ ପୀଡିତ ଥିଲେ। ଏହି ପରିବାର ଲୋକେ ଆନ୍ଧ୍ରରେ ରହି ଏକ ଚିଙ୍ଗୁଡ଼ି ଫେକ୍ଟ୍ରିରେ କାମ କରୁଥିଲେ। ପ୍ରାୟ ୧୦ ଦିନ ପୂର୍ବେ ଉଭୟ ମନ ନାଗୁଲୁ ଏବଂ ଡ଼ାଲିମ ତାଙ୍କ ୩ପିଲାଙ୍କ ସହ ସମ୍ପର୍କୀୟଙ୍କ ଘର ଭୁତିଗୁଡାକୁ ଆସିଥିଲେ। ସାଇଣ୍ଟିଫିକ ଟିମର ରିପୋର୍ଟ, ପୋଷ୍ଟ ମଟମ ରିପୋଟ ଆସିବା ପରେ ଏବଂ ପୋଲିସର ତଦନ୍ତ ସାରିବା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ୨ ସବ୍‌ଇନ୍ସପେକ୍ଟର ସମ୍ଭାଳିଛନ୍ତି ୨ ଥାନା

## ଚାନ୍ଦବାଲି ଏସଡିପିଓ ପଦବୀ ୫ମାସ ହେଲା ଖାଲି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଓ ପୀରହାଟ ୨ଟି ଥାନାରେ ୨ଜଣ ସବଇନ୍ସପେକ୍ଟର ଥାନା ସମ୍ଭାଳିଛନ୍ତି। ଚାନ୍ଦବାଲି ଏସଡିପିଓ ପଦବୀ ୫ମାସ ଧରି ଖାଲି ପଡ଼ି ରହିଛି। ଆଗକୁ ହୋଲି ଆସୁଛି। ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତିହିଡ଼ି ଥାନା ଅଧୀନରେ ୧୯ଟି ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ମଧ୍ୟରୁ କେତେକ ପଞ୍ଚାୟତରେ ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ରାଧାକୃଷ୍ଣ ମେଳନ ଓ କୁମ୍ଭ ମେଳନ ଅନୁଷ୍ଠିତ ହେବ। ତନ୍ମଧ୍ୟରୁ ଐତିହାସିକ କାଳିମେଘା ସହିତ ଝାଡ଼ପଟା, କୋହ୍ଲ, ତିହିଡ଼ି ଇତ୍ୟାଦି ସ୍ଥାନରେ ରାଧାକୃଷ୍ଣ ମେଳନ ହେବାକୁ ଥିବା ବେଳେ ବାରୋ ଓ କୋହ୍ଲରେ କୁମ୍ଭ ମେଳନ ଅନୁଷ୍ଠିତ ହେବ। ବିଶେଷ କରି କାଳିମେଘା ଓ ଝାଡ଼ଫଟା ମେଳନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ବାରୋ କୁମ୍ଭ ମେଳନରେ ମଧ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହେବ। ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତତ୍ପର ରହବାକୁ ପଡ଼ିବ। ମାତ୍ର ତିହିଡ଼ି ଥାନାରେ ୫ଜଣ ସବ୍‌ଇନିଷ୍ପେକ୍ଟର ଆବଶ୍ୟକ ଥିବା ବେଳେ ୩ଜଣ କାର୍ଯ୍ୟରତ ଅଛନ୍ତି। ଏଏସଆଇ ୮ଜଣ ଆବଶ୍ୟକ ଥିବା ବେଳେ ୫ଜଣ ଅଛନ୍ତି। ସେହିପରି ଆହୁରି ୫ଜଣ କନେଷ୍ଟବଲଙ୍କର ଆବଶ୍ୟକତା ରହିଛି। ଚଳିତ ମାର୍ଚ୍ଚ ମାସ ଶେଷରେ ୩ଜଣ ହାବିଲଦାରଙ୍କ ମଧ୍ୟରୁ ୨ଜଣ ଅବସର ଗ୍ରହଣ କରିବେ। ଯାହାଫଳରେ ଥାନାରେ କର୍ମଚାରୀଙ୍କ ଅଭାବ ଦେଖାଦେବ। ତିହିଡ଼ି ଥାନା ଅଞ୍ଚଳ ଏକ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଗଣିତ ହୋଇଥିଲେ ମଧ ପୁଲିସ କର୍ମଚାରୀଙ୍କର ଅଭାବ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନେଇ ଅସମ୍ଭବ ହୋଇପଡ଼ିବ। ତେବେ ଏଇ ଥାନାରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ପୀରହାଟ ଥାନାରେ ସବଇନ୍ସପେକ୍ଟର ଥାନା ସମ୍ଭାଳୁଥିବା ବେଳେ ଆଉ ୨ଜଣ ସବଇନ୍ସପେକ୍ଟର ଅଛନ୍ତି। ଥାନାରେ ୩ଜଣ ଏଏସଆଇ ଆବଶ୍ୟକ କରୁଥିବା ବେଳେ ମାତ୍ର ଜଣେ ଏଏସଆଇ ଓ ୧୨ଜଣ କନେଷ୍ଟବଳ ଆବଶ୍ୟକ ଥିବା ବେଳେ ୫ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ମହିଳା ଥିବା ବେଳେ ଅନ୍ୟ ୨ଜଣ ୧୧୨ ଭ୍ୟାନରେ ନିୟୋଜିତ ରହିଛନ୍ତି। ପୀରହାଟ ଥାନା ଅଧୀନରେ ୧୨ଟି ପଞ୍ଚାୟତ ରହିଛି। ଏହି ସବୁ ପଞ୍ଚାୟତରେ ବିଭିନ୍ନ ସମୟରେ ସମସ୍ୟା ଉପୁଜୁଛି। ଥାନାରେ କର୍ମଚାରୀ ଅଭାବ ଥିବାରୁ ସମସ୍ୟା ସମାଧାନ କରାଯିବା କଷ୍ଟକର ହୋଇପଡୁଛି। ଏହାପରେ ମଧ ଜିଲାସ୍ତରରେ ବିଭିନ୍ନ ପୂଜା ପର୍ବାଣୀରେ ୨ଟି ଥାନାରୁ କିଛି କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଉ ଥିବାରୁ ଥାନାରେ ଆହୁରି କର୍ମଚାରୀ ଅଭାବ ଦେଖାଦେଉଛି। ଯାହାଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା କଷ୍ଟସାଧ ହୋଇପଡୁଛି। ତେବେ ପୀରହାଟ ଥାନାରେ ଖାଲି ପଡ଼ିଥିବା ପଦବୀକୁ ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ବନାଗ୍ନି ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ବନଖଣ୍ଡ ତରଫରୁ ଏକ ବନାଗ୍ନି ନିବାରଣ ଏବଂ ନିୟନ୍ତ୍ରଣ ନିମନ୍ତେ ଜନ ସଚେତନତା କାର୍ଯ୍ୟକ୍ରମ ବାଲିଡିହା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ ଓ ଏକ ଶାଳଗଛ ମୂଳରେ ପାରମ୍ପାରିକ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅତିଥିମାନେ ଜଙ୍ଗଲରେ କିଭଳି ଭାବରେ ନିଆଁ ନଲାଗିବ ସେ ସମ୍ପର୍କରେ ସଚେତନ କରାଇଥିଲେ। ସହକାରୀ ବନ ସଂରକ୍ଷକ ରବି ନାରାୟଣ ମହାନ୍ତି ଲୋକମାନଙ୍କୁ ଜଙ୍ଗଲ ନିଆଁ ସମ୍ବନ୍ଧରେ ତାଲିମ ଦେଇଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ଜଙ୍ଗଲ ସୁରକ୍ଷା ଓ ନିଆଁ ନ ଲଗାଇବା ନିମନ୍ତେ ସମୂହ ଶପଥ ପାଠ କରାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାରତୀ ହାସଂଦା, ଅଧକ୍ଷା ଜିଲ୍ଲାପରିଷଦ ମୟୂରଭଞ୍ଜ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ ପରିଚାଳନା କରିଥିଲେ। ତାଙ୍କ ସହିତ ସଂଗ୍ରାମ ଏନ୍.ଜି.ଓ ସମ୍ପାଦିକା ସୁଶ୍ରୀ ସଂଯୁକ୍ତା ବସା, ସ୍ୱାର୍ଦ୍ଦ ଏନ୍.ଜି.ଓ ସଂପାଦକ ବିବେକ ପଟନାୟକ, ଏ.ସି.ଏଫ୍ ବାରିପଦା ରବିନାରାୟଣ ମାହାନ୍ତି, ଏ.ସି.ଏଫ୍ ଶିମିଳିପାଳ ଦ. ପ୍ରଶାନ୍ତ କୁମାର ସାହୁ, ଏ.ସି.ଏଫ୍ ଶିମିଳିପାଳ ଉ. ଶୈଳେନ୍ଦ୍ର ଦାସ, ସଦର ଥାନା ବାରିପଦା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଅଗ୍ନି ନିବାରଣ ବିଭାଗର ସହକାରୀ ଅଧିକାରୀ ଗୁଣଧର ଜେନା, ଉଦଳା, ଦେଉଳୀ, ରାସଗୋବିନ୍ଦପୁର, ବାଙ୍ଗିରିପୋଷି, ବାରିପଦା, କପ୍ତିପଦାର ବନାଞ୍ଚଳ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶାମାଖୁଣ୍ଟା, ସିନ୍ଦୁରଗୌରା, ବାଲିଡିହା, କୁଚିଳାଘାଟି, ଭାଲୁକି ଏବଂ କଳାପଥର ଗ୍ରାମ ପଞ୍ଚାୟତର ସରପଞ୍ଚ ମାନେ ଏଥିରେ ଯୋଗ ଦେଇଥିଲେ। ଏହା ସହିତ ନିକଟସ୍ଥ ଅଞ୍ଚଳର ଦେହୁରୀ ଓ ଜଙ୍ଗଲ କମିଟିର ସଭା ସଭ୍ୟମାନେ ଉପସ୍ଥିତ ଥିଲେ।

# କାଠ ବୋଝେଇ ପିକ୍‌ଅପ୍ ଜବତ

ମୋରଡା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ପୋଲିସ ଏକ କାଠ ବୋଝେଇ ପିକ୍‌ଅପ୍‌କୁ ଜବତ କରିଛି। ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ନୂତନ ଥାନା ଅଧିକାରୀ ସତ୍ୟ ନାରାୟଣ ବଳ ଉକ୍ତ ଥାନା ଅଧୀନ କୋଷ୍ଠା ନିକଟରେ ଏକ ପିକ୍‌ଅପ୍‌କୁ ଅଟକାଇ ଥିଲେ ଏବଂ ବନବିଭାଗକୁ ଖବର ଦେଇଥିଲେ। ଏନେଇ ଏସିଏଫ ରବି ନାରାୟଣ ମହାନ୍ତି ଏବଂ ଦେଉଳି ରେଞ୍ଜର ବୁଦ୍ଧେଶ୍ୱର ବେହେରାଙ୍କୁ ପଚାରିବାରୁ ଉକ୍ତ ପିକଅପରେ ଆକାଶି କାଠ ଅଛି ଏବଂ ଏନେଇ ଡ୍ରାଇଭର ପଞ୍ଚାନନ ବେହେରାଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଯୁବକ ଗିରଫ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ଜଣେ ୧୩ ବର୍ଷୀୟ ନାବାଳିକାର ସରଳତାର ସୁଯୋଗ ନେଇ ତାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଗଲେ ଜଣେ ଯୁବକ। ତେବେ ଏହି ଘଟଣାରେ ଗିରଫ ହୋଇଥିବା ଯୁବକ ଜଣକ ହେଉଛନ୍ତି ମାଲକାନଗିରି ଜିଲ୍ଲା ଓର୍କେଲ ଥାନା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅଧିନସ୍ତ ସନିଆ ଗୁଡା ଗ୍ରାମର ଶୁକ୍ରା ଗୋଲପେଦା(୨୪) ବୋଲି ଜଣା ପଡିଛି। ତେବେ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏନେଇ ନାବାଳିକାଙ୍କ ପରିବାର ଲୋକେ ଗତ ୯ ତାରିଖ ଦିନ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଶୁକ୍ରା ନାମକ ଯୁବକଙ୍କୁ ଗିରଫ କରି ପ୍ରଥମେ ତାଙ୍କର ଡାକ୍ତରୀ ମାଇନା କରିବା ପରେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ମାଲକାନଗିରି ଜିଲ୍ଲା ଚାଇଲଡ ଲାଇନର ଏକ ସ୍ୱତନ୍ତ୍ର ଟିମ ଉକ୍ତ ଗ୍ରାମରେ ପହଁଞ୍ଚି ଘଟଣାର ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବ। ଏହି ଘଟଣାର ତଦନ୍ତ ଏସ ଆଉ ମିଳନ ବରିହା ଜାରୀ ରଖିଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ନିମାପଡ଼ାରେ ଥିବା ହୋଟେଲ, ଢାବା ଓ ଫାଷ୍ଟଫୁଡ୍ ଦୋକାନରେ ଖାଦ୍ୟ ଯାଞ୍ଚ ପାଇଁ ଦାବି

ନିମାପଡ଼ା,(ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ଅନେକ ହୋଟେଲ ଓ ଢ଼ାବା, ଫାଷ୍ଟଫୁଡ୍ ଦୋକାନ ଖୋଲା ଯାଇଥିଲେ ମଧ ସେଠାରେ କିପରି ଖାଦ୍ୟ ଦିଆଯାଉଛି ତାହାର ମାନ ପରୀକ୍ଷା କରାଯାଉ ନାହିଁ। ଯାହାପାଇଁ ଲୋକମାନେ ବାସି ମାଂସ ଖାଇ ରୋଗର ଶୀକାର ହେଉଛନ୍ତି। କିପରି ମାଂସ ଆସୁଛି, କେଉଁଠାରୁ ଆସୁଛି ତାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବାବେଳେ ପୁରୀ ଜିଲ୍ଲା ସାକ୍ଷୀଗୋପାଳର ଜୟା ହୋଟେଲରେ ଗୋମାଂସ ଖାଇ ଶତାଧିକ ବ୍ୟକ୍ତି ଲଣ୍ଡା ହୋଇ ପ୍ରାୟଶ୍ଚିତ କରୁଥିବା ବେଳେ ଅନେକ ବ୍ୟକ୍ତି ଲୋକ ଲଜ୍ୟାରେ କାହାକୁ ଜଣାଉ ନାହାନ୍ତି। ଥରେ ଗୋମାଂସ ଖାଇଲେ ହିନ୍ଦୁତ୍ୱ ନଷ୍ଟ ହୁଏ ବୋଲି କିମ୍ବଦନ୍ତୀ ରହିଛି। ଜାଣତରେ ହେଉ ବା ଅଜାଣତରେ ହେଉ ଗୋମାଂସ ଭକ୍ଷଣ କରିବା ଏକ ମହାପାପ ବୋଲି ବିବେଚନା କରାଯାଇଛି। ଏହି ଗୋମାଂସ ଭକ୍ଷଣକାରୀ ହିନ୍ଦୁ ମନ୍ଦିରକୁ ଯିବା ନିଷେଧ ବୋଲି ଆସ୍ତିକ ବ୍ୟକ୍ତିମାନେ ମତ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଜୟା ହୋଟେଲରେ ମଟନ ସହିତ ଗୋମାଂସ ରନ୍ଧା ଯାଇ ଦୀର୍ଘବର୍ଷ ହେବ ଗ୍ରାହକମାନଙ୍କୁ ଖାଇବାକୁ ଦିଆଯାଉଥିବା ବେଳେ ନିମାପଡ଼ା ଅଂଚଳର ଅନେକ ଗ୍ରାହକ ଏଥିରେ ସାମିଲ ଥିବା ଓ ଗୋମାଂସ ଭକ୍ଷଣ କରିଥିବା ଚର୍ଚ୍ଚା ଜୋର ଧରିଛି। ନିମାପଡ଼ା ଅଂଚଳରେ ଛତୁ ଫୁଟିଲା ପରି ଗୋଟିକ ପରେ ଗୋଟିଏ ହୋଟେଲ ଓ ଢ଼ାବା ଗଢ଼ି ଉଠିଛି। ବିନା ଆଦେଶରେ ଏମାନେ ହୋଟେଲ ଓ ଢ଼ାବା, ଫାଷ୍ଟଫୁଡ୍ ଦୋକାନ ଖୋଲି ଥିବା ବେଳେ ଖାଦ୍ୟର ମାନ ପରୀକ୍ଷା କରାଯାଉ ନାହିଁ କିମ୍ବା ସରକାରଙ୍କ ଠାରୁ ଆଦେଶ ନଆଣି ଅପମିଶ୍ରିତ ଖାଦ୍ୟ ବିକୁଛନ୍ତି। ଏହି ଅପମିଶ୍ରିତ ଖାଦ୍ୟ ଖାଇ ଅନେକ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଏହି ଘଟଣା ପ୍ରତି ଦୃଷ୍ଟି ଦିଆଯାଇ ହୋଟେଲ, ଢାବା ଓ ଫାଷ୍ଟଫୁଡ଼ ଦୋକାନରେ କେଉଁ ମାଂସ ଦିଆଯାଉଛି ତାହାର ମାନ ପରୀକ୍ଷା ପାଇଁ ସାଧାରଣରେ ଦାବୀ ହୋଇଥିବା ବେଳେ ଜୟା ହୋଟେଲ ମାଲିକକୁ କାହିଁକି ପୋଲିସ ଘଣ୍ଟ ଘୋଡ଼ାଉଛି ତାହା ଏବେ ସାଧାରଣରେ ଚିନ୍ତାପ୍ରକଟ କରିଛି। ହିନ୍ଦୁ ଲୋକମାନଙ୍କୁ ଗୋମାଂସ ଦେଇ ହିନ୍ଦୁତ୍ୱ ନଷ୍ଟ କରିଥିବା ବ୍ୟକ୍ତି ବିରୁଦ୍ଧରେ ପ୍ରଶାସନ ପଦକ୍ଷେପ ନେବା ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ଭାରସାମ୍ୟ ହରାଇ ଓଲଟିଲା ଟ୍ରକ




କଣ୍ଟାପଡା, (ଭାସ୍କର ନ୍ୟୁଜ୍): ଓଲଟପୁର ଥାନା ଅଧିନସ୍ତ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଲିଙ୍ଗାଘାଇ ପୋଲ ପାଖରେ ଫୁଲନଖରାରୁ ଅଡଶପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ଭାରସାମ୍ୟ ହରାଇଥିଲା। ଫଳରେ ସେଠାରେ ଥିବା ଦୋକାନ ଗୃହର ଦୋକାନୀ ସହିତ ପଥଚାରୀମାନଙ୍କ ଆଡ଼କୁ ଟ୍ରକ୍‌ଟି ମାଡ଼ି ଯାଇଥିଲା। କିନ୍ତୁ ସେମାନେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ଘଟଣା ସ୍ଥଳରେ ଓଲଟପୁର ଥାନା ପୋଲିସ ପହଁଚି ଗାଡିଟିକୁ ଜବତ କରିଥିବା ସୂଚନା ମିଳିଛି।



ନୂଆପଡ଼ା, (ଭାସ୍କର ନ୍ୟୁଜ୍ ) : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ କୁଲିଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାଝୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଲାଇବାନ ବାଗ, ଟିକେରାମ ମେହେର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ ତାଣ୍ଡି, ସଭ୍ୟ ଗରୁଡ ଶବର ପ୍ରମୁଖ ଯୋଗଦେଇ ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା ଆଗକୁ ଯାଇ ହୁଏ ତେଣୁ ସବୁବେଳେ ଅଧବସାୟ ସହ ଗୁରୁ ଗୁରୁଜନଙ୍କ କଥା ମାନି ଚଳିବା ପାଇଁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍କୁଲ ଛାତ୍ରଛାତ୍ରୀ ନୃତ୍ୟ ସଙ୍ଗୀତ ଓ ଡ୍ରାମା ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାକୁ ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ ପତି, ଚେରୁ ତାଣ୍ଡି, ଲତିକା ରାଉତ, ପରିଚାଳନା କମିଟିର ସଦସ୍ୟ ତଥା ଅଭିଭାବକ ଅଭିଭାବିକା, ଗ୍ରାମର ନାଗରିକ ବୃନ୍ଦ ଯୋଗଦାନ କରି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଲତିକା ମଞ୍ଜରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଖଡ଼ିଆଳ, (ଭାସ୍କର ନ୍ୟୁଜ୍ ) : ନୂଆପଡା ଜିଲ୍ଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନୂଆପଡ଼ାର ଓଡ଼ିଆ ବିଭାଗ ଓ ଓଡ଼ିଆ ଗବେଷଣା ପରିଷଦ କଟକର ମିଳିତ ଆନୁକୂଲ୍ୟରେ ଇତିହାସ ଓ ସାହିତ୍ୟର ମାନବ ବିଦ୍ୟା ଭିତ୍ତିକ ବିମର୍ଶ ପ୍ରସଙ୍ଗରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଡକ୍ଟର ଅକ୍ଷୟ କୁମାର ସାହୁ ଉଦ୍‌ଘାଟକ ଭାବରେ ଯୋଗଦେଇ ଆଲୋଚନାଚକ୍ରର ଅଭିଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି ତଥା ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ଏହି ଅଞ୍ଚଳର ଭାଷା, ସାହିତ୍ୟ ଓ ଲୋକବିଶ୍ୱାସ ସଂପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅଧିବେଶନର ସଭାପତି ଡକ୍ଟର ଅସିତ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ତଥା ଐତିହାସିକ ଡକ୍ଟର ଫଣୀନ୍ଦମ ଦେଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା ଓ ସାହିତ୍ୟର ଇତିହାସ ଉପରେ



ଆଲୋକପାତ କରିଥିଲେ। ଓଡ଼ିଆ ଗବେଷଣା ପରିଷଦ କଟକର ସଂପାଦକ ଡକ୍ଟର ଗୌରାଙ୍ଗ ଚରଣ ଦାଶ ସାହିତ୍ୟର ମାନବ ବିଦ୍ୟା ଭିତ୍ତିକ ଅଧ୍ୟୟନ ପ୍ରସଙ୍ଗରେ ଗଭୀର ଭାବରେ ଆଲୋଚନା କରିଥିଲେ। ଅଧ୍ୟାପକ ଜୟଶଙ୍କର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ତଥା ଆଲୋଚନାଚକ୍ରର ସଂଯୋଜକ ଡକ୍ଟର ଶ୍ରୀକାନ୍ତ କୁମାର ବାରିକ ଏହି ଅଧିବେଶନକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପର୍ଯ୍ୟାୟକ୍ରମେ ପରବର୍ତ୍ତୀ ଦୁଇଟି ବୈଷୟିକ ଅଧିବେଶନରେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଡକ୍ଟର ଅଞ୍ଜଳି ପାଢ଼ୀ, ଡକ୍ଟର ରଣବୀର ସିଂ, ପ୍ରଧ୍ୟାପକ ଲୋହିତାକ୍ଷ ଯୋଷୀ, ଡକ୍ଟର ଶ୍ରୀକାନ୍ତ କୁମାର ବାରିକ ନୂଆପଡ଼ା ଜିଲ୍ଲାର ଇତିହାସ, ନୃତତ୍ତ୍ୱ, ପ୍ରନ୍ତତତ୍ତ୍ୱ ଏବଂ ମୌଖିକ ମହାକାବ୍ୟ ସଂପର୍କରେ ଆଲୋଚନା କରିଥିବା ବେଳେ ଅବସରପ୍ରାପ୍ତ ଆୟକର କମିସନର ତଥା ବିଶିଷ୍ଟ ପ୍ରାବନ୍ଧିକ ଶ୍ରୀକାନ୍ତ ଚାଟାର୍ଜୀ, ଡକ୍ଟର ବାସୁଦେବ ସୁନାନୀ, ଡକ୍ଟର ରାମଚନ୍ଦ୍ର ମିଶ୍ର, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ସାମୁଏଲ ଦାନୀ, ଡକ୍ଟର ସୁଶାନ୍ତ ବିଶି, ଡକ୍ଟର ଲିଙ୍ଗରାଜ ସାହୁ ପ୍ରମୁଖ ନୂଆପଡ଼ା ଜିଲ୍ଲାର ସାଂସ୍କୃତିକ ସୌନ୍ଦର୍ଯ୍ୟ, ଲୋକକ୍ରୀଡ଼ା, ଲୋକଗୀତ, ପାରମ୍ପରିକ ନାଟ୍ୟକଳା , ଭାଷା ଓ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ଶିବପ୍ରସାଦ ବେହେରା, ଡକ୍ଟର ତରୁଣ ପ୍ରଧାନ, ଗାଳ୍ପିକା ସୁନନ୍ଦା ପ୍ରଧାନ, ଅଧ୍ୟାପିକା ମିନା ଗୁଜୁରାତି, ରମାକାନ୍ତ ସାହାଣୀ, କନକବର୍ଦ୍ଧନ ସାହୁ, ହରିହର ପଣ୍ଡାଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅଧ୍ୟାପକ ଅଧ୍ୟାପିକା, ଗବେଷକ ଗବେଷିକା, ଛାତ୍ରଛାତ୍ରୀ ତଥା ଆମ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ଏଥିରେ ଯୋଗଦେଇଥିଲେ। ପରିଶେଷରେ ଓଡ଼ିଆ ବିଭାଗମୁଖ୍ୟ ଜୟଶଙ୍କର ଭୋଇ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେଲ୍ ମାରୁଛି ସବୁ ଯୋଜନା........

## ୩ ବର୍ଷରେ ୨୨ହାତୀ ମୃତ, ହାତୀ ଆକ୍ରମଣରେ ୩୯ ଲୋକଙ୍କ ମୃତ୍ୟୁ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାରେ ହାତୀ ମୃତ୍ୟୁ, ହାତୀ ଆକ୍ରମଣରେ ଧନଜୀବନ ଫସଲ ହାନୀ, ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତାହତ ଘଟଣା ସବୁବେଳେ ଲାଗି ରହିଛି । ବନ୍ୟପ୍ରାଣୀଙ୍କ ମଧ୍ୟରେ ହାତୀକୁ ନେଇ ସବୁବେଳେ ଘଟଣା ଦୁର୍ଘଟଣା ଚାଲିଛି । ବନ ବିଭାଗ ଏସବୁକୁ ରୋକିବାକୁ ଅନେକ ପଦକ୍ଷେପ ନେଇଛି । ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ଗଜସାଥି, ସୁରକ୍ଷା ଯାନ, ବର୍ମି କମ୍ପୋଷ୍ଟ ମାଧ୍ୟମରେ ଜଙ୍ଗଲ ନିକଟ ଗ୍ରାମର ମହିଳାଙ୍କୁ ଆର୍ଥିକ ମାନଦଣ୍ଡ ବୃଦ୍ଧି ବ୍ୟବସ୍ଥା ସମେତ ଅନେକ ପଦକ୍ଷେପ ବିଭାଗ ଗ୍ରହଣ କରିଛି। ଫଳରେ ହାତୀ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ବୃଦ୍ଧି ହୋଇଛି। ବନ୍ୟପ୍ରାଣୀଙ୍କ ଦାଉରୁ ଧନଜୀବନ ଅନେକାଂଶରେ ସୁରକ୍ଷା ଦିଆଯାଇ ପାରିଛି। ତଥାପି ଜିଲ୍ଲାରେ ହାତୀ ମୃତ୍ୟୁ ସେତିକି କମିନାହିଁ କିମ୍ବା ବନ୍ୟପ୍ରାଣୀ ଆକ୍ରମଣରେ ଆହତଙ୍କ ସଂଖ୍ୟା ଶୂନ୍ୟରେ ପହଞ୍ଚିନାହିଁ। ବନ ବିଭାଗର ସୂଚନା ଅନୁସାରେ, କେନ୍ଦୁଝର ବନଖଣ୍ଡରେ ବର୍ତ୍ତମାନ ୧୨୯ରୁ ଅଧିକ ହାତୀ ଅଛନ୍ତି। ଗତ ତିନିବର୍ଷ ମଧ୍ୟରେ ୨୨ଟି ହାତୀର ମୃତ୍ୟୁ ହୋଇଛି। ଉକ୍ତ ସମୟ ମଧ୍ୟରେ ବନ୍ୟପ୍ରାଣୀ ଆକ୍ରମଣରେ ୩୯ ଜଣଙ୍କ ଜୀବନ ହାନି ଘଟିଛି ଏବଂ ୧୨୩ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ବନ୍ୟପ୍ରାଣୀ ଆକ୍ରମଣରେ ମୃତାହତଙ୍କ ନିମନ୍ତେ ତିନିବର୍ଷରେ ଘଟିଥିବା ଘଟଣାର କ୍ଷତିପୂରଣ ବାବଦରେ ୨କୋଟି ୧୦ ହଜାର ଟଙ୍କା ପ୍ରଦାନ କରାଯାଇ ସାରିଲାଣି। ସୂଚନା ଅନୁସାରେ, ୨୦୨୨-୨୩ ବର୍ଷରେ କେନ୍ଦୁଝର ବନଖଣ୍ଡରେ ୬ଟି ମାଇ ହାତୀ, ୪ଟି ଦନ୍ତା ହାତୀ ଓ ଗୋଟିଏ ଛୁଆ ହାତୀକୁ ମିଶାଇ ୧୧ଟି ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୩-୨୪ ବର୍ଷରେ ୨ଟି ଦନ୍ତା ହାତୀ, ୨ଟି ମାଇ ହାତୀ ଓ ୩ଟି ଛୁଆ ହାତୀକୁ ମିଶାଇ ୭ଟି ହାତୀର ମୃତ୍ୟୁ ହୋଇଛି । ୨୦୨୪-୨୫ରେ ୩ଟି ମାଇ ହାତୀ ଓ ଗୋଟିଏ ଛୁଆ ହାତୀକୁ ମିଶାଇ ୪ଟି ହାତୀର ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ୨୦୨୨-୨୩ ବର୍ଷରେ



ହାତୀ ଆକ୍ରମଣରେ ୧୨ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୧୧ ଜଣ ଲୋକ ଆହତ ହୋଇଥିଲେ । ସେହିପରି ଜଙ୍ଗଲୀ ଜନ୍ତୁ ଓ ଭାଲୁ ଆକ୍ରମଣରେ ୩୨ ଜଣ ଆହତ ହୋଇଥିଲେ । ଏଥିପାଇଁ ବନବିଭାଗକୁ ୫୧ଲକ୍ଷ ୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପଡିଥିଲା। ୨୦୨୩-୨୪ ବର୍ଷରେ ହାତୀ ଆକ୍ରମଣରେ ୧୬ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୨୨ ଜଣ ଆହତ ହୋଇଥିଲେ । ଭାଲୁ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୫ ଜଣ ଆହତ ଏବଂ ଜଙ୍ଗଲୀ ବାରାହା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିଲା । ଉକ୍ତ ବର୍ଷ ବନ ବିଭାଗ ୧କୋଟି ୧୧ ଲକ୍ଷ ୪୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲା । ୨୦୨୪-୨୫ ବର୍ଷରେ ଗତ ୬ ତାରିଖ ପର୍ଯ୍ୟନ୍ତ ହାତୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ ଜଣ ଆହତ ହୋଇଥିଲେ । ଭାଲୁ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଓ ୧୬ ଜଣ ଆହତ ହୋଇଥିବା ଜଣାପଡିଛି । ଗତବର୍ଷ ଡିସେମ୍ବର ପର୍ଯ୍ୟନ୍ତ ୩୭ଲକ୍ଷ ୬୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ: ସହାୟତା ପାଇଁ ଗରିବ ବାପା'ମା ଙ୍କ ନିବେଦନ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱରର ସମ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛି ଏକମାତ୍ର ପୁଅ । ତା'ର ଚିକିତ୍ସା ପାଇଁ ଘରେ ଯାହା ଥିଲା, ତାକୁ ବିକି ସାରିଛନ୍ତି। ଏବେ ପାଖରେ ଆଉ ଟଙ୍କାଟିଏ ବି ନାହିଁ। ଏଭଳି ସ୍ଥିତିରେ ଅଧିକ ଟଙ୍କା ଜମା କରିବାକୁ କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ସବୁଆଡୁ ନିରାଶ ହୋଇ ଶେଷରେ ସହାୟତା ପାଇଁ ପ୍ରଶାସନ ପାଖରେ ଆକୁଳ ନିବେଦନ କରିଛନ୍ତି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅଞ୍ଚଳର ଗରିବ ବାପା ନରସିଂହ ବେହେରା ଓ ତାଙ୍କ ପତ୍ନୀ ସସ୍ମିତା । ଆହତ ଯୁବକଙ୍କ ନାଁ ରୁଦ୍ର ପ୍ରସାଦ ବେହେରା। ନରସିଂହଙ୍କ କହିବାନୁଯାୟୀ, ତାଙ୍କ ପୁଅ ରୁଦ୍ର ଜିଲ୍ଲା ସଦର ମହକୁମାର ସତ୍ୟନାରାୟଣ ଘରୋଇ ବିଦ୍ୟାଳୟରେ ମେଡିକାଲ ଲ୍ୟାବରେଟୋରି ଟେକ୍ନୋଲୋଜିରେ ଡିପ୍ଲୋମା କରନ୍ତି। ୭ ତାରିଖରେ ସେଠାରୁ ବାହାରି ବାଇକ୍‌ରେ କାଲିମେଳା ଫେରୁଥିଲେ। ୩୨୬ ନମ୍ବର ଜାତୀୟ ରାଜପଥ ପୋଟେରୁ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ହସ୍ପିଟାଲରେ



ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଂଗୀନ ଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ଘରେ ଯାହା ଥିଲା, ସବୁ ବିକାବିକି କରି ଆମ୍ବୁଲାନ୍ସରେ ତାକୁ ନେଇ ଭୁବନେଶ୍ୱରର ସମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ବିଭିନ୍ନ ପରୀକ୍ଷା କରାଯାଇଛି। ଚିକିତ୍ସା ପାଇଁ ଅଧିକ ଟଙ୍କା ପୈଠ କରିବାକୁ ମେଡିକାଲ୍ କର୍ତ୍ତୃପକ୍ଷ କହିଛନ୍ତି । ପାଖରେ ଟଙ୍କା ନଥିବାରୁ ଉଭୟ ଦମ୍ପତି ଚିନ୍ତାରେ ପଡ଼ିଛନ୍ତି। ପରିବାର କହିଲେ, ସ୍ତ୍ରୀ ଓ ଏକମାତ୍ର ପୁଅକୁ ନେଇ ତାଙ୍କ ସଂସାର। ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରି ବହୁକଷ୍ଟରେ ପରିବାର ଚଳାଉଛନ୍ତି ଓ ତାଙ୍କ ପରିବାର ଅତ୍ୟନ୍ତ ଗରିବ। ବହୁକଷ୍ଟରେ ପୁଅକୁ ଘରୋଇ ବିଦ୍ୟାଳୟରେ ଡିପ୍ଲୋମା ପାଠ ପଢାଉଛନ୍ତି । ଏଭଳି ସ୍ଥିତିରେ ସେ ପୁଅର ଚିକିତ୍ସା ପାଇଁ ଅଧିକ ଟଙ୍କା କେଉଁଠୁ ଆଣିବେ, ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଉଭୟ ସ୍ୱାମୀ-ସ୍ତ୍ରୀ। ସବୁଆଡୁ ନିରାଶ ହେବା ପରେ ଶେଷରେ ପ୍ରଶାସନ ପାଖରେ ଗୁହାରି କରିଛନ୍ତି ଗରିବ ନରସିଂହ ଓ ତାଙ୍କ ସ୍ତ୍ରୀ ସସ୍ମିତା । ଜିଲ୍ଲା ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କ ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ନରସିଂହ ତାଙ୍କ ଆକାଉଣ୍ଟ ନମ୍ବର ୧୧୩୮୪୫୩୨୪ ଏସ୍‌ବିଆଇଏନ୍ ୦୦୦୧୩୨୫ ଏବଂ ରୁଦ୍ରଙ୍କ ଫୋନ'ପେ ନମ୍ବର ୯୮୬୧୭୮୫୨୬୯ରେ ସହାୟତା ପଠାଇବାକୁ ନିବେଦନ କରିଛନ୍ତି। ସହାୟତା ମିଳିଲେ ତାଙ୍କ ପୁଅ ଚିକିତ୍ସିତ ହୋଇ ନୂଆ ଜୀବନ ପାଇବ ବୋଲି ଗରିବ ଦମ୍ପତି ଅପେକ୍ଷା କରିଥିବା ଜଣା ପଡ଼ିଛି।

# ବାଲି ଚୋରାଚାଲାଣ ବେଳେ ଚଢାଉ

ନୂଆପଡ଼ା, (ଭାସ୍କର ନ୍ୟୁଜ୍ ) : ନୂଆପଡ଼ା ପୋଲିସ ପକ୍ଷରୁ ବାଲି ଚୋରାଚାଲାଣ ବେଳେ ଚଢାଉ କରିଛନ୍ତି। ସମୁଦାୟ ୧୧ ଗୋଟି ଯାନବାହାନ ଯାଞ୍ଚ କରିଥିବା ବେଳେ ସେଥିମଧ୍ୟରୁ ୪ଟି ମାମଲା ରୁଜୁ କରିଥିଲେ। ୪ଟି ଯାନବାହାନ ଜବତ୍ କରିଛନ୍ତି। ରାଜସ୍ୱ ବାବଦକୁ ୧୦ ଲକ୍ଷ ୨୭ ହଜାର ୭୬୪ ଟଙ୍କା ଜରିମାନା ଆଦାୟ କରିଥିବା ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି। ଦୀର୍ଘ ଦିନ ହେଲା ନଦୀରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ



ନଦୀରେ ଜେସିବି ଏବଂ ହାଇୱାରେ ବାଲି ବିକ୍ରି ହେଉଥିବା ଅଭିଯୋଗକୁ ଭିତ୍ତି କରି ତଦାରଖ କରିଛନ୍ତି।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବଡ଼ଯାତ୍ରାରେ ରସନା ଓ ଚଲ୍ହା ବଣ୍ଟନ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାର ଗଣପର୍ବ ବଡଯାତ୍ରା ଦୁଇଦିନ ଧରି ଚାଲିଥିବା ବେଳେ ଅତ୍ୟଧିକ ଗରମ ଓ ଭିଡ଼ ଦର୍ଶକମାନଙ୍କୁ ଅସ୍ତବ୍ୟସ୍ତ କରୁଛି। ଅନ୍ୟପଟେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟକ ଭକ୍ତ ଆସିଥିବା ବେଳେ ପ୍ରବଳ ଗରମ ମଧ୍ୟରେ ଭକ୍ତଙ୍କ ତୃଷ୍ଣା ନିବାରଣ ପାଇଁ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦୁଇଦିନ ଧରି ଭକ୍ତଙ୍କ ପାଇଁ ଥଣ୍ଡା ପାନୀୟ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଏପରି ସ୍ଥଳରେ ବଡଯାତ୍ରା ଦେଖିବାକୁ ଦୂର ଦୁରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଅନେକ ବୟସ୍କ ଓ ଛୋଟ ଛୋଟ ପିଲାଏ ଗରମ ଯୋଗୁଁ ପାନୀୟ ଜଳ ଟୋପେ ପାଇଁ ନାନା ସମସ୍ୟା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଗତ ଦୁଇଦିନ ଧରି, ପଣା, ଦହି ଚଲହା ଆଦି ବଣ୍ଟନ କରାଯାଇଥିଲା। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଗରମ ମଧ୍ୟରେ ସାମ୍ବାଦିକ ମାନେ ଗରମକୁ ଖାତିରି ନକରି ଅନବରତ ପାନୀୟ ଜଳ ଯୋଗାଇ ଚାଲିଥିଲେ। ସଂଘ ପକ୍ଷରୁ ଏହି ପାନୀୟ ଜଳ ପ୍ରଦାନ କାର୍ଯ୍ୟରେ ଜିଲ୍ଲା ସଂଘର କାର୍ଯ୍ୟକାରି ସଦସ୍ୟ ଓ ସଂଘର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ସହଯୋଗରେ କରିବାକୁ ହାତ ବଢ଼ାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ଏପରି ସମାଜସେବା କାର୍ଯ୍ୟକୁ ସାଧାରଣରେ ଭୁରିଭୁରି ପ୍ରଶଂସା କରାଯାଇଛି।

# ନିର୍ବାଚନ ପ୍ରକ୍ରିୟାକୁ ମଜବୁତ କରିବାକୁ କମିଶନଙ୍କ ଉଦ୍ୟମ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ଭାରତୀୟ ନିର୍ବାଚନ କମିଶନ ସମସ୍ତ ଜାତୀୟ ଓ ରାଜ୍ୟସ୍ତରିୟ ରାଜନୈତିକ ଦଳଙ୍କ ଠାରୁ ଏପ୍ରିଲ ୩୦, ୨୦୨୫ ସୁଦ୍ଧା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ), ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସ୍ତରରେ ଯେକୌଣସି ସମାଧାନ ହୋଇନଥିବା ସମସ୍ୟା ପାଇଁ ପରାମର୍ଶ ଆମନ୍ତ୍ରଣ କରିଛନ୍ତି। ରାଜନୈତିକ ଦଳଗୁଡ଼ିକଙ୍କୁ ଜାରି କରାଯାଇଥିବା ଏକ ବ୍ୟକ୍ତିଗତ ଚିଠିରେ, କମିଶନ ପ୍ରତିଷ୍ଠିତ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉଭୟପକ୍ଷର ସୁବିଧାଜନକ ସମୟରେ ଦଳ ସଭାପତି ଓ ବରିଷ୍ଠ ସଦସ୍ୟଙ୍କ ସହ ଆଲୋଚନା କରିବାକୁ ଯୋଜନା କରିଛନ୍ତି । ପୂର୍ବରୁ, ଗତ ସପ୍ତାହରେ ଭାରତୀୟ ନିର୍ବାଚନ କମିଶନ ସମ୍ମିଳନୀରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ରାଜନୈତିକ ଦଳଗୁଡ଼ିକ ସହ ନିୟମିତ ଆଲୋଚନା କରିବାକୁ ଏବଂ ବୈଠକରେ ପ୍ରାପ୍ତ ଯେକୌଣସି ପରାମର୍ଶକୁ ପୂର୍ବରୁ ଥିବା ଆଇନଗତ ଢାଞ୍ଚା ମଧ୍ୟରେ ସମାଧାନ କରିବା ସହ ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କମିଶନଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଶନ ରାଜନୈତିକ ଦଳଗୁଡ଼ିକୁ ବିକେନ୍ଦ୍ରୀକୃତ ସମ୍ପୃକ୍ତିର ଏହି ବ୍ୟବସ୍ଥାକୁ ସକ୍ରିୟ ଭାବେ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରୁଥିବା ସମ୍ବିଧାନ ଓ ସାମ୍ବିଧାନିକ ଢାଞ୍ଚା ଅନୁଯାୟୀ କମିଶନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୨୮ଟି ଭାଗୀମାନଙ୍କ ମଧ୍ୟରୁ ରାଜନୈତିକ ଦଳଗୁଡ଼ିକ ପ୍ରମୁଖ ବୋଲି କମିଶନ ରାଜନୈତିକ ଦଳ ଗୁଡ଼ିକୁ ଲେଖୁଥିବା ଚିଠିରେ ଉଲ୍ଲେଖ କରିଛନ୍ତି । ଭାରତର ପ୍ରତିନିଧ ଆଇନ ୧୯୫୦ ଓ ୧୯୫୧, ମତଦାତା ପଞ୍ଜୀକରଣ ନିୟମ ୧୯୬୦, ନିର୍ବାଚନ ନିୟମ ୧୯୬୧, ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶଗୁଡ଼ିକ ଓ ଭାରତ ନିର୍ବାଚନ କମିଶନ ଦ୍ୱାରା ପ୍ରକାଶିତ ନିର୍ଦ୍ଦେଶ, ମାନୁଆଲ୍ ଓ ହ୍ୟାଣ୍ଡବୁକ୍ ଗୁଡ଼ିକ (ଭାରତୀୟ ନିର୍ବାଚନ କମିଶନ ୱେବସାଇଟ୍‌ରେ ଉପଲବ୍ଧ) ଯାହା ଏକ ବିକେନ୍ଦ୍ରୀକୃତ, ସୁଦୃଢ଼ ଓ ସ୍ୱଚ୍ଛ ଆଇନଗତ ଢାଞ୍ଚା ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ନିଶ୍ଚିତ କରିଥାଏ।

# ବାରଡାଙ୍ଗୁଆରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ



କଣିହାଁ, (ଭାସ୍କର ନ୍ୟୁଜ୍ ) : କଣିହାଁ ବ୍ଲକ ବାରଡାଙ୍ଗୁଆ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଅଧୀବାସ ଅବସରରେ ନିକଟସ୍ଥ ବ୍ରାହ୍ମଣୀ କୂଳରେ ପୁରୋହିତଙ୍କ ଦ୍ୱାରା ଯଥା ରୀତିନୀତିରେ ପୂଜାର୍ଚ୍ଚନା ସାରିବା ପରେ ଶତାଧିକ ପୁରୁଷ ମହିଳା ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ପୋଖରିରୁ ଜଳପୂର୍ଣ୍ଣ କଳସୀ ଧରି ବନ୍ଧସାହି, ବିଜିଗୋଳ ନୂଆଁ ସାହି ଦେଇ ଗ୍ରାମସ୍ଥ ମଙ୍ଗଳା ପୀଠ ନାମଯଜ୍ଞ ସ୍ଥଳରେ କଳସୀ ସ୍ଥାପନ କରିଥିଲେ। ଶୋଭାଯାତ୍ରା ସମୟରେ ବାଜଣା, ଘଣ୍ଟ, ଶଙ୍ଖ ଓ ହରିନାମ ଧ୍ୱନୀରେ ପ୍ରକମ୍ପିତ ହୋଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସକାଳୁ ହରି ନାମ ସଂକୀର୍ତ୍ତନ ଚାଲିଥିଲା। ନିମନ୍ତ୍ରିତ ୨୦ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି ହୋଇଛି । ୨ଦିନ ପର୍ଯ୍ୟନ୍ତ ଗ୍ରାମ୍ୟ କମିଟିଙ୍କ ପକ୍ଷରୁ ଭକ୍ତ, ଶ୍ରାଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି । ବୁଧବାର ଏହି ଉତ୍ସବର ଉଦ୍‌ଯାପନୀ ଅବସରରେ ନାମଯଜ୍ଞ ବିଶ୍ରାମ, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଜନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଶନି ମହାରାଜଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ହିନ୍ଦୋଳ ବ୍ଲକ୍ ନୂଆଗାଁ ଗ୍ରାମପଞ୍ଚାୟତ ଖଳିବେରଣା ଗ୍ରାମରେ ଶ୍ରୀ ଶ୍ରୀ ଗ୍ରହରାଜ ଶନିଦେବ ମହାରାଜଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବ ଦୁଇ ଦିନ ଧରି ମହାଆଡ଼ମ୍ବରରେ ପାଳନ କରାଯାଇଥିଲା। ଭକ୍ତମାନେ ବ୍ରାହ୍ମଣପୁରୁଣା କୋଟ ଲିଙ୍ଗରା ନଦୀରୁ ୧୦୮କଳସ ବହନ କରି ବିଶାଳ ଶୋଭାଯାତ୍ରା ସହିତ ଘଣ୍ଟ, ଶଙ୍ଖ ଓ ମୃଦଙ୍ଗ ଶବ୍ଦ କୋଳାହଳରେ ଶ୍ରୀ ଶନିଦେବ ଠାକୁରଙ୍କର ଶୋଭାବର୍ଦ୍ଧନ କରାଯାଇଥିଲା । ଗ୍ରାମର କୁଳ ପୁରହିତ ବିଚିତ୍ରା ନନ୍ଦ ରଥଙ୍କ ନେତୃତ୍ୱରେ ରୀତି ନୀତି ଅନୁସାରେ ଏହି ଉତ୍ସବ ସମ୍ପାଦନ ହୋଇଥିଲା । ଆଖପାଖ ଅଞ୍ଚଳରୁ ପ୍ରାୟ ଦୁଇ ହଜାର ଭକ୍ତଙ୍କ ସମାବେଶ ହୋଇଥିଲା । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଟାଟା କମ୍ପାନୀ ମେରାମଣ୍ଡଳୀର ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ଅଧିକାରୀଙ୍କ ସମେତ ଟାଟା କମ୍ପାନୀର ସର୍ବେଶ୍ୱର ନାଥ, ବିଜୟ ହରିଚନ୍ଦନ, ନୂଆଗାଁ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଧର୍ମାନନ୍ଦ ସେନାପତି, ସଂଜପଡା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ପପୁ, ପାଇକ ପୁରୁଣାକୋଟ ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ଅଧିକାରିଣୀ ରୋଜାଲିନି ସାହୁ, ଖଳିବେରଣା ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ସିଏଚଓ ସୁନିତା ବେହେରା, ଏଏନଏମ ମିନତୀ ସାହୁ, ଗ୍ରାମର ଶନିଶ୍ଚର ସେବା ସମିତି, ଦିଗବିଜୟୀ କ୍ଲବ୍, ବୀଣାପାଣି କିଶୋର କ୍ଲବ୍‌ର ସମସ୍ତ ସଦସ୍ୟ ଓ ଗ୍ରାମ ବିକାଶ କମିଟିର ତତ୍ତ୍ୱାବଧାନରେ ଏହି ଉତ୍ସବକୁ ପାଳନ କରାଯାଇଥିଲା।

# ଦୁର୍ନୀତି ଅଭିଯୋଗ: ଶ୍ରମିକ ବଦଳରେ ମେସିନ୍‌ରେ ହେଉଛି କାମ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମନରେଗା ଯୋଜନାରେ ଲୋକଙ୍କ ବଦଳରେ ମେସିନ୍ କରୁଛି କାର୍ଯ୍ୟ । ଏହି ସରକାରୀ ପାଣ୍ଠିକୁ ଦୁରୁପଯୋଗ କରିବା କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମୁଖ୍ୟ ସାଧନ ପାଲଟିଛି। ଯାହାକି ମନରେଗାର ମୂଳ ଉଦ୍ଦେଶ୍ୟକୁ ଧ୍ୱଂସ କରିବାରେ ଲାଗିଛି। ଏପରି ଘଟଣା ଦେଖିବାକୁ ମିଳିଛି କାଲିମେଳା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତର ମନି ବେପାରୀଙ୍କ ଘର ଠାରୁ ଏମଭି ୧୪ ନମ୍ବର ମାଟି ରାସ୍ତା କାମରେ । ସ୍ଥାନୀୟ କିମ୍ବା ପଞ୍ଚାୟତ ଅନ୍ତର୍ଗତ ଶ୍ରମିକ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳୀରେ ରହିଥିବା ବେଳେ ଅତ୍ୟଧିକ ଲାଭବାନ ହେବାକୁ ଲକ୍ଷ୍ୟ ରଖି ବେଆଇନ୍ ଭାବେ ଶ୍ରମିକ ବଦଳରେ ପୋକ୍ଲିନ ମେସିନ୍ ଦ୍ୱାରା କାମ କରାଯାଇଥିବା ଅଭିଯୋଗ ହୋଇଛି। ମନି ବେପାରୀ ଘର ଠାରୁ ଏମଭି ୧୪ ନମ୍ବର ରାସ୍ତା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୯,୫୨,୦୦୦ ବ୍ୟୟ ଅଟକଳରେ ରାସ୍ତା କାମ ହୋଇଛି । ମନରେଗା ଯୋଜନାରେ ଶ୍ରମିକଙ୍କ ଦ୍ୱାରା କାମ ହେବା କଥା କିନ୍ତୁ ଦିନ ଦ୍ୱିପହରରେ ମେସିନରେ କାମ କରି ଦିଆଯାଇଛି ଅଳ୍ପ ପରିମାଣର ମାଟି ପକାଇ କାମସାରି ଦିଆଯାଇଥିବା ଅଭିଯୋଗ ହେଉଛି । ଗୋଟିଏ ବର୍ଷା ହେଲେ ମାଟିଗୁଡିକ ଧୋଇ ହୋଇଯିବ ବୋଲି ଅଞ୍ଚଳର ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଗ୍ରାମରେ କୌଣସି କାମଧନ୍ଦା ନଥିବାରୁ ଅଞ୍ଚଳବାସୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉ ଥିବାବେଳେ ମେସିନ ଦ୍ୱାରା କାମ ସାରି ଦିଆଯାଇଛି ବୋଲି ଅଭିଯୋଗ ଆସିଛି। ଏନେଇ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ଏସ୍‌ଡିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ ।

# ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାରକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ରାଜ୍ୟରେ ୨୪ ବର୍ଷର କୁଶାସନ ଯାଇଛି ବର୍ତ୍ତମାନ ଦୁଃଶାସନ ଶାସନ ଯୋଗୁଁ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି ଓ ଗୋଟିକ ପରେ ଗୋଟିଏ ମହିଳା ହିଂସା ଡବଲ ଇଞ୍ଜିନ ସରକାରର ମୁଖା ଖୋଲିଦେଇଛି। ରାଜ୍ୟ ସରକାର 'ବେଟି ବଚାଅ, ବେଟି ପଢ଼ାଓ' ସ୍ଲୋଗାନ ଦେଉଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ୮ ମାସର ଶାସନକାଳ ଲଜ୍ଜାରେ ଭରି ରହିଛି। ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି । ଏହା ବିରୁଦ୍ଧରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ୧୦ ତାରିଖ ଦିନ ଜିଲ୍ଲାପାଳ ଅଫିସ ଘେରାଉ କରିବାକୁ ଆହ୍ୱାନ ଦିଆ ଯାଇଥିବା ବେଳେ ଏହି ଆନ୍ଦୋଳନକୁ ସଫଳ କରିବାକୁ ଦଳର ବରିଷ୍ଠ ନେତା ଓ କର୍ମୀଙ୍କ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହିଥିବା କହିଛି କଂଗ୍ରେସ । ସ୍କୁଲରେ ନାବାଳିକା ଗର୍ଭବତି ହେବା ଓ ସନ୍ତାନ ପ୍ରସବ କଳାଭଳି ଘଟଣା ମୋହନ ସରକାରଙ୍କ ଶାସନର ବିଫଳତାକୁ ପ୍ରମାଣିତ କରୁଛି। ଚିତ୍ରକୋଣ୍ଡା, ଚମ୍ପୁଆ, ବରି, ଲକ୍ଷ୍ମୀପୁର ଅଂଚଳରେ ଏଭଳି ସାଂଘାତିକ ଘଟଣା ଦୃଷ୍ଟିକୁ ଆସିଛି । ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବବୋଲି ନିଷ୍ପତ୍ତି ନେଇଛି । ୨୦୨୩ରେ ରାଜ୍ୟରେ ୨୮୨୬ଜଣ, ୨୦୨୪ରେ ୩୦୫୪ ଜଣ ବଳାତ୍କାର ମାମଲା ରୁଜୁ ହୋଇଥିବା ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ମହିଳା ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ହିଂସା ପାଇଁ ଗୃହ ବିଭାଗ ସଂପୂର୍ଣ୍ଣ ଦାୟୀ । ରାଜ୍ୟରେ 'ମହିଳା ସୁରକ୍ଷା ବ୍ୟବସ୍ଥା' କେବଳ 'ନୀଳ ରଙ୍ଗ ବୋର୍ଡ'ରେ ସୀମିତ ହୋଇ ରହିଛି । ରାଜ୍ୟରେ ମହିଳାଙ୍କ ପ୍ରତି ଅସଦାଚରଣରେ ଓଡିଶା ଦେଶର ଚତୁର୍ଥ ସ୍ଥାନରେ ରହିଛି ଓ ମହିଳା ବିରୋଧୀ ଅପରାଧରେ ଦେଶରେ ସପ୍ତମ ସ୍ଥାନରେ ଅଛି । କେବଳ ନୀଳ ରଙ୍ଗର ବୋର୍ଡରେ ମହିଳା ସଶକ୍ତିକରଣ ବିଜ୍ଞାପନ ଦେଇ ସରକାର ନିଜର ଆତ୍ମପ୍ରଚାର ବନ୍ଦ କରିବାକୁ କହିଛି କଂଗ୍ରେସ।

# '୩୪ହଜାର ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ'

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ସରକାରଙ୍କ ଲକ୍ଷ ପତି ଦିଦି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ କର୍ମଶାଳା ଅନୁଷ୍ଠିତ ହେଉଛି । ଏହି ଅବସରରେ ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡ଼ିଆ ଠାରେ ଆୟୋଜିତ ଉତ୍ସବରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଆଗାମୀ ୫ ବର୍ଷରେ ରାଜ୍ୟରେ ୨୫ ଲକ୍ଷ ଜଣଙ୍କୁ ଲକ୍ଷପତି ଦିଦି କରାଯିବାର ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏହି ଅର୍ଥର ସୁବିନିଯୋଗ କରି କୌଣସି କାର୍ଯ୍ୟକୁ ଛୋଟ ନ ଭାବି ଠିକ୍ ଭାବରେ କରିଲେ ସମସ୍ତେ ଲକ୍ଷାଧିକ ଟଙ୍କା ରୋଜଗାର କରିପାରିବା ବୋଲି କହି ଉପସ୍ଥିତ ମା'ଭଉଣୀମାନଙ୍କୁ ଉତ୍ସାହିତ କରିଥିଲେ। ସେଥିପାଇଁ ୧୭ହଜାର ୯୯୮କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ ଢେଙ୍କାନାଳ ଜିଲ୍ଲାରେ ୧୪ହଜାର ଲକ୍ଷପତି ଦିଦି ସୃଷ୍ଟି କରାଯାଇ ସାରିଥିବାବେଳେ ୩୪ହଜାର ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ବୋଲି ଯୋଗାଣ ମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଭିନ୍ନ ଘରକରଣା ସାମଗ୍ରୀ ତିଆରି, କୁଟୀର ଶିଳ୍ପ କାର୍ଯ୍ୟ, ମସଲା ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟ କରି ନିଜ ପରିବାରର ଆର୍ଥିକ, ସାମାଜିକ ବିକାଶ ଦିଗରେ ସମସ୍ତେ ସହଯୋଗ କରି ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଭାଗିଦାର ହେବାକୁ କହିଥିଲେ । ଉତ୍ସବରେ କାମାକ୍ଷାନଗରର ମାନ୍ୟବର ବିଧାୟକ ଶତ୍ରୁଘ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ, ସରକାରଙ୍କ ଏହି ଅଭିନବ ଯୋଜନାର ସଦୁପଯୋଗ କରି ବିକାଶର ଧାରାକୁ ତୀବ୍ର କରିବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର ଯୋଗ ଦେଇ, ଋଣ ନେଇ ଏହାକୁ ନିଜ ବ୍ୟବସାୟ କାର୍ଯ୍ୟରେ ଲଗାଇ ଠିକ୍ ସମୟରେ ଋଣ ସୁଝି ନିଜର ଆର୍ଥିକ ଅବସ୍ଥାକୁ ସୁଧାରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା




ଜୀବିକା ମିଶନ ଢେଙ୍କାନାଳ ସୌଜନ୍ୟରୁ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧକ୍ଷତା କରିଥିଲେ । ଢେଙ୍କାନାଳ ଜିଲ୍ଲାରେ କୃଷି ଉଦ୍ୟୋଗ, କୁଟୀର ଶିଳ୍ପ ଆଦି ନିମନ୍ତେ ପର୍ଯ୍ୟାପ୍ତ ସୁବିଧା-ସୁଯୋଗ ରହିଛି। ଏହାର ସୁଯୋଗ ନେଇ ଲକ୍ଷପତି ଦିଦି ମାନେ ଆଗାମୀ ବର୍ଷରେ କୋଟିପତି ଦିଦି ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା-ଭଉଣୀମାନଙ୍କ ଦ୍ୱାରା ବିଭିନ୍ନ ଚାଷକାର୍ଯ୍ୟ, କୁଟୀର ଶିଳ୍ପ କାର୍ଯ୍ୟ, ସୌଖୀନ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି , ମସଲା ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ଓଡ଼ାପଡ଼ା ବ୍ଲକ୍‌ର ଇନ୍ଦିପୁର ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘକୁ ୪୫ ଲକ୍ଷ ଟଙ୍କା, କାମାକ୍ଷାନଗର ବ୍ଲକର ଅଁଳାବେରଣୀ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘକୁ ୩୫ ଲକ୍ଷ ଏବଂ ଭୁବନ ବ୍ଲକ୍‌ର ମହୁଲପାଳ ଗ୍ରାମ ପଞ୍ଚାୟତସ୍ତରୀୟ ୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଫଳରେ ଏହି କର୍ମଶାଳା ଅବସରରେ ମହିଳା ଗୋଷ୍ଠୀମାନଙ୍କୁ ବିଭିନ୍ନ କର୍ମସଂସ୍ଥାନ ସମ୍ପର୍କରେ ତାଲିମ ପ୍ରଦାନ କରାଯିବା ସହିତ ମହାସଙ୍ଘ ଗୋଷ୍ଠୀ ମାଧ୍ୟମରେ ମୋଟ ୧୧୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଯାହାକି ୩ଶହ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଏହି କର୍ମଶାଳା ଅବସରରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଓ ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ମହିଳାମାନେ ଯୋଗଦେଇଥିଲେ। ଏହା ବ୍ୟତୀତ କଙ୍କଡ଼ାହାଡ଼ ବ୍ଲକର ଶକ୍ତି ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସଦର ବ୍ଲକର ଜୟ ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୦ ହଜାର ଟଙ୍କା ଲେଖାଏଁ ଆବଣ୍ଟନ ପାଣ୍ଠି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଜୀବିକା ମିଶନର ପ୍ରକଳ୍ପ ସଂଯୋଜିକା ସତ୍ୟଭାମା ପ୍ରଧାନ କର୍ମଶାଳାର ଆୟୋଜନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଡାଙ୍ଗମାଳ ରେଞ୍ଜ ପରିସରରେ ଅଲିଭ ରିଡଲେ କଇଁଛ , ଡଲଫିନ , ନୀଳ ରକ୍ତ କଙ୍କଡ଼ା ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବମାନଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂନମ ହୀରା ହାଁସଦା,ଏସିଏଫ୍ ରାଜନଗରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ସୁଦର୍ଶନ ଗୋପୀନାଥ ଯାଦବ, ବନଖଣ୍ଡ ଅଧିକାରୀ, ରାଜନଗର ସୁରକ୍ଷା ବାର୍ତ୍ତା ଦେଇଥିଲେ। ଅନ୍ୟ ଅତିଥି ବୈଜ୍ଞାନିକ ଶିବ ପ୍ରସାଦ ପରିଡା ଡଲଫିନ ,ନୀଳ ରକ୍ତ କଙ୍କଡ଼ା ଏବଂ କଇଁଛ ମାନଙ୍କର ସୁରକ୍ଷା ପାଇଁ ସଚେତନତା କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଡାଙ୍ଗମାଳ ନାଗା ନାରାୟଣ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ଦେବା ସହିତ ଏହି ବାର୍ତ୍ତାକୁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇ ସଚେତନତା କରିବା ପାଇଁ ଉତ୍ସାହିତ କରିଥିଲେ। ଅନ୍ୟ ମୁଖ୍ୟ ଅତିଥି ଭାବେ ଗଗନ ବିହାରୀ ମଲ୍ଲିକ, ଏସିଏଫ୍ ରାଜନଗର , ପ୍ରସନ୍ନ କୁମାର ନାୟକ , ଗବେଷକ, ସମସ୍ତ ରେଞ୍ଜ ଅଧିକାରୀ ଉପସ୍ଥିତ ଥିଲେ। ପରିଶେଷରେ ମାନସ କୁମାର ଦାସ, ସହକାରୀ ବନ ସଂରକ୍ଷକ ଧନ୍ୟବାଦ୍ ଦେବା ସହିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। କନିକା ରେଞ୍ଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଗରିବଙ୍କୁ ମିଳୁନି ଯୋଜନାର ଲାଭ

## ଆଖି, ଟିପ ଚିହ୍ନ ନେବା ପରେ ବି ଚାରିମାସ ହେବ ମିଳିନି ଚାଉଳ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂଆ ସରକାରୀ ଆସିବା ପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତୃଣମୂଳ ସ୍ତରରେ କିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗରିବ ଲୋକମାନଙ୍କ ପାଖରେ ପହଞ୍ଚିବା ସେଥିନେଇ ବିଧାୟକଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ପ୍ରତିନିଧି ମାନେ ମଧ୍ୟ କାର୍ଯ୍ୟ କରୁଛନ୍ତି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଞ୍ଚାୟତରେ। ଗୋପାଳପୁର ଗ୍ରାମ ପଞ୍ଚାୟତର ଡ଼ିଲର ଉର୍ମିଳା ପାଢୀ (କୋଡ଼ ନଂ୧୩୦୧ ପି ୦୪୨) ସେ ଦୀର୍ଘ ଦିନ ହେବ ବିଗତ ସରକାରରେ ଡ଼ିଲ ଥାଇ ଆଦିବାସୀ ଲୋକମାନଙ୍କୁ ଭୁଆଁ ବୁଲାଇ ସେମାନଙ୍କର ଆଖି ଓ ଟିପ ଚିହ୍ନ ନେବା ପରେ ଚାଉଳ ଆସିଲେ ଦିଆଯିବ କରି ସେମାନଙ୍କୁ ଚାରି ମାସ ହେବ ଚାଉଳ ଦେଇନଥିବା ହିତାଧିକାରୀ ମାନଙ୍କ ମଧ୍ୟରୁ ଅଭିଯୋଗ ହୋଇଛି। ଏପରିକି ଅନେକ ବୟସ୍କ ଆଦିବାସୀ ମାନଙ୍କୁ ରାସନ ସାମଗ୍ରୀ ନଦେଇ ଅଫ ଲାଇନରେ ସେମାନଙ୍କର ଆଧାର ସଂଯୋଗ କରି ଚାଉଳ ହଡ଼ପ କରୁଥିବା ଅଭିଯୋଗ ହେଉଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ପରି ଉଦାହରଣ ଭାବେ ପଞ୍ଚାୟତର ଛବିନ୍ଦ୍ର ଦେହୁରିଙ୍କୁ ନିଆଯାଇପାରେ। ଛବିନ୍ଦ୍ର ଜାନୁଆରୀ ମାସ ଠାରୁ ଆଖି ଓ ଟିପ ଚିହ୍ନ ଦେଇଥିଲେ ମଧ୍ୟ ଅଦ୍ୟାବଧି ଚାଉଳ ପାଇନଥିବା ପ୍ରକାଶ କରିଛନ୍ତି। ସେହିପରି କଣ୍ଟେଇ ଦାସ ନାମକ ଜଣେ ବ୍ୟକ୍ତି ୫ ବର୍ଷ ତଳୁ ମୃତ୍ୟୁବରଣ କରିଥିଲେ ମଧ୍ୟ ଅଫ ଲାଇନରେ ଆଧାର ସଂଯୋଗ କରି ତାଙ୍କ ନାମରେ ରାସନ ସାମଗ୍ରୀ ଉଠାଯାଇ ହଡ଼ପ ହେଉଥିବା ଅଭିଯୋଗ ହେଉଛି। ଆହୁରି ମଧ୍ୟ ସମ୍ପୃକ୍ତ ଡ଼ିଲର ୨୫ ବର୍ଷ ହେଲା ନିଜ ଝିଅ ମଧୁସ୍ମିତା ପାଢୀଙ୍କ ନାମରେ ଅର୍ନ୍ତୋଦ୍ୟ ଯୋଜନାରେ ମାସିକ ୩୫ କିଲୋ ଚାଉଳ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ତାଙ୍କ ଝିଅ ୧୮ ବର୍ଷ ହେଲା ବାହା ହୋଇଥିବା ବେଳେ ତାଙ୍କ ଝିଅକୁ ଏବେ ପାଖାପାଖି ୧୫ ବର୍ଷ ହେଲାଣି। ଡ଼ଲରଙ୍କ ଝିଅ ରସଲପୁର ବ୍ଲକ କୁଆଖିଆ ନିକଟରେ ବିବାହ କରିଥିବା ବେଳେ ସେ ରାଉରକେଲାରେ ଅବସ୍ଥାନ କରନ୍ତି। ଦୀର୍ଘ ବର୍ଷ ହେବ ଡ଼ିଲର ମହାଶୟା ତାଙ୍କ ଝିଅ ନାମରେ ଅର୍ନ୍ତୋଦ୍ୟ ଯୋଜନା ହାତେଇ ନେଉଛନ୍ତି। ଏଥିନେଇ ବେଆଇନ ଭାବେ ସରକାରଙ୍କୁ ଠକି, ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସ କରି ଲକ୍ଷ ଲକ୍ଷ ଟଙ୍କାର ରାସନ ସାମଗ୍ରୀ ହଡ଼ପ କରିଥିବାର ଆକଳନ କରାଯାଏ। ତେବେ ନବୀନ ସରକାରଙ୍କ ସମୟରେ ଅନେକ ଥର ଅଭିଯୋଗ ହୋଇ ତଦନ୍ତ କରାଯାଇଛି। ମାତ୍ର ତଦନ୍ତ ସମୟରେ ସମ୍ପୃକ୍ତ ଡ଼ିଲର ତାଙ୍କ ବିବାହିତା ଝିଅ ଓ ନାତୁଣୀକୁ ଘରେ ଆଣି ଉପସ୍ଥିତ ଦର୍ଶାଇ ଖସିଯିବାରେ ସକ୍ଷମ ହୋଇଛନ୍ତି। ଫେବ୍ରୁଆରୀ ମାସରେ ଅଞ୍ଜନା ପାଢୀ (କାର୍ଡ଼ ନଂ ୧୩୦, ୧୨୨, ୧୧୦, ୫୧) ନାମଙ୍କ ଜଣେ ମହିଳାଙ୍କର ଅର୍ନ୍ତୋଦ୍ୟ କାଡ଼ ଥିବାବେଳେ ସେ ଡ଼ିଲରଙ୍କ ଘରକୁ ୧୫ ଦିନ ଭିତରେ ଦିନକୁ ଦୁଇଥର ଯିବା ପରେ ମଧ୍ୟ ଡିଲର ତାଙ୍କୁ ଚାଉଳ ନଦେଇ ଫେରାଇଦେଇଥିଲେ। ମାର୍ଚ୍ଚ ମାସରେ ତୁମର କାର୍ଡ଼ କଟିଗଲା ବୋଲି ଉର୍ମିଳା ଅଞ୍ଜନାକୁ କହିବା ପରେ ସେ ନିରୁପାୟ ହୋଇ ସୋମବାର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଗୁହାରୀ କରିଛନ୍ତି। ଗୋପାଳପୁର ପଞ୍ଚାୟତରେ ସମ୍ପୃକ୍ତ ଡ଼ିଲର ଉର୍ମିଳା ପାଢୀ ଦୁର୍ନୀତିର ସୀମାଲଙ୍ଘି ସାରିଛନ୍ତି। ଏ ସବୁ ଦୁର୍ନୀତି ତତ୍କାଳିନ ପଞ୍ଚାୟତ ନେତା ଓ ବିଧାୟକଙ୍କ ବାହୁଛାୟା ତଳେ ରହି ଚଳାଇଆସୁଥିଲେ ବୋଲି ଚର୍ଚ୍ଚା ହେଉଛି। ଏନେଇ ଡ଼ିଲର ଉର୍ମିଳା ପାଢୀଙ୍କୁ ସମସ୍ତ ଅଭିଯୋଗ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ସମସ୍ତ ଘଟଣାକୁ ସ୍ୱୀକାର କରିଛନ୍ତି। ତେବେ ସରକାର ବଦଳିଲା ପରେ ମଧ୍ୟ ସେ ଉର୍ମିଳା କାହା ସାହାସରେ ଦମ୍ଭୋକ୍ତି ସହ ଦୁର୍ନୀତି କରିଥିବା ସ୍ୱୀକାର କରିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ମାନସ କୁମାର ସିଅ ପଚାରିବାରେ ଅଞ୍ଜନା ପାଢୀଙ୍କ ଅଭିଯୋଗ ପତ୍ର ଆମେ ପାଇଛୁ। ଅନ୍ୟାନ୍ୟ ଦୁର୍ନୀତି ସମ୍ପର୍କରେ ଆମେ ଜାଣିନାହୁଁ। ଯଦି ସେପରି କିଛି ହୋଇଥାଏ ତେବେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବେ ତଦନ୍ତ ହେଉଛି ଓ କେବେ କାର୍ଯ୍ୟାନୁଷ୍ଠାନ ହେଉଛି ତାହକୁ ସାଧାରଣରେ ଅପେକ୍ଷା।

**ବିବାହିତା ଝିଅ ଓ ମୃତକଙ୍କ ନାମରେ ଉଠୁଛି ଚାଉଳ**

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକପ୍ରତିନିଧିଙ୍କ ଧାରଣା



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) :ମାହାଙ୍ଗା ବ୍ଲକ ପୋଡାମରାଇ ଗ୍ରାମପଂଚାୟତ ସମିତି ସଭ୍ୟା ତଥା ବିଜେଡି ନେତ୍ରୀ ଓ ତାଙ୍କ ସ୍ୱାମୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ଅଭିଯୁକ୍ତ ମାନଙ୍କୁ ଅବିଳମ୍ବେ ଗିରଫ ଦାବି ନେଇ ଆଜି ମାହାଙ୍ଗା ବ୍ଲକରୁ ନିର୍ବାଚିତ ଲୋକପ୍ରତିନିଧି ଭଦ୍ରେଶ୍ୱର ଥାନା ସମ୍ମୁଖରେ ଧାରଣା ଦେବା ଘଟଣାକୁ ରାଜନୀତି ଜୋର ଧରିଛି। ସୂଚନାଥାଉକି ପୋଡାମରାଇ ଗ୍ରାମପଂଚାୟତ ସମିତି ସଭ୍ୟା ତଥା ବିଜେଡି ନେତ୍ରୀ ମୋନାଲିସା ପ୍ରିୟଦର୍ଶିନୀ ସାହୁଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିଲାବେଳେ ମାହାଙ୍ଗା ଅଂଚଳର ଜଣେ ନିର୍ବାଚିତ ଲୋକପ୍ରତିନିଧିଙ୍କ ପ୍ରତ୍ୟକ୍ଷ ଇଙ୍ଗିତରେ ତାଙ୍କର ସମର୍ଥକମାନେ ସମିତି ସଭ୍ୟାଙ୍କ ଅଲ୍ଲୀଅରାସ୍ଥିତ ବାସଭବନରେ ରାତ୍ରରେ ପ୍ରବେଶ କରି ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ସ୍ୱାମୀଙ୍କ ଉପରେ ମଧ୍ୟ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ବୁଲେଟ ଚାବି ନେଇଯାଇଥିଲେ ଓ ମୋବାଇଲ ଫିଙ୍ଗିଦେଇଥିଲେ। ସ୍ଥାନୀୟ ଲୋକପ୍ରତିନିଧିଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ତାଙ୍କୁ ଜୀବନରୁ ମାରି ଦିଆଯିବ ବୋଲି ଧମକ ଦିଆଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସମିତି ସଭ୍ୟାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରୀତ କରାଯାଇଥିଲା। ଏସମ୍ପର୍କରେ ତାଙ୍କର ସ୍ୱାମୀ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ରାଜନୈତିକ ଚାପରେ ୪ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ପ୍ରଦାନ କରିଥିଲା। ବରଂ ଆକ୍ରମଣର ଶିକାର ହୋଇଥିବା ପତି ପତ୍ନୀଙ୍କ ନାମରେ ଏକ ପାଲଟା ମାମଲା ରୁଜୁ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ ଦାବି ନେଇ ଆଜି ପିଡିତା ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶିନୀ ତାଙ୍କର ସ୍ୱାମୀ ବାଇଧର ରାଉତ, ପଂଚାୟତ ସମିତି ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ସମିତି ସଭ୍ୟ ସଙ୍ଘର ସଭାପତି ଦୁର୍ଗାପ୍ରସାଦ ବାରିକ,ସରପଂଚ ରାଜକିଶୋର ବଳ, ରାଜେନ୍ଦ୍ର ସାହୁ, ଅନୁଶୟା ଦାସ ପ୍ରମୁଖ ବହୁ ନିର୍ବାଚିତ ଲୋକପ୍ରତିନିଧି ଭଦ୍ରେଶ୍ୱର ଥାନା ସମ୍ମୁଖରେ ଧାରଣା ଦେବା ସହ ଅଭିଯୁକ୍ତଙ୍କୁ ଅବିଳମ୍ବେ ଗରିଫ କରିବା ନିମନ୍ତେ ଦାବି କରିଛନ୍ତି । ରିପୋର୍ଟ ଲେଖାହେଲା ବେଳକୁ ଧାରଣା ଜାରି ରହିଥିଲା। ତେବେ ଏହି ଘଟଣାକୁ ନେଇ ପୋଲିସ ଧର୍ମ ସଙ୍କଟରେ ପଡିଥିଲା ବେଳେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଉଥିବା କାରଣରୁ ମାହାଙ୍ଗା ଦିନକୁ ଦିନ ଅଶାନ୍ତ ହେଉଥିବାରୁ ବୁଦ୍ଧିଜୀବୀମାନେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ପୋଲିସ ଏହି ଘଟଣାରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବେଆଇନ ଇଟାଭାଟି ଓ ଚୋରା ବାଲି ଚାଲାଣକୁ ନେଇ ଚଢାଉ




ଆଳି (ଭାସ୍କର ନ୍ୟୁଜ୍):ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଓ ବାଲିର ଅବୈଧ ଉଠାଣ ଓ ଚୋରା ଚାଲାଣ ଏବଂ ଅବୈଧ ଇଟା ଭାଟିର ନିର୍ମାଣକୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ଆଇଆଇସିଙ୍କୁ ନେଇ ସାତ ଗୋଟି ଏନଫୋର୍ସମେଣ୍ଟ ଟିମ ଗଠନ କରାଯାଇଥିଲା ଓ କେନ୍ଦ୍ରାପଡ଼ାଠାରେ ଅବସ୍ଥାପିତ ଖଣି ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡା, ଗରଦପୁର, ରାଜକନିକା ଏବଂ ମହାକାଳପଡ଼ା ତହସିଲ ଅନ୍ତର୍ଗତ ୧୯ ଗୋଟି ଇଟା ଭାଟି ଉପରେ ଚଢାଉ କରାଯାଇ ୩ ଗୋଟି ଟ୍ରାକ୍ଟର ଗରଦପୁର ତହସିଲରୁ ଜବତ କରାଯାଇଛି ଓ ଉପରୋକ୍ତ ଗାଡି ମଧ୍ୟରୁ ୧ ଗୋଟି ଟ୍ରାକ୍ଟରରୁ ମାଟି ଏବଂ ୨ ଗୋଟି ଟ୍ରାକ୍ଟରରୁ ବାଲି ଅବୈଧ ଚାଲାଣ ସମୟରେ ଜବତ କରାଯାଇଛି ଓ ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ ଏବଂ କେନ୍ଦ୍ରାପଡା ତହସିଲଦାର ତାପସ ଦେହୁରୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗରାପୁର ଆରଆଇ ସର୍କଲରେ ଥିବା ଇଟାଭାଟି ଉପରେ ମିଳିତ ଚଢାଉ କରାଯାଇଥିଲା ଓ ବିଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୨,୪୭,୦୦୦ ଟଙ୍କା ଜୋରିମାନା ଆଦାୟ ହେବା ସହ ଆଜି ପର୍ଯ୍ୟନ୍ତ ସମୁଦାୟ ୭,୪୭,୦୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଛି । ଚୋରା ଚାଲାଣ କାର୍ଯ୍ୟରୁ ବିରତ ନ ହେଲେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଚେତାବନୀ ଶୁଣାଇଛନ୍ତି। ଜନସାଧାରଣ ଜିଲ୍ଲା ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ଜିଲ୍ଲାପାଳ ଗଣମାଧ୍ୟମର ପ୍ରତିନିଧିମାନଙ୍କ ମାଧ୍ୟମରେ ଆଶାବ୍ୟକ୍ତ କରିଛନ୍ତି ।

# ପ୍ରଶିକ୍ଷଣ ଶିବିର

ଆସିକା(ଭାସ୍କର ନ୍ୟୁଜ୍): ଗ୍ରାମ ପଞ୍ଚାୟତମାନଙ୍କ ଆତ୍ମନିର୍ଭରଶୀଳତା ଭିତ୍ତିଭୂମି ବିଷୟରେ ପ୍ରଶିକ୍ଷଣ ଶିବିର ଆସିକା ପଞ୍ଚାୟତ ସମିତି ସଭା ଗୃହରେ ଗ୍ରାମ୍ୟ ପଂଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ ଓ ଦେବେନ୍ଦ୍ର ପାତ୍ର ତାଲିମ ପ୍ରଦାନ କରିଛନ୍ତି । ଗ୍ରାମ ପଞ୍ଚାୟତ ଗୁଡିକ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ହାସଲ କରିବା,ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ, ନିରାପଦ ଏବଂ ସୁଲଭ ଗୃହ ଯୋଗାଇବା, ପଂଚାୟତରେ ମୌଳିକ ସେବାକୁ ସୁନିଶ୍ଚିତ କରିବା,ସୃଷ୍ଟି ହେଉଥିବା କଠିନ ଏବଂ ତରଳ ବର୍ଜ୍ୟବସ୍ତୁ (ବିଘଟନଶୀଳ ଏବଂ ଅଣ ବିଘଟନଶୀଳ) ଏବଂ ଏହାର ପରିଚାଳନା, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ସର୍ବସାଧାରଣ ସ୍ଥାନରେ କାର୍ଯ୍ୟକ୍ଷମ ଶୌଚାଳୟ ସୁନିଶ୍ଚିତ କରିବା, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ଶକ୍ତି/ ବିଜୁଳିର ବିଭିନ୍ନ ଆବଶ୍ୟକତାକୁ ଆକଳନ କରିବା, ଦୋକାନ, ହୋଟେଲ ପରି ବ୍ୟବସାୟିକ ପ୍ରତିଷ୍ଠାନର ସୁବନ୍ଦୋବସ୍ତ, ଜଳ ପରିମଳ ପରିଚ୍ଛନ୍ନତା, ସେବା ଗୁଡିକ ନିମନ୍ତେ ଉପଯୁକ୍ତ ଟେକ୍ନୋଲୋଜି (କୌଶଳ) ବ୍ୟବହାର କରିବା,ସହଭାଗୀ ପ୍ରକ୍ରିୟା ମାଧ୍ୟମରେ ଭିତ୍ତିଭୂମି ପାଇଁ ଆବଶ୍ୟକତାର ଆକଳନ କରିବା, ସୃଷ୍ଟି ହୋଇଥିବା ସମ୍ପଦର ପରିଚାଳନା ନିମନ୍ତେ ଲୋକ ମାନଙ୍କ କମିଟି ଗଠନ କରିବା, ଜଳ ଏବଂ ପରିମଳ ସମ୍ପଦର ବ୍ୟବହାର ଏବଂ ଏହାର ପରିଚାଳନାର ମୁଖ୍ୟ ଦିଗ ଉପରେ ସଚେତନ କରିବା ସହ ଭିତ୍ତିଭୂମି ଆତ୍ମନିର୍ଭରଶୀଳ ଗ୍ରାମ ହେବା ପାଇଁ ଉପଯୁକ୍ତ ଯୋଜନାଗୁଡିକ ଚିହ୍ନଟ କରିବା ଉପରେ ତାଲିମ ଦିଆଯାଇଛି । ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ଭାଗ୍ୟଶିନୀ ମଣ୍ଡଳ ସଂଯୋଜନା କରିଥିଲେ।




# ବେଧଡ଼କ ବିକ୍ରି ଚାଲିଛି ନକଲି ଔଷଧ !




କୋରେଇ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କୋରେଇ ନିର୍ବାଚନମଣ୍ଡଳୀ ବର୍ତ୍ତମାନ ନକଲି ଔଷଧ ବିକ୍ରେତାଙ୍କ ପେଣ୍ଠ ସ୍ଥଳୀ ପାଲଟିଛି। ଗାଁ ଠୁ ସହର ଛତୁ ଫୁଟିଲା ଭଳି ଯୋଉଠି ଦେଖିବ ଔଷଧ ଦୋକାନ ଖୋଲିବାରେ ଲାଗିଛି ।ସରକାରଙ୍କ ଯେଉଁ ନୀତି ନିୟମ ରହିଛି ସେ ସବୁକୁ ଯେମିତି ଚୋରା ନକଲି ଔଷଧ ଦୋକାନୀ ଦଳି ମକଚି ଦେଉଥିବା ପରି ମନେ ହେଉଛି। କୋରେଇ , ବ୍ୟାସନଗର,ରଗଡ଼ି, କାଚରାସାହି,ପୂର୍ବକୋଟ, ବୈତରଣୀରୋଡ,ପାଣିକୋଇଲି, ଷଠୀପୁର,ଶଙ୍ଖଚିଲା ଭଳି ପ୍ରମୁଖ ସ୍ଥାନରେ ଥିବା ଅନେକ ଦୋକାନରେ ନକଲି ଔଷଧ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଔଷଧ ବ୍ୟବସାୟ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ନକଲି ଔଷଧ ରଖି ଅଧିକରୁ ଅଧିକ ମୁନାଫା କମାଇବାକୁ ଶସ୍ତା ରାସ୍ତା ବାଛିଛନ୍ତି ଔଷଧ ବିକ୍ରେତା। ଏହି ନକଲି ଔଷଧ ଭିତରେ ମାର୍କେଟରେ ଜିଙ୍କ୍ ସଲଫେଟ, ସୋଡିୟମ ଲାକଟେଟ, ହେପ୍ରେନ ସୋଡିୟମ ଇଞ୍ଜେକସନ ନିମ୍ନମାନର ବୋଲି ଧରାପଡ଼ିଛି। ଏହି ନକଲି ଔଷଧ ଗୁଡିକ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କୋଲକତା, ହାଇଦ୍ରାବାଦରୁ ଓଡିଶାକୁ ଆସୁଥିବା ସରକାରୀ ତଥ୍ୟ ରୁ ଜଣାପଡ଼ିଛି। ଏହି ନକଲି ଔଷଧର ଏକ ବିରାଟ ସିଣ୍ଡିକେଟ କୋରେଇରେ ଚାଲୁଥିବା ଅଭିଯୋଗ ହେଉଛି ।ଅନେକ ଔଷଧ ଦୋକାନୀ ବାହାର ରାଜ୍ୟରୁ ନକିଲି ଔଷଧ ଚୋରାରେ ଆଣି ନାମୀଦାମୀ କମ୍ପାନୀର ଷ୍ଟିକର ଲଗାଇ ବିକୁଥିବା ମଧ୍ୟ ଚର୍ଚ୍ଚା ହେଉଛି। ସାଧାରଣ ରୋଗୀ ହଜାର ହଜାର ଟଙ୍କା ରେ ଔଷଧ ନେଉଥିଲେ ମଧ୍ୟ ରୋଗରେ ଉପଶମ ମିଳିନଥିବା ବେଳେ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଏଠି ଛୋଟ ବଡ଼ ବ୍ୟବସାୟୀ ମାନେ ବାହାର ରାଜ୍ୟ ର ନକଲି ଔଷଧ କମ୍ପାନୀ ଶହ ମିଶି ଏଠାରେ ତୃତୀୟ ପକ୍ଷ ମାଲିକାନାରେ କମ୍ପାନୀ ଚଲାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏଥିରେ କୋରେଇ ଅଞ୍ଚଳର ଅନେକ ସରକାରୀ ଡ଼ାକ୍ତର ସାମିଲ ଥିବା ଶୁଣାଯାଉଛି। ସରକାରୀ ନିୟମ ଅନୁଯାୟୀ ଜଣେ ଫାର୍ମାସିଷ୍ଟ ହିଁ କେବଳ ଔଷଧ ଦୋକାନରେ ଔଷଧ ବିକ୍ରୟ କରିପାରିବ, କିନ୍ତୁ ଅନେକ ଦୋକାନରେ ନିଜସ୍ୱ ଫାର୍ମାସିଷ୍ଟ ନଥିବା ବେଳେ ଅନଭିଜ୍ଞ ଲୋକ ହିଁ ଔଷଧ ବିକୁଥିବା ଦେଖିବାକୁ ମିଳୁଛି ।ସାଧାରଣ ରୋଗୀ ଯେତେ ବେଳେ କୌଣସି ରୋଗରେ ପୀଡିତ ହେଉଛି ଏହି ନକଲି ଔଷଧ ସେବନ ଦ୍ୱାରା ଅନ୍ୟ ଏକ ରୋଗକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଏହି ସବୁ ଚୋରା କାରବାରକୁ କିଛି ଦୁର୍ନୀତିଖୋର ସରକାରୀ ବାବୁ ମୋଟା ଅଙ୍କର ଟଙ୍କା ନେଇ ପରୋକ୍ଷରେ ନକଲି ଔଷଧ କାରବାର କରୁଥିବା ମାଫିଆ ଙ୍କୁ ସହଯୋଗ କରୁଥିବା ଆଲୋଚନା ହେଉଛି। ଉତ୍କଳ ଡ୍ରଗ୍ସ ସଂଘରେ କାର୍ଯ୍ୟରତ ଜଣେ ସରକାରୀ କର୍ମଚାରୀ ଯାଜପୁର ଜିଲ୍ଲା ମଣ୍ଡଳ ଉନ୍ନୟନ କାର୍ଯ୍ୟାଳୟ ର ଏଷ୍ଟିମେଟର ଜେଇ ଦୀପକ ଆଚାର୍ଯ୍ୟ ଏହି ନକଲି ଔଷଧ କାରବାର ରେ ସଂଶ୍ଳିଷ୍ଟ ଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଜଣାପଡୁଛି ଯେ ଅନେକ ସରକାରୀ ଅଧିକାରୀ ମଧ୍ୟ ଏହି ରାକେଟ ପଛରେ ଥିବା ସନ୍ଦେହ ସୃଷ୍ଟି କରୁଛି ।ଏହି ନକଲି ଔଷଧ କାରବାର ବିଷୟରେ ନିକଟରେ ବିଧାନସଭାରେ ତର୍କ ବିତର୍କ ହୋଇଥିବା ବେଳେ ଦୋଷୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ତୁରନ୍ତ ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ନକଲି ଔଷଧ କାରବାର କରୁଥିବା ମାଫିଆ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି।

# ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ୧୩୫୩ ପଛୁଆବର୍ଗ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜ୍ୟୋତି ଫେଲୋସିପ୍ ପ୍ରଦାନ




କେନ୍ଦୁଝର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍ ?) ପକ୍ଷରୁ ମଙ୍ଗଳବାର ଯୋଡ଼ାରେ ଅନୁଷ୍ଠିତ ଅରୁଣିମା କାର୍ଯ୍ୟକ୍ରମରେ ଯୋଡ଼ା, ଖଣ୍ଡବନ୍ଧ ଏବଂ କଳମଙ୍ଗ ଅଞ୍ଚଳର ଅର୍ଥନୈତିକ ଅନଗ୍ରସର ଅନୁସୂଚିତ ଜାତି (ଏସ୍ସି) ଓ ଅନୁସୂଚିତ ଜନଜାତି (ଏସ୍ଟି) ବର୍ଗର ୧୩୫୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧.୪୭ କୋଟି ଟଙ୍କାର ଜ୍ୟୋତି ଫେଲୋସିପ୍ ପ୍ରଦାନ କରାଯାଇଛି । ଏହି ଦୁଇଦିନିଆ କାର୍ଯ୍ୟକ୍ରମ ର ଉଦଘାଟନୀ ଉତ୍ସବରେ, ଯୋଡା ଅଞ୍ଚଳର ୮୮୭ ଜଣ, ଖଣ୍ଡବନ୍ଧ ଅଞ୍ଚଳର ୧୧୫ ଜଣ, ନୀଳାଚଳ ଖଣି ଅଞ୍ଚଳ ର ୪୮ ଜଣ ଏବଂ କଳମଙ୍ଗ ଅଞ୍ଚଳର ୩୦୩ ଜଣ ଛାତ୍ରଛାତ୍ରୀଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଛି । ଏଥିରେ କେଉଁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ବଡବିଲ ଏସ୍ ଡି ପି ଓ ଦେବେନ୍ଦ୍ର ପିଙ୍ଗୁଆ, ବଡବିଲ ତହସିଲଦାର ଏସ୍ ଶୁଭଦର୍ଶୀ ଯୋଷୀ, ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲ୍ର କଳମଙ୍ଗ-ଗନ୍ଧଲପଡ଼ା ପ୍ରକଳ୍ପ ମୁଖ୍ୟ ଦୀପକ କୁମାର ବେହେରା, ଏନ୍ଆଇଏନ୍ଏଲ୍ ଖଣି ମୁଖ୍ୟ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ମୁଖ୍ୟ ଜି ଭି ସତ୍ୟନାରାୟଣ, ଟାଟା ଷ୍ଟିଲ୍ ଫାଉଣ୍ଡେସନ ଯୋଡା କ୍ଲଷ୍ଟର ମୁଖ୍ୟ ରବୀନ୍ଦ୍ର କୁମାର ଓ ଟିଏସ୍ଏଫ୍ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶିକ୍ଷାବୃତ୍ତି ପାଇଥିବା ବାମେବାରି ସରସ୍ୱତୀ ଶିଶୁ ମନ୍ଦିର ର ସୁଶ୍ରୀ ଦୀପିକା ଦାସ କହନ୍ତି, 'ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ଶିକ୍ଷାବୃତ୍ତି ଯୋଗୁଁ ହିଁ ମୁଁ ଆଜି ପାଠ ପଢି ଆଗକୁ ଯାଇପାରିଛି ଓ ଏଥିପାଇଁ ମୁଁ ଟି ଏସ୍ ଏଫ୍ କୁ ଧନ୍ୟବାଦ ଜଣାଉଛି । ଜୁରୁଡି ଜଗନ୍ନାଥ ହାଇସ୍କୁଲର ସୁବର୍ଣ୍ଣକ ଓ ଚମ୍ପିଆ କହନ୍ତି, 'ଟିଏସ୍ ଏଫ୍ ର ଏହି ଆର୍ଥିକ ସହାୟତା ଯୋଗୁଁ ମୁଁ ପାଠ ପଢି ଏବେ ଚାକିରି କରୁଛି ଏବଂ ମୋର ପରିବାର କୁ ପ୍ରତିପୋଷଣ କରିବାରେ ସାହାଯ୍ୟ କରିପାରୁଛି । ଉଦଯାପନୀ ଉତ୍ସବରେ 'ଦୀର୍ଘସ୍ଥାୟୀ ବିକାଶ ପାଇଁ ଜଳ - ବିଶ୍ୱ ଜଳ ସଙ୍କଟକୁ ଏଡ଼ାଇବା' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ଯେଉଁଥିରେ ଆଖପାଖ ଅଞ୍ଚଳର ମହିଳା ଓ କୃଷକ ମାନେ ବହୁସଂଖ୍ୟାରେ ଯୋଗଦାନ କରିବେ ଓ ଏଥିରେ ଦୀର୍ଘସ୍ଥାୟୀ ଜଳ ଓ କୃଷି ପ୍ରକଳ୍ପ, ଜଳ ସଂରକ୍ଷଣ ଢାଂଚା ଏବଂ ଜଳସେଚନ ପରିଚାଳନା, ଏବଂ ଅଭିନବ ସମାଧାନ ମାଧ୍ୟମରେ ଜଳ ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ଉପରେ ଗୁରୁତ୍ୱ ଦିଆଯିବ ଓ ଅରୁଣିମାର ଯୋଡା ସଂସ୍କରଣରେ ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନର ଆଭିମୁଖ୍ୟ ପ୍ରଦର୍ଶିତ ହୋଇଥିଲା । ଏହା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯୋଗ୍ୟ ଛାତ୍ରଛାତ୍ରୀ ମାନଙ୍କୁ ସମର୍ଥନ କରି ଗୋଷ୍ଠୀକୁ ସଶକ୍ତ କରିବା ପାଇଁ ଫାଉଣ୍ଡେସନର ସମର୍ପଣକୁ ପ୍ରତିଫଳିତ କରୁଛି ।

# ଗଡ଼ମାଟିଆପଡ଼ାରେ ସମନ୍ୱୟ ବୈଠକ

କଣାସ (ଭାସ୍କର ନ୍ୟୁଜ୍): ପରମ୍ପରା ସଂସ୍କୃତି ରକ୍ଷା କ୍ଷେତ୍ରରେ ଦୋଳ ମେଳଣ ଆଜି ଯାଏଁ ଗ୍ରାମାଞ୍ଚଳରେ ଏକ ଉଲ୍ଲେଖ ଭୂମିକା ଗ୍ରହଣ କରିଆସୁଛି । ଶାନ୍ତିଶୃଙ୍ଖଳାରେ ଗାଁ ପରିବେଶ ଓ ସଂହତି ରକ୍ଷା ହେଲେ ଦେଶ ରେ ଶାନ୍ତି ସୁଦୃଢ ହୋଇପାରିବ ବୋଲି କଣାସବ୍ଲକ ଗଡମାଟିାପଡା ଗ୍ରାମ୍ୟ କମିଟ ବୈଠକରେ ଆଜି ମୁଖ୍ୟ ଅତିଥିଭାବେ କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ସମ୍ମନୟ ବୈଠକରେ ଆସନ୍ତା ୧୮ ଓ ୧୯ ତାରିଖରେ ଦୁଇଦିନ ଧରି ଗଡମାଟିଆପଡାର ପୁରାତନ ମେଳଣ ଶାନ୍ତିଶୃଙ୍ଖଳାର ସମାହିତ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଏହି ଅବସରେ ଗ୍ରାମ୍ୟ କମିଟି ସଭ୍ୟମାନଙ୍କୁ ଟି ସାର୍ଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁପଶ୍ରୀ ଛୋଟରାୟ ଓ ସତ୍ୟବାନ ଶ୍ରୀଚନ୍ଦନ ଗ୍ରାମବାସୀଙ୍କୁ ସଂହତି ରକ୍ଷା ପାଇଁ ପରାମର୍ଶ ଦେଇଥିଲେ ।



# ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକର ୨୮୫ ଟି ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ହୋଇଥିବା ଅଭିଯୋଗ ସିଡିପିଓ ସ୍ମିତା ମହାନ୍ତି ନିକଟରେ ହୋଇଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି ପୂର୍ବରୁ ୨୮୫ଟି ଅଙ୍ଗନବାଡି କେନ୍ଦ୍ରକୁ ତିନିଟି ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ଯୋଗାଉଥିଲେ । ପୂର୍ବ ବିଜେଡି ସରକାର ସମୟରେ ରାଜନୈତିକ ଚାପ ଯୋଗୁଁ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁଆ ଯୋଗାଇବା ପାଇଁ କାଟି ଦିଆଯାଇଥିବାବେଳେ ଗୋଟିଏ ଗୋଷ୍ଠୀ କଣାସ ବ୍ଲକର ୨୮ ପଞ୍ଚାୟତରେ ଥିବା ୨୮୫ଟି ଅଙ୍ଗନବାଡି କେନ୍ଦ୍ରକୁ ଛତୁଆ ଯୋଗାଉଛି । ଏ ସଂପର୍କରେ କଣାସ ବ୍ଲକ ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି ନିମ୍ନମାନର ଛତୁଆ ଦିଆଯାଉଥିବା ଚାରୋଟି ଅଭିଯୋଗ ମୋ ପାଖରେ ପହଁଚିଛି ମୁଁ ଛତୁଆ ତିଆରି କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତି ମାସ ୨୩ ତାରିଖ ଦିନ ସରକାରୀ ନିୟମ ଅନୁଯାୟୀ ବିଭିନ୍ନ ପଦାର୍ଥ ମିଶ୍ରଣ କରାଯାଉଥିବାରୁ ମୋର ସୁପର ଭାଇଜର ଉପସ୍ଥିତ ରହୁଛନ୍ତି । ଅଭିଯୋଗ ପାଇବା ପରେ ମୁଁ ତଦନ୍ତ କରୁଛି ।

# ରାଶିଫଳ

**ଗୁରୁବାର, ୧୩ ମାର୍ଚ୍ଚ ୨୦୨୫**



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ସୁଖ-ଶାନ୍ତି ବୃଦ୍ଧି ହେବ। ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି।



**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। ବ୍ୟବସାୟକ୍ଷେତ୍ରରେ କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟରେ ଆକସ୍ମିକ ଧନ ପ୍ରାପ୍ତି ହେବା ଫଳରେ ବଢେଇବାର ପ୍ରୟାସ କରିବେ।



**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ। ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ।



**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। ବ୍ୟବସାୟକ୍ଷେତ୍ରରେ ବୃତ୍ତିଗତ ଦୃଷ୍ଟିରୁ ପରିଶ୍ରମ ବୃଦ୍ଧି ପାଇବା ଫଳରେ ସୁଖ ଶାନ୍ତି ବର୍ଦ୍ଧିତ ହେବ ଓ ସୁରକ୍ଷିତ ରହିବେ। ଭାତୃବିବାଦ ଓ ଜମିବାଡି ଜନିତ ଦ୍ୱନ୍ଦର ସମାଧାନ ହେବ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମପ୍ରାପ୍ତିର ସୂଚନା ପାଇବେ। ବ୍ୟବସାୟ କ୍ଷେତ୍ରରେ ପୁଞ୍ଜିଲଗାଣ, ଉଦ୍ୟୋଗ, ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ରାଜନୀତି କ୍ଷେତ୍ରରେ ଶତ୍ରୁ ଓ ବିରୋଧୀମାନେ ପରାସ୍ତ ହେବେ।



**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ। ଦାମ୍ପତ୍ୟ କଳହ ସମସ୍ୟାର ସମାଧାନ ହୋଇଯିବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ବକେୟା ଅର୍ଥ କିଛି ମିଳିବ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଦ୍ଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ। ପାରିବାରିକକ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁରସ୍ୱାଦ ଆସ୍ୱାଦନ କରିବେ।



**ମୀନ:** ବିଦ୍ୟା ଓ ବୁଦ୍ଧି କ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। କୋର୍ଟ-କଚେରୀ ଧନ୍ଦା ମଧ୍ୟରେ ଆଶ୍ୱସ୍ତି ବଢିବ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କର୍ମ କରିବାକୁ ବାଧ ହେବେ।



ଶୁଭ ଦୃଷ୍ଟି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କନ୍ଦେଇ ପଞ୍ଚାୟତ ଅଧିନସ୍ଥ ଟିକ୍ରାପଡାଗ୍ରାମରେ କୁକୁଡା ଚିଆଁ ବଣ୍ଟନ ଓ କୁକୁଡା ପାଳନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ବଲାଙ୍ଗିର ଗ୍ରାମ ଉଦ୍ୟୋଗ ସମିତି ଦ୍ୱାରା ଅଯୋଜିତ। ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ (ମୁଖ୍ୟ ଅତିଥି) ତୁରେକେଲା ବ୍ଲକ ସଦର ସରପଂଚ ଜଳନ୍ଧର ମହାକୁଡ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଚାଷୀମାନଙ୍କୁ କୁକୁଡା ଚିଆଁ ବଣ୍ଟନ କରିବା ସହିତ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁକୁଡା ଚାଷ, ଛେଳିଚାଷ,ପନିପରିବା ଚାଷ,ଜୈବିକ ପଦ୍ଧତିରେ ଚାଷ କରିବା ଦ୍ୱାରା ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଥିଲେ । ଏହି ଅବସରରେ ବଲାଙ୍ଗିର ଗ୍ରାମଉଦ୍ୟୋଗ ସମିତିର ଚେୟାରମ୍ୟାନ୍ ଶଶିଭୂଷଣ ପୁରୋହିତ ଓ ବିଭୁବନ୍ତ ବରାଳ ସଂଯୋଜକ ଜୟନ୍ତ ବାଗ, ରଘୁନାଥ ଭୋଇ ,କୁଶ ବାଗ, ଲିଙ୍ଗରାଜ ବେହେରା, ରାଜେଶ ବୋଇ, ବଣ୍ଡି ବେହେରା, ପ୍ରଦ୍ୟୁମ୍ନ ଓ ମୁରଲି ମେହେର କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ । ଟିକ୍ରାପଡା ଗ୍ରାମର ମହିଳା ଉଦ୍ୟୋଗୀ ପୂର୍ଣ୍ଣିମା ମାଝୀ ଗୋଟିଏ ଦିନର ସୁନାଲି କୁକୁଡା ଚିଆଁ ଆଣି ୨୨ ଦିନ ପରେ ୪୦ଜଣଙ୍କୁ ସଫଳତାର ସହ ବଣ୍ଟନ କରିଥିଲେ। ଯାହା ଚିଆଁର ଉପଯୁକ୍ତ ଯତ୍ନ ଦେବାରେ ଉଚିତ ତାଲିମ ପାଇଥିବାନେଇ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପଶୁପାଳନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

# ୨୦ହଜାରରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ଚିହ୍ନଟ

କୋରାପୁଟ(ଭାସ୍କର ନ୍ୟୁଜ) : ଆଜିର ପୁରୁଷ ପ୍ରଧାନ ସମାଜରେ ଅନେକ ମହିଳା ଭିନ୍ନଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ନାରୀ ସଶକ୍ତ ହେଲେ ଦେଶ ଆଗେଇବ । ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପରିଷଦ ଅଧକ୍ଷା ସସ୍ମିତା ମେଲେକା ଏଭଳି ମତ ରଖିଛନ୍ତି । ସ୍ଥାନିୟ ପୋଲିସ ପଡିଆରେ ଆୟୋଜିତ ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତିଭାସନ ଯୋଗଦେଇ କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର, ଏମବିକେ ଓ ସିଆରପି ପ୍ରମୁଖଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଯାଇଥିବା କହିଥିଲେ । ଏସ୍ଏଚ୍ଜି ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀର ବିକ୍ରିବଟା ପାଇଁ 'କୋଲାବ' ନାମରେ ଏକ ମୋବାଇଲ ଆପ ପ୍ରସ୍ତୁତ କରାଯାଇଛି । ଏହି ଆପରେ ଉତ୍ପାଦିତ ସାମଗ୍ରୀକୁ ଲିଙ୍କ୍ କରିପାରିବେ । ଆଜି ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାରେ ୨୦ହଜାରରୁ ଅଧିକ ଲକ୍ଷପତି ଦିଦି ଚିହ୍ନଟ ହୋଇଛନ୍ତି । ପ୍ରତି ଗାଁରୁ ୫ଜଣ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ପ୍ରଦାନ କରିଛନ୍ତି । ଏହାକୁ ପୂରଣ କରାଯିବ ବୋଲି ସେ ଆଶା ରଖିଥିବା ଜିଲ୍ଲାପାଳ କହିଥିଲେ । ମନରେଗା ଲୋକପାଳ ନଳିନୀ ଟାକ୍ରୁ ମଂଚ ପରିଚାଳନା କରିଥିବାବେଳେ ପ୍ରୋଗ୍ରାମ ମ୍ୟାନେଜର ବି.ସ୍ୱାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ମଂଚରେ କୋରାପୁଟ ବିଡିଓ ଡ.ଦେବାଶିଷ ଗୌଡଙ୍କ ସହିତ ଅନ୍ୟ ବ୍ଲକର ବିଡିଓମାନେ ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଉପକୃଷି ନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ, ନାବାର୍ଡର ଏଲଡିଏମ, ଓରମାସର ଡେପୁଟି ସିଇଓ ରୋଶନ କୁମାର କାର୍ତିକ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ସରକାରୀ ଯୋଜନା , ବ୍ୟାଙ୍କ ଋଣ, ବଜାର ଆଦି ସମ୍ପର୍କରେ ସଚେତନ କରିଥିଲେ । ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ମିଶନ ଶକ୍ତି, ଜୀବିକା ମିଶନର କର୍ମଚାରୀମାନେ ସହଯୋଗ କରିଥିଲେ ।



# ନୂତନ ବିଡିଓଙ୍କ ଯୋଗଦାନ କେବେ ?

ଖଡ଼ିଆଳ (ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ମୁରବିଶୂନ୍ୟ ହୋଇ ରହିଛି । ପୂର୍ବତନ ବିଡ଼ିଓ ବିରସେନ ବେହେରାଙ୍କ ଅନ୍ୟତ୍ର ବଦଳି ପରେ ପାଖାପାଖି ପାଞ୍ଚ ମାସରୁ ଊର୍ଦ୍ଧ୍ୱ ହେବ ବିଡ଼ିଓ ଚୌକି ଖାଲି ପଡିଛି । ଲୋକେ ବ୍ଲକକୁ ବିଭିନ୍ନ ସମସ୍ୟା ନେଇ ଆସିଲା ବେଳକୁ ବିଡ଼ିଓ ନଥିବାରୁ ନିରାଶ ହୋଇ ପଳାଉଛନ୍ତି । କିଛି ଗ୍ରାମ ପଂଚାୟତ ଖଡ଼ିଆଳ ବ୍ଲକ ଠାରୁ ପାଖାପାଖି ୨୦ କିଲୋମିଟର ଦୂରତା ରହିଛି । ଏହି କୋଡିଏ କିଲୋମିଟର ଦୂରରୁ ଭିନ୍ନକ୍ଷମ ବୃଦ୍ଧ ଲୋକେ ବହୁ କଷ୍ଟ ଆସି ଫେରି ଯାଉଥିବା ଅଭିଯୋଗ ହେଉଛି । ହାତ, ଗୋଡ, ଆଖି ହରାଇ ଥିବା ଭିନ୍ନକ୍ଷମ ତାଙ୍କ ଅଭିଯୋଗ କରିବାକୁ ଆସୁଥିବା ବେଳେ ଶ୍ରମିକ ମାନେ ମଧ୍ୟ ତାଂକ ମଜୁରୀ ଟଙ୍କା ପାଇ ନ ଥିବାରୁ ବ୍ଲକ ବିଡ଼ିଓ ଙ୍କ ପାଖକୁ ଆସୁଥିବା ଲୋକେ ମଧ୍ୟ ନିଜର ବିଭିନ୍ନ ସମସ୍ୟା ନେଇ ବ୍ଲକକୁ ଆସୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ହେଲେ ସମସ୍ତଙ୍କ ଆଶା ଭରଷା ତୁଟି ଯାଉଛି ବ୍ଲକ ପ୍ରତି । ସାଧାରଣ ଲୋକେ ହଇରାଣ ହେଉଛନ୍ତି । ବର୍ତ୍ତମାନ ଖଡ଼ିଆଳ ତହସିଲଦାର ନରସିଙ୍ଗ ଗଡଓ୍ୱା ବିଡ଼ିଓ ଦାୟିତ୍ୱରେ ଅଛନ୍ତି । ହେଲେ ବିଡ଼ିଓ ଚୌକିରେ ବସିବାକୁ ଚୌକି ହଲିଯାଉଛି । ଅର୍ଥାତ ବ୍ଲକକୁ ପହଞ୍ଚୁ ପହଞ୍ଚୁ ତହସିଲ କାମରେ ଆସିଥିବା ଲୋକେ ବ୍ଲକକୁ ଭେଟିବାକୁ ଆସୁଛନ୍ତି ହେଲେ ଭେଟି ପାରୁନାହାନ୍ତି । ତହସିଲ ଓ ବ୍ଲକ ଏହି ଦୁଇଟି ଅଫିସ ହେଉଛି ଲୋକଙ୍କ ଗୁରୁତ୍ୱ ବହନ କରୁଥିବା ଅଫିସ । ଏହି ଦୁଇଟି ଅଫିସରେ ଜଣେ ଅଫିସର ଦୁଇଟି ଚାର୍ଜରେ ରହି କାମ କରିବା ବହୁ କଷ୍ଟ । ଦୁଇଟି ଯାକ ପଦବୀ ହିଁ ଗୁରୁତ୍ୱ ବହନ କରୁଥିବା ପଦବୀ ଅଟେ। ହେଲେ ଓଡିଶା ସରକାର ପଂଚାୟତି ରାଜ ବିଭାଗ ତରଫରୁ ଖଡ଼ିଆଳ ବ୍ଲକକୁ ନୂତନ ବିଡ଼ିଓ ଭାବେ ମିଳନ ଝଙ୍କାରଙ୍କୁ ବିଡ଼ିଓ ଭାବେ ବଦଳି ହୋଇଛି. । ଆଜକୁ ପନ୍ଦର ଦିନରୁ ଅଧିକ ହେବ ବଦଳି ହୋଇଥିଲେବି ନୂତନ ବିଡ଼ିଓ ଯୋଗଦାନ କରିନାହାନ୍ତି । ତେଣୁ ଲୋକଙ୍କ ସମସ୍ୟାକୁ ଆଖି ଆଗରେ ରଖି ନୂତନ ବିଡ଼ିଓଙ୍କୁ ତୁରନ୍ତ ଯୋଗଦାନ କରିବାକୁ ସାଧାରଣରେ ପ୍ରଶାସନକୁ ଗୁହାରି କରିବା ସହ ଦାବି କରାଯାଉଛି । ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।




## ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ




ବରଗଡ଼ (ଭାସ୍କର ନ୍ୟୁଜ) :ବରଗଡ଼ ଜିଲ୍ଲା ଅନ୍ତର୍ଗତ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଙ୍କ ଅଧ୍ୟକ୍ଷତାରେ ମାର୍ଚ୍ଚ ୧୦ ସୋମବାର ଦିନ ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ର ଶୁଭାରମ୍ଭ ହୋଇଯାଇଛି । ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତି ର ସମ୍ପାଦକ ଅଶୋକ ଥପା ସ୍ୱାଗତ ଅଭିଭାଷଣ ପ୍ରଦାନ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଧବଳେଶ୍ୱର ମେହେର, ସହ ସମ୍ପାଦକ ବିନୋଦ ସାହୁ,କୋଷାଧ୍ୟକ୍ଷ ରଜତ ଭୋଇ, ହେମନ୍ତ ସାହୁ,ଦୀପକ ମେହେର,ଝାସକେତନ୍ ସାହୁ,ସୁନିଲ ବିର୍ତିଆ,ପ୍ରମୁଖ ଉପସ୍ଥିତ ରହି ସମବାୟ ବର୍ଷ ପାଳନ ଅବସରରେ ସଶକ୍ତ ସମବାୟ ପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ ।ପ୍ୟାକ୍ସ ସଭାପତି ପ୍ରଫୁଲ୍ଲ କୁମାର ନାଏକ ଏହି ଅବସରରେ ପତାକା ଉତ୍ତୋଳନ କରି ୨୦୨୫ ବର୍ଷ କୁ ଆନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ପାଳନ କରାଯିବାକୁ ଥିବା ବେଳେ ସମସ୍ତଙ୍କ ମିଳିତ ପ୍ରୟାସ ଓ ଉଦ୍ୟମ ରେ ଆଗାମୀ ଦିନରେ ସମବାୟ ସମିତି ଗୁଡ଼ିକ ଆହୁରି ସଶକ୍ତ ଓ ସୁଦୃଢ଼ ହେବ ବୋଲି ଉଲ୍ଲେଖ କରିଥିଲେ ।

## ଏପ୍ରିଲ ୭ରୁ ବନଦୁର୍ଗା ମହୋତ୍ସବ

# ସଂସ୍କୃତିର ସୁରକ୍ଷା ଓ ସମସ୍ୟା ସମାଧାନ ହେବ : ନରସିଂହ



ବଲାଙ୍ଗୀର (ଭାସ୍କର ନ୍ୟୁଜ) : ଏକ ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ଲୋୟର ସୁକତେଲ ବୁଡି ଅଂଚଳର ଲୋକେ ସବୁ କିଛି ତ୍ୟାଗ କରିଛନ୍ତି । ମା, ମାଟି, ମନ୍ଦିର, ଆତ୍ମୀୟ ସ୍ୱଜନ ଏ ସମସ୍ତଙ୍କୁ ଛାଡି ୨୯ ଖଣ୍ଡ ଗାଁର ଲୋକେ ବିସ୍ଥାପିତ ଅବା ପ୍ରଭାବିତ ହୋଇଛନ୍ତି। ସମସ୍ତଙ୍କ ଆରାଧ୍ୟା ଦେବୀ ମା' ବନଦୁର୍ଗାଦେବୀଙ୍କ ନାମରେ ବନଦୁର୍ଗା ମହୋତ୍ସବ କମିଟି ଗଠନ କରି ବନଦୁର୍ଗା ମହୋତ୍ସବ ସହ ମନ୍ଦିରର ପୁନଃଉଦ୍ଧାର କରିବାକୁ ଏକତ୍ରିତ ହୋଇଛନ୍ତି କର୍ମକର୍ତ୍ତା । ଆଜି ବନଦୁର୍ଗା ମହୋତ୍ସବ ମଂଚ ଭୂମିପୂଜା ଉତ୍ସବରେ ମହୋତ୍ସବ କମିଟିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ଥିବା ତଳି ତଥା ବୁଡି ଅଂଚଳର ଲୋକଙ୍କୁ ନିଜ ବକ୍ତବ୍ୟରେ କହିଛନ୍ତି ଏ ଉତ୍ସବ ମାଧ୍ୟମରେ ଏ ଅଂଚଳର ଲୋକଙ୍କର ଶିକ୍ଷା, ସଂସ୍କୃତି, ପରଂପରା ତଥା ସେମାନେ ଭୋଗୁଥିବା ସମସ୍ୟାକୁ ନେଇ ଏକ ଉତ୍ତମ ମାହୋଲରେ ମତ ବିନିମୟ କରିପାରିବା ଯାହାକି ଶିକ୍ଷା, ସଂସ୍କୃତି, ପରଂପରାର ସୁରକ୍ଷା ଓ ସମସ୍ୟାର ସମାଧାନ ଦିଗରେ ଆମକୁ ସାହାଯ୍ୟ କରିବ । ଲୋୟର ସୁକତେଲ ଡେମ ତଳେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ମଣ୍ଡଳିର ପୂର୍ବତନ ମୁଖ୍ୟମନ୍ତ୍ରୀ ବେଲାର ସିଂ ଭୋଇ, ଗୌନ୍ତିଆ ଲୋକନାଥ କୁମୁରା, ଝାଙ୍କରପାଲି ଗୌନ୍ତିଆ ଦୁର୍ଗା ଭୋଇ, ସାମାଜିକ କର୍ମୀ ଧର୍ମେନ୍ଦ୍ର ନନ୍ଦ, ଲୋଚନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଉତ୍ସବ ଆୟୋଜନରେ ମୁଖ୍ୟତଃ ମାଗୁରବେଡା, ଗ.ଶ. ଡୁଙ୍ଗୁରିପାଲି, କୁଶମେଲ, କୁଟୁମ ଡୋଲା, ଖୁଣ୍ଟପାଲି, ରେଙ୍ଗାଲି, ରତାଖଣ୍ଡି, ବାରପୁଡୁଗିଆ, ଝାଙ୍କରପାଲି ଓ ଚୁଡାପାଲି ପଂଚାୟତର ଜନପ୍ରତିନିଧି ଅଜୟ ରାଜ ଗଡତ୍ୟା, ପ୍ରମୋଦ ପଟେଲ, ସଦାଶିବ କଣ୍ଡେର, କୌସ୍ତୁଭ ସାହୁ, ହିମାଞ୍ଚଳ ମେହେର, ଲୋଚନ ବିଶ୍ୱାଳ, ବ୍ୟାସଦେବ ବଞ୍ଚୋର, ବ୍ୟାସଦେବ ଥନାପତି, ଶ୍ରୀଧର ବାରିକ, ଲମ୍ବୋଦର ପଧାନ, ଗିରିଧାରୀ ପୁଟା, ନିରାକାର ଧରୁଆ, ପ୍ରତାପ ତେଜି, କିଶୋର ଗଡତ୍ୟା, ବୃନ୍ଦ ଗଡତ୍ୟା, ଶାନ୍ତନୁ ସିଂ, ଗଣନାଥ ଭୋଇ, ଅଶୋକ ପଟେଲ, ଭରତ ସାହୁ, ଅଶ୍ୱିନୀ କ୍ଷେତି, ଡ଼ ରାଧାକାନ୍ତ ଭୋଇ, ରାମ ଆଦବରିଆ, ସୁଶିଲ ବେହେରା ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆସନ୍ତା ଏପ୍ରିଲ ମାସ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ଏହି ମହୋତ୍ସବ ପ୍ରମୁଖ କହିଛନ୍ତି।

# 'ଲକ୍ଷପତି ଦିଦି' ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା




ନୂଆପଡା(ଭାସ୍କର ନ୍ୟୁଜ୍): ): ନୂଆପଡା ସଦର ସ୍ଥିତ ପୋଲିସ ପଡିଆ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଓଡିଶା ଜୀବିକା ମିଶନ, ନୂଆପଡା ଆନୁକୂଲ୍ୟରେ 'ଲକ୍ଷପତି ଦିଦି' ସମ୍ପର୍କିତ ଏକ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ ସମାରୋହରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଏପି ଡି ଯୋଗେଶ୍ୱର ଭୋଇ, ଏଲ୍ ଡି ଏମ୍ ସୀତାରାମ ମେହେରଙ୍କ ସହିତ ଉକ୍ତ କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସୁନୀଲ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇ ଲକ୍ଷପତି ଦିଦି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହା ଦିନଦୟାଲ ଅନ୍ତୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅନ୍ତର୍ଗତ ଭାରତ ସରକାର ଓ ଓଡିଶା ସରକାରଙ୍କ ଏକ ସମ୍ମିଳିତ କାର୍ଯ୍ୟକ୍ରମ। ଏହାଦ୍ୱାରା ଜିଲ୍ଲାର ଅନେକ ମହିଳା ଉପକୃତ ହୋଇ ପାରିବେ । ଜିଲ୍ଲାପାଳ ଉପସ୍ଥିତ ମହିଳା ମଣ୍ଡଳୀକୁ ସମ୍ବୋଧନ କରି କହିଲେଯେ ଏହି କର୍ମଶାଳା ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଆଣିବା ଦିଗରେ ବିଶେଷ ସହାୟକ ହେବ। ଏହାଦ୍ୱାରା ସେମାନଙ୍କର ଜୀବନ ଧାରଣ ମାନ ଉନ୍ନତ ହେବ ଏବଂ ସେମାନେ ସ୍ୱାବଲମ୍ବୀ ଓ ସଶକ୍ତ ହେବେ । ସଭାରେ ଜିଲ୍ଲା କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପ ରଞ୍ଜନ ସାହୁ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ୍ ସାହୁ, ଉପ ନିର୍ଦ୍ଦେଶକ ଜଳ ବିଭାଜିକା ପ୍ରକଳ୍ପ ରଶ୍ମୀ ରଞ୍ଜନ ପାତ୍ର ପ୍ରମୁଖ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ନିଜ ବିଭାଗ ଦ୍ୱାରା ମହିଳାମାନଙ୍କୁ ସଶକ୍ତି କରଣ କରିବା ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସଭାରେ ନାଜ୍ ରୁନ୍ ବାଇ, କୌଶଲ୍ୟା ଦାଶ, ହିରନ୍ୟମୟୀ ପରିଡ଼ା, ନିଲେନ୍ଦ୍ରି ଛତ୍ରିଆ ଏବଂ କଳ୍ପଲତା ପ୍ରଧାନଙ୍କୁ ଉତ୍ତମ ଲକ୍ଷପତି ଦିଦି ହିସାବରେ ସମ୍ମାନିତ କରାଯାଇଥିଲା।

## ଦୁର୍ଘଟଣାରେ
# ୫ ଗୁରୁତର, ୧୫ ଆହତ

ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ସୁନାପୁର ବିଜୁ ଏକ୍ସପ୍ରେସ ୱେ ରେ ଡିଜେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଅଛି । ଏହି ଗାଡ଼ିରେ ମୋଟ ୨୦ ଜଣ ବାଦ୍ୟ କଳାକାର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ତରବୋଡ ଗ୍ରାମକୁ ଯାଉଥିବା ବେଳେ ଗାଡ଼ି ଟି ସୁନାପୁର ଠାରେ ଦୁର୍ଘଟଣା ଗସ୍ତ ହୋଇଅଛି। ୫ ଗୁରୁତର ଆହତ ହୋଇଥିବା ବେଳେ , ୧୫ ଜଣ ସାମାନ୍ୟ ଆହତ ହୋଇଛନ୍ତି। ପାଞ୍ଚ ଜଣ ଗୁରୁତର ଆହତଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ପାଇଁ ଭର୍ତ୍ତି ହୋଇଛନ୍ତି। ସେହିପରି ୧୫ ଜଣ ଙ୍କୁ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହୋଇଥିବା ବେଳେ ଗାଡ଼ିକୁ ଉଦ୍ଧାର କରାଯାଉଅଛି। ଡୋଟୋ ଗ୍ରାମର ଡିଜେ ଗାଡ଼ି ତରବୋଡ କୁ ବିବାହ କାର୍ଯ୍ୟକ୍ରମ ପାଇଁ ଯାଉଥିଲା। ଭାରସାମ୍ୟ ହରାଇ ଗାଡ଼ି ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ବାଟିବେଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉମରକୋଟ(ଭାସ୍କର ନ୍ୟୁଜ) : ଉମରକୋଟ ନିକଟସ୍ଥ ସରକାରୀ ଆଶ୍ରମ ବିଦ୍ୟାଳୟ ବାଟିବେଡ଼ା ଠାରେ ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ପାଳନ ହେଇ ଯାଇଛି । ଅନୁଷ୍ଠିତ ଉତ୍ସବରେ ପ୍ରଧାନଶିକ୍ଷକ ଫ୍ରମି ଶେଷ ନାଗ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଝରିଗାଁ ବିଧାୟକ ଙ୍କ ପ୍ରତିନିଧି ଲବ ଦତ୍ତ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର , ବରେଣ୍ୟ ଅତିଥି ଭାବରେ ଉମରକୋଟ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଧୁ ଭୂଷଣ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅଜିତ ଚନ୍ଦ୍ର ବିଶ୍ୱାସ, ତୁମ ନାଥ ନାୟକ, କୁମର ପୁଜାରୀ, ଯୁଧିଷ୍ଠିର ପାଣ୍ଡେ, ସୁନିଲ କୁମାର ପାଢୀ, ବିଶ୍ୱ ଜିତ ମହାରଣା, ଅନିଲ ସୁନା, ଦୂର ସାୟ ନାୟକ, ଶିବ ଚରଣ ପନକା, ନରସିଂହ ପାଣ୍ଡେ, ନିରଞ୍ଜନ ମାଝି, ଜୋଲି ମହାପାତ୍ର, ସରସ୍ୱତୀ ବେହେରା, ମମିତା ସ୍ୱାଇଁ, ଜୟନ୍ତୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ନାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସର ରେ ଅବସରପ୍ରାପ୍ତ ତୁମ ନାଥ ନାୟକ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପ ଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପରିଚାରକ ମହେନ୍ଦ୍ର ପ୍ରସାଦ ମାଳି, ମରଣଉୋର ଭାବେ ସେବାୟତ ନୀଳାମ୍ବର ଭତ୍ରାଙ୍କ ଭାଇ ଗଣେଷ ଭତ୍ର। , ଶ୍ରେଷ୍ଠ ସହକାରୀ ଶିକ୍ଷକ ଭାବରେ ଆଶିଷ କୁମାର ନାୟକ ଓ ଶ୍ରେଷ୍ଠ ସେବାୟତ ଭାବରେ ଦଇମନ ଗଣ୍ଡଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ଯାହାକି ଅତିଥିମାନଙ୍କୁ ମନମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ସ୍ମୃତି ରଞ୍ଜନ ରାଉତ, ସୁଧୀର କୁମାର ସେଠ, ଆଶିଷ କୁମାର ନାୟକ, ଦିନେଶ ମେହେର, ଅନିତା ବେହେରା, ଜ୍ୟୋସାମୟୀ ସାହୁ, ଦେବଦତ୍ତ ତୁରୁକ୍ , ଛାତ୍ର ଛାତ୍ରୀ, ଅଭିଭାବକ , ଗ୍ରାମବାସୀ ଓ ମା' ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସୁଧୀର କୁମାର ସେଠ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ମୃତି ରଞ୍ଜନ ରାଉତ ଧନ୍ୟବାଦ୍ ପ୍ରସ୍ତାବ ଅର୍ପଣ କରିଥିଲେ।

## ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣର ଭିଡିଓ ଭାଇରାଲ୍ ଘଟଣା

# ଛାତ୍ରଙ୍କ ସହ ଆଲୋଚନା କଲେ ବିଜେଡି ଓ ବିଏସ୍‌ପି ନେତା



ଗୁଣୁପୁର(ଭାସ୍କର ନ୍ୟୁଜ) : ଗୁଣୁପୁର ତହସିଲ୍ ଅଫିସ୍ ନିକଟ ରେ ଥିବା ଅନ୍ୱେଷା ହଷ୍ଟେଲ୍ ରେ ସହପାଠୀ ଛାତ୍ରମାନେ ତିନି ଜଣ ଛାତ୍ରକୁ ମରଣାନ୍ତକ ଆକ୍ରମଣ କରୁଥିବା ଭିଡିଓ ଭାଇରାଲ୍ ହେବାପରେ ଜିଲ୍ଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଛି। ସହକାରୀ ପରିଚାଳିକା ରଶ୍ମିତା ସାହୁଙ୍କୁ ନିଲମ୍ବନ କରାଯିବା ସହ ୩ ଜଣ ରୋଷେୟା ତଥା ଜଗୁଆଳିଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଆକ୍ରମଣ କରିଥିବା ୯ ଜଣ ଛାତ୍ରମାନଙ୍କ ନାମରେ ଗୁଣୁପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଜିଲ୍ଲା ମଙ୍ଗଳବିଭାଗ। ତେବେ ଏହିଘଟଣାକୁନେଇ ତତ୍ପରତା ପ୍ରକାଶ ପାଇବା ସହ ଅନ୍ୱେଷା ହଷ୍ଟେଲ ପରିଦର୍ଶନ କରିଛନ୍ତି ବିଜେଡି ଓ ବିଏସପି ନେତା। ଦୁଇ ଦଳର ନେତା ଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି । ଏଠାରେ ଶୃଙ୍ଖଳିତ ଭାବରେ ରହି ଶିକ୍ଷା ଅର୍ଜନ କରିବା ପାଇଁ ବୁଝାଇବା ସହ ହଷ୍ଟେଲ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ହଷ୍ଟେଲରେ ସିସି କ୍ୟାମେରା, ସ୍ଥାୟୀ ପରିଚାଳକ ରଖିବା, ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି। ଅନ୍ୟପଟେ ପୂର୍ବ ସରକାର କରିଥିବା ଭଲ ଯୋଜନା ଗୁଡିକୁ ବର୍ତ୍ତମାନ ସଠିକ୍ ପରିଚାଳନା ହୋଇପାରୁନଥିବା ଯୋଗୁ ଏଭଳି ହଷ୍ଟେଲ୍ ଗୁଡିକରେ ଅବ୍ୟବସ୍ଥା ହୋଇଥିବା କହିଛନ୍ତି। ପ୍ରଶାସନ ତରବରିଆ ତଦନ୍ତ କରି ସଠିକ୍ କାର୍ଯ୍ୟାନୁଷ୍ଠାନ ନେଇନଥିବା କହିଛନ୍ତି। ଗାଇଡଲାଇନ ବାହାରେ ମହିଳା ସହକାରି ପରିଚାଳକ ଓ ଅନ୍ୟମାନଙ୍କୁ କିଭଳି ନିଯୁକ୍ତି ଦିଆଯାଇଥିଲା। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏହାର କାର୍ଯ୍ୟ ଭାର ନେବାର ନିୟମ ରହିଛି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିଲେ ମଧ ତାଙ୍କ ଉପରେ କାହିଁକି ଘଣ୍ଟ ଘଡାଉଛି ଜିଲ୍ଲା ପ୍ରଶାସନ। ତଦନ୍ତ ଦିଗକୁ ନେଇ କାର୍ଯ୍ୟାନୁଷ୍ଠାନର ସ୍ୱଚ୍ଛତା ପାଇ ଦାବି କରିଛନ୍ତି ବିଜେଡି ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ। ଅପରପକ୍ଷେ ବିଏସପି ନେତା ଜିତୁ ଜାକାସିକା ପିଲାଙ୍କ ସହ ଆଲୋଚନା କରିବା ସହ ହଷ୍ଟେଲ୍ ରେ ମଙ୍ଗଳବିଭାଗ କର୍ମଚାରୀ ମାନେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି ଏହାର ସଠିକ୍ ତଦନ୍ତ କରାଯାଉ ନଚେତ୍ ଆଗାମୀ ଦିନରେ ରାଜରାସ୍ତାକୁ ଓଲାଇ ବିରୋଧ କରିବା ପାଇ ଚେତାବନୀ ଦେଇଛନ୍ତି ବିଜେଡି ଓ ବିଏସ୍ପି ନେତା।

## ବାଳିକା ଆତ୍ମସୁରକ୍ଷା ତାଲିମ୍ ଶିବିର

ନୂଆପଡ଼ା(ଭାସ୍କର ନ୍ୟୁଜ): ନ୍ୟାସନାଲ କଲେଜ ନୂଆପଡ଼ା ବାଳିକା ଆତ୍ମ ସୁରକ୍ଷା ତାଲିମ୍ ଶିବିର ହୋଇଯାଇଛି । ଅଧ୍ୟକ୍ଷ ହିତେଶ କୁମାର ସାହୁ ମୁଖ୍ୟ ଅତିଥି , ସଂଯୋଜିକା ତଥା ରାଜନୀତି ବିଜ୍ଞାନ ମୁଖ୍ୟ ମମତା ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗ ହରିପ୍ରୀୟା ଥାର୍ଟି ଯୋଗଦାନ କରିଥଲେ। ଶିବିର ରେ +୩ ପ୍ରଥମ ବର୍ଷ ଛାତ୍ରୀମାନେ ତାଲିମ ଗ୍ରହଣ କରି ନିଜର ସୁରକ୍ଷା ପାଇଁ ଶାରୀରିକ ଜ୍ଞାନ ଆହରଣ କରିବା ନିହାତି ଆବଶ୍ୟକ ଅଟେ ଦୈନନ୍ଦିନ ଜୀବନରେ ଅଭ୍ୟାସ ଓ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯକ୍ରମ ର ସଂଯୋଜିକା ରାଜନୀତି ବିଜ୍ଞାନ ମୁଖ୍ୟ ଶ୍ରୀମତୀ ମମତା ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ।ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମାଷ୍ଟର ଟ୍ରେନର ସୁରେଖା ବାଗ ଗତ ୩ ମାର୍ଚ୍ଚ ରୁ ୧୧ ମାର୍ଚ୍ଚ ଯାଏ ତାଲିମ ଦେଇଥିଲେ। ନୂଆପଡା ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ସାହୁ ଏହି କାର୍ଯକ୍ରମ ସଞ୍ଚାଳନ କରି ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟିର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସ୍ୱଚ୍ଛ, ନିର୍ମଳ ଓ ସୁନ୍ଦର ସହର ଗଠନ ପାଇଁ ନଗରବାସୀଙ୍କୁ ଆହ୍ୱାନ



କଣ୍ଟାବାଞ୍ଜି(ଭାସ୍କର ନ୍ୟୁଜ):ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ରେଳବାଇ ଫୁଟବଲ ଗ୍ରାଉଣ୍ଡରେ ମଂଗଳବାର ଦିନ ଥିଲା କଂଟାବାଂଜି ମାଟିର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା । ଏହି ଅବସରରେ ଅପରାହ୍ନରେ ମହୋତ୍ସବର ସମ୍ପାଦକ ତଥା ସଂଯୋଜକ ବିରଂଚି ନାରାୟଣ ଦାଶଙ୍କ ସଂଯୋଜନାରେ କଂଟାବାଂଜିର ଅତୀତ ବର୍ତମାନ ଓ ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ବରିଷ୍ଠ ଆଇନଜୀବି ମୋହନଲାଲ ଶର୍ମା, ବିଷ୍ଣୁପ୍ରସାଦ ଶର୍ମା,ତୁରେକେଲା ବ୍ଲକ ସରପଂଚ ସଂଘ ସଭାପତି ତଥା ଶିକ୍ଷାବିତ୍ ଜଳନ୍ଧର ମହାକୁଡ,ବରିଷ୍ଠ ସାମ୍ବାଦିକ ରାଜୀବ କୁମାର ସଗରିଆ,ଅଧ୍ୟାପକ ରମେଶ ମହାନନ୍ଦ,ବରିଷ୍ଠ ଭାଜପା ନେତା ଶିବାଜୀ ମହାନ୍ତି, ଶିକ୍ଷାବିତ୍ ବ୍ରଜେଶ ମିତଲ, ଆଲୋଚକଭାବେ ଯୋଗ ଦେଇଥିଲେ । କଂଟାବାଂଜିର ଅତୀତ,ବର୍ତମାନ ଓ ଭବିଷ୍ୟତର ସ୍ଥିତି ଉପରେ ଆଲୋଚକମାନେ ନିଜର ମତାମତ ରଖିଥିଲେ । ସେହିପରି ସନ୍ଧ୍ୟାର ସାଂସ୍କୃତିକ ସଭାରେ ମୁଖ୍ୟଅତିଥିଭାବେ ଗିରିରାଜ ସିଂ ମାଝି, ସମ୍ମାନିତ ଅତିଥୀଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରୁବାଲା ବେହେରା,ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, କଂଟାବାଂଜି ତହସିଲଦାର ବିଶ୍ୱନାଥ ଖାଲକୋ,ଏନ.ଏ.ସି. ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା,ମହୋତ୍ସବ ସାଂସ୍କୃତିକ ସମ୍ପାଦକ ରଶ୍ମିରନ ପୁଟେଲ,ବିଧାୟକ ପ୍ରତିନିଧି ପୁରନ୍ଦର ବାଗ ଓ ମୁଖ୍ୟବକ୍ତାଭାବେ ଶିଶୁ ସାହିତ୍ୟିକ ଡଃ ଯୁଗଳ କିଶୋର ଷଡଙ୍ଗୀ ମଂଚାସୀନ ଥିଲେ । ଏହି ସଭାରେ ମାଟିର ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ କହିଥିବା ବେଳେ କଂଟାବାଂଜି ମାଟିର ସୁରକ୍ଷା ପାଇଁ ସ୍ୱଚ୍ଛ,ନିର୍ମଳ ଏବଂ ସୁନ୍ଦର ସହର ଗଠନ ପାଇଁ ନଗରବାସୀଙ୍କୁ ଆହ୍ୱାନ କରିଥିଲେ ନିର୍ବାହୀ ଅଧିକାରୀ ଶ୍ରୀ ଦଣ୍ଡସେନା । ଏପରିକି ଗଛଟିଏ ରୋପଣକରି ସହରକୁ ସୁନ୍ଦର ସହର କରିବାରେ ମାଟିର ସୁରକ୍ଷା ସହିତ କଂଟାବାଂଜି ମାଟିର ମହୋତ୍ସବର ଆଗାମୀ ପିଢି ପାଇଁ ସୁରକ୍ଷା ବୋଲି କହିଥିଲେ । ସଭାକୁ ମନୋଜ ଦାଶ ଓ ଦିନେଶ ମହାନନ୍ଦ ସଂଚାଳନ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମଟିକୁ ଉଦଘୋଷକ ସୁଶୀଲ କୁମାର ପୋଢ ଏବଂ ଉଦଘୋଷିକା ପ୍ରାଚୀ ପାଣିଗ୍ରାହୀଙ୍କ ସଂଚାଳନରେ ଓଡିଶି, ଗୋଟିପୁଅ, ଅତାବିରାର ସମ୍ବଲପୁରୀ, ଡାଲଖାଇ, ମାଇଲାଯୋଡୋ ସହ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ମଧ ରାତ୍ରିଯାଏ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା । ଏହି ମହୋତ୍ସବରେ ବିଭିନ୍ନ ସ୍କୁଲ କଲେଜର ଏନସିସି,ସ୍କାଉଟ୍ସ, ପୋଲିସ ପ୍ରଶାସନ ସହ ଜିଆରପି ଓ ଆରପିଏଫ ପୋଲିସ ସୁରକ୍ଷା ଦାୟିତ୍ୱରେ ଥିଲେ ।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

କନ୍ଧମାଳ (ଭାସ୍କର ନ୍ୟୁଜ୍): ବିଜେପି ସରକାର ଆସିଲା ଦିନଠାରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହିତ ମହିଳାମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିଛି । ଯୋଜନା ଗ୍ରମୀଣ ମହିଳାମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ବାର୍ଷିକ ଅତି କମ୍‌ରେ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ସାହାଯ୍ୟ କରି ସେମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ସରକାରୀ ପଦକ୍ଷେପ ଅଟେ । ଏହି ଯୋଜନା ଅଧୁନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କୃଷି, ଦୁଗ୍ଧ ଚାଷ, ହସ୍ତଶିଳ୍ପ ଏବଂ ଅନ୍ୟାନ୍ୟ ଆୟସୃଷ୍ଟିକାରୀ କାର୍ଯ୍ୟକଳାପରେ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବା ପାଇଁ ପାଣ୍ଠି, ପ୍ରଶିକ୍ଷଣ, ଏବଂ ପରାମର୍ଶ ପ୍ରଦାନ କରାଯାଏ। ସ୍ଥାନୀୟ କରୋନେସନ ପଡ଼ିଆରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଜିଲ୍ଲାସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ୍ ଋତୁରାଜ୍ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଆମର ଏମ୍‌ବିକେ ମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ । ଉକ୍ତ କର୍ମଶାଳାରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ଅର୍ଥ), ଜିଲ୍ଲା ପରିଷଦ ବିଦୂର କୁମାର ସ୍ୱାଇଁ, ମୁଖ୍ୟ ଜିଲ୍ଲା ପରିଚାଳକ ଗୋପବନ୍ଧୁ ଦାଶ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସଞ୍ଜିବ କୁମାର ପାଟିଲ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟାଲକ୍ଷ୍ମୀ ବେହେରା, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ତୁଷାରକାନ୍ତି ତୁଙ୍ଗ, ଅତିରିକ୍ତ ଜିଲ୍ଲା ଉଦ୍ୟାନକୃଷି ଅଧିକାରୀ ଶ୍ରୀ ବିନୋଦ କୁମାର ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୌମ୍ୟ ରଞ୍ଜନ ପାତ୍ରୋ, ଡିପିସି ମିଶନ ଶକ୍ତି ରାମ ତାଣ୍ଡି, ଡିପିସି, ଓଏଲ୍ଏମ୍ ହେମନ୍ତ ବାଗ, ଟିମ୍ ସଂଯୋଜକ,ପ୍ରଦାନ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଅସରଳା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓ ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରାଙ୍କ ସଭାପତିତ୍ୱ ରେ ୧୦୦ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବର ସହକାରେ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ରଘୁନାଥ ବେହେରା. ମୁଖ୍ୟବକ୍ତା ଭାବେ ଶିକ୍ଷବିତ ଲକ୍ଷନ ବରାଡ଼ ଓ ସାନମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଫକୀର ଚରଣ ସ୍ୱାଇଁ. ୱାର୍ଡ ସଭ୍ୟ ଦିଲ୍ଲୀପ କୁମାର ସାମନ୍ତରାୟ, ମୋ ସ୍କୁଲ କମିଟି ସଭାପତି ତ୍ରିନାଥ ଦଳାଇ, ମୋ ସ୍କୁଲ କମିଟି ସଭ୍ୟ ଯୋଗିନାଥ ବେହେରା ପ୍ରମୁଖ ଯୋଗ ଦେଇ ଜଗନ୍ନାଥଙ୍କ ଫୋଟୋଚିତ୍ରରେ ଫୁଲ ଚନ୍ଦନ ଦେଇ ପ୍ରଦୀପ ପ୍ରଜ୍ୱଳ ନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ଶିକ୍ଷୟତ୍ରୀ ସସ୍ମିତା ମହାପାତ୍ର ବେଦ ପାଠ କରିଥିଲେ । ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ସୁବାଷ ଚନ୍ଦ୍ର ଖଣ୍ଡେଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରସନ୍ନ କୁମାର ରଣା ବିଦ୍ୟାଳୟ ର ବାର୍ଷିକ ବିବରଣୀ ପଠନ କରିଥିଲେ । କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥି ମାନେ ପ୍ରମାଣ ପତ୍ର, ଟ୍ରଫି, ପଦକ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ମନରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଥିଲା ଓ ମାନବ ସଚେତନ ଧର୍ମୀ ବାଲ୍ୟ ବିବାହ ନାଟକ ମଞ୍ଚସ୍ଥ କରାଯାଇଥିଲା । ଶିକ୍ଷାବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ସମସ୍ତ ଛାତ୍ର ଛାତ୍ରୀ ମାନେ କଠିନ ପ୍ରରିଶ୍ରମ କରି ଉତ୍ତମ ଚରିତ୍ରବାନ ହେବାପାଇଁ ମୁଖ୍ୟ ବକ୍ତା ଲକ୍ଷ୍ମଣ ବରାଡ଼ ପରାମର୍ଶ ଦେଇଥିଲେ ।



# ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଭେଟିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



ନୂଆଦିଲ୍ଲୀ: ବୁଧବାର ନୂଆଦିଲ୍ଲୀ ଠାରେ ଏଏସ୍‌ଆଇ ର ମହାନିର୍ଦ୍ଦେଶକ ଡ. ଯଦୁବୀର ସିଂହ ରାୱତଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ଏହି ଅବସରରେ ଶ୍ରୀମନ୍ଦିରର ରତ୍ନଭଣ୍ଡାର କାର୍ଯ୍ୟ ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ନେଇ ମୁଖ୍ୟ ପ୍ରଶାସକ ଏଏସ୍‌ଆଇ କୁ ଧନ୍ୟବାଦ ଅର୍ପଣ କରିବା ସହ ଠିକଣା ସମୟରେ କାର୍ଯ୍ୟ ସମାପନ ନେଇ ଗୁରୁତ୍ୱାରୋପ କରିଥିଲେ । ସେହିପରି ପାର୍ଶ୍ୱ ମନ୍ଦିର ଗୁଡିକ ମରାମତି ନେଇ ମଧ୍ୟ ଆଲୋଚନା ହୋଇଥିଲା । ନାଟମଣ୍ଡପରେ ଏ.ସି. ବ୍ୟବସ୍ଥା, ଶ୍ରୀମନ୍ଦିରର ଆଲୋକିକରଣ, ଏବଂ ଅନ୍ୟାନ୍ୟ ମରାମତି ତଥା ରୁପା ଏବଂ ସୁନା ଛାଉଣି କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏସବୁ କାର୍ଯ୍ୟସଂପାଦନ ବେଳେ ସାଂସ୍କୃତିକ ବୈଶିଷ୍ଟ୍ୟ ପ୍ରତି ଧ୍ୟାନ ଦିଆଯିବା ନେଇ ଏଏସଆଇ ପକ୍ଷରୁ ପରାମର୍ଶ ଆସିଥିଲା । ଏହି ଆଲୋଚନା ବେଳେ ଏଏସ୍‌ଆଇ ଉପମହାନିର୍ଦ୍ଦେଶକ (ସଂରକ୍ଷଣ) ଡ. ଜାହାନୱିଜ୍ ଶର୍ମା ଉପସ୍ଥିତ ଥିଲେ । ଏହି ଗସ୍ତ ସମୟରେ ମୁଖ୍ୟ ପ୍ରଶାସକ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଂକୁ ଭେଟି ରଥଯାତ୍ରାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରିବା ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Banpur, dated 11.03.2025, I Subhasis Baral, Address: Village-Narandina, Po-Antarakiari, PS- Banpur, Dist.- Khordha, Odisha, PIN-752031, declare that I have changed my daughter's name from Debapriya Baral to Debapreeti Baral. Henceforth She shall be known as Debapreeti Baral for all purposes.

**Sd/- Subhasis Baral**

**AFFIDAVIT**

By virtue of an affidavit sworn before Notary Public, Jagatsinghpur, Dated- 07.03.2025, I Santoshinee Swain, Address: Village- Dondua, Po- Nuapada, Ps- Tirtol, Dist.- Jagatsinghpur, Odisha, PIN-754133, declare that I have changed my name from Santosini Nayak to Santoshinee Swain. Henceforth, I shall be known as Santoshinee Swain for all purposes.

**Sd/- Santoshinee Swain**

# ୮ ବାଲି ବୋଝେଇ ହାଇୱା ଜବତ, ୮ ଗିରଫ



ନିଆଳି (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଚୋରା ଖଣିଜ ଦ୍ରବ୍ୟ ରୋକିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସାରା ରାଜ୍ୟ ରେ ପୋଲିସ ଚୋରା ବାଲିଘାଟ ଓ ଚୋରା ବାଲି ଚାଲାଣ ଉପରେ ଗିରଫ କରୁଛି । ଏହି ପରିପ୍ରେକ୍ଷୀରେ ନିଆଳି ତହସିଲ ଅଧୀନରେ ବିଭିନ୍ନ ବାଲିଘାଟରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ଗତକାଲି ବିଭିନ୍ନ ଜାଗାରେ ଚଢ଼ାଉ କରି ୮ ଟି ବାଲି ବୋଝେଇ ହାଇବା ଜବତ କରିଛି ଓ ସେମାନଙ୍କ ଡ୍ରାଇଭର କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି । ଗିରଫ ହୋଇଥିବା ଡ୍ରାଇଭର ମାନେ ହେଲେ ବାଲିପାଟଣା ଥାନା ରାଜେଶ ଗ୍ରାମର ଦେବାଶିଷ ବେହେରା (୨୮) । ପୁରୀ ଜିଲ୍ଲା ବଳଙ୍ଗା ଥାନା ମୁଗଭଙ୍ଗା ଗ୍ରାମର ସାଇଦର୍ଶନ ସେନାପତି (୫୨),ପୁରୀ ସଦର ଥାନା ଚକ୍ରବର୍ତ୍ତୀ ପାଟଣା ସଂଜୟ ବେହେରା (୩୮),ଗୋପ ଥାନା ଅଧିନସ୍ତ କୁସୁପୁର ଗ୍ରାମର ଗଣେଶ ଚନ୍ଦ୍ର ଭୋଇ (୨୪), ଗୋପ ଥାନା ଅଧିନସ୍ତ ବେଦପୁର ର ନକୁଳ ବେହେରା (୩୬), ନିଆଳି ଥାନା ଅଧିନସ୍ତ ଅଳତଳଙ୍ଗ ଗ୍ରାମର ସୌଭାଗ୍ୟ କୁମାର ଦାଶ (୪୬), ଚାରିଛକ ଥାନା ଅଧିନସ୍ତ କନରଙ୍ଗା ପାଟଣା ଗ୍ରାମର ଦିବାକର ପୁଷ୍ଟି (୪୮), ନିଆଳି ଥାନା ଅଧିନସ୍ଥ ଗୁଣ୍ଡର ଗ୍ରାମର କୁନୁ ମଲିକ (୨୭), ଏମାନଙ୍କ ନାମରେ ନିଆଳି ଥାନାରେ ୯୨, ୯୩, ୯୪, ୯୫, ୯୬, ୯୮, ୯୯, ୧୦୦/୨୫ ରେ ୮ ଟି ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇ ଆଇ ସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି । ଆଗକୁ ଏହି ଭଳି ଚୋରା ବାଲି ଚାଲାଣ କାରୀଙ୍କ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ସୀମାନ୍ତରେ ଦୁଇଟି ବୋମାକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଙ୍କେର ଜିଲ୍ଲାର ଅତ୍ୟନ୍ତ ନକ୍ସଲ ପ୍ରଭାବିତ ଅଞ୍ଚଳରୁ ଜବାନମାନେ ଦୁଇଟି ଆଇଇଡି ଉଦ୍ଧାର କରିଛନ୍ତି ନିଷ୍କ୍ରିୟ କରିଛନ୍ତି । ନକ୍ସଲଙ୍କ ଦ୍ୱାରା ଯବାନଙ୍କୁ ଟାର୍ଗେଟ କରି ଅନେକ ନୂଆ ନୂଆ ରଣନୀତି ଆପଣେଇ ଥିବା ବେଳେ ଆଜି ଦୁଇଟି ଆଇଡି ବୋମାକୁ ଯବାନ ମାନେ ଠାବ କରି ନିଷ୍କ୍ରିୟ କରିଛନ୍ତି । ସୂଚନା ଅନୁଯାୟୀ ନକ୍ସଲ ବିରୋଧୀ ତଲାସି ଅଭିଯାନ ପାଇଁ ସିଆରପେଫ ଓ ଡି ଆରଜି ର ଯବାନ ମାନେ ବାହାରିଥିବା ବେଳେ ପାଣିଡୋବର ଜଙ୍ଗଲ ଅଞ୍ଚଳରେ ମାଓବାଦୀ ମାନେ ଯବାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଲଗାଇଥିବା ଦୁଇଟି ଆଇଡି ବୋମାକୁ ଠାବ କରିଥିଲେ । ଯବାନଙ୍କ ବୋମା ନିଷ୍କ୍ରିୟ କାରୀ ଦଳ ଉକ୍ତ ଦୁଇଟି ବୋମାକୁ ସୁରକ୍ଷିତ ଭାବେ ଉଧାର କାରୀ ନିଷ୍କ୍ରିୟ କରିଥିଲେ ।

**छत्तीसगढ़ शासन जल संसाधन विभाग**
**कार्यालय मुख्य अभियंता, महानदी परियोजना**
**जल संसाधन विभाग, रायपुर (छ.ग.)**

ई. प्रोक्यूरमेंट निविदा सूचना

eProcurement Portal: https://eproc.cgstate.gov.in

निविदा निरस्तीकरण सूचना

| स. क्र. | कार्य का नाम | निविदा सूचना क्र. /सिस्टम निविदा क्र./ दिनांक | अनुमानित लागत | निविदा निरस्त होने का कारण |
|---|---|---|---|---|
| 1. | धमतरी जिले के विकासखंड धमतरी की महानदी परियोजना अंतर्गत महानदी मुख्य नहर के आर.डी. 10000 मी. से 15000 मी. तक लाईनिंग एवं मरम्मत कार्य। | 06/व.ले.लि./ 2024–25/158505 दिनांक 13.09.2024 (प्रथम आमंत्रण) (जी. नंबर 242502559) | रू. 193.18 लाख | निविदाकार द्वारा ई.एम.डी. एवं अन्य दस्तावेज अपूर्ण प्रस्तुत करने के कारण। |

कार्यपालन अभियंता
म.ज.प. बांध संभाग क्र. 2, रूद्री
कृते अधीक्षण अभियंता,
म.ज.प. बांध मण्डल, रूद्री
जिला–धमतरी (छ.ग.)

G-242505888/7

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ଦ୍ଦାନ୍ତ ଅପରାଧୀକୁ...

ସୁନ୍ଦରଗଡ଼ ସମେତ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଅନେକ ଅପରାଧିକ ମାମଲା ରହିଛି । ସୁପାରି କିଲର ଭାବେ କାମ କରୁଥିବା ଏହି ଅପରାଧୀ ନାଁରେ ଦାଦାବଟି, ଲୁଟ୍‌ପାଟ୍ ଭଳି ଅନେକ ସଙ୍ଗୀନ ମାମଲା ରହିଛି । ବ୍ୟାସ ନୂଆଗାଁର ଜଣେ ବାଲି ମାଫିଆଙ୍କ ଘନିଷ୍ଠ ସହଯୋଗୀ ଥିବା ପୋଲିସ ଜାଣିବାକୁ ପାଇଛି । ଏ ନେଇ ମଧ୍ୟ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ ଯେ ମଙ୍ଗଳବାର ସମ୍ବଲପୁରରେ ବେଆଇନ ଗୋ-ଚାଲାଣ ହେଉଥିବାବେଳେ ଧନୁପାଲି ପୋଲିସ ଦୁଇଜଣ ଗୋ ମାଫିଆଙ୍କୁ ଏନକାଉଣ୍ଟର କରିଥିଲା । ସେମାନେ ଏବେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ଘର ପଶ୍ଚିମବଙ୍ଗ ବୋଲି ପୋଲିସ ସୂଚନା ଦେଇଥିଲା ।

### ଆଜିଠୁ ଜଳିବ...

୧୩, ୧୪, ୧୫, ୧୬ ପଶ୍ଚିମ ଓଡ଼ିଶାକୁ ଜଳାଇବ । ୧୪ ତାରିଖ ପାଇଁ ୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୧୫ ତାରିଖରେ ୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ବୁଧବାର ୪୦.୫ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ ସହରର ମାନ୍ୟତା ପାଇଥିବାବେଳେ ବଲାଙ୍ଗୀରରେ ୩୯.୯, ଟିଟିଲାଗଡ଼ରେ ୩୯.୫, ସୁନ୍ଦରଗଡ଼ରେ ୩୯.୪, ଝାରସୁଗୁଡ଼ାରେ ୩୯.୪, ସମ୍ବଲପୁରରେ ୩୯.୩, ସୋନପୁରରେ ୩୮.୯, ଭଦ୍ରକରେ ୩୮.୮, ରାଉରକେଲା ଓ ଭବାନୀ ପାଟଣାରେ ୩୮.୪, ବାରିପଦାରେ ୩୯, ହୀରାକୁଦରେ ୩୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଭୁବନେଶ୍ୱରର ତାପମାତ୍ରା ୩୬.୬ ଡିଗ୍ରୀ ରହିଥିବାବେଳେ କଟକର ତାପମାତ୍ରା ୩୭ ଡିଗ୍ରୀ ରହିଛି । ଏହାବ୍ୟତୀତ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାରୁ ତାପମାତ୍ରା ବୃଦ୍ଧି ଏହାର ଅନ୍ୟଏକ କାରଣ ବୋଲି କୁହାଯାଉଛି । ତେବେ ତାତିରୁ ତ୍ରାହି ପାଇବା ପାଇଁ ସତର୍କତା ଅବଲମ୍ବନ ନିମନ୍ତେ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

### ୨୭ରେ ବିଧାନସଭା...

କଂଗ୍ରେସ ବିଧାୟକମାନେ ଏହାର ପ୍ରତିବାଦ କରିବାରୁ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି । ଦୋଷୀକୁ ଦଣ୍ଡ ନ ଦେଇ ଅଭିଯୋଗ ଆଣିଥିବା ବିଧାୟକ ତାରା ବାହିନୀପତିଙ୍କୁ ୭ ଦିନ ନିଲମ୍ବନ କରାଯିବା ଘଟଣାକୁ ଶ୍ରୀ ଦାସ ନିନ୍ଦା କରିଥିଲେ । ସେ କହିଥିଲେ ଯେ ବାଚସ୍ପତି ପକ୍ଷପାତ କରୁଛନ୍ତି । ଏ ନେଇ ମଧ୍ୟ ବୈଠକରେ ନିନ୍ଦା ପ୍ରସ୍ତାବ ପାରିତ ହୋଇଛି ।

### ୮ଟି ଚୁକ୍ତିନାମା...

ସମବାୟ ମନ୍ତ୍ରଣାଳୟ ଏବଂ ଭାରତର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ମଧ୍ୟରେ ଉଦ୍ୟୋଗ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମରିସସର ଲୋକସେବା ଏବଂ ପ୍ରଶାସନିକ ସଂସ୍କାର ମନ୍ତ୍ରଣାଳୟ ଏବଂ ଭାରତର ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ, ଜାତୀୟ ସୁଶାସନ କେନ୍ଦ୍ର ମଧ୍ୟରେ ସରକାରୀ ଅଧିକାରୀଙ୍କ ତାଲିମ ପାଇଁ ଆଉ ଏକ ବୁଝାମଣା ହୋଇଛି । ସେହିପରି ଭାରତୀୟ ଜାତୀୟ ମହାସାଗର ସୂଚନା ସେବାକେନ୍ଦ୍ର, ଭାରତୀୟ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଏବଂ ମରିସସ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ମହାଦେଶୀୟ ସେଲ୍ଫ ସାମୁଦ୍ରିକ କ୍ଷେତ୍ର ପ୍ରଶାସନ ଏବଂ ଅନୁସନ୍ଧାନ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଚୁକ୍ତି ସ୍ୱାକ୍ଷରିତ ପରେ ମୋଦୀ କହିଥିଲେ ଯେ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ମୁଁ ମରିସସର ସମସ୍ତ ନାଗରିକଙ୍କୁ ରାଷ୍ଟ୍ରୀୟ ଦିବସର ଶୁଭେଚ୍ଛା ଜଣାଉଛି । ମୋର ସୌଭାଗ୍ୟ ମରିସସର ରାଷ୍ଟ୍ରୀୟ ଦିବସରେ ସାମିଲ ହେବା ମୋ ପାଇଁ ଏକ ସୁଯୋଗ ।

### ଆମେରିକା ନୁହେଁ...

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ମୁଁ ଦୁଇଦେଶ ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ଚାହୁଁଛି । ଏବେ ୟୁକ୍ରେନକୁ ଆମେରିକା ସାମରିକ ସହାୟତା ଫେରାଇବା ସହ ଗୁଇନ୍ଦା ସୂଚନା ଦେବାକୁ ରାଜି ହୋଇଛି । ନିକଟରେ ହ୍ୱାଇଟ୍ ହାଉସରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ଏବଂ ଟ୍ରମ୍ପଙ୍କ ମଧ୍ୟରେ ବିତର୍କ ହୋଇଥିଲା । ବିବାଦ ସାର୍ବଜନୀନ ହେବାପରେ ମଙ୍ଗଳବାର ସାଉଦିଆରବର ଜେଦାରେ ଦୁଇ ରାଷ୍ଟ୍ର ମଧ୍ୟରେ ଆଲୋଚନା ହୋଇଥିଲା । ୟୁକ୍ରେନ ପ୍ରତିନିଧିମାନେ ଆମେରିକାର ୩୦ ଦିନିଆ ଅସ୍ତବିରିତ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ଜେଲେନସ୍କି କହିଛନ୍ତି ଯେ ଏବେ ଆମେରିକାର କାମ ହେଉଛି ସେ ରୁଷକୁ ଏହି ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ରାଜି କରାଇବା ।

### ସମସ୍ତ ବିଦ୍ରୋହୀ...

ସେମାନେ ଯୁଦ୍ଧରେ ହାରିଯାଇଛନ୍ତି । ଆମେ ସେମାନଙ୍କୁ ଚେତାବନୀ ଦେଇଥିଲୁ ଓ ଯାହା କରିବା କଥା କରି ଦେଖାଇଲୁ । ସେ ଆହୁରି କହିଛନ୍ତି ଯେ ପାକ୍ ସରକାର ଆମକଥା ଶୁଣିବା ପରିବର୍ତ୍ତେ ଆମକୁ ଉପହାସ କରିଥିଲେ । ଏହାକୁ ଏକ ଧମକ ବୋଲି କହି ଆମ କଥାକୁ ଶୁଣିନଥିଲେ । ତେବେ ପାକ୍ ସେନା ବନ୍ଧକ ଥିବା ୧୮୨ ଯାତ୍ରୀଙ୍କ ମଧ୍ୟରୁ ୧୫୫ଜଣଙ୍କୁ ମୁକ୍ତ କରିଥିବା ସୂଚନା ମିଳିଛି । ସେହିପରି ସେନା ୩୦ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା କହିଛି । ସୂଚନାଯୋଗ୍ୟ ଯେ ମଙ୍ଗଳବାର ବେଲୁଚି ଲିବରେସନ ଆର୍ମି ଜାଫର ଏକ୍ସପ୍ରେସ୍‌କୁ ଅପହରଣ କରିନେଇ ୧୮୨ଜଣଙ୍କୁ ମୁଣ୍ଡ ଜାମିନ ରଖିଥିଲେ । ଏହି ଆତଙ୍କବାଦୀମାନେ ପାକ୍ ସେନାର ୬ ସେନା ଅଧିକାରୀଙ୍କୁ ହତ୍ୟା କରିବା ପରେ ସ୍ଥିତି ଅଧିକ ଭୟଙ୍କର ରୂପ ନେଇଥିଲା । ତେବେ ଏବେ ବି ଜାଫର ଏକ୍ସପ୍ରେସ ରେଳଧାରଣା ଉପରେ ପଡ଼ିରହିଛି ଓ ଆତଙ୍କବାଦୀ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲୁ ରହିଛି ।

### ହଟିଲା ମୋବାଇଲ...

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ । ସେମାନେ ସାମ୍ବାଦିକମାନଙ୍କୁ ବୁଝାସୁଝା କରିଥିଲେ । ଏହାପରେ ବାଚସ୍ପତିଙ୍କ ଆମନ୍ତ୍ରଣକ୍ରମେ ସାମ୍ବାଦିକଙ୍କ ଏକ ଟିମ୍ ତାଙ୍କୁ ଭେଟି ଆଲୋଚନା କରିଥିଲେ । ଏହି ଟିମ୍‌ରେ ପ୍ରଗତିବାଦୀର କାର୍ଯ୍ୟକାରୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ, ପ୍ରମେୟର ବ୍ୟୁରୋ ଚିଫ୍ ଦେବେନ୍ଦ୍ର ସୁଆର, ସମ୍ବାଦର ଚିଫ୍ ରିପୋର୍ଟର ଚୌଧୁରୀ ଅମିତାଭ ଦାସ, ଓଡ଼ିଶା ଭାସ୍କରର ସଂପାଦକ କୌସ୍ତୁଭ ଦାସ, ସର୍କାର ଖବରକାଗଜ ସଂପାଦକ ରବିନାରାୟଣ ଜେନା, ବରିଷ୍ଠ ସାମ୍ବାଦିକ ଅଶୋକ ବରାଳ, ଅଶୋକ ସାହୁ ଏବଂ ନ୍ୟୁଜ୍-୭ର ସାମ୍ବାଦିକ ଲକ୍ଷ୍ମୀକାନ୍ତ ଦାସ ସାମିଲ ହୋଇ ବାଚସ୍ପତିଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଉପସ୍ଥିତ ଥିଲେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ମୁଖ୍ୟ ସୁରକ୍ଷା ଅଧିକାରୀ ଗୋପାଳକୃଷ୍ଣ ବେହେରା । ତେବେ ଧାରଣା ସମୟରେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସାମ୍ବାଦିକମାନେ ବିଧାନସଭା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ । ସୂଚନାଯୋଗ୍ୟ ଯେ ମଙ୍ଗଳବାର ବିଧାନସଭା ଭିତରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ହାତାହାତି ହୋଇଥିଲେ । ଏହାର ଭିଡିଓ ଭାଇରାଲ ହୋଇଥିଲା । ତେଣୁ ସାମ୍ବାଦିକମାନଙ୍କୁ ବିଧାନସଭା ପ୍ରେସ୍ ଗ୍ୟାଲେରୀକୁ ମୋବାଇଲ ନ ନେବାପାଇଁ କୁହାଯାଇଥିଲା । ବୁଧବାର ସାମ୍ବାଦିକମାନେ ପ୍ରେସ୍ ଗ୍ୟାଲେରୀକୁ ଯିବାବେଳେ ସେମାନଙ୍କୁ ଏକ ଲଫାପା ଦିଆଯାଇ ସେଥିରେ ଫୋନ୍ ରଖି ଯିବାକୁ କୁହାଯାଇଥିଲା । ଯାହାଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନକାଳକୁ ବୟକଟ କରିଥିଲେ ଓ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ । ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବାଚସ୍ପତି ସୁରମା ପାଢ଼ୀ ଆଲୋଚନା କରି କଟକଣା ହଟାଇ ନେବାପରେ ସାମ୍ବାଦିକମାନେ ଧାରଣାରୁ ଓହରିଥିଲେ । ଅନ୍ୟପକ୍ଷରେ ତାରାଙ୍କ ନିଲମ୍ବନ ନେଇ ବିବାଦ ତୀବ୍ର ହେବାରେ ଲାଗିଛି । ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ବିଧାନସଭାକୁ କଂଗ୍ରେସ ବୟକଟ କରିଛି । ୭ ଦିନ ପାଇଁ ନିଲମ୍ବନ କରିଛନ୍ତି ବାଚସ୍ପତି । ନ୍ୟାୟପାଇଁ ଗାନ୍ଧୀ ମୂର୍ତ୍ତିତଳେ ଶାନ୍ତିପୂର୍ଣ୍ଣଭାବେ ବିଧାୟକମାନେ ଧାରଣାରେ ବସିବେ ବୋଲି କଂଗ୍ରେସ କହିଛି । ଅନ୍ୟ ପକ୍ଷରେ ନିଲମ୍ବନ ଉଠାଇବା ପାଇଁ ତାରାଙ୍କୁ ସମର୍ଥନ ଜଣାଇଛି ବିଜେଡି । ନିଲମ୍ବନ ପ୍ରତ୍ୟାହାର ପାଇଁ ବାଚସ୍ପତିଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟିଥିବା ସୂଚନା ମିଳିଛି ।

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଉପ-ସିଏସ୍‌ଟିଇ/କାର୍ଯ୍ୟ/ମୁଖ୍ୟାଳୟ/ଜିଆରସି ଦକ୍ଷିଣ ପୂର୍ବ ରେଳପଥ, କୋଲକାତା-୭୦୦୦୪୩ ଦ୍ୱାରା କାର୍ଯ୍ୟ କରୁଥିବା ଉପ-ସିଏସ୍‌ଟିଇ/କାର୍ଯ୍ୟ/ମୁଖ୍ୟାଳୟ/ଜିଆରସି ଟେଣ୍ଡର ନମ୍ବର: ST_P-SER_2025_MPL_VOIP_4 ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି, ଶେଷ ତାରିଖ/ସମୟ ୧୦.୦୪.୨୦୨୫, ଦିନ ୧୧:୩୦ ଘଣ୍ଟା ପାଇଁ। ନିଲାମଦାତାମାନେ କେବଳ ଶେଷ ତାରିଖ ଏବଂ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ, ଏବଂ ପ୍ରାପ୍ତ ହୋଇଥିବା ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ: କ୍ରମିକ ସଂଖ୍ୟା:୧; ଇ-ଟେଣ୍ଡର ନୋଟିସ ନଂ.:ST_P-SER_2025_MPL_VOIP_4, ତାରିଖ.୧୧/୦୩/୨୦୨୫; କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳବାଇର ଆଦ୍ରା, ଖଡ଼ଗପୁର, ରାଞ୍ଚି ଏବଂ ଚକ୍ରଧରପୁର ଡିଭିଜନରେ ୟୁନିଫାଏଡ୍ କମ୍ୟୁନିକେସନ୍ ବ୍ୟାକବୋନ୍ ଏବଂ ଭିଓଆଇପି ଆଧାରିତ ଟ୍ରେନ୍ ନିୟନ୍ତ୍ରଣ ଯୋଗାଯୋଗ ପ୍ରଣାଳୀ (ଟିସିସିଏସ) ପାଇଁ ଆଇପି-ଏମପିଏଲଏସ ପ୍ରଯୁକ୍ତିର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ; କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ଟ.୫୮,୭୯,୧୫,୪୧୪.୮୯; ଆୟ (ଟଙ୍କାରେ): ଟ.୩୦,୮୯,୬୦୦.୦୦; ଶେଷ ତାରିଖ ଏବଂ ସମୟ: ୧୦.୦୪.୨୦୨୫, ସମୟ.୧୧.୩୦ରେ। ଉପରୋକ୍ତ ଟେଣ୍ଡର ପାଇଁ ଟେଣ୍ଡର ସୂଚନାର ବିସ୍ତୃତ ବିବରଣୀ ପୂର୍ବରୁ ୱେବସାଇଟ www.ireps.gov.inରେ ପ୍ରକାଶିତ ହୋଇଛି।

(PR-1229)

# ପାରାଦୀପ ପୋର୍ଟ ଡିଏଲଆରଏସ୍ ଏବଂ କଣ୍ଟ୍ରାକ୍ଟ ୱାର୍କମେନ୍ ଆସୋସିଏସନ୍ କର୍ମକର୍ତ୍ତାଙ୍କ ସଂପର୍କରେ ସ୍ପଷ୍ଟୀକରଣ

ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ ଡିଏଲଆର ଏବଂ କଣ୍ଟ୍ରାକ୍ଟ ୱାର୍କମେନ୍ ଆସୋସିଏସନର ସାଧାରଣ ସଂପାଦକ ସମୀର ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ପ୍ରକାଶ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି କ୍ଷମତାର ଅପବ୍ୟବହାର କରି ବେଆଇନ ଭାବେ ସଂସ୍ଥାର ଲେଟରହେଡ୍‌କୁ ବ୍ୟବହାର କରି ବିଭିନ୍ନ ପ୍ରକାର ଜାଲିଆତି ଓ ଠକେଇ ମାଧ୍ୟମରେ ଅନୁଷ୍ଠାନର ସଭାପତି ବାପି ସର୍ଖେଲଙ୍କୁ ବଦନାମ କରୁଛନ୍ତି । ଏପରିକି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଆମ ସଂଘକୁ ମିଥ୍ୟାଭାବେ ଉପସ୍ଥାପନ କରୁଛନ୍ତି ।ଆମେ କହି ରଖୁଛୁ, ଶ୍ରୀ ତ୍ରିପାଠୀ ଆମ ସଂଗଠନର କେବେ ବି ସଦସ୍ୟ ନଥିଲେ କି ଆମସହ ଜଡ଼ିତ ନଥିଲେ । ତାଙ୍କ ନାମରେ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ବିଚାରପାଇଁ ପଡ଼ିରହିଛି । ତାଙ୍କ ବିରୁଦ୍ଧରେ ଥାନାରେ ମଧ୍ୟ ଏତଲା ଦରଜ ହୋଇଛି । ତେଣୁ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପାରାଦୀପ ଆଦର୍ଶଥାନା ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ।

D-274

ଦୁର୍ଗପତିଙ୍କ କାର୍ଯ୍ୟାଳୟ ଷଷ୍ଠ ଭାରତ ସରଂକ୍ଷିତ ବାହିନୀ , ଖୋର୍ଦ୍ଧା.

ବିଜ୍ଞାପନ

କନେଷ୍ଟବଳ : ୫୧୯- ନୀଳାଞ୍ଚଳ ସାହୁ
ପିତା : ବିଜୟ କୁମାର ସାହୁ
ଗ୍ରା/ପୋ : ଜି. ରମ୍ଭା
ଥାନା : ଭଞ୍ଜନଗର
ଜିଲ୍ଲା : ଗଞ୍ଜାମ
ପ୍ରଦେଶ : ଓଡ଼ିଶା

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଅଛି କି ଆପଣ ୬୦ଦିନ ଅର୍ଜିତ ଛୁଟି ତା ୨୦.୦୯.୨୦୨୩ ରିଖ ଅପରାହ୍ନ ଠାରୁ ତା ୧୮.୧୧.୨୦୨୩ ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ । ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା ୧୯.୧୧.୨୦୨୩ ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜିପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି ।

ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ, ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି, ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣି ଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଣୁ ଏତାଦୃଶ କାର୍ଯ୍ୟଯୋଗୁ ଆପଣଙ୍କୁ ଯେଉଁ କାର୍ଯ୍ୟନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରୀ ସର୍ତାବଳୀ ର ବିରୁଦ୍ଧାଚରଣ କରୁଅଛି ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ , ଏହି ସମ୍ବାଦ ପ୍ରକାଶନର ୭(ସାତ) ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନକରିବେ ତେବେ ଧରି ନିଆଯିବ ଯେ, ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକ ତରଫାଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ ହେବେ ।

ସ୍ୱା/- ଦୁର୍ଗପତି
ଷଷ୍ଠ ଭାରତ ସରଂକ୍ଷିତ ବାହିନୀ,ଖୋର୍ଦ୍ଧା.

OIPR 12110/11/0012/2425

NOTIFIED AREA COUNCIL
BELLAGUNTHA-761119 (GANJAM)
Phone No. 06821-258244
Sri Banamali Satapathy (OAS)
Executive Officer

ବିଜ୍ଞାପିତ ଅଂଚଳ ପରିଷଦ
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ:୦୬୮୨୧-୨୫୮୨୪୪
ଶ୍ରୀ ବନମାଳୀ ଶତପଥି (ଓ.ପ୍ର.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ

E-Mail ID :eonacbellaguntha@gmail.com

C-1842

L. No.: 331 // Date: 11.03.2025

TENDER CALL NOTICE

Urgent sealed tenders in the prescribed schedule in conformity with details item wise tender are invited from the registered Contractors /Farms/ Agencies for the work as noted below. The details of Tender schedule can be purchased from the office of the Executive Officer, NAC Bellaguntha during the office hours of the working days from 10.03.2025, 10.00 AM, to Dtd- 18.03.2025 at 05.00 PM. Tender schedule along with relevant documents duly filled in will be received in the NAC Office in a sealed cover upto 03.00 PM on 19.03.2025 and will be opened in the office of the Executive Officer, NAC Bellaguntha at 04.00PM on the same day i.e. 19.03.2025. If possible, in the presence of the Tenderer or their Authorized representatives who may be present at the time of opening. Tender with unpledged EMD and those received beyond schedule date and as well as conditional tender shall be automatically rejected. Any other information relating to the tender can be had from the office of the under signed during the office working days and working hours. The authority reserves the right to reject any or all the tenders without assigning any reason thereof.

| Sl. No | Name of the Work | Estimated Cost (in Rs) | EMD (in Rs) | Cost of Tender Paper (in Rs) | Time of completion of the work |
|---|---|---|---|---|---|
| 01 | Renovation of Public toilet at Bhagabat patna sahi & Dhanijapalli in ward no-12 &13 of Bellaguntha NAC. | 1,99,000/- | 1990/- | Rs.2,000/- | One Month |

Sd/-Executive Officer
NAC, Bellaguntha

OIPR 13113/11/0018/2425

Government of Odisha
ST & SC Development, M & BC Welfare Department
Lokaseva Bhawan, Bhubaneswar
*******

V-48

No. 6699 /SSD, Dated Bhubaneswar the, 11.03.2025
STSCD-OM-MV-0003-2020

CORRIGENDUM FOR DATE OF RECEIVING & OPENING OF TENDER.

Tender for : "Providing 06 (Six) nos. of Swift Dzire (petrol) or equivalent vehicle and 05 (Five) nos. of Tiago/Bolt/Celerio or equivalent vehicle for the use in ST & SC Development, M & BCW, Department on monthly rent basis"

Ref: Quotation Call Notice No. 2612/SSD dated 03.02.2025 published in Govt. Website *stsc.odisha.gov.in*

All intended bidders/agencies/ private individuals are hereby informed that the time schedule for receiving and opening of tender paper in the above notified Quotation have been **re-scheduled** as detailed below.

| S.N. | Re-schedule of following Points in Published Tender | Actual Date & Time mentioned in Published Tender | Re-scheduled Date & Time due to extension |
|---|---|---|---|
| 1 | Last Date for receiving Tender | Date: 03.03.2025 Time: 05:00 PM | Date: 03.04.2025 Time: 05:00 PM |
| 2 | Date of Opening of Bid | Date: 11.03.2025 Time: 12:30 PM | Date: 09.04.2025 Time: 12:30 PM |

All other terms & conditions in the above notified Quotation will remain unchanged.

Sd/-Deputy Director
ST & SC Dev. M&BCW Deptt.

OIPR 26053/11/0011/2425

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**

IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨**
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ରୁଣଗ୍ରହିତା ଓ ସହ -ରୁଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ରୁଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ରୁଣଗ୍ରହିତା ଓ ସହ- ରୁଣ ଗ୍ରହିତାଙ୍କ ରୁଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ରୁଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ରୁଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ଅର୍ଥ |
|---|---|---|---|---|
| ୧ | ୩୧୯୮୭୭୧୬ | ଗୃହ ଋଣ | ୧୯.୦୧.୨୦୨୫ | ୮,୧୫,୮୬୮.୮୪/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଦେବବ୍ରତ ବିଶ୍ୱାଳ, ୨. ଦେବକୀନନ୍ଦନ ବିଶ୍ୱାଳ, ୩. ପ୍ରିୟବ୍ରତ ବିଶ୍ୱାଳ

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ- ପ୍ଲଟ୍ ନଂ ୮୮୮/୧୫୪୯, ପ୍ଲଟ୍ ଏରିଆ-୧୭୪୨ ବର୍ଗଫୁଟ, ଖାତା ନଂ ୩୬୦/୧୮୯, ମୌଜା ଅବସ୍ଥିତି: ଅମାୟ ଝରି, ପିଏସ୍- ବଡ଼ଚଣା, ତହସିଲ-ଦର୍ପଣ, ଜିଲ୍ଲା-ଯାଜପୁର, ଓଡ଼ିଶା- ୭୫୪୦୮୨ ଏବଂ ବାଉଣ୍ଡରୀ: ପୂର୍ବ- ଚମ୍ପକଲତା ଜେନା, ପଶ୍ଚିମ- ଫକୀରଚରଣ ବିଶ୍ୱାଳଙ୍କ ଜମି, ଉତ୍ତର- ଫକୀରଚରଣ ବିଶ୍ୱାଳଙ୍କ ଜମି, ଦକ୍ଷିଣ- ରାସ୍ତା

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ |
|---|---|---|---|---|
| ୨ | ୧୨୮୨୩୮୬୩୮ | ଗୃହ ଋଣ | ୨୭.୦୨.୨୦୨୫ | ୭,୨୭,୧୭୫.୧୧/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ସଂଗ୍ରାମ କେଶରୀ ପରିଡ଼ା, ୨. ସତ୍ୟମ କେଶରୀ ପରିଡ଼ା

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ପ୍ଲଟ୍ ନଂ ୩୫୪, ଏରିଆ-ଏ୦.୧୦୦ ଡିସିମିଲ, ଖାତା ନଂ ୮୨୧/୩୧୧, ମୌଜା ଅବସ୍ଥିତି- ରଘୁନାଥପୁର, ଥାନା- ପାଟକୁରା, ପିଏସ୍‌ନଂ ୧୪୨, ତହସିଲ- ମାର୍ଶାଘାଇ, ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶା-୭୫୪୨୪୪ ଏବଂ ବାଉଣ୍ଡରୀ: ପୂର୍ବ- ରାସ୍ତା, ପଶ୍ଚିମ- ପରେଶ କୁମାର ପରିଡ଼ା, ଉତ୍ତର- ପ୍ଲଟ୍ ନଂ ୩୫୩, ଦକ୍ଷିଣ- ପ୍ଲଟ ନଂ ୩୫୫।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ |
|---|---|---|---|---|
| ୩ | ୧୦୩୬୬୮୪୧୭ | ଗୃହ ଋଣ | ୨୭.୦୨.୨୦୨୫ | ୫,୧୫,୨୭୭.୪୧/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଶୁବକର ବାଗ ୨. ଭୂମିସୂତ ବାଗ

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ ପ୍ଲଟ୍ ନଂ ୮୦୩, ଏରିଆ ଏ.୦.୦୮ ଡିସିମିଲ, ଖାତା ନଂ ୩୩୭/୧୦୩, ମୌଜା ଅବସ୍ଥିତି- ରମ୍ଭା ସିନ୍ଧୋଳ, ତହସିଲ- ତରଭା, ଜିଲ୍ଲା-ସୋନପୁର, ଓଡ଼ିଶା-୭୬୭୦୧୬ ଏବଂ ବାଉଣ୍ଡରୀ: ପୂର୍ବ- ଗରିବ ଗଣ୍ଡ, ପଶ୍ଚିମ- ସହଦେବ ବାଗ, ଉତ୍ତର- ରାସ୍ତା ଏବଂ ସହଦେବ ବାଗ, ଦକ୍ଷିଣ- ଗରିବ ଗଣ୍ଡ।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
ତାରିଖ: ୧୩.୦୩.୨୦୨୫
ସ୍ଥାନ: ଓଡ଼ିଶା
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)



କୋଲକାତା : ପଶ୍ଚିମବଙ୍ଗରେ ରେଳବାଇ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଏଥିରେ ଏବେ କୋଲକାତାରେ ୨ଟି ଲୋକାଲ ବାତାନୁକୂଳିତ (ଏସି) ଟ୍ରେନ ଚାଲିବ। ଏହା ଦ୍ୱାରା ଯାତ୍ରୀଙ୍କୁ ଅଧିକ ଆରାମଦାୟକ ଓ ସୁରକ୍ଷିତ ଯାତ୍ରାର ଅନୁଭବ ମିଳିପାରିବ। ଏସି ଯୋଜନା ମୁମ୍ବାଇରେ ଚାଲୁଥିବା ଏସି ଲୋକାଲ ଟ୍ରେନ ଭଳି ହେବ, ଯାହା ଯାତ୍ରୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇ ପାରିଛି। ରେଳବାଇଙ୍କ ଉଦ୍ଦେଶ୍ୟ ମୁମ୍ବାଇ ଭଳି କୋଲକାତାରେ ମଧ୍ୟ ଲୋକଙ୍କୁ ଆରାମପ୍ରଦ ଟ୍ରେନ ଯାତ୍ରାର ଅନୁଭବ ମିଳୁ। ନୂଆ ଏସି ଲୋକାଲ ଟ୍ରେନ ଚାଲିବା ଦ୍ୱାରା କେବଳ ଯାତ୍ରୀଙ୍କୁ ନୁହେଁ ଇନଫ୍ରାଷ୍ଟ୍ରକ୍ଚର କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହେବ। ଅର୍ଥାତ ରେଳବାଇଙ୍କ ଉଦ୍ୟମ ନିଯୁକ୍ତି ଓ ବ୍ୟବସାୟର ଅବସର ସୃଷ୍ଟି କରିବ। ଏହା ଛଡା ରାଜ୍ୟରେ ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ହେବ। ଏଥିରେ ରେଳବାଇଙ୍କ ଏହି ନିଷ୍ପତ୍ତିକୁ କେନ୍ଦ୍ର ସରକାରଙ୍କ ନିର୍ବାଚନୀ ଚାଲ ବୋଲି ମନେ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨ଟି ଲୋକାଲ ଏସି ଟ୍ରେନ ଚଳାଯିବ। ଯାହାର ସଂଖ୍ୟା ପର୍ଯ୍ୟାୟକ୍ରମେ ବଢ଼ିବ।



### ପ୍ରଧାନମନ୍ତ୍ରୀଙ୍କ ବଡ଼ ଘୋଷଣା

## ମରିସସ୍‌ରେ ହେବ ନୂଆ ସଂସଦ ଭବନ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ମରିସସ ଗସ୍ତରେ ଅଛନ୍ତି। ସେଠାରେ ସେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି କହିଛନ୍ତି ଯେ, ଭାରତ ମରିସସରେ ଏକ ନୂତନ ସଂସଦ ନିର୍ମାଣରେ ସହଯୋଗ କରିବ। ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ଏବଂ ମୁଁ ଭାରତ-ମରିସସ ସହଭାଗୀତାକୁ ଉନ୍ନତ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଷ୍ପତ୍ତି ନେଇଛୁ ଯେ ଭାରତ ମରିସସରେ ନୂଆ ସଂସଦ ଭବନ ନିର୍ମାଣରେ ସହଯୋଗ କରିବ। ଏହା ମଉସସକୁ ଗଣତନ୍ତ୍ରର ଜନନୀ ଠାରୁ ଏକ ବଡ଼ ଉପହାର। ମୋଦି କହିଛନ୍ତି, ଭାରତ ଏବଂ ମରିସସ କେବଳ ଭାରତ ମହାସାଗର ଦ୍ୱାରା ନୁହେଁ ବରଂ ପରମ୍ପରା ଏବଂ ସଂସ୍କୃତି ଦ୍ୱାରା ମଧ୍ୟ ଯୋଡ଼ି ହୋଇଛନ୍ତି। ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀ ମରିସସର ଲୋକମାନଙ୍କୁ ସେମାନଙ୍କ ଜାତୀୟ ଦିବସରେ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ ଏହା ତାଙ୍କର ସୌଭାଗ୍ୟ ଯେ ତାଙ୍କୁ ଏହାର ଜାତୀୟ ଦିବସରେ ପୁଣି ଥରେ ମରିସସ ଗସ୍ତ କରିବାର ସୁଯୋଗ ମିଳିଛି। ବୁଧବାର ସକାଳେ ପ୍ରଧାନମନ୍ତ୍ରୀ ମୋଦି ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜୁଗନୌଥଙ୍କୁ ଭେଟିଥିଲେ। ବିଭିନ୍ନ କ୍ଷେତ୍ରରେ ଭାରତ-ମରିସସ ସହଯୋଗ ବୃଦ୍ଧି କରିବା ଉପରେ ଫୁରେଁ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ମରିସସର ସାଂସଦ ଏବଂ ବିରୋଧୀ ଦଳ ନେତା ଜର୍ଜସ ପିଏରେ ଲେସ୍‌ଜୋଙ୍ଗାର୍ଡଙ୍କୁ ମଧ୍ୟ ଭେଟିଥିଲେ। ଭାରତ-ମରିସସ ବନ୍ଧୁତାକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ଉପଯୋଗୀ ଆଲୋଚନା ହୋଇଥିଲା।

## 'ପ୍ରଧାନମନ୍ତ୍ରୀ ଭାବେ ଖୁବଶୀଘ୍ର ଫେରିବେ ଶେଖ ହସିନା'

ନୂଆଦିଲ୍ଲୀ: ଶେଖ ହସିନା ପ୍ରଧାନମନ୍ତ୍ରୀ ଭାବେ ବାଂଲାଦେଶକୁ ଫେରିବେ। ଏପରି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଅୱାମୀ ଲିଗ୍‌ର ବରିଷ୍ଠ ନେତା ରବି ଆଲମ। ହସିନାଙ୍କୁ ନିରାପଦ ଆଶ୍ରୟ ଦେଇଥିବାରୁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ବାଂଲାଦେଶରେ ଯୁବପିଢ଼ି ଗୋଟିଏ ବଡ଼ ଭୁଲ କରିଛନ୍ତି। କିନ୍ତୁ ତାହା ସେମାନଙ୍କ ଭୁଲ ନୁହେଁ। ସେମାନଙ୍କୁ ଭୁଲ କରିବାକୁ ବାଧ୍ୟ କରାଯାଇଛି। ଆଲମ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କୁ ସେ ଇସ୍ତଫା ଦେଇ ଯେଉଁଠୁ ଆସିଛନ୍ତି ସେଠାକୁ ଚାଲିଯିବାକୁ କହିଛନ୍ତି। ହସିନା ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଥିବା ସେ କହିଛନ୍ତି। ଆଲମ ଆହୁରି କହିଛନ୍ତି ଯେ, ଦେଶରେ ରାଜନୈତିକ ଅଭ୍ୟୁଦୟ ହେବା ଭଲ। କିନ୍ତୁ ବର୍ତ୍ତମାନ ବାଂଲାଦେଶରେ ଯାହାସବୁ ହେଉଛି ତାହା ହେବା ଅନୁଚିତ। ଦେଶରେ ରାଜନୀତି ନୁହେଁ, ବରଂ ଆତଙ୍କବାଦୀଙ୍କ ଅଭ୍ୟୁଦୟ ହେଉଛି।

# ଛତିଶଗଡ ବିଧାନସଭା ପରିସରରେ ହୋଲି ମହୋତ୍ସବ

ରାୟପୁର: ଛତିଶଗଡ ବିଧାନସଭା ପରିସରରେ ବୁଧବାର ହୋଲି ମିଳନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ବାଚସ୍ପତି ରମଣ ସିଂଙ୍କ ସମେତ ସମସ୍ତ ମନ୍ତ୍ରୀ ଓ ବିଧାୟକମାନେ ସାମିଲ ହୋଇ ହୋଲି ଖେଳିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତି ବିରୋଧୀଦଳ ନେତାଙ୍କୁ ରଙ୍ଗ ମାରିବା ସହ ସେମାନଙ୍କୁ ହୋଲିର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ରାଜ୍ୟବାସୀଙ୍କ ସମୃଦ୍ଧି ଓ ବିକାଶ ସମସ୍ତେ କାମନା କରିଥିଲେ। ଏଥିପାଇଁ ମାହୋଲ ପୁରା ସରଗରମ ହୋଇ ଉଠିଥିଲା। ସମସ୍ତେ ହୋଲି ଗୀତ ବୋଲି ପରସ୍ପରକୁ ରଙ୍ଗ ମାରିବା ଏକ ରୋମାଞ୍ଚ ସୃଷ୍ଟି କରିଥିଲା। ଏହି ହୋଲି ପର୍ବରେ ମୁଖ୍ୟମନ୍ତ୍ରୀ ସାଏଙ୍କ ସମେତ ବିରୋଧ ଦଳ ନେତା ଚରଣ ଦାସ ମହନ୍ତ, ବିରୋଧୀ ବିଧାୟକ, ବିଧାନସଭା କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ମନ୍ତ୍ରୀ ଏବଂ ବିଧାୟକମାନେ ଲୋକ ସଂସ୍କୃତି ଉପରେ ଆଧାରିତ ସଂଗୀତ ଗାନ କରିଥିଲେ। ବିଧାନସଭା ପରିସରରେ ସଂଗୀତର ମାହୋଲ ସୃଷ୍ଟି ହୋଇଥିଲା। ଛତିଶଗଡ ରାଜସ୍ୱ ମନ୍ତ୍ରୀ ଟଙ୍କରାମ ଶର୍ମା ବଂଶୀ ବାଦନ ସହ ଛୋଟେଛେ ଶ୍ୟାମ କହୈୟା ଗୀତକୁ ଗାଇଥିଲେ। ସେହିପରି ବିଧାୟକ ଅନୁଜ ଶର୍ମା ମୋଲା ମୋହିନୀ ଡାଏ ଦିଏରେ ଔର ରଂଗ ବରସେ ଗୀତ ଗାଇ ସମସ୍ତଙ୍କ ମନ ମୋହି ନେଇଥିଲେ। ସେହିପରି ବିଧାୟକ କୁମାର ସିଂ ନିଶାନ 'ଫଗୁଣ ମସ୍ତ ମହିନା ଓଁର ଚନାରେ ତାଲ ରାଜା' ଗୀତ ଗାଇଥିଲେ। ସେହିପରି ବିଧାୟକ ଦିଲ୍ଲୀପ ଲହରିଆ 'ନଦୀଆକେ ପାରମେ କଦଲୀ କଛାଏ' ଗୀତ ଗାଇ ଶ୍ରୋତାଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ।





# ନଗର ନିଗମ ନିର୍ବାଚନ: ୧୦ରୁ ୯ ସହରରେ ଭାଜପା ମେୟର

ଚଣ୍ଡିଗଡ଼: ହରିୟାଣା ବିଧାନସଭା ନିର୍ବାଚନ ପରେ, ସ୍ଥାନୀୟ ନଗର ନିଗମ ନିର୍ବାଚନରେ ମଧ୍ୟ କଂଗ୍ରେସକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ରାଜ୍ୟର ୧୦ଟି ନଗର ନିଗମରୁ ଭାଜପା ୯ଟି ଆସନ ଜିତିଛି। ଯେତେବେଳେ ଗୋଟିଏ ନଗର ନିଗମରେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ, ୨ ମାର୍ଚ୍ଚରେ ଅନୁଷ୍ଠିତ ହରିୟାଣା ନଗର ନିଗମ ନିର୍ବାଚନର ଭୋଟ ଗଣତି ବୁଧବାର କରାଯାଇଥିଲା। ଏହି ନିର୍ବାଚନରେ ମଧ୍ୟ ଭାଜପାର ପ୍ରଦର୍ଶନ ଭଲ ଥିଲା, ଯେତେବେଳେ କି କଂଗ୍ରେସ ଏହି ନିର୍ବାଚନରେ ମଧ୍ୟ ଶୋଚନୀୟ ଭାବେ ପରାଜିତ ହୋଇଥିଲା। ଭାଜପା ୧୦ଟି ନଗର ନିଗମରୁ ୯ଟିରେ ବିଜୟୀ ହୋଇଥିଲେ ମଧ୍ୟ, କଂଗ୍ରେସ ଗୋଟିଏ ମଧ୍ୟ ଆସନରେ ନିର୍ବାଚନ ଜିତିପାରିଲା ନାହିଁ। ହରିୟାଣାର ୧୦ଟି ନଗର ନିଗମ ଆସନରୁ ଭାଜପା ୯ଟିରେ ବିଜୟୀ ହୋଇଛି। ଯେତେବେଳେ କଂଗ୍ରେସ ସମସ୍ତ ନଗର ନିଗମରେ ପରାସ୍ତ ହୋଇଛି। ଯେତେବେଳେ ମାନେସର ନଗର ନିଗମରେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ପାଞ୍ଚଟି ପୌର ପରିଷଦ ଏବଂ ୨୩ଟି ପୌରପାଳିକାରେ ଭୋଟ ଗଣତି ଚାଲିଛି। ସେଠାରେ ମଧ୍ୟ ଅଧିକାଂଶ ସ୍ଥାନରେ ଭାଜପା ପ୍ରାର୍ଥୀମାନେ ଆଗୁଆ ଅଛନ୍ତି। କଂଗ୍ରେସ ବିଧାୟକ ଏବଂ କୁସ୍ତିଯୋଦ୍ଧା ଭିନେଶ ଫୋଗତଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ଜୁଲାନା ନଗର ନିଗମରେ ମଧ୍ୟ ଭାଜପା ଜିତିଛି, ଏହି ଘଟଣାରୁ ପୌର ନିଗମ ନିର୍ବାଚନରେ କଂଗ୍ରେସର ଖରାପ ଅବସ୍ଥା ଅନୁମାନ କରାଯାଇପାରେ।

## ସମୟ ଆସିବ ସାରା ବିଶ୍ୱ ଗେରୁଆ ପିନ୍ଧିବ : ଯୋଗୀ



ନୂଆଦିଲ୍ଲୀ: ଲକ୍ଷ୍ନୌରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଉଦବୋଧନ ଦେଇ ଯୋଗୀ କହିଥିଲେ, ମୋ ବିଷୟରେ ଦୁନିଆ ଯାହା ଭାବିବା କଥା ଭାବୁ, କିନ୍ତୁ ବାସ୍ତବରେ ମୁଁ ଗେରୁଆ ବସ୍ତ୍ର ପରିଧାନ କରେ। ଏହା ମୋର ପରିଚୟ ଏବଂ ଆମ ସନାତନ ପରମ୍ପରାର ମଧ୍ୟ ପରିଚୟ। ମୁଁ ଏଥିରୁ ପ୍ରଚୁର ଗର୍ବ ଅନୁଭବ କରେ ଏବଂ ମୁଁ କହୁଛି, ଦିନେ ସାରା ବିଶ୍ୱ ଏହାକୁ ପରିଧାନ କରିବ। ସମ୍ପ୍ରତି ସମ୍ଭଲ ମସଜିଦ ବିବାଦକୁ ନେଇ କହିଥିଲେ, କାହାର ବିଶ୍ୱାସକୁ ବଳପୂର୍ବକ ଅଧିକାର କରିବା ଅଗ୍ରହଣୀୟ। ବିଶେଷକରି ଯେତେବେଳେ ଆମେ ସମ୍ଭଲ ବିଷୟରେ ସମସ୍ତ ସତ୍ୟତା ଜାଣିଛୁ। ସମ୍ଭଲରେ ୧୫୨୬ରେ ଏକ ବିଷ୍ଣୁ ମନ୍ଦିର ରହିଥିଲା। ୫ ହଜାର ବର୍ଷ ତଳେ ଧର୍ମଗ୍ରନ୍ଥରେ ସମ୍ଭଲ ବିଷୟରେ ଉଲ୍ଲେଖ ରହିଛି। ସେଥିରେ ଭଗବାନ ବିଷ୍ଣୁଙ୍କ ପରଜନ୍ମ ବିଷୟରେ ମଧ୍ୟ କୁହାଯାଇଛି। ସମ୍ଭଲ ଐତିହାସିକ ସତ୍ୟକୁ ବର୍ଣ୍ଣନା କରେ ବୋଲି ସେ କହିଛନ୍ତି।

# ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ

କୋଲକାତା: ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ କୋଲକାତାଠାରେ ଆୟୋଜିତ ସମ୍ମାନଜନକ ସପ୍ତମ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ୨୦୨୫ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି)କୁ ଏହାର ଜିନ୍ଦଲ ଆଶା କାର୍ଯ୍ୟକ୍ରମ ପାଇଁ ବିଜେତା ଟ୍ରଫି ଏବଂ କିଶୋରୀ ଏକ୍ସପ୍ରେସ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଜୁରି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅସାନସୋଲ ଦକ୍ଷିଣର ବିଧାୟକ ଅଗ୍ନିମିତ୍ର ପାଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ମାଗସେସେ ପୁରସ୍କାର ବିଜେତା ଅଂଶୁ ଗୁପ୍ତା ଏବଂ ରୋଟାରୀ ଇଣ୍ଟରନ୍ୟାସନାଲର ପୂର୍ବତନ ଗ୍ଲୋବାଲ ପ୍ରେସିଡେଣ୍ଟ ଶେଖର ମେହେଟ୍ଟା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜେଏସପି ଏହାର ପ୍ରମୁଖ କାର୍ଯ୍ୟକ୍ରମ ଜିନ୍ଦଲ ଆଶା ପାଇଁ ଶିକ୍ଷା ବର୍ଗରେ ବିଜେତା ଟ୍ରଫି ଏବଂ କିଶୋରୀ ଏକ୍ସପ୍ରେସ କାର୍ଯ୍ୟକ୍ରମ ପାଇଁ ସ୍ୱାସ୍ଥ୍ୟ ବର୍ଗରେ ସ୍ୱତନ୍ତ୍ର ଜୁରି ପୁରସ୍କାର ହାସଲ କରିଛି। ଜିନ୍ଦଲ ଆଶା ଦିବ୍ୟାଙ୍ଗ ପିଲାମାନଙ୍କୁ ସେମାନଙ୍କ ଶିକ୍ଷା କ୍ଷେତ୍ରରେ ଏବଂ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବାରେ ସହାୟତା କରୁଥିବା ବେଳେ କିଶୋରୀ ଏକ୍ସପ୍ରେସ୍ କାର୍ଯ୍ୟକ୍ରମ ରକ୍ତହୀନତା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରି କିଶୋରୀମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏକ ସୁସ୍ଥ ସମାଜ ଗଠନ ପାଇଁ ଜେଏସପିର ଅଧ୍ୟକ୍ଷ ତଥା ତୃତୀୟ ଥର ସାଂସଦ ନବୀନ ଜିନ୍ଦଲଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସପିର ନିରନ୍ତର ଗୋଷ୍ଠୀ ବିକାଶ



କାର୍ଯ୍ୟକ୍ରମ ଗୁଡିକ ଅନ୍ତର୍ଭୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଅବହେଳିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରୁଛି। ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଏହି ସଫଳତା ସମ୍ପର୍କରେ କହିଛନ୍ତି ଯେ, ସପ୍ତମ ଆଇସିସି ସୋସିଆଲ ଇମ୍ପାକ୍ଟ ପୁରସ୍କାର କାର୍ଯ୍ୟକ୍ରମରେ ଏହି ଦୁଇଟି ସମ୍ମାନ ପାଇଁ ଆମେ ଆଇସିସିକୁ ଧନ୍ୟବାଦ ଜଣାଉଛୁ। ଏହି ପୁରସ୍କାର ଅବହେଳିତ ଲୋକମାନଙ୍କର ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ। ବିଗତ ବର୍ଷ ମଧ୍ୟରେ ଜିନ୍ଦଲ ଫାଉଣ୍ଡେସନ ସମଗ୍ର ଭାରତରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୪ ନିୟୁତରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିଛି।



amazon

ନୂଆଦିଲ୍ଲୀ: ଆମାଜନ୍ ଇଣ୍ଡିଆ ପକ୍ଷରୁ ୟୁଥ୍ ଫର୍ ଜବ୍‌ସ ଫାଉଣ୍ଡେସନ୍ ସହିତ ସହଯୋଗିତା ସ୍ଥାପନ କରିଛି, ଯେଉଁଥିରେ ଦିବ୍ୟାଙ୍ଗ ଯୁବକ-ଯୁବତୀଙ୍କୁ ଭାରତରେ ଦାରିଦ୍ର୍ୟମୁକ୍ତ ଜୀବନ ପାଇଁ କାର୍ଯ୍ୟ କରିବାରେ ସହାୟତା ପ୍ରଦାନ କରାଯିବ। ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗ ମହିଳା ବିକ୍ରେତାଙ୍କୁ ଆମାଜନ ଡଟ୍ ଇନ୍ ବ୍ୟବହାର କରି ଅନଲାଇନରେ ନିଜ ବ୍ୟବସାୟ ବୃଦ୍ଧି କରିବାରେ ସହାୟତା ପ୍ରଦାନ କରିବା। ଏହାର ଆମାଜନ୍ ସହେଲି ପ୍ରୋଗ୍ରାମ୍ ମାଧ୍ୟମରେ ଏହା ଦିବ୍ୟାଙ୍ଗ ମହିଳାଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବ୍ୟାପକ ବଜାର ସୁଯୋଗ ସହିତ ସଂଯୋଜିତ କରିବ ଯାହା ଫଳରେ ସେମାନେ ଡିଜିଟାଲ୍ ଅର୍ଥନୀତିରେ ନିଜ ବ୍ୟବସାୟ ବୃଦ୍ଧି କରିପାରିବେ। ଏହି ସହଯୋଗିତା ସମ୍ପର୍କରେ ଆମାଜନ୍ ଇଣ୍ଡିଆର ବିକ୍ରୟ ନିର୍ଦ୍ଦେଶକ ଗୌରବ ଭଟ୍ଟନାଗର କହିଛନ୍ତି ଯେ, 'ଆମେ ଭାରତର ଡିଜିଟାଲ୍ ଅର୍ଥନୀତିକୁ ସମୃଦ୍ଧ କରିବାରେ ମହିଳା ଉଦ୍ୟୋଗୀଙ୍କ ପ୍ରତିଭାକୁ ଚିହ୍ନିଛୁ। ଏହି ଅବସରରେ ୟୁଥ୍ ଫର୍ ଜବ୍‌ସର ପ୍ରତିଷ୍ଠାତା ମୀରା ସେନୟ କହିଛନ୍ତି ଯେ, 'ଆମାଜନ୍ ସହେଲି ସହିତ ଆମର ସହଯୋଗ ଯୁବକ-ଯୁବତୀ, ବିଶେଷକରି ଦିବ୍ୟାଙ୍ଗ ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକା ଗଠନ ପାଇଁ ଆମର ପ୍ରତିବଦ୍ଧତା ସହିତ ସମନ୍ୱିତ ରହିଛି। ଆମାଜନ ସହେଲିର ୬୦ରୁ ଅଧିକ ସହଯୋଗିତା ରହିଛି ଯାହା ସହରୀ ଏବଂ ଗ୍ରାମୀଣ କ୍ଷେତ୍ରର ୧୬ ଲକ୍ଷରୁ ଅଧିକ ମହିଳା ଉଦ୍ୟୋଗୀଙ୍କୁ ପ୍ରଭାବିତ କରିଛି।

## ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ଭୂତଳ ବିଦ୍ୟୁତ୍ ଲାଇନ କାର୍ଯ୍ୟକ୍ଷମ



ବୁର୍ଲା (ଭାସ୍କର ନ୍ୟୁଜ୍) : ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଗଣେଷନଗରର ସ୍ଥିତ ଓପିଟିସିଏଲ୍ ଗ୍ରୀଡ ସବଷ୍ଟେସନ୍ ଠାରୁ ଅଇଁଠାପାଲି ସ୍ଥିତ ପାୱାର ସବ-ଷ୍ଟେସନ୍ ପର୍ଯ୍ୟନ୍ତ ଏକ ବିକଳ୍ପ ନୂତନ ୩୩ କେ.ଭି ଭୂତଳ ବିଦ୍ୟୁତ୍ ଲାଇନ୍ ବିଛାଯାଇଅଛି । ଏହାକୁ ଗତ ତା. ୧୧ ମାର୍ଚ୍ଚ ୨୦୨୫ ରିଖ ଦିନ ଚାର୍ଜ କରାଯାଇ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ବିକଳ୍ପ ନୂତନ ୩୩ କେ.ଭି ଭୂତଳ କେବୁଲ ଲାଇନ୍ ଦ୍ୱାରା ସମ୍ବଲପୁର ସହରରଅଇଁଠାପାଲି, ବୁଢାରାଜା, ଫାଟକ୍, ମୁଦିପଡ଼ା, ଚେରୁଆପଡ଼ା, ଏସ୍ଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାର୍ମରୋଡ୍, ରେଲୱେ ଷ୍ଟେସନ ଅଞ୍ଚଳ, ଅନୁଗୁଳିଆପଡ଼ା ଓ ଝାରସୁଗୁଡ଼ା ରୋଡ୍, ରେମଡ୍ ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ପାଖାପଖି ୩୦ ହଜାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଓ ଅବ୍ୟାହତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଇପାରିବ । ଏହା ସହିତ ସମ୍ବଲପୁର ସହରର ବିଭିନ୍ନ ସରକାରୀ ତଥା ବେସରକାରୀ କୋଠା, ସ୍କୁଲ୍, କଲେଜ, ସରକାରୀ କାର୍ଯ୍ୟାଳୟ, ପୋଲିସ ଷ୍ଟେସନ୍, ହୋଟେଲ୍ ଆଦି ସ୍ଥାନକୁ ମଧ୍ୟ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଇପାରିବ । ଏଠାରେ କହିରଖୁ କି, ଅଇଁଠାପାଲି ସ୍ଥିତ ପାୱାର ସବ-ଷ୍ଟେସନକୁ ଗଣେଷନଗର ସ୍ଥିତ ଓପିଟିସିଏଲ୍ ଗ୍ରୀଡରୁ ଓଭରହେଡ୍ ୩୩ କେ.ଭି ଫିଡର୍ ଲାଇନ୍ ଦ୍ୱାରା ବିଦ୍ୟୁତ୍ ଯୋଗାଣ କରାଯାଇଥାଏ । ମାତ୍ର ପିକ୍ ଲୋଡ ସମୟରେ ବିଦ୍ୟମାନ ଓଭରହେଡ୍ ୩୩ କେଭି ଫିଡର୍ ଲାଇନଟି ଓଭରଲୋଡ୍ ହୋଇଯାଏ । ଯାହା ଫଳରେ ବିଦ୍ୟୁତ୍ ଯୋଗାଣ ଅନେକ ସମୟ ପର୍ଯ୍ୟନ୍ତ ବାଧାପ୍ରାପ୍ତ ହୋଇଥାଏ। ଆଗାମୀ ଦିନମାନଙ୍କରେ ଟିପିଡବ୍ଲ୍ୟୁଓଡିଏଲ୍ ଏହାର ସମସ୍ତ ଫିଡର ଲାଇନ୍ ଗୁଡ଼ିକୁ ଭୂତଳ କରିବା ପାଇଁ ନିଷ୍ପତ୍ତି ନେଇଛି । ଯାହା ଦ୍ୱାରା ଫିଡର୍ ଲାଇନର ସ୍ଥିରତା ବୃଦ୍ଧି ପାଇବ ଏବଂ କାଳବୈଶାଖୀ ତଥା ବାତ୍ୟା ଭଳି ପରିସ୍ଥିତିରେ କ୍ଷୟକ୍ଷତିର ସମ୍ଭାବନା କମ୍ ହୋଇଯିବ। ଏହି ନୂତନ ବିକଳ୍ପ ୩୩ କେ.ଭି. ଭୂତଳ କେବୁଲ ଲାଇନର ଦୂରତା ୩ କିଲୋମିଟର ରହିଥିବା ବେଳେ କମ୍ପାନୀ ପକ୍ଷରୁ ଏହାର ନିର୍ମାଣ ପାଇଁ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି।

## ୱାଟରପ୍ରୁଫିଙ୍ଗକୁ ସୁଦୃଢ କରିଛି ଡକ୍ଟର ଫିକ୍ସିଟ



ନୂଆଦିଲ୍ଲୀ: ପିଡିଲାଇଟ ଇଣ୍ଡଷ୍ଟ୍ରୀଜ ଲିମିଟେଡର ଏକ ଅଗ୍ରଣୀ ୱାଟରପ୍ରୁଫିଙ୍ଗ ସଲ୍ୟୁଶନ୍ସ ବ୍ରାଣ୍ଡ, ଡକ୍ଟର ଫିକ୍ସିଟ ଘରର ନିର୍ମାଣ ପର୍ଯ୍ୟାୟଠାରୁ ଆରମ୍ଭ କରି ବିଦ୍ୟମାନ କ୍ଷତିଗୁଡ଼ିକର ପ୍ରତିକାର କରିବା ପର୍ଯ୍ୟନ୍ତ ୱାଟରପ୍ରୁଫିଙ୍ଗର ମହତ୍ୱ ସମ୍ପର୍କରେ ଉପଭୋକ୍ତା ସଚେତନତା ବିସ୍ତାର କରିବା ପାଇଁ ଏକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏହି ଅଭିଯାନର ଅଂଶ ଭାବେ ଡକ୍ଟର ଫିକ୍ସିଟ ଏକ ବିଶାଳ ସଚେତନତା ଅଭିଯାନ ଲଂଚ କରିଛି ଯେଉଁଥିରେ ବଲିଉଡର କିମ୍ବଦନ୍ତୀ କଳାକାର ଅମିତାଭ ବଚ୍ଚନ ନିଜର ସିଗ୍ନେଚର ଷ୍ଟାଇଲରେ ଅଭିନୟ କରିଛନ୍ତି। ଏହି ଅଭିଯାନ ସମ୍ପର୍କରେ ପିଡିଲାଇଟ ଇଣ୍ଡଷ୍ଟ୍ରୀଜ ଲିମିଟେଡର କନ୍‌ଷ୍ଟ୍ରକ୍ସନ କେମିକାଲ ବିଭାଗର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ସଲିଲ ଦଲାଲ କହିଛନ୍ତି, 'ୱାଟରପ୍ରୁଫିଙ୍ଗ ହେଉଛି ଘର ନିର୍ମାଣର ଏକ ଜରୁରୀ ତଥାପି ଅବହେଳିତ ଦିଗ। ଏହି ଅଭିଯାନ ସହିତ ଆମର ଲକ୍ଷ୍ୟ ହେଉଛି ଘର ମାଲିକମାନେ ସଠିକ ପର୍ଯ୍ୟାୟରେ ଏହାର ମହତ୍ୱକୁ ଚିହ୍ନଟ କରିବା ସୁନିଶ୍ଚିତ କରିବା। ଅମିତାଭ ବଚ୍ଚନଙ୍କ ବ୍ୟାପକ ପ୍ରଶଂସକ ଓ ପ୍ରଭାବକୁ ଉପଯୋଗ କରି ଆମେ ଏକ ନିୟୋଜିତ ଓ ପ୍ରାସଙ୍ଗିକ ଶୈଳୀରେ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଆଗକୁ ଆଣିଛୁ। ଏହି ଅଭିଯାନ ଉପଭୋକ୍ତା ସଚେତନତା ପ୍ରତି ଡକ୍ଟର ଫିକ୍ସିଟର ନେତୃତ୍ୱ ଓ ଗଭୀର ପ୍ରତିଶ୍ରୁତିକୁ ମଜବୁତ କରିଛି। ୨୫ ବର୍ଷର ବିଶେଷଜ୍ଞତା ସହିତ ଏହି ବ୍ରାଣ୍ଡ ଲିକେଜ ରୋକିବା, ଢାଂଚାକୁ ମଜବୁତ କରିବା ଓ ଘରର ସ୍ଥାୟିତ୍ୱ ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଥିବା ସମାଧାନଗୁଡିକର ଏକ ଶୃଙ୍ଖଳା ପ୍ରଦାନ କରୁଛି।

## ଭାରତର ଶ୍ରେଷ୍ଠ ୧୦୦ ଏମ୍‌ଏସ୍‌ଏମ୍‌ଇ ପୁରସ୍କୃତ

ନୂଆଦିଲ୍ଲୀ: ଭାରତର ଏକ ପ୍ରମୁଖ ବ୍ୟାଙ୍କ୍ ଅକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ଇଣ୍ଡିଆ ଏସଏମଇ ଫୋରମର ମିଳିତ ସହଯୋଗରେ ନୂଆଦିଲ୍ଲୀରେ 'ଇଣ୍ଡିଆ ଏସଏମଇ ୧୦୦ ପୁରସ୍କାର ୨୦୨୫' ସମାରୋହ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ଶ୍ରେଷ୍ଠ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ପ୍ରତିଷ୍ଠାନଗୁଡ଼ିକୁ ସେମାନଙ୍କର ଅସାଧାରଣ ସଫଳତା ଏବଂ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ନବସୃଜନରେ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ ଓ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ, ଆକ୍ସିସ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅମିତାଭ ଚୌଧୁରୀ, ଆକ୍ସିସ ବ୍ୟାଙ୍କର କମର୍ସିଆଲ ବ୍ୟାଙ୍କିଂ ଗ୍ରୁପର ମୁଖ୍ୟ ତଥା ସଭାପତି ଶ୍ରୀ ବିଜୟ ଶେଟ୍ଟି ଏବଂ ଇଣ୍ଡିଆ ଏସଏମଇ ଫୋରମର ଅଧ୍ୟକ୍ଷ ଶ୍ରୀ ପ୍ରହଲାଦ କାକର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଇଣ୍ଡିଆ ଏସଏମଇ ପୁରସ୍କାରର ୧୧ତମ ସଂସ୍କରଣରେ ସମଗ୍ର ଦେଶରୁ ୨୭୫୦୦ରୁ ଅଧିକ ଏମଏସଏମଇ ପ୍ରତିଷ୍ଠାନଠାରୁ ଆବେଦନ ଆସିଥିଲା। ଶ୍ରେଷ୍ଠ ୧୦୦ ଏମଏସ, ମଇ ବିଜେତାଙ୍କୁ ବିଭିନ୍ନ ମାନଦଣ୍ଡ ଉପରେ ମୂଲ୍ୟାଙ୍କନ କରାଯାଇଥିଲା।




ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଅର୍ଥ, କୃଷି ଏବଂ ଉପଭୋକ୍ତା ପଣ୍ୟ ଆଦି କ୍ଷେତ୍ରର ସଂସ୍ଥାଗୁଡ଼ିକ ବିଜୟୀ ହୋଇଥିଲେ। ମହାରାଷ୍ଟ୍ର ୧୭ ବିଜେତା ସହ ଶୀର୍ଷରେ ରହିଥିଲା। ଏହା ପଛକୁ ତାମିଲନାଡୁ (୧୨), ଦିଲ୍ଲୀ (୧୧), କର୍ଣ୍ଣାଟକ ଏବଂ ଉତରପ୍ରଦେଶ (୧୦ ପ୍ରତ୍ୟେକ), ଗୁଜରାଟ ଏବଂ ହରିୟାଣା (ପ୍ରତ୍ୟେକ ୮), ଏବଂ ରାଜସ୍ଥାନ (୭) ରହିଥିଲା। ପଶ୍ଚିମବଙ୍ଗ, ତେଲେଙ୍ଗାନା, ପାବ, ଜମ୍ମୁ ଏବଂ କାଶ୍ମୀର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, କେରଳ, ଏବଂ ଗୋଆ ଭଳି ରାଜ୍ୟଗୁଡ଼ିକ ମଧ୍ୟ ଭଲ ଭାବରେ ପ୍ରତିନିଧିତ୍ୱ ରହିଥିଲା। ଏହା ବ୍ୟତୀତ, ୨୨ ବିଜୟୀ ପ୍ରତିଷ୍ଠାନ ମହିଳାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ଯାହା ବ୍ୟବସାୟ କ୍ଷେତ୍ରରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ନେତୃତ୍ୱକୁ ଦର୍ଶାଉଛି। ଏହି ଅବସରରେ ଅକ୍ସିସ୍ ବ୍ୟାଙ୍କ୍ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଯେ, 'ଭାରତର ଏମ୍‌ଏସ୍‌ଏମ୍‌ଇ କେବଳ ଉଦ୍ୟୋଗୀ ନୁହଁନ୍ତି; ସେମାନେ ପ୍ରଗତିର ଇନ। ସେମାନେ ନିଜର ପ୍ରତିଭା ଏବଂ ଦୃଢ଼ତା ସହିତ ଦେଶର ଅର୍ଥନୈତିକ ଭାଗ୍ୟକୁ ଗଢୁଛନ୍ତି। ଅକ୍ସିସ୍ ବ୍ୟାଙ୍କ ଭାବରେ ଆମେ ଏମ୍‌ଏସ୍‌ଏମ୍‌ଇ ପ୍ରତିଷ୍ଠାନଙ୍କୁ ସମର୍ଥନ କରୁଛୁ। ଇଣ୍ଡିଆ ଏସ୍‌ଏମ୍‌ଇ ଫୋରମ୍‌ର ଅଧ୍ୟକ୍ଷ ପ୍ରହଲ୍ଲାଦ କକର୍ କହିଛନ୍ତି ଯେ,'ଇଣ୍ଡିଆ ଏସ୍‌ଏମ୍‌ଇ ଆୱାର୍ଡସ୍ କେବଳ ସଫଳତାକୁ ମାନ୍ୟତା ଦେଇନାହିଁ, ବରଂ ଭବିଷ୍ୟତ ଉଦ୍ୟୋଗିମାନଙ୍କୁ ଅନୁପ୍ରାଣିତ କରିଛି।

## ଟ୍ରାନ୍ସ୍ୟୁନିୟନ୍ ସିବିଲ୍ ପକ୍ଷରୁ ଗ୍ରାହକ ସଚେତନତା ଅଭିଯାନର ଶୁଭାରମ୍ଭ

TransUnion CIBIL    FACE

ନୂଆଦିଲ୍ଲୀ: ଭାରତରେ ଆର୍ଥିକ ସାକ୍ଷରତା ଏବଂ ଋଣ ସଚେତନତା ପ୍ରଚାର କରିବାକୁ ଟ୍ରାନ୍ସ୍ୟୁନିୟନ୍ ସିବିଲ୍ ଓ ଫିନଟେକ୍ ଆସୋସିଏସନ୍ ଫର୍ କ୍ୟୁମର ଏମ୍ପାୱାରମେଣ୍ଟ (ଫେସ୍) ପରସ୍ପର ସହ ହାତ ମିଳାଇଛନ୍ତି। ଏହି ପ୍ରୟାସର ନାମକରଣ କରାଯାଇଛି 'ସିବିଲ୍ ଜାଗରଣ' ଯାହା ଫିନଟେକ୍ ସମାଧାନ ମାଧ୍ୟମରେ ଗ୍ରାହକଙ୍କ ପାଇଁ ଋଣ ସଚେତନତାରେ ଉନ୍ନତି ଆଣିବା ଏବଂ ଋଣ ହାସଲକୁ ସହଜ କରିବାକୁ ଲକ୍ଷ୍ୟ ରଖିଛି। ଏହି ଚୁକ୍ତି ଅନୁଯାୟୀ, ଟ୍ରାନ୍ସ୍ୟୁନିୟନ୍ ସିବିଲ୍ ଜ୍ଞାନ ଏବଂ ବିଶେଷଜ୍ଞତା ପ୍ରଦାନ କରିବ ଏବଂ କୋ-ବ୍ରାଣ୍ଡେଡ୍ ତଥା ସୁହାଇବା ଭଳି ସଚେତନତାମୂଳକ ବିଷୟବସ୍ତୁ ପ୍ରସ୍ତୁତ କରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଫିନଟେକ୍ କ୍ଷେତ୍ରରେ ସ୍ୱୟଂନିୟାମକ ସଂଗଠନ (ଏସ୍ଆରଓ) ଭାବରେ ସ୍ୱୀକୃତ ପାଇଥିବା ଫେସ୍ ଏହାର ୧୬୫ରୁ ଅଧିକ ଫିନଟେକ୍ ସଦସ୍ୟଙ୍କ ନେଟୱାର୍କ ସହିତ କାମ କରି ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ଋଣ ସଚେତନତାର ପ୍ରଚାର କରିବ। ଏହି ଅବସରରେ ଟ୍ରାନ୍ସ୍ୟୁନିୟନ୍ ସିବିଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭାବେଶ ଜୈନ୍ କହିଛନ୍ତି ଯେ, 'ଯଦିଓ ଗ୍ରାହକଙ୍କ ପାଇଁ ପୂର୍ବାପେକ୍ଷା ଆର୍ଥିକ ଉତ୍ପାଦ ହାସଲ ସହଜ ହୋଇଛି, ତଥାପି ସେମାନେ ଏହି ଉତ୍ପାଦଗୁଡ଼ିକୁ କିପରି ବ୍ୟବହାର କରି ନିଜ ଆର୍ଥିକ ସ୍ୱାସ୍ଥ୍ୟ ଉନ୍ନତ କରିପାରିବେ ତାହା ବୁଝିବାରେ ଅସମର୍ଥ ରହିଛନ୍ତି। ଫେସ୍‌ର ସିଇଓ ସୁଗନ୍ଧ ସାକ୍ସେନା କହିଛନ୍ତି ଯେ, 'ଫେସ୍ ଏବଂ ଟ୍ରାନ୍ସ୍ୟୁନିୟନ୍ ସିବିଲ୍ ଭଳି ସଂଗଠନଗୁଡ଼ିକ ଆର୍ଥିକ ଉତ୍ପାଦ ଏବଂ ଗ୍ରାହକମାନଙ୍କ ମଧ୍ୟରେ ଥିବା ଅନ୍ତରକୁ ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

## ଡାଇକିନ୍ ଇଣ୍ଡିଆ ପୂର୍ବାଞ୍ଚଳ ବଜାରକୁ ନେଇ ଉତ୍ସାହିତ



ନୂଆଦିଲ୍ଲୀ: ଡାଇକିନ ଇଣ୍ଡଷ୍ଟ୍ରିଜ ଲିମିଟେଡ, ଜାପାନର ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ଏବଂ ଭାରତରେ ଏୟାର-କଣ୍ଡିସନିଂ ବଜାରରେ ମାର୍କେଟ ଲିଡର ହୋଇଥିବା ଡାଇକିନ ଏୟାର କଣ୍ଡିସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଡିଏଆଇପିଏଲ) ବ୍ୟାପକ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଓଡ଼ିଶା ବଜାର ପାଇଁ ଏକାଧିକ ନୂତନ ଏୟାର-କଣ୍ଡିସନିଂ ଉତ୍ପାଦ ପ୍ରବେଶ କରାଇଛି। ଡାଇକିନ ଓଡ଼ିଶାକୁ ଏକ ସମ୍ଭାବନାପୂର୍ଣ୍ଣ ବଜାର ଭାବରେ ବିବେଚନା କରୁଛି, ସେଥିପାଇଁ ଏହା ରୁମ ଏସି ବଜାରରେ ଆଧିପତ୍ୟ ବିସ୍ତାର କରିବା ନିମନ୍ତେ ବଜାରର ବିକାଶ ଦିଗରେ ପୁଞ୍ଜିନିବେଶ ଜାରି ରଖିବ। ଏହି ଅବସରରେ କୁଲଦୀପକ ବିରମାନି, ସିନିୟର ଭାଇସ ପ୍ରେସିଡେଣ୍ଟ ଓ ଏକଜିକ୍ୟୁଟିଭ ଡାଇରେକ୍ଟର, ଡାଇକିନ ଇଣ୍ଡିଆ କହିଥିଲେ, 'ଭାରତରେ ମଜଭୁତ ଏବଂ ନିରନ୍ତର ଅଭିବୃଦ୍ଧି ଘଟୁଥିବାବେଳେ ଆମେ ସମଗ୍ର ଓଡ଼ିଶାରେ ଆମର ସମ୍ପ୍ରସାରଣ ତ୍ୱରାନ୍ୱିତ କରିବାକୁ ଉଦ୍ୟତ ହେଉଛୁ, ଆମ ବଜାର ଉପସ୍ଥିତି ସୁଦୃଢ଼ କରିବାକୁ ଅଧିକ ମହତାକାଂକ୍ଷୀ ଆଭିମୁଖ୍ୟ ଗ୍ରହଣ କରୁଛୁ। ଗତବର୍ଷ ପୂର୍ବାଞ୍ଚଳ ବଜାର ୩୨% ଅଭିବୃଦ୍ଧି ହାସଲ କରିଛି ଏବଂ ଡାଇକିନ ଇଣ୍ଡିଆ ୨୦୨୬ ସୁଦ୍ଧା ୧୬୦୦ କୋଟି ଟଙ୍କାରେ ପହଞ୍ଚିବା ଅନୁମାନ କରୁଛି, ଯାହା ଆମକୁ ଏକାଧିକ ନୂତନ ଉତ୍ପାଦ ବଜାର ପ୍ରବେଶ କରାଇବା ଏବଂ ଆମର ଡିଲର ନେଟୱର୍କ ବ୍ୟାପକ ଭାବରେ ବୃଦ୍ଧି କରିବାକୁ ପ୍ରେରିତ କରୁଛି। ଡାଇକିନ ଇଣ୍ଡିଆ ସମ୍ପ୍ରତି ଶ୍ରୀସିଟି, ଆନ୍ଧ୍ର ପ୍ରଦେଶରେ ତାହାର ନୂତନ କାରଖାନାକୁ କାର୍ଯ୍ୟକ୍ଷମ କରିସାରିଛି, ଯାହା ୭୫.୫ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ଏବଂ ଭାରତରେ ନିର୍ମିତ ସର୍ବାଧୁନିକ ଏୟାର କଣ୍ଡିସନିଂ ଉତ୍ପାଦଗୁଡିକର ଘରୋଇ ଓ ଆନ୍ତର୍ଜାତିକ ବ୍ୟବହାର ନିମନ୍ତେ ବର୍ଦ୍ଧିତ ଚାହିଦା ମୁତାବକ ଯୋଗାଇ ଦେବାକୁ ରଣକୌଶଳାତ୍ମକ ଭାବରେ ଅବସ୍ଥିତ ହୋଇଛି ଏବଂ ଏହା ଉତ୍କର୍ଷ ଓ ନବସୃଜନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରତିଫଳିତ କରୁଛି।

## ସ୍ପେସ୍‌ଏକ୍ସ ସହିତ ଜିଓର ସହଭାଗିତା

ମୁମ୍ବାଇ : ମୁକେଶ ଅମ୍ବାନୀଙ୍କ ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ) ଏବଂ ଏଲନ୍ ମସ୍କଙ୍କ ସ୍ପେସ୍‌ଏକ୍ସ ଭାରତରେ ଷ୍ଟାରଲିଙ୍କ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ପରେ, ଭାରତର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ସମେତ ସାରା ଦେଶରେ ସାଟେଲାଇଟ୍ ଆଧାରିତ ବ୍ରଡବ୍ୟାଣ୍ଡ ସେବା ଉପଲବ୍ଧ ହେବ। ଏହା ସାହାଯ୍ୟରେ, ସେହି ଦୂରଦୂରା' ଅଞ୍ଚଳଗୁଡ଼ିକୁ ମଧ୍ୟ ସହଜରେ ସଂଯୋଗ କରାଯାଇପାରିବ ଯେଉଁଠାରେ ସଂଯୋଗ ଯୋଗାଇବା କଷ୍ଟକର ରହିଛି। ଜିଓ ବିଶ୍ୱର ସର୍ବବୃହତ ମୋବାଇଲ୍ ଅପରେଟର ହୋଇଥିବା ବେଳେ, ଷ୍ଟାରଲିଙ୍କ୍ ବିଶ୍ୱର ଅଗ୍ରଣୀ ଲୋ ଆର୍ଥ ଅର୍ବିଟ (ଲିଓ) ସାଟେଲାଇଟ୍ କନଷ୍ଟେଲେସନ ଅପରେଟର। ଏହି ଚୁକ୍ତିନାମା ଅନୁସାରେ ଜିଓ ଗ୍ରାହକମାନଙ୍କ ପାଇଁ ଷ୍ଟାରଲିଙ୍କ ସମାଧାନଗୁଡ଼ିକ ଜିଓ ଷ୍ଟୋର ସମୂହ ଏବଂ ଅନଲାଇନରେ ଉପଲବ୍ଧ ହେବ। ରିଲାଏନ୍ସ ଜିଓର ଗ୍ରୁପ୍ ସିଇଓ ମାଥ୍ୟୁ ଓମେନ୍ କହିଛନ୍ତି, 'ପ୍ରତ୍ୟେକ ଭାରତୀୟଙ୍କୁ ସୁଲଭ ଏବଂ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡର ସୁବିଧା ଉପଲବ୍ଧ ହେବା ସୁନିଶ୍ଚିତ କରିବା ଜିଓର ସର୍ବୋଚ୍ଚ ପ୍ରାଥମିକତା ରହିଛି। ଷ୍ଟାରଲିଙ୍କକୁ ଭାରତକୁ ଆଣିବା ପାଇଁ ସ୍ପେସଏକ୍ସ ସହିତ ଆମର ସହଭାଗିତା ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ଏବଂ ସମସ୍ତଙ୍କ ପାଇଁ ନିରବଛିନ୍ନ ବ୍ରଡବ୍ୟାଣ୍ଡ ସଂଯୋଗ ଦିଗରେ ଏକ ବଡ଼ ପଦକ୍ଷେପ। ସ୍ପେସଏକ୍ସର ସଭାପତି ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ଗ୍ୱିନ୍ ସଟୱେଲ କହିଛନ୍ତି, 'ଭାରତର ଯୋଗାଯୋଗ ସଂଯୋଗ ବା କନେକ୍ଟିଭିଟିକୁ ଆଗକୁ ବଢ଼ାଇବା ପାଇଁ ଜିଓର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଏହି ଚୁକ୍ତିନାମା ଭାରତରେ ଷ୍ଟାରଲିଙ୍କ ସେବା ଉପଲବ୍ଧ କରିବା ପାଇଁ ସ୍ପେସଏକ୍ସର ଅନୁମତି ପାଇବା ଉପରେ ନିର୍ଭର କରେ।

# ଖେଳ ଖବର




ନୂଆଦିଲ୍ଲୀ: ୱାର୍ଲଡ୍ ଟେଷ୍ଟ ଚାମ୍ପିଅନଶିପ୍ ୨୦୨୫ ଫାଇନାଲକୁ ଭାରତ କ୍ୱାଲିଫାଏ ନକରିବା ଫଳରେ ଲର୍ଡ୍ସକୁ ବଡ଼ କ୍ଷତି ସହିବାକୁ ପଡ଼ିବ । ଜୁନ୍‌ରେ ପାଞ୍ଚ ଦିନିଆ ଫାଇନାଲ୍ ମ୍ୟାଚ୍ ଆୟୋଜନ କରିବା ବେଳେ ପ୍ରାୟ ୪ ମିଲିୟନ ପାଉଣ୍ଡ (ପ୍ରାୟ ୪୫ କୋଟି ଟଙ୍କା) କ୍ଷତି ହେବା ନେଇ ଆଶଙ୍କା କରାଯାଉଛି । ଗତ ଦୁଇ ସିଜିନ୍‌ରେ ଉପବିଜେତା ରହିବା ପରେ ଚଳିତ ଥର ଭାରତ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହେବା । ଟାଇଟଲ୍ ମୁକାବିଲା ପାଇଁ ଏବେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ। 'ଦ ଟାଇମ୍ସ' ରିପୋର୍ଟ ଅନୁସାରେ, 'ଭାରତ କ୍ୱାଲିଫାଏ କରିବାରେ ବିଫଳ ହେବା ଯୋଗୁ ଆଗାମୀ ଆଇସିସି ୱାର୍ଲଡ୍ ଟେଷ୍ଟ ଚାମ୍ପିଅନଶିପ୍ ଫାଇନାଲ୍ ପାଇଁ ଲର୍ଡର ରାଜସ୍ୱରେ ପ୍ରାୟ ୪ ମିଲିୟନ ପାଉଣ୍ଡ କମ ହେବ ।' ଏଥିରେ କୁହାଯାଇଛି, 'ଭାରତର ଅନୁପସ୍ଥିତି ମେରିଲବୋନ୍ କ୍ରିକେଟ୍ କ୍ଲବ୍ (ଏମ୍‌ସିସି) ଦ୍ୱାରା ଆକଳନ କରାଯାଇଥିବା ଲାଭକୁ କାମ କରାଯାଇଛି, ଯାହା ବୈଶ୍ୱିକ ଖେଳରେ ଭାରତୀୟ କ୍ରିକେଟର ଆର୍ଥିକ ପ୍ରଭାବକୁ ଦର୍ଶାଉଛି।' ଆଇସିସି ୱାର୍ଲଡ୍ ଟେଷ୍ଟ ଚାମ୍ପିଅନଶିପ ପାଇଁ ଗତ ବର୍ଷ ଅଧିକାଂଶ ସମୟରେ ତାଲିକାର ଶୀର୍ଷ ଦୁଇ ଭିତରେ ରହିବା ସତ୍ତ୍ୱେ ରୋହିତ୍ ବାହିନୀ ଫାଇନାଲ୍‌ରେ ସ୍ଥାନ ପାଇପାରିଲା ନାହିଁ । ଘରୋଇ ଶୃଙ୍ଖଳାରେ ନ୍ୟୁଜିଲାଣ୍ଡଠାରୁ ୦-୩ରେ ହାରିବା ପରେ ତୃତୀୟ ସ୍ଥାନକୁ ଖସିଥିଲା । ଏହାପରେ ବର୍ଡର-ଗାଭାସ୍କାର ଟ୍ରଫି ସିରିଜରେ ଅଷ୍ଟ୍ରେଲିଆଠାରୁ ୧-୩ରେ ହାରିଥିଲା। ଏହି ଦୁଇ ଶୃଙ୍ଖଳାରେ ପରାଜୟ ପରେ ଟିମ୍ ଇଣ୍ଡିଆର ଫାଇନାଲ୍‌ରେ ପହଞ୍ଚିପାରିଲା ନାହିଁ ।

### ଆଇସିସି ଜାରି କଲା ଦିନିକିଆ ମାନ୍ୟତା

## ନମ୍ବର ୱାନ୍ ସ୍ଥାନ ବଜାୟ ରଖିଲେ ଗିଲ୍




ନୂଆଦିଲ୍ଲୀ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ବୁଧବାର ଦିନିକିଆ ଖେଳାଳିଙ୍କ ମାନ୍ୟତା ଜାରି କରିଛି । ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍ ୨୦୨୫ ଫେବ୍ରୁଆରି ପାଇଁ ଆଇସିସି ମାସର ଶ୍ରେଷ୍ଠ ଖେଳାଳି (ପ୍ଲେୟର ଅଫ ମନ୍ଥ) ଭାବେ ମନୋନୀତ ହୋଇଛନ୍ତି। ସେ ଏହି କ୍ଷେତ୍ରରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସଙ୍କୁ ପଛରେ ପକାଇ ଏହି ପୁରସ୍କାର ହାସଲ କରିଛନ୍ତି। ଆଇସିସି ପକ୍ଷରୁ ଶୁଭମନ ଗିଲଙ୍କୁ ତୃତୀୟ ଥର ପାଇଁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଶୁଭମନ ଗିଲଙ୍କ ବ୍ୟାଟିଂ ଚମତ୍କାର ପ୍ରଦର୍ଶନ ଥିଲା। ଟିମ୍ ଇଣ୍ଡିଆର ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଦୁଇଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ରୋହିତ ୭୫୬ ରେଟିଂ ପଏଣ୍ଟ ସହ ବିରାଟ କୋହଲିଙ୍କୁ ପଛରେ ପକାଇ ଏହି ସ୍ଥାନ ହାସଲ କରିଛନ୍ତି। କୋହଲି ୭୩୬ ଅଙ୍କ ସହିତ ପଞ୍ଚମ ସ୍ଥାନକୁ ଖସିଛନ୍ତି। ରୋହିତ ଚାମ୍ପିଅନ୍ସ ଟ୍ରଫିର ଟାଇଟଲ୍ ମୁକାବିଲାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଓପନିଂ ବ୍ୟାଟର ଶୁଭମନ ଗିଲ(୭୮୪) ଶୀର୍ଷରେ ରହିଥିଲେ ହେଁ ତାଙ୍କୁ ୭ ପଏଣ୍ଟ କ୍ଷତି ସହିବାକୁ ପଡ଼ିଛି। ଟାଇଟଲ୍ ମୁକାବିଲାରେ ଗିଲ୍ ୩୧ ରନ କରିଥିଲେ। ପାକିସ୍ତାନର ବାବର ଆଜମ(୭୭୦) ଦ୍ୱିତୀୟ ଓ ହେନରିକ କ୍ଲାସେନ(୭୪୪) ଚତୁର୍ଥ ସ୍ଥାନରେ ରହିଛନ୍ତି। ଟପ୍-୧୦ ବ୍ୟାଟରେ ତିନି ଭାରତୀୟ ରହିଥିବା ବେଳେ ଶ୍ରେୟସ ଆୟର(୭୦୪) ଅଷ୍ଟମ ସ୍ଥାନରେ ରହିଛନ୍ତି। ସେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ୨୪୩ ରନ କରିଛନ୍ତି। କୋହଲି ମୋଟ୍ ୨୧୮ ରନ କରିଛନ୍ତି। ନ୍ୟୁଜିଲାଣ୍ଡର ଡେରିଲ ମିଚେଲ୍ ଗୋଟିଏ ସ୍ଥାନ ଉନ୍ନତି ଘଟାଇ ଷଷ୍ଠ, ରଚିନ ରବୀନ୍ଦ୍ର ୧୪ଟି ସ୍ଥାନ ଉପରକୁ ଉଠି ୧୪ତମ ଓ ଗ୍ଲେନ ଫିଲିପ୍ସ ୬ଟି ସ୍ଥାନ ଉପରକୁ ଉଠି ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ମାନ୍ୟତାରେ ଭାରତର ସ୍ପିନର କୁଲଦୀପ ଯାଦବ(୬୫୦ ପଏଣ୍ଟ) ଟପ୍-୫ରେ ପ୍ରବେଶ କରିଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ୭ ୱିକେଟ୍ ଅକ୍ତିଆର କରିଥିବା କୁଲଦୀପ ଷଷ୍ଠରୁ ତୃତୀୟ ସ୍ଥାନକୁ ଉଠିଛନ୍ତି। ଶ୍ରୀଲଙ୍କାର ସ୍ପିନର ମହେଶ ତୀକ୍ଷଣା(୬୮୦) ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ୯ ବ୍ୟାଟରଙ୍କୁ ଶିକାର କରିଥିବା କିୱି ସ୍ପିନର ମିଚେଲ୍ ସାଣ୍ଟନର(୬୫୭) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଟପ୍-୧୦ ବୋଲର ମାନ୍ୟତାରେ ଭାରତର ଦୁଇ ଜଣ ବୋଲର ରହିଛନ୍ତି। ରବୀନ୍ଦ୍ର ଜାଡେଜା ୬୧୬ ଅଙ୍କ ସହିତ ଦଶମ ସ୍ଥାନରେ ରହିଛନ୍ତି। ଆଫଗାନିସ୍ତାନର ଅଜମତୁଲ୍ଲା ଉମରଜାଇ(୨୯୬) ଅଙ୍କ ସହିତ ଅଲରାଉଣ୍ଡର ମାନ୍ୟତାରେ ଶୀର୍ଷରେ ରହିଛନ୍ତି। ମିଚେଲ୍ ସାଣ୍ଟନର ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ମାଇକେଲ୍ ବ୍ରେସ୍‌ୱେଲ ସପ୍ତମ ଓ ରବୀନ୍ଦ୍ର ଜାଡେଜା ଅଷ୍ଟମରେ ଅଛନ୍ତି।

### ବିରାଟଙ୍କୁ ପଛରେ ପକାଇଲେ ରୋହିତ

## ଚାମ୍ପିଅନ୍ସ ଟ୍ରଫିକୁ ନେଇ ସ୍ୱତନ୍ତ୍ର ପୋଷ୍ଟାଲ୍ ଷ୍ଟାମ୍ପ୍




ମୁମ୍ବାଇ: ଭାରତର ଚାମ୍ପିଅନ୍ସ ଟ୍ରଫି ବିଜୟକୁ ସମ୍ମାନ ଜଣାଇବାକୁ ଯାଇ ମହାରାଷ୍ଟ୍ର ସର୍କଲର ମୁଖ୍ୟ ଡାକ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ପୋଷ୍ଟାଲ୍ ଷ୍ଟାମ୍ପ୍ ଜାରି କରାଯାଇଛି। ଏହି କ୍ୟାନ୍‌ସଲେସନ୍ ଷ୍ଟାମ୍ପ୍ ବିଭିନ୍ନ ଡାକ ଟିକେଟ୍‌ର ପୁନଃ ବିନିଯୋଗକୁ ରୋକିବା ଲାଗି ବ୍ୟବହାର କରାଯାଇଥାଏ। ମୁମ୍ବାଇର ମୁଖ୍ୟ ଡାକଘରଠାରେ ମୁଖ୍ୟ ପୋଷ୍ଟ ମାଷ୍ଟର ଅମିତାଭ ସିଂହ ଏହି ଷ୍ଟାମ୍ପ୍‌କୁ ଆନୁଷ୍ଠାନିକ ଭାବେ ଜାରି କରିଥିଲେ। ଏହି ସ୍ୱତନ୍ତ୍ର କ୍ୟାନ୍‌ସଲେସନ୍ ଷ୍ଟାମ୍ପ୍ ଭାରତୀୟ କ୍ରିକେଟ୍ ଦଳର ଚାମ୍ପିଅନ୍ସ ଟ୍ରଫି ବିଜୟର ଉତ୍ସବ ପାଳନ ସହ ଜାତୀୟ ଗୌରବ ଏବଂ କ୍ରୀଡ଼ା ଉତ୍କର୍ଷକୁ ଦର୍ଶାଉଛି ବୋଲି ଭାରତୀୟ ଡାକ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ଆଇପିଏଲ୍: ଦଳରେ ସାମିଲ ହେଲେ ପାଣ୍ଡ୍ୟା

### ଖେଳିବେନି ପ୍ରଥମ ମ୍ୟାଚ୍




ମୁମ୍ବାଇ: ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜୟ ପରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ତୁରନ୍ତ ତାଙ୍କ ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଛନ୍ତି। ହାର୍ଦ୍ଦିକଙ୍କୁ ନିଆରା ବାର୍ତ୍ତାରେ ସ୍ୱାଗତ କରିଛି ମୁମ୍ବାଇ ଇଣ୍ଡିଆନ୍ସ। 'ତୋପ ଆସି ପହଞ୍ଚିଗଲେ' ବୋଲି ସାମାଜିକ ଗଣମାଧ୍ୟମରେ ଲେଖିଛି ଏହି ୫ ଥର ବିଜେତା ଦଳ। ହାର୍ଦ୍ଦିକ ମଧ୍ୟ ଗତ ଦୁଇଟି ଆଇସିସି ଟ୍ରଫି ବିଜୟରେ ଭାରତୀୟ ଦଳର ପ୍ରମୁଖ ଅଂଶ ରହି ଆସିଛନ୍ତି। ହାର୍ଦ୍ଦିକ କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ। ଗତବର୍ଷ ମୁମ୍ବାଇ ଇଣ୍ଡିଆନ୍ସର ଶେଷ ଲିଗ୍ ମ୍ୟାଚ୍‌ରେ ସ୍ଲୋ ଓଭର୍ ରେଟ୍ ପାଇଁ ଅଧିନାୟକ ଭାବେ ହାର୍ଦ୍ଦିକଙ୍କ ଉପରେ ଗୋଟିଏ ମ୍ୟାଚ୍ ନିଲମ୍ବନ ଲାଗୁ ରହିଛି। ୨୦୨୪ରେ ମୁମ୍ବାଇ ପ୍ଲେ ଅଫ୍ ଯୋଗ୍ୟତା ଅର୍ଜନ କରିପାରି ନଥିଲା। ତେଣୁ ହାର୍ଦ୍ଦିକ ମାର୍ଚ୍ଚ ୨୩ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ (ବନାମ ଚେନ୍ନାଇ ସୁପର୍ କିଙ୍ଗ୍ସ)ରେ ଖେଳିବେ ନାହିଁ। ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ହାର୍ଦ୍ଦିକ ୫ ମ୍ୟାଚ୍ ଖେଳି ୨୪.୭୫ ହାରରେ ୯୯ ରନ୍ ସଂଗ୍ରହ କରିବା ସହ ୫.୮୩ ହାରରେ ୪ ୱିକେଟ୍ ନେଇଥିଲେ। ୨୦୧୭ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପାକିସ୍ତାନ ନିକଟରୁ ଭାରତ ହାରିଯାଇଥିଲା। ଏବେ ଏହାର ଭରଣା କରାଯାଇଥିବାରୁ ହାର୍ଦ୍ଦିକ ଖୁସି ବ୍ୟକ୍ତ କରିଛନ୍ତି। 'ମୋର ଏକ ଅଧୁରା ସ୍ୱପ୍ନ ସାକାର ହୋଇଛି। ଏଥି ପାଇଁ ୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ଆଇପିଏଲ୍ ଖେଳ ଜୀବନରେ ହାର୍ଦ୍ଦିକ ୧୩୭ ମ୍ୟାଚ୍‌ରୁ ୧୦ ଅର୍ଦ୍ଧଶତକ ସହ ୨୫୨୫ ରନ୍ ସଂଗ୍ରହ କରିଛନ୍ତି। ୯.୦୯ ଇକୋନୋମିରେ ୬୪ ୱିକେଟ୍ ବି ଅକ୍ତିଆର କରିଛନ୍ତି।

## ପିସିବିର ପକେଟ ଖାଲି, ଚାମ୍ପିଅନ୍ସ ଟ୍ରଫିରୁ ମିଳିଲାନି କିଛି



ନୂଆଦିଲ୍ଲୀ: ଆଇସିସି ଚାମ୍ପିଅନ୍ସ ଟ୍ରଫି ଦୀର୍ଘ ୮ ବର୍ଷ ପରେ ପାକିସ୍ତାନ ଆନୁକୂଲ୍ୟରେ ଟୁର୍ଣ୍ଣାମେଣ୍ଟ ଖେଳା ଯାଇଥିଲା। ପାକିସ୍ତାନ ୨୯ ବର୍ଷ ପରେ କୌଣସି ଆଇସିସି ଇଭେଣ୍ଟର ଆୟୋଜନ କରିଛି। ତେଣୁ ପଡ଼ିଆର ନବୀକରଣ ପାଇଁ ଭାରତୀୟ ମୁଦ୍ରା ହିସାବରେ ପାଖାପାଖି ୫୬୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଭାରତ ଟାଇଟଲ୍ ଜିତି ସାରିଥିବା ବେଳେ ପାକିସ୍ତାନ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା। ଆଉ ଟୁର୍ଣ୍ଣାମେଣ୍ଟର ସମସ୍ତ ଖର୍ଚ୍ଚ ଆକଳନ କଲେ ପାକିସ୍ତାନକୁ ବହୁତ କ୍ଷତି ସହିବାକୁ ପଡ଼ିଛି। ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜନ ପାଇଁ ରାୱଲପିଣ୍ଡି, କରାଚି ଓ ଲାହୋର ଷ୍ଟାଡିୟମର ନବୀକରଣ କରାଯାଇଥିଲା। କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ କେବଳ ରାୱଲପିଣ୍ଡି ଷ୍ଟାଡିୟମର ନବୀକରଣ ପାଇଁ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ୧୫୦୦ କୋଟି ଟଙ୍କା ଆବଣ୍ଟନ କରିଥିଲା। ଏହା ବ୍ୟତୀତ ହସ୍ପିଟାଲିଟି ବକ୍ସ, ଶୌଚାଳୟ ଓ ମୁଖ୍ୟ ଭବନ ନିର୍ମାଣ ପାଇଁ ୪୦୦ ମିଲିୟନ ଆବଣ୍ଟିତ କରାଯାଇଥିଲା। ଷ୍ଟାଡିୟମରେ ଏଲଇଡି ଡିଜିଟାଲ୍ ସ୍କ୍ରିନ ବଦଳାଇବାରେ ୩୩୦ ମିଲିୟନ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଆଉ ନୂଆ ସିଟ୍ ଲଗାଇବା ପାଇଁ ୨୭୨ ମିଲିୟନ ଟଙ୍କା ବ୍ୟୟବରାଦ କରାଯାଇଥିଲା। ପାକିସ୍ତାନ କ୍ରିକେଟ୍ ବୋର୍ଡ ତିନି ଷ୍ଟାଡିୟମରେ ଅଲଗା ଅଲଗା ଉଦଘାଟନୀ ସମାରୋହ ଆୟୋଜନ କରିଥିଲା। ନାମୀଦାମୀ ସିଙ୍ଗରଠୁ ନେଇ ଡ୍ୟାନ୍ସର ଉଦଘାଟନ ସମାରୋହକୁ ବେଶ ଆକର୍ଷଣୀୟ କରିଥିଲେ। ଉଦଘାଟନ ସମାରୋହରେ କେତେ ଖର୍ଚ୍ଚ ହେଲା ତାର ତଥ୍ୟ କୌଣସିଠି ବି ନାହିଁ। ପାକିସ୍ତାନରେ ଖେଳା ଯାଇଥିବା ମ୍ୟାଚ୍‌ରେ ଅଧିକାଂଶ ସମୟରେ ଷ୍ଟାଡିୟମରେ ସିଟ୍ ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ତେଣୁ ଟିକେଟ୍ ବିକ୍ରିରୁ ପିସିବି ଦ୍ୱାରା କିଛି ଭରଣା ହୋଇଥିବ କି ନାହିଁ ତାହା ସନ୍ଦେହ। କିନ୍ତୁ ବ୍ରଡକାଷ୍ଟିଂ ଡିଲ୍‌ରୁ ବୋର୍ଡ ମୋଟା ଅଙ୍କର ଅର୍ଥ ରୋଜଗାର କରି ପାରିଛି। କିନ୍ତୁ ପିସିବିକୁ ସେତିକି ଅର୍ଥ ମିଳି ନ ଥିବ ଯେତିକି ସେ ଖର୍ଚ୍ଚ କରିଛି।

### ସପ୍ତମ ଜାତୀୟ ମାଷ୍ଟର୍ସ ଗେମ୍ସ ୨୦୨୫

## ସେଲ୍, ଆରଏସ୍‌ପି କର୍ମଚାରୀଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ








ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ମଚାରୀ ଏବଂ ଅଧିକାରୀମାନେ ମାଷ୍ଟର୍ସ ଗେମ୍ସ ଫାଉଣ୍ଡେସନ୍ (ଓଡିଶା) ଦ୍ୱାରା ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ସପ୍ତମ ଜାତୀୟ ମାଷ୍ଟର୍ସ ଗେମ୍ସ ୨୦୨୫ରେ ସେମାନଙ୍କର ପ୍ରଶଂସନୀୟ ପ୍ରତିଭା ପ୍ରଦର୍ଶନ ପୂର୍ବକ ଉଲ୍ଲେଖନୀୟ ସଫଳତା ହାସଲ ସହିତ କାରଖାନା ପାଇଁ ଗୌରବ ଆଣିଦେଇଛନ୍ତି। ଭାରୋତ୍ତୋଳନରେ ଉତ୍କୃଷ୍ଟ ପ୍ରଦର୍ଶନ କରି, ଆରଏସପି କର୍ମଚାରୀମାନେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଟିଆରଏମ ବିଭାଗର ଜିଏମ ସନ୍ତୋଷ କୁମାର ଭୂୟାଁ ୮୩ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ କୋକ ଓଭେନ ବିଭାଗର ଜିଏମ ବିଜୟ ରାଉଳ ୧୨୦ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ସନ୍ତରଣରେ, ରୋଲ୍ ସପ୍ ବିଭାଗର ଓସିଟି ପ୍ରଦୀପ କୁମାର ବାରିକ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଶ୍ରୀ ପ୍ରଦୀପ ୧୦୦ ମିଟର ଫ୍ରିଷ୍ଟାଇଲ୍ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ୫୦ ମିଟର ଫ୍ରିଷ୍ଟାଇଲ୍‌ରେ ରୌପ୍ୟ ପଦକ ଲାଭ କରିଥିଲେ। ଏହା ସହିତ, ଲନ୍ ଟେନିସର ୩୦ ବର୍ଷରୁ ଅଧିକ ବୟସ ଗୋଷ୍ଠୀ ଡବଲ୍ସ ବର୍ଗରେ, ଆରଏସପି ଖେଳାଳିମାନେ ରନର୍ସ-ଅପ୍ ହୋଇଥିଲେ। ଏହା ବ୍ୟତୀତ, ଲନ୍ ଟେନିସର ୩୦ ବର୍ଷରୁ ଅଧିକ ବୟସ ଗୋଷ୍ଠୀ ଡବଲ୍ସ ବର୍ଗରେ, ଏଚଆର ବିଭାଗର ଏଜିଏମ ଦେବାଶିଷ ପଟ୍ଟନାୟକ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ଇଭେଣ୍ଟରେ ଫୁଟବଲ୍, ବାସ୍କେଟବଲ୍, ବ୍ୟାଡମିଣ୍ଟନ୍, ହକି, ଭାରୋତ୍ତୋଳନ, ଆଥଲେଟିକ୍ସ, ତୀରନ୍ଦାଜୀ ଏବଂ ସନ୍ତରଣ ସମେତ ବିଭିନ୍ନ କ୍ରୀଡା ବିଭାଗରେ ଦେଶବ୍ୟାପୀ ବୟୋଜ୍ୟେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ।

## ଡବ୍ଲ୍ୟୁଏଫ୍ଆଇ ଉପରୁ ହଟିଲା ନିଲମ୍ବନ



ନୂଆଦିଲ୍ଲୀ: ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ମଙ୍ଗଳବାର ବଡ ଆଶ୍ୱସ୍ତି ମିଳିଛି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦାଦେଶ ହଟାଇ ଦିଆଯାଇଛି। ଏଥିଯୋଗୁ ଦେଶରେ କୁସ୍ତିକୁ ନେଇ ଗତ ୧୫ ମାସ ହେଲା ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଫଳରେ ଅମ୍ମାନଠାରେ ହେବାକୁ ଥିବା ଆଗାମୀ ଏସିଆନ ଚାମ୍ପିୟନଶିପ ଲାଗି ସିଲେକ୍ସନ ଟ୍ରାଏଲ୍ସ ଆୟୋଜନ ହେବାର ବାଟ ଫିଟିଛି। କ୍ରୀଡା ମନ୍ତ୍ରଣାଳୟ ସଞ୍ଜୟ ସିଂଙ୍କ ଅଧକ୍ଷତାରେ ଗଠିତ କାର୍ଯ୍ୟକାରୀ କମିଟି ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ନିଲମ୍ବନ କରିଥିଲା। ଏହା ପରେ ଭାରତୀୟ ଅଲିମ୍ପିକ ସଂଘ ଭୂପେନ୍ଦ୍ର ସିଂ ବାଜୱା ଅଧକ୍ଷତାରେ ଗଠିତ କମିଟିକୁ ଭଙ୍ଗ ମଧ୍ୟ କରାଯାଇଛି । ଡବ୍ଲ୍ୟୁଏଫଆଇକୁ ପୂର୍ବରୁ ଆଇଓଏ ଓ ୟୁଡବ୍ଲ୍ୟୁୟୁଡବ୍ଲ୍ୟୁଠାରୁ ଆଶ୍ୱସ୍ତି ମିଳିଥିଲେ ମଧ୍ୟ କେନ୍ଦ୍ର ସରକାର ନିଷ୍ପତ୍ତିକୁ ଅପେକ୍ଷା କରି ରହିଥିଲେ। ଏଭଳି ନିଷ୍ପତ୍ତି ନେବା ଲାଗି ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ଡବ୍ଲ୍ୟୁଏଫଆଇ ସଭାପତି ସଞ୍ଜୟ ସିଂ। ସେ କହିଛନ୍ତି ଏହା ଆମକୁ ଉଚିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ। ଦେଶରେ କୁସ୍ତିର ମଙ୍ଗଳ ପାଇଁ ଏହାର ଆବଶ୍ୟକତା ଥିଲା। ଆଥଲେଟଙ୍କୁ ଆବଶ୍ୟକ ପରିମାଣରେ ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ମିଳୁ ନ ଥିଲା। ଆମେ ଏକ ନୂଆ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ସାରିଛୁ। ଖୁବ ଶୀଘ୍ର ଆମେ କାର୍ଯ୍ୟକାରୀ ପରିଷଦ ବୈଠକ ଡକାଇବୁ ଏବଂ ସିଲେକ୍ସନ ଟ୍ରାଏଲ୍ସ ଲାଗି ସର୍କ୍ୟୁଲାର ଜାରି କରିବୁ। ସରକାରଙ୍କ ନିର୍ଦ୍ଦେଶ ପାଳନ କରିବାରେ ଆମର କୌଣସି ଅସୁବିଧା ନାହିଁ ବୋଲି ଡବ୍ଲ୍ୟୁଏଫଆଇ ସଭାପତି ସଞ୍ଜୟ ସିଂ କହିଛନ୍ତି।


**JHARKHAND URJA SANCHARAN NIGAM LIMITED**
**(CIN No. – U40108JH2013SGC001704)**
**Regd. Office – 2nd Floor, JUSNL (SLDC) Building,**
**Kusai Colony, Doranda, Ranchi-02**
**(E-mail –cetjusnl@gmail.com)**

**TENDER CANCELLATION NOTICE**

Due to unavoidable circumstances, tender invited vide NIT no. 333/PR/JUSNL/2024-25 for Design, Engineering, supply, erection, testing & commissioning of line differential protection in under construction 400 kV D/C QM Katia – Patratu Transmission line on turnkey basis is hereby cancelled.

**PR No.- 345254**

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
GM, Contract & Materials [non W.B. Project]

PR 348503 Jharkhand Urja Sancharan Nigam Ltd(24-25).D

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**e-Procurement very Short Notice**
**3rd Call**

e-Tender Reference No .-RCD/FSD /AP/ RAN/70/24-25 Dated 11.03.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report for Kanke road (Ram Mandir) via Chief justice residence , sidhu Kanhu park, CM residence gate, Adivasi hostel to ATI Chowk & from Sidhu Kanhu Park via Ranchi College Ground to state Guest House road School inculding replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal with clearance of all stages etc as required, at Ranchi in the state of Jharkhand. from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 20 Days |
| 3- | Tentative Length | 2.00 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 5,000/- (Rupees Five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 17.03.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 24.03.2025, 12.30 PM |
| 7- | Date and Timing of Bid opening | 25.03.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10 | PR No | 347006 Road (24-25) |

For further information please go through the website http://jharkhand tenders. gov.in

Executive Engineer
Field Survey Division,A.P
Road Construction Department,Ranchi

PR.NO.348466 Road(24-25):D

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**e-Procurement very Short Notice**
**3rd Call**

e-Tender Reference No .-RCD/FSD /AP/ RAN/72/24-25 Dated 11.03.2025

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of road- Deer-Park (on Ranchi-Muri road) ramdera to Silli-Tikar-Rangamati road upto Banta (Silli bypass road) including replacement of culverts and bridges, proposal of new culverts and bridges, complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Ranchi in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 45 Days |
| 3- | Tentative Length | 10.00 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs- 20,000/- (Rupees Twenty Thousand ) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 17.03.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 24.03.2025, 12.30 PM |
| 7- | Date and Timing of Bid opening | 25.03.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10 | PR No | 347002 Road (24-25) |

For further information please go through the website http://jharkhand tenders.gov.in

Executive Engineer
Field Survey Division,A.P
Road Construction Department,Ranchi

PR.NO.348457 Road(24-25):D

**Department of Industries**
**Government of Jharkhand**
**3rd Floor, Directorate of Industries,**
**Doranda, Ranchi, Jharkhand-834002**
**Phone. +91 651 2491844, email: jhr-doi@nic.in**

**Selection of an Event Management Agency for the High Level Delegation of Jharkhand's Travel to Spain and Sweden**

**Tender Ref. No. – 551 dated- 12.03.2025**

Directorate of Industries, Department of Industries, Government of Jharkhand invites technical and financial proposals from reputed Event Management Agencies of national and international repute to work as Event Management Agency for the High Level Delegation of Jharkhand's Travel to Spain and Sweden. The document can be downloaded from the website: https://jharkhand tenders.gov.in/ nicgep/app

Response to this tender shall be deemed to have been done after careful study and examination of this document with full understanding of its implications. This section provides general information about the Issuer, import ant dates and addresses and the overall eligibility criteria for the parties. The tender document cost of Rs. 11,800/- (inclusive of 18% GST) is to be submitted vide online mode.

**Notice for Inviting Tender**

| S. No. | Particulars | Details |
|---|---|---|
| 1 | RFP/Tender Availability | 13.03.2025 by 10:00 Hours |
| 2 | Last date for receiving queries | 15.03.2025 by 15:00 Hours |
| 3 | Date and time of Pre-Bidding Meeting | 17.03.2025 at 12:30 Hours |
| 4 | Response to queries | 19.03.2025 by 11:00 Hours |
| 5 | Last date of Submission | 22.03.2025 by 15:00 Hours |
| 6 | Technical proposal opening | 24.03.2025 at 11:00 Hours |
| 7 | Technical Presentation | 24.03.2025 at 16:00 Hours |
| 8 | Financial Bid Opening | To be announced |
| 9 | Cost of Tender (Demand Draft) | Electronic transfer of INR 10,000/- (Non-Refundable) through Jharkhand Tender website - https://jharkhandtenders.gov.in/nicgep/app |
| 10 | Earnest Money Deposit (EMD) | Electronic transfer of INR 5,00,000/- through Jharkhand Tender website - https://jharkhandtenders.gov.in/nicgep/app The EMD is refundable to the Unsuccessful Bidder. EMD will be refunded to the successful bidder upon completion of the work. |
| 11 | Online Mode through e-Tender | https://jharkhandtenders.gov.in/nicgep/app |
| 12 | Name and Address of Office inviting Tender | The Director, Directorate of Industries, Government of Jharkhand 3rd floor, Nepal House, Doranda, Ranchi, Jharkhand, Pin – 834002 Email- jhr-doi@nic.in |

*Note:*
1. Proposals must be received not later than time, date and venue mentioned in the Fact Sheet. Proposals that are received after the deadline WILL NOT be considered in this procurement process.

Sd/-
Director Industries

PR 348516 Industries(24-25).D



ଖାଦ୍ୟର ସ୍ୱାଦ ତଥା ସୁଗନ୍ଧ ବଢ଼ାଇବା, ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଓ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପରି ଘିଅର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। ସେଭଳି କିଛି ସୁଗୁଣ ବାବଦରେ ଜାଣିବା। ଆମ ପାକସ୍ଥଳୀରେ ଥିବା ଉପକାରୀ ବୀଜାଣୁଗୁଡ଼ିକ ଘିଅରେ ଥିବା ବ୍ୟୁଟିରେଟ୍ ତନ୍ତୁକୁ ଭାଙ୍ଗି ବ୍ୟୁଟିରିକ୍ ନାମକ ଏକ ଚର୍ବିଳାମ୍ଳରେ ପରିଣତ କରିଥା'ନ୍ତି, ଯାହା ଆମ ବୃହଦାନ୍ତ୍ରର ଜୀବକୋଷମାନଙ୍କ ପାଇଁ ଏକ ଶକ୍ତିପ୍ରଦ ଉତ୍ସ। ସୁତରାଂ ଘିଅ ହଜମକ୍ରିୟାକୁ ସୁଗମ କରିଥାଏ। ଘିଅ ଖାଇବା ଦ୍ୱାରା ପେଟ ଫୁଲିବା ସମସ୍ୟା ଦୂର ହୋଇଥାଏ। ଘିଅରେ ଥିବା ଉଚ୍ଚମାନର ଓମେଗା ଚର୍ବିଳାମ୍ଳ ଓଜନ ହ୍ରାସ ପାଇଁ ସହାୟକ ହୋଇଥାଏ। ଘିଅରେ ପ୍ରଚୁର ପରିମାଣର ଭିଟାମିନ୍- ଡି, କେ, ଇ ଓ ଏ ପରି ଚର୍ବି-ଦ୍ରବଣୀୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି। ତେଣୁ ଘିଅ ଖାଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ଦେଶୀ ଘିଅର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ତେଣୁ ଏହା ଥଣ୍ଡା, କାଶ, ଫ୍ଲୁ ଓ ବିଭିନ୍ନ କ୍ଷତିକାରକ ବୀଜାଣୁ କବଳରୁ ରକ୍ଷା କରିଥାଏ। ଘିଅ ମସ୍ତିଷ୍କ କ୍ରିୟାକୁ ଉନ୍ନତ କରିଥାଏ। ଏହା ବିଭିନ୍ନ ଜୀବକୋଷ ଓ ତନ୍ତୁକୁ ନଷ୍ଟ ହେବାରୁ ବଞ୍ଚାଇ ଜୀବନଧାରଣ କ୍ଷମତା ବଢ଼ାଇଥାଏ। ପ୍ରତ୍ୟହ ସକାଳେ ଖାଲିପେଟରେ ଘିଅ ଖାଇଲେ ତାହା ଶରୀରର ଉପଶମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଘିଅର ଆଣ୍ଟିଇନ୍‌ଫ୍ଲାମେଟରି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସନ କରି ଚର୍ମକୁ ଲୋଚାକୋଚା ହେବା ଓ କଳା ପଡ଼ିବାରୁ ରକ୍ଷା କରିଥାଏ।

## ଅନ୍ୟାୟ ବିରୋଧରେ ଲଢ଼ିବେ କାଜଲ




ମାଇଥୋଲୋଜିକାଲ ହରର୍ ଫିଲ୍ମ 'ମା'ରେ ଅଭିନେତ୍ରୀ କାଜଲ ଦେବଗନ୍‌ଙ୍କୁ ଦେଖିବାକୁ ମିଳିବ। ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ମଙ୍ଗଳବାର ନିର୍ମାତାଙ୍କ ପକ୍ଷରୁ ଫିଲ୍ମରେ କାଜଲଙ୍କ ପ୍ରଥମ ଲୁକ୍‌କୁ ଶେୟାର କରାଯିବା ସହ ଏହାର ରିଲିଜ୍ ତାରିଖକୁ ଘୋଷଣା କରାଯାଇଛି। ଜୁନ୍ ୨୭ରେ କାଜଲଙ୍କ ଅଭିନୀତ ମା' ଫିଲ୍ମ ରିଲିଜ୍ ହେବ। ଫିଲ୍ମରେ କାଜଲଙ୍କ ସହ ଅଭିନେତା ରୋନିତ ରଏ, ଇନ୍ଦ୍ରନୀଲ ସେନ୍‌ଗୁପ୍ତା ଏବଂ ଶିଶୁ କଳାକାର ଖେରିନ ଶର୍ମାଙ୍କୁ ଦେଖିବାକୁ ମିଳିବ। ବିଶାଲ ଫୁରିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମା' ଭୂମିକାରେ ଅଭିନୟ କରି କାଜଲ ଅନ୍ୟାୟ ବିରୋଧରେ ଲଢ଼ିବା ସହ ନିଜ ଝିଅକୁ ସୁରକ୍ଷା ଦେଉଥିବାର ନଜରକୁ ଆସିବେ। କାଜଲଙ୍କ ସ୍ୱାମୀ ତଥା ଅଭିନେତା ଅଜୟ ଦେବଗନ୍ ଏବଂ ଜ୍ୟୋତି ଦେଶପାଣ୍ଡେଙ୍କ ପ୍ରଯୋଜନାରେ ନିର୍ମିତ ହେଉଥିବା ଏହି ଫିଲ୍ମର କାହାଣୀ ଲେଖିଛନ୍ତି ସାଇୱାନ୍ କ୍ୱାଦ୍ରାସ୍। ଫିଲ୍ମର ପ୍ରଡକ୍ସନ କମ୍ପାନୀ 'ଦେବ୍‌ଗନ ଫିଲ୍ମସ୍' ପକ୍ଷରୁ ସୋସିଆଲ ମିଡିଆରେ ଏହାର ପ୍ରଥମ ମୋଶନ ପୋଷ୍ଟରକୁ ଜାରି କରାଯାଇଛି, ଯେଉଁଥିରେ କାଜଲ ଜଣେ ମା' ଭୂମିକାରେ ନିଜ ଝିଅକୁ କୁଣ୍ଢାଇ ଧରିଥିବା ନଜରକୁ ଆସିଛନ୍ତି। ଏହି ପୋଷ୍ଟରରେ କାଜଲଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି। 'ମା' ଫିଲ୍ମ ଏକକାଳୀନ ହିନ୍ଦୀ, ତାମିଲ, ତେଲୁଗୁ ଏବଂ ବେଙ୍ଗଲି ଭାଷାରେ ରିଲିଜ୍ ହେବ। କାଜଲଙ୍କୁ ଶେଷଥର ପାଇଁ ଗତବର୍ଷ ରିଲିଜ୍ ହୋଇଥିବା 'ଦୋ ପତି' ଫିଲ୍ମରେ ଦେଖିବାକୁ ମିଳିଥିଲା।



## ୧୭ କିଲୋ ଓଜନ ହ୍ରାସ କଲେ ହନି ସିଂ



ଓଜନ ଯେତେ ସହଜରେ ବଢ଼ିଥାଏ, ତାହାକୁ ହ୍ରାସ କରିବା ମଧ୍ୟ ସେତିକି କଷ୍ଟକର। ଓଜନ ହ୍ରାସ କରିବା ସମୟରେ ସମର୍ପଣ, ଶୃଙ୍ଖଳା, ଧୈର୍ଯ୍ୟ ଏବଂ ଉପଯୁକ୍ତ ମାର୍ଗଦର୍ଶନ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛନ୍ତି ରାପର୍ ୟୋ ୟୋ ହନି ସିଂ, ଯିଏ 'ଚାର ବୋତଲ ଭୋଡକା' ଭଳି ସୁପରହିଟ ଗୀତ ସହିତ ହଇଚଇ ସୃଷ୍ଟି କରିଥିଲେ। ହନି ମାତ୍ର ଗୋଟିଏ ମାସରେ ୧୭ କିଲୋ ଓଜନ ହ୍ରାସ କରି ତାଙ୍କ ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ସେ ୯୫ କିଲୋଗ୍ରାମରୁ ୭୭ କିଲୋଗ୍ରାମ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ହନି ସିଂହଙ୍କ ଫିଟନେସ ପ୍ରଶିକ୍ଷକ ଅରୁଣ କୁମାର ତାଙ୍କର ଓଜନ ହ୍ରାସ ପଛର ମୁଖ୍ୟ କାରଣ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସଠିକ ଖାଦ୍ୟ ଯୋଜନା, କଠୋର ବ୍ୟାୟାମ ଏବଂ ଏକ ସ୍ୱତନ୍ତ୍ର ଗ୍ରୀନ୍ ଜୁସ୍ ହନିଙ୍କୁ ଏହି ସଫଳତା ହାସଲ କରିବାରେ ସାହାଯ୍ୟ କରିଛି। ହନିଙ୍କ ଖାଦ୍ୟରେ ଗ୍ରୀନ୍ ପରିବା ଜୁସ୍ ଏବଂ ବିଟ୍ ଜୁସ୍ ଏକ ବଡ଼ ଭୂମିକା ଗ୍ରହଣ କରିଛି। ଏହି ଜୁସ୍ ଶରୀରକୁ ବିଷମୁକ୍ତ କରିବାରେ ଏବଂ ମେଟାବୋଲିଜିମ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହି ଜୁସ ଅତ୍ୟାବଶ୍ୟକୀୟ ପୋଷକ ତତ୍ତ୍ୱରେ ଭରପୂର ଥିଲା, ଯାହା ଶରୀରର ଚର୍ବିକୁ ଶୀଘ୍ର ହ୍ରାସ କରିବାରେ ସାହାଯ୍ୟ କରୁଥିଲା। ଏହି ଗ୍ରୀନ୍ ଜୁସ୍ ତିଆରି କରିବା ପାଇଁ ବିଟ, କାକୁଡି, ଆମଳା, ଗାଜର ଏବଂ ଧନିଆ ପତ୍ର ଆବଶ୍ୟକ। ହନି ସିଂହ ପ୍ରତିଦିନ ସକାଳେ ଖାଲି ପେଟରେ ଏହି ଗ୍ରୀନ୍ ଜୁସ୍ ପିଉଥିଲେ।



## ଶ୍ରେୟାଙ୍କୁ ଜନ୍ମଦିନ ଶୁଭେଚ୍ଛା

ବଲିଉଡର ଜଣାଶୁଣା ଗାୟକ ଶ୍ରେୟା ଘୋଷାଲ। ଆଜି ସେ ତାଙ୍କର ୪୧ତମ ଜନ୍ମଦିନ ପାଳନ କରୁଛନ୍ତି । ୨୯ ବର୍ଷ ପୂର୍ବେ, ୧୯୯୬ରେ, ୧୨ ବର୍ଷୀୟ ଶ୍ରେୟା ଗାୟକ ରିଆଲିଟି ସୋ 'ସାରେଗାମା'ରେ ଅଂଶଗ୍ରହଣ କରିଥିଲେ। ସେ ତାଙ୍କ ସଙ୍ଗୀତ ସହିତ ସମସ୍ତଙ୍କ ହୃଦୟ ଜିତିଥିଲେ ଏବଂ ଏହି ଶୋ'ର ଟ୍ରଫି ଜିତିଥିଲେ। ଶ୍ରେୟା କୋଲକତାର ମୁର୍ସିଦାବାଦର ବରହମପୁରରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ତାଙ୍କ ଜନ୍ମ ପରେ ପୁରା ପରିବାର କିଛିବର୍ଷ ରାଜସ୍ଥାନର କୋଟାକୁ ଚାଲିଗଲେ ଏବଂ ରାଜସ୍ଥାନରେ କିଛିବର୍ଷ ରହିବା ପରେ ଶ୍ରେୟା ତାଙ୍କ ପରିବାର ସହିତ ମୁମ୍ବାଇ ଆସିଥିଲେ। ଶ୍ରେୟାଙ୍କ ପରିବାରର ଅନେକ ଲୋକ ସଂଗୀତ ତାଲିମ ନେଇଛନ୍ତି । କିନ୍ତୁ ଶ୍ରେୟା ତାଙ୍କ ପରିବାରର ପ୍ରଥମ ଗାୟିକା ଯିଏକି ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ଶ୍ରେୟା ଘୋଷାଲଙ୍କ ମା' ଶର୍ମିଷ୍ଠା ଘୋଷାଲ ସଂଗୀତକୁ ଖୁବ୍ ଭଲ ପାଉଥିଲେ। ତାଙ୍କର ଗୀତ ଗାଇବା ଅଭ୍ୟାସ ଥିଲା। ମାଆ ଗୀତ ଗାଇବା ପରେ ଶ୍ରେୟା ମଧ୍ୟ ସଙ୍ଗୀତ ପ୍ରତି ଆକର୍ଷିତ ହେଲେ। ଶ୍ରେୟାଙ୍କ ପିତା ବିଶ୍ୱଜିତ ଘୋଷାଲ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଥିଲେ। କିନ୍ତୁ ସେ ସଙ୍ଗୀତ ଶୁଣିବାକୁ ମଧ୍ୟ ବହୁତ ପସନ୍ଦ କରୁଥିଲେ। ଶ୍ରେୟାଙ୍କର ପ୍ରଥମ ଦିନରେ, ତାଙ୍କ ମା' ତାଙ୍କୁ ରିହର୍ସାଲରେ ସାହାଯ୍ୟ କରୁଥିଲେ ଏବଂ ସେ ନିଜେ ଟ୍ରିପୁରାରେ ଶ୍ରେୟାଙ୍କୁ ସାଙ୍ଗରେ ନେଇଥିଲେ। ଶ୍ରେୟାଙ୍କୁ ଜଣେ ଗାୟିକା କରିବା ତାଙ୍କ ପିତାମାତାଙ୍କର ସ୍ୱପ୍ନ ଥିଲା । ତାଙ୍କ ଝିଅ ବିଷୟରେ କଥାବାର୍ତ୍ତା କରି ଶ୍ରେୟାଙ୍କ ପିତା କହିଥିଲେ ଯେ ଜନ୍ମରୁ ଶ୍ରେୟାଙ୍କର ଏପରି ଗୁଣ ଥିଲା ଯେ ସେ ନିଶ୍ଚିତ ଥିଲେ ଯେ ସେ ଜଣେ ଗାୟିକା ହେବେ। ଗୋଟିଏ ପଟେ ସେ ଜଣେ ପେସାଦାର ଗାୟିକା, କିନ୍ତୁ ତାଙ୍କ ହୃଦୟ ପିଲାଙ୍କ ପରି ଅଟେ । ୪ ବର୍ଷ ବୟସରେ ସଙ୍ଗୀତ ଅଭ୍ୟାସ ଆରମ୍ଭ କରିଥିବା ଶ୍ରେୟା ତାଙ୍କ ପିଲାଦିନର ବନ୍ଧୁ ଶିଲାଦିତ୍ୟ ମୁଖୋପାଧ୍ୟାୟଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ୧୦ବର୍ଷ ପରସ୍ପରକୁ ଡେଟିଂ କରିବା ପରେ ଦୁହେଁ ୨୦୧୫ ମସିହାରେ ବିବାହ କରିଥିଲେ ଏବଂ ୨୦୨୧ ମସିହାରେ ଶ୍ରେୟା ପୁଅ ଦେବୟାନଙ୍କୁ ଜନ୍ମ ଦେଇଥିଲେ। ଶ୍ରେୟାଙ୍କ ସ୍ୱାମୀ ଶିଲାଦିତ୍ୟ ମୁଖୋପାଧ୍ୟାୟ ତାଙ୍କ ପିତାଙ୍କ ପରି ଜଣେ ଇଞ୍ଜିନିୟର। ଶ୍ରେୟା ତାଙ୍କ ସ୍ୱାମୀ ଏବଂ ପୁଅ ସହିତ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ରୁହନ୍ତି ।

## ଲୁଣର ରହିଛି ଅନେକ ଗୁଣ

**ଲୁଣ ବାସ୍ତବରେ ମାମୁଲି ଜିନିଷ ନୁହେଁ, କହିବାକୁ ଗଲେ ଲୁଣର ରହିଛି ଅନେକ ଗୁଣ। ଲୁଣ କେବଳ ଖାଦ୍ୟର ସ୍ୱାଦ ବଢ଼ାଏନାହିଁ। ଲୁଣର ଏପଟ ସେପଟ ମଧ୍ୟ ଶରୀର ପାଇଁ ଘାତକ ପରିସ୍ଥିତି ସୃଷ୍ଟି କରିଦିଏ। ଆମ ଶରୀର ପାଇଁ ଲୁଣର ସାମଗ୍ରିକ ଆବଶ୍ୟକତା ରହିଛି। ଲୁଣ ଶରୀରରେ କମ ହୋଇଗଲେ ଏହାକୁ ସୋଡ଼ିୟମ ଅଭାବ କୁହାଯାଏ। ଜଣଙ୍କର ଶାରୀରିକ ସୁସ୍ଥତା ଅସ୍ୱାଭାବିକ ହୋଇଥାଏ। ସେହିପରି ଅଧିକ ଲୁଣ ମଧ୍ୟ ଶରୀର ପାଇଁ ବିପଦଜନକ ସାବ୍ୟସ୍ତ ହୋଇଥାଏ। ଏଥିସହିତ ଲୁଣ ଆମ ନିତିଦିନିଆ ଜୀବନର ଅନେକ ବ୍ୟବସ୍ଥାରେ ଲାଗିଥାଏ। ଆସନ୍ତୁ ଏହି ଲୁଣର ବ୍ୟାପକତା ନେଇ ଛୋଟିଆ ଆଲୋଚନାଟି ରଖିବା...**

- ଲୁଣ ଘରର ସଫାସଫି କାମରେ ମଧ୍ୟ ଆସିଥାଏ। ପୁରୁଣା ଜିନ୍ସ ଠାରୁ ବାସନ ସଫା କରିବା ପର୍ଯ୍ୟନ୍ତ ତଥା କପଡ଼ାରୁ ଦାଗ ଛଡ଼ାଇବା ସହିତ ପୋକଜୋକ ଦୂର କରିବା ଯାଏ ବିଭିନ୍ନ କାମରେ ଲୁଣ ଲାଗିପାରେ। ପୁରୁଣା ଜିନିଷ ଗୁଡ଼ିକୁ ଧୋଇବା ବେଳେ ୱାଶିଂମେସିନ୍‌ରେ ଡିଟରଜେଣ୍ଟ ସହିତ କପେ ଲୁଣ ପକାଇ ଦିଅନ୍ତୁ। ଏହାର ଚମକ ପୁଣି ଫେରିଆସିବ।
- ବେତରେ ତିଆରି ଫର୍ଣ୍ଣିଚର ଉପରେ ଓଦା ବ୍ରସ ଯୋଗେ ଲୁଣ ନେଇ ଘଷିଦେବେ ଏବଂ ଶୁଖିବା ଲାଗି ଖରାରେ ରଖିଦେବେ। ଏହା ହଳଦିଆ ପଡ଼ିବ ନାହିଁ।
- ବାଥରୁମ୍ କିମ୍ବା ରୋଷେଇଘର ସ୍ପଞ୍ଜକୁ ବ୍ୟବହାର କରିବା ପରେ ଏହାକୁ ଲୁଣପାଣିରେ ବୁଡ଼ାଇ ରଖନ୍ତୁ। ଏହା ଦୀର୍ଘସ୍ଥାୟୀ ରହିବା ସହିତ ବ୍ୟାକ୍ଟେରିଆମୁକ୍ତ ରହିବ।
- ରାତିରେ ଜୋତା ଭିତରେ କିଛି ଲୁଣ ଛିଞ୍ଚି ଦେଇ ସକାଳୁ ଏହାକୁ ସଫା କରିଦିଅନ୍ତୁ। ଏଥିରେ ଥିବା ମଏଶ୍ଚର ଏବଂ ଦୁର୍ଗନ୍ଧ ଦୂର ହୋଇଯିବ।
- ଯଦି ପିମ୍ପୁଡ଼ି, ଜନ୍ଦା ସମସ୍ୟା କରୁଥାନ୍ତି ତେବେ ଘରର କୋଣ ଏବଂ ଝରକା, କବାଟରେ ଲୁଣ ପକାଇ ଦିଅନ୍ତୁ। ନଚେତ୍ ଚଟାଣକୁ ଲୁଣପାଣିରେ ପୋଛି ଦିଅନ୍ତୁ।
- ଘର ସଜାଇବା ସମୟରେ ଫୁଲଦାନିରେ ପାଣି ଭରିବା ବେଳେ ସେଥିରେ ଚିମୁଟାଏ ଲୁଣ ପକାଇଦେଲେ ଫୁଲଗୁଡ଼ିକ ବହୁ ସମୟ ପର୍ଯ୍ୟନ୍ତ ସତେଜ ରହିଥାଏ।
- ପ୍ୟାନ, ଓଭନ୍ କିମ୍ବା ଗ୍ୟାସର ବର୍ଣ୍ଣରରେ ଲାଗିଥିବା ପୋଡ଼ାଦାଗ ସଫା କରିବା ଲାଗି ଲୁଣ ବ୍ୟବହାର କରିପାରିବେ। ଏହାକୁ କାଗଜର ଟାୱେଲରେ ଘଷିଲେ ସଫା କରିହେବ। ଓଭନ ଯଦି ଖୁବ୍ ତେଲିଆ ହେଉଛି ତେବେ ଏହାକୁ ଲୁଣ ପାଣିରେ ପୋଛିଦେଲେ ସଫା ହୋଇଯିବ।
- ଫ୍ରିଜ୍‌ରୁ ସ୍ମେଲ ଆସୁଥିଲେ ସୋଡ଼ା ପାଣିରେ ଲୁଣ ମିଶାଇ ଏହାକୁ ସଫା କରିଦିଅନ୍ତୁ ଏବଂ ଡିଫ୍ରଷ୍ଟ ମାରିଦେବେ।
- ପ୍ଲାଷ୍ଟିକ କଣ୍ଟେନର, ଗ୍ଲାସ ଜାର୍ ଏବଂ ବୋତଲରୁ କିଛି ବାସ୍ନା ଆସୁଥିଲେ ସେଥିରେ ଚାମଚେ ଲୁଣ ଏବଂ ଲେମ୍ବୁରସ ପକାଇ କିଛି ସମୟ ରଖି ଦିଅନ୍ତୁ।
- ବାଥଟବ୍ ସଫା କରିବା ଲାଗି ତାରପିନ୍ ଓ ଲୁଣ ମିଶାଇ ବ୍ୟବହାର କରନ୍ତୁ। ଏହାକୁ ଲଗାଇବାର ୧୫ ମିନିଟ ପରେ ସ୍ପଞ୍ଜରେ ସଫା କରିଦେବେ।
- ତମ୍ବା, ସିଲଭର କିମ୍ବା କଂସାର ପୁରୁଣା ବାସନ ସଫା କରିବା ଲାଗି ଲୁଣ ଓ ଭିନେଗାର ସମାନ ପରିମାଣରେ ମିଶାଇ ଲଗାଇଦେବେ। ୧୫ ମିନିଟ ପରେ ଘଷି ସଫା କରିଦେଲେ ଚକ୍ ଚକ୍ କରିବ।
- ସିଙ୍କେସାଇଜରର କି'ଗୁଡ଼ିକ ହଳଦିଆ ପଡ଼ିଯାଇଥିଲେ ଏହାକୁ ଲୁଣ ଓ ଲେମ୍ବୁରସ ମିଶାଇ କୌଣସି କପଡ଼ାରେ ଘଷି ସଫା କରିପାରିବେ। ଏହାକୁ କପ୍‌ରେ ଚା' କିମ୍ବା କଫିର କଳାଦାଗ ସଫା କରିବା ପାଇଁ ମଧ୍ୟ ବ୍ୟବହାର କରିପାରିବେ।
- ହାତରୁ ପିଆଜ-ରସୁଣ ବାସ୍ନା ଯାଉନଥିଲେ ଭିନେଗାରରେ ଲୁଣ ମିଶାଇ ହାତରେ ଲଗାନ୍ତୁ।







## ପିଲାଙ୍କୁ ଭୋକରେ ରଖନ୍ତୁନି ଭୋକରୁ ଆସେ ନକାରାତ୍ମକ ଶକ୍ତି



*କ୍ଷୁଧା ଆମ ମସ୍ତିଷ୍କ ଉପରେ ବିଭିନ୍ନ ପ୍ରକାର ପ୍ରଭାବ ପକାଇଥାଏ । କ୍ଷୁଧା ଯୋଗୁ ଆମ ଭାବନା ଓ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। କ୍ଷୁଧା ଯୋଗୁଁ ନକାରାତ୍ମକ ଭାବନା ଓ ମନ ଖରାପ ରହିବା ଏକ ଅନ୍ୟତମ ବଡ଼ କାରଣ ବୋଲି ବୈଜ୍ଞାନିକମାନେ କହିଛନ୍ତି।*

- ଭୋକ ଯୋଗୁ କାମରେ ଧ୍ୟାନ ଦେବା ମୁସ୍କିଲ ହୋଇପଡ଼େ ।
- ଭୋକ ଆମ ନକାରାତ୍ମକ ଭାବନା ଓ ବିଚାର ଉପରେ କାବୁ କରିବାର କ୍ଷମତାକୁ ନଷ୍ଟ କରିଦିଏ ।
- ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱ ଅଭାବ ହେଲେ, ମସ୍ତିଷ୍କ ବିକାଶ ଓ କାମ କରିବାରେ ଅସମର୍ଥ ହୋଇଥାଏ।
- ଅଧ୍ୟୟନ ଅନୁଯାୟୀ ସଠିକ୍ ମାତ୍ରା ଓ ସମୟରେ ସୁଷମ ଖାଦ୍ୟ ଖାଇବା ପରେ ପିଲାଙ୍କ ମସ୍ତିଷ୍କରେ ବହୁମାତ୍ରାରେ ସୁଧାର ପରିଲକ୍ଷିତ ହୋଇଥିଲା।

## କଦଳୀ ପତ୍ରରେ ଖାଦ୍ୟ ଗ୍ରହଣ ସ୍ୱାସ୍ଥ୍ୟ ପକ୍ଷେ ହିତକର



ହିନ୍ଦୁ ଶାସ୍ତ୍ରାନୁଯାୟୀ କଦଳୀ ପତ୍ରରେ ଭୋଜନ ଗ୍ରହଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ଅଟେ। କଦଳୀ ପତ୍ରରେ ଖାଦ୍ୟ ଗ୍ରହଣ କରିବାର ରହିଛି ଅନେକ ଫାଇଦା। ଭାରତରେ କଦଳୀ ପତ୍ରକୁ ଶୁଭ କାର୍ଯ୍ୟରେ ବିଶେଷ ଭାବେ ପ୍ରୟୋଗ କରାଯାଏ। ଏହାର ବ୍ୟବହାର ବିଭିନ୍ନ ସମାରୋହରେ ଭୋଜନ ପରସିବା କିମ୍ବା ଅନୁଷ୍ଠାନରେ ଥାଳି ଭାବେ ବ୍ୟବହାର କରାଯାଏ। ଏହି ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ। କଦଳୀ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି। ଏହା ପରିବେଶ ପାଇଁ ମଧ୍ୟ ଉପଯୋଗୀ। ଏହାର ଅନେକ ଲାଭ ରହିଛି। କଦଳୀ ପତ୍ରରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଏଥିରେ ଭିଟାମିନ୍ ସି ମଧ୍ୟ ରହିଛି। ଯାହା ଏକ ଶକ୍ତିଶାଳୀ ଆଣ୍ଟି- ଅକ୍ସିଡାଣ୍ଟ। ଏହା ଆମ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିଥାଏ। କଦଳୀ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଏଥିରେ ଥିବା ପ୍ରାକୃତିକ ଏନଜାଇମ୍ ଭୋଜନକୁ ହଜମ କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ପାଚନ ତନ୍ତ୍ରକୁ ମଜଭୂତ କରିବାରେ ସହାୟକ ହୋଇଥାଏ। କଦଳୀ ପତ୍ରରେ ଆଣ୍ଟି- ବ୍ୟାକ୍ଟେରିୟଲ ଗୁଣ ରହିଛି। ଯାହା ତ୍ୱଚାର ଅନେକ ସମସ୍ୟାକୁ ଦୂର କରିଥାଏ। କଦଳୀ ପତ୍ରରେ ଭିଟାମିନ୍ ଏ ମଧ୍ୟ ରହିଛି। ଯାହା ଚକ୍ଷୁ ପାଇଁ ଖୁବ୍ ଉପକାରୀ। ପୂର୍ବ ସମୟରେ ଆୟୁର୍ବେଦ ଔଷଧ ତିଆରି କରିବା ପାଇଁ କଦଳୀ ପତ୍ରର ବ୍ୟବହାର କରାଯାଉଥିଲା। ଭାରତୀୟ ସଂସ୍କୃତିରେ କଦଳୀ ପତ୍ରକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଏ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚ ଦିବସୀୟ ବ୍ଲକ ସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ୫ ରୁ ୬ ବର୍ଷର ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ସହ ପାରିପାର୍ଶିକ ପରିବେଶରେ କିଭଳି ଶୃଙ୍ଖଳିତ ଭାବେ ଅଧ୍ୟୟନ କରିପାରିବ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ ଓ ସିଆରସିସି ସରଜୁ କୁମାରୀ ବେହେରା ତତ୍ୱାବଧାନରେ ପ୍ରଶିକ୍ଷକ ଭାବେ ସନ୍ତୋଷ କୁମାର ମହାପାତ୍ର, ସ୍ମୃତି ପଟ୍ଟନାୟକ, ପ୍ରଶାନ୍ତ ନାୟକ, କ୍ଷଣପ୍ରଭା ରଣା, ସୁଧାକର ସେଠୀ, ପ୍ରଣୟିନୀ ମାର୍ଥା, ରିତାଞ୍ଜଳୀ ସାହୁ ଓ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏପରିକି ରବିବାର ଛୁଟିଦିନ ଥିବାରୁ କିଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା ତାହା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମହିଳା ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗର ବାର୍ଷିକ ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ମହିଳା ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ଦେଠୀ ସଭାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଲୋଚନା ଚକ୍ରରେ ଅର୍ଥନୀତି ବିଭାଗର ମୁଖ୍ୟ ଗୀତାଞ୍ଜଳି କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ରାଜଲକ୍ଷ୍ମୀ ମହାନ୍ତି, ଅଧକ୍ଷା, ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଯୋଗ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ବିଷୟ ବିଶେଷଜ୍ଞ ଲୋକନାଥ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ତପନ କୁମାର ଡୁଙ୍ଗୁରୀ ଯୋଗ ଦେଇ ଆଲୋଚନାର ବିଷୟବସ୍ତୁ, 'ପ୍ରାଚୀନ ଭାରତରେ ବୌଦ୍ଧ ଧର୍ମର ପ୍ରସାର:ଏକ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ' ବିଷୟରେ ନିଜର ବିସ୍ତୃତ ଆଲୋଚନା ଉପସ୍ଥାପନ କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ କିଶୋର ନଗର ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଜ୍ୟୋତିରଞ୍ଜନ ଦାସ ଯୋଗ ଦେଇ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ସଂପର୍କରେ ନିଜର ଅଭିମତ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ବନ୍ଦନା ରାଣୀ ପଣ୍ଡା, ଜ୍ୟୋତିର୍ମୟୀ ଦାଶ, ସୁକାନ୍ତ ନାଥ ତଥା କର୍ମଚାରୀ ମଧୁସ୍ମିତା ବସନ୍ତରାୟ, ସସ୍ମିତା ସାମନ୍ତରାୟ, ଏଲିନା ପ୍ରିୟଦର୍ଶିନୀ ନାୟକ, ଚାମଲ ରଞ୍ଜନ ନାୟକ, ସୁବ୍ରତ ନାୟକ, ଅମିତ ନାୟକ,ନିର୍ମଳ କ୍ରିଷ୍ଟ ସେଠି, ସୁବ୍ରତ କୁମାର ନାୟକ, ସନ୍ତୋଷ ବାରିକ, ପ୍ରକାଶ ପାତ୍ର ଓ ରତିକାନ୍ତ ଦାଶ ପ୍ରଭୃତି ଉପସ୍ଥିତ ରହିଥିଲେ। ୨୦୨୧ ବର୍ଷର ଇତିହାସ ବିଭାଗର ଟପର୍ ଛାତ୍ରୀ ଅରୂପା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ବର୍ତ୍ତମାନର ଛାତ୍ରୀମାନଙ୍କ ସହିତ ପୂର୍ବତନ ଛାତ୍ରୀମାନେ ମଧ ଯୋଗଦାନ କରି ଉକ୍ତ ଆଲୋଚନା ଚକ୍ରକୁ ସାଫଲ୍ୟମଣ୍ଡିତ କରିଥିଲେ। ପରିଶେଷରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ଶସ୍ୟ ଏବଂ ବ୍ୟବସାୟିକ ବିକାଶ ସମ୍ବନ୍ଧୀୟ କର୍ମଶାଳା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ କ୍ଷୁଦ୍ର ଶସ୍ୟ ଏବଂ ବ୍ୟବସାୟିକ ବିକାଶ ସମ୍ବନ୍ଧୀୟ ଦୁଇଦିନିଆ କର୍ମଶାଳାର ପ୍ରଥମ ଦିନ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଅଛି। ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, କେନ୍ଦୁଝର, ବରିଷ୍ଠ ବୈଜ୍ଞାନିକ, ପ୍ରମୁଖ କୃଷି ବିଜ୍ଞାନ, କେନ୍ଦୁଝର ଏବଂ ଏ.ଡି.ଏ ଆରଆରଟିଏସ, କେନ୍ଦୁଝର ଅନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୃଷ୍ଟି ଶସ୍ୟ ପରାମର୍ଶ ଦାତା (ବ୍ଲକ କୃଷୀ ଅଧିକାରୀ କୋରାପୁଟ) ତାପସ ଚନ୍ଦ୍ର ରାୟ ଉନ୍ନତ ଏବଂ ସଠିକ ପ୍ରଣାଳିରେ ଚାଷ ବିଷୟରେ ଚାଷୀ ମାନଙ୍କୁ ଅବଗତ କରିଥିଲେ। ଏଥି ସହିତ ବରିଷ୍ଠ ବୈଜ୍ଞାନିକ, ପ୍ରମୁଖ କୃଷି ବିଜ୍ଞାନ, ଆଞ୍ଚଳିକ ସଂଯୋଜକ ଓ୍ୱାସନ, ଜିଲା ସଂଯୋଜକ ଆପିକଲ୍ ଆଦି କ୍ଷୁଦ୍ର ଶସ୍ୟ ଚାଷ ନିମନ୍ତେ ମୃତ୍ତିକା ସଂରକ୍ଷଣ ଏବଂ କ୍ଷୁଦ୍ର ଚାଷୀମାନେ କିପରି ଏମ. କେୟୁଓ୍ୱାଇ ଯୋଜନାରେ ଉପକୃତ ହୋଇପାରିବେ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମାଣ୍ଡିଆ ରାଣୀ ଭାବେ ପରିଚିତ କୋରାପୁଟ ଜିଲାର ଡ. ରାଇମତି ଗୁଇରାହି ଏବଂ ମାଣ୍ଡିଆ ମା' ହିସାବରେ ପରିଚିତ ସୁବସା ମହାନ୍ତ ତାଙ୍କର ମାଣ୍ଡିଆ ଚାଷ କରି କିପରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲେ ଏବଂ ମାଣ୍ଡିଆ ଚାଷ ଦ୍ୱାରା ଆର୍ଥିକ ସ୍ୱଚ୍ଛଳତାରେ କିପରି ଅଭିବୃଦ୍ଧି ହୋଇଛି ସେ ସମ୍ବନ୍ଧରେ ନିଜର ଅଭିଜ୍ଞତା ବିସୟରେ ଆଲୋକପାତ କରିଥିଲେ। ଏହି କାର୍ମଶାଳାରେ କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକରୁ ବ୍ଲକ କୃଷୀ ଅଧିକାରୀ, ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳରେ ବିଭିନ୍ନ ବ୍ଲକରୁ ଆସିଥିବା କିଛି ଅଗ୍ରଣୀ ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଦେଶୀ ମଦକାରଖାନା ଉପରେ ଅବକାରୀ ବିଭାଗର ଚଢ଼ାଉ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଥାନା ଅଞ୍ଚଳରେ ଚୋରା ଦେଶିମଦ କାରଖାନା ଉପରେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢାଉ ଦେଶିମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ଗ୍ରାମ ର ମହେନ୍ଦ୍ର ବେହେରା ଓ ଚକ୍ରଧରପୁର ଗ୍ରାମର ପଙ୍କଜ ବେହେରା ବୋଲି ଜଣାପଡିଛି। ଘଟଣା ରୁ ପ୍ରକାଶ ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ଅଞ୍ଚଳରେ ଚୋରା ଦେଶମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ବିଭାଗ ଚଢାଉ କରିଥିଲା। ଅବକାରୀ ବିଭାଗ ସର୍ବମୋଟ ୩୫୦ ଲିଟର ମହୁଲପୋଚ ଏବଂ ୪୦ ଲିଟର ବିଅର ୫ ଲିଟର ପ୍ରସ୍ତୁତକରି ଚୋରାଚାଲାଣ ନିମନ୍ତେ ରଖାଯାଇଥିବା ରନ୍ଧାମଦ ସମେତ ଅନ୍ୟାନ୍ୟ କଞ୍ଚାମାଲ ଗୁଡିକୁ ନଷ୍ଟ କରିଥିଲେ। ସେହିଭଳି ମଦ ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟିକଡ୍ରମ, ଆଲୁମିନିୟମ ଡେକଚି ସମେତ ଅନ୍ୟାନ୍ୟ ସରଞ୍ଜାମ ଗୁଡିକୁ ନଷ୍ଟ କରାଯିବା ସହିତ ଜବତ ମଧ କରାଯାଇଛି।

## ଅଗ୍ନିସେବା ବିଭାଗର ତୁରନ୍ତ ପଦକ୍ଷେପ ଯୋଗୁଁ ଟଳିଲା ବିପଦ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ନିଆଳି ବଜାର ମାଛ ମାର୍କେଟ ଆଗରେ ଥିବା ପରି ହୋଟେଲରେ ଗ୍ୟାସ ସିଲିଣ୍ଡର ରେଗୁଲେଟରରୁ ନିଆଁ ଲାଗି ହୋଟେଲର କେତେକ ଅଂଶ ଜଳିଯାଇଥିବା ବେଳେ ହୋଟେଲ ମାଲିକ ବିକ୍ରମ ବେହେରା ନିଆଳି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ଘଟଣା ସ୍ଥଳରେ ଦମକଳ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲେ। ଯାହାଫଳରେ ବଡ଼ ଦୁର୍ଘଟଣାରୁ ପରି ହୋଟେଲ ବର୍ତ୍ତୀ ଯାଇଥିବା ସ୍ଥାନୀୟ ଉପସ୍ଥିତ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ନିଆଳି ଅଗ୍ନିସେବା ବିଭାଗ ଅଧିକାରୀ ହରେକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ଦମକଳ ବାହିନୀ ପଦକ୍ଷେପ ନେଇଥିଲା। ଏଠାରେ ସୂଚନା ଥାଉ କି ନିଆଳି ବଜାରରେ ବହୁ ହୋଟେଲ, ଢାବା ଜଳଖିଆ ଦୋକାନ ଓ ଠେଲାରେ କମରସିଆଲ ଗ୍ୟାସ ବଦଳରେ ଘରୋଇ ଗ୍ୟାସ ବ୍ୟବହାର କରାଯାଉଛି। ଯାହାଫଳରେ ଏଭଳି ଦୁର୍ଘଟଣା ଘଟୁଛି। ଏଥିପ୍ରତି ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବ୍ଲକ ସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚ ଦିବସୀୟ ବ୍ଲକ ସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏଥିରେ ୫ ରୁ ୬ ବର୍ଷର ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ସହ ପାରିପାର୍ଶିକ ପରିବେଶରେ କିଭଳି ଶୃଙ୍ଖଳିତ ଭାବେ ଅଧ୍ୟୟନ କରି ପାରିବ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ ଓ ସିଆରସିସି ସରଜୁ କୁମାରୀ ବେହେରା ତତ୍ୱାବଧାନରେ ପ୍ରଶିକ୍ଷକ ଭାବେ ସନ୍ତୋଷ କୁମାର ମହାପାତ୍ର, ସ୍ମୃତି ପଟ୍ଟନାୟକ, ପ୍ରଶାନ୍ତ ନାୟକ, କ୍ଷଣପ୍ରଭା ରଣା, ସୁଧାକର ସେଠୀ, ପ୍ରଣୟିନୀ ମାର୍ଥା, ରିତାଞ୍ଜଳୀ ସାହୁ ଓ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏପରିକି ରବିବାର ଛୁଟିଦିନ ଥିବାରୁ କିଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା ତାହା ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଦିପାଳୀ ନିଆଁରେ ଜଳିଗଲା ଘର



ଭଂଜନଗର, (ଭାସ୍କର ନ୍ୟୁଜ୍): ତାରାସିଙ୍ଗି ଥାନା ଓ ଭଂଜନଗର ଥାନା ଅଞ୍ଚଳର ଭିନ୍ନଭିନ୍ନ ତିନିଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ତାରାସିଙ୍ଗି ଥାନା ଅନ୍ତର୍ଗତ ରାଇପଲ୍ଲୀ ଗାଁ ନିକଟରେ ଅଗ୍ନିକାଣ୍ଡଘଟି ଦୁଇଟି ପରିବାରରେ ୨ବଖରା ସମ୍ପୁର୍ଣ୍ଣ ନଷ୍ଟ ହୋଇ ଯାଇଛି। ଏଥିରେ ଜଗତ ବେହେରା ଓ ବାବୁଲା ରଣାଙ୍କ ର ଦୁଇ ବଖରା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ତେବେ ଦୀପାଳୀ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସେହିଭଳି ଭଂଜନଗର ଥାନା ଅନ୍ତର୍ଗତ ତୁରୁମୁ ନିକଟ କନ୍ଧବଞ୍ଚର ଗାଁ'ରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର, ଦୁଇ ବଖରା ସମ୍ପୁର୍ଣ୍ଣ ଜଳି ନଷ୍ଟ ହୋଇ ଯାଇଛି। ଏଥିରେ ରାମଚନ୍ଦ୍ର ନାୟକ ଏବଂ ସୋମନାଥ ଗୌଡ଼ଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ପରେପରେ ଭଂଜନଗର ସହରକୁ ଲାଗିରହିଥିବା ସାଇ ମନ୍ଦିର ନିକଟ ରାସ୍ତା କଡ଼ରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ, ଅଗ୍ନିକାଣ୍ଡ ଘଟି ରାସ୍ତା କଡ଼ରେ ଥିବା ବଡ଼ବଡ଼ ଗଛ ସବୁ ଜଳି ଯାଇଥିଲା। ସମସ୍ତ ସ୍ଥାନରେ ଭଂଜନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଚଳଚ୍ଚିତ୍ର ତାରକା ଉତ୍ତମ ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୂରଭଂଜ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶୁଳିଆପଦା ବ୍ଲକ୍ ଦେଉଳି ସ୍ଥିତ ଚନ୍ଦ୍ରୀକା କଳା ବିକାଶ କେନ୍ଦ୍ରରେ ମୟୂରଭଞ୍ଜ ଜିଲ୍ଲାର ଗର୍ବ, ଗୌରବ ଓଡିଆ ଚଳଚ୍ଚିତ୍ରଜଗତର ପ୍ରଖ୍ୟାତ ଅଭିନେତା ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରଞ୍ଜିତ୍ କୁମାର ସାହୁ, ସମ୍ମାନୀୟ ଅତିଥି ଭାବେ ଓମ୍ ଶିଶୁ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଯୋଗ ଦେଇଥିଲେ। ପ୍ରଥମେ ୨ମିନିଟ ନିରବ ପ୍ରାର୍ଥନା ପରେ ଅନୁଷ୍ଠାନର ପ୍ରତିଷ୍ଠାତା ରେଡ଼ିଓ କଣ୍ଠଶିଳ୍ପୀ ତଥା ମନୋଜ କୁମାର ବେହେରା ସ୍ୱର୍ଗତ ମହାନ୍ତି ଙ୍କର ପ୍ରଥମ ଅଭିନିତ ଚଳଚ୍ଚିତ୍ରର 'ଭସା ମେଘ ଭାସି ଯାଏ ଦୂରେ' ଗୀତ ଗାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୨ ମସିହାରେ ତାଙ୍କ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସ୍ୱର୍ଗତ ମହାନ୍ତି ତାଙ୍କ ଧର୍ମ ପତ୍ନୀ ବିଶିଷ୍ଟ ନାୟିକା ଅପରାଜିତା ମହାନ୍ତି ଙ୍କ ସହିତ ଯୋଗ ଦେଇଥିବା ସ୍ମୃତି କୁ ଦହରାଇଥିଲେ। ମୁଖ୍ୟ ବକ୍ତା ସାହୁ ବାରିପଦା ସ୍ଥିତ ଏମପିସି କଲେଜରେ ପାଠ ପଢୁଥିବା ସମୟରେ ଉତ୍ତମ ଙ୍କସହିତ ବିତିଥିବା କିଛି ସ୍ମରଣୀୟ ଘଟଣା ଉପସ୍ଥାପନ କରିଥିବା ବେଳେ ଶୁଳିଆପଦା 'ସମ୍ବାଦ ସାହିତ୍ୟ ଘର'ର ସଦସ୍ୟ ଅଜମ୍ବର ପୁଷ୍ଟି ଉତ୍ତମଙ୍କ ବିଷୟରେ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟ ଅତିଥି ଭାବେ ସାମ୍ବାଦିକ ସଞ୍ଜିବ୍ କୁମାର ରଞ୍ଜିତ୍ ଓ ଗୌରାଙ୍ଗ ଚରଣ ଗିରି ଯୋଗ ଦେଇ ଉତ୍ତମଙ୍କ ସ୍ମୃତି ଚାରଣ କରିଥିଲେ। କଳା ବିକାଶ କେନ୍ଦ୍ରର ଉପ ସଭାପତି ନାରାୟଣ ପୁଷ୍ଟି ମଞ୍ଚ ପରିଚାଳନା କରିଥିବା ବେଳେ ମିଲନ୍ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକାଗ୍ରହଣ କରିଥିଲେ। ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ।

## ଖଣି କ୍ଷତିଗ୍ରସ୍ତ ଓ ଛଟେଇ ଶ୍ରମିକଙ୍କ ନିଯୁକ୍ତି ଦାବିରେ ଅଞ୍ଚଳବାସୀଙ୍କ ଗଣବିକ୍ଷୋଭ




କାଳିଆପାଣି, (ଭାସ୍କର ନ୍ୟୁଜ୍): ଛଟେଇ ଶ୍ରମିକ ଓ ଖଣି କ୍ଷତିଗ୍ରସ୍ତଙ୍କୁ ସାରୁଆବିଲ ଓ କମର୍ଦା ଖଣିରେ ନିଯୁକ୍ତି ଦେବା, ଖଣି ଇଲାକାରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବାର ସୁବନ୍ଦୋବସ୍ତ କରିବା ଆଦି ଦାବିରେ ବୁଧବାର ଦିନ ସୁକିନ୍ଦା ଉପତ୍ୟକା ଖଣି କ୍ଷତି ଗ୍ରସ୍ତ ଗଣମଞ୍ଚ ପକ୍ଷରୁ ସହ ସହ ଖଣି ପ୍ରଭାବିତ ଯୁବକଯୁବତୀ ଓ ଛଟେଇ ଶ୍ରମିକମାନେ ଏକ ଶୋଭାଯାତ୍ରାରେ ଶାନ୍ତି ଛକରୁ ବାହାରି ଟାଟା ଷ୍ଟିଲର କମର୍ଦ୍ଦା କାର୍ଯ୍ୟାଳୟ ସମ୍ମୁଖରେ ପହଁଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗଣମଞ୍ଚର ଆବାହକ ଶଙ୍କର ସିଧୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏ.ଆଇ.ୟୁ.ଟି. ୟୁ.ସି.ର ରାଜ୍ୟ ସମ୍ପାଦକ ଜୟସେନ ମେହେର, ସଂଗଠନର ଆବାହକ ତଥା ଯାଜପୁର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ, କର୍ମକ୍ଷମ ଯୁବକଯୁବତୀମାନଙ୍କୁ ଟାଟା କମ୍ପାନି ନଯୁକ୍ତି କ୍ଷେତ୍ରରେ ଅଣଦେଖା କରୁଥିବାର ଅଭିଯୋଗ କରିଥିଲେ। ଖଣି ସଂଲଗ୍ନ ଗ୍ରାମ ଗୁଡିକରେ କାମ ନପାଇ ବେକାର ହୋଇ ଅଭାବ ଅନାଟନରେ ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ ହୋଇଥିବା ସ୍ଥଳେ ବାହାର ଅଂଚଳରୁ ଲୋକମାନଙ୍କୁ ଆମଦାନି କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବରୁ ବର୍ଷ ବର୍ଷ ଧରି କାମ କରି ଆସୁଥିବା ଶ୍ରମିକମାନଙ୍କୁ କାମ ନନେବା ଭଳି ଅତ୍ୟନ୍ତ ଷଡଯନ୍ତ୍ର ପୂର୍ଣ୍ଣ ଘଟଣା କମ୍ପାନି ଘଟାଇ ଚାଲିଛି। ଖଣିରୁ ନିର୍ଗତ ବିଷାକ୍ତ ପାଣି ପାଇଁ ଏହି ଅଞ୍ଚଳବାସି ବହୁ ମାରାତ୍ମକ ରୋଗରେ ମୃତ୍ୟୁବରଣ କରୁଥିବା ବେଳେ, ନିକେଲ ଯୋଗୁଁ ଚାଷ ଜମିର ଉର୍ବରତା ହ୍ରାସ ହେବା ସହ ଅମଳ ହେଉନାହିଁ। ଖଣି ଗଭୀରତା ପାଇଁ ଜଳ ସ୍ତର ନିମ୍ନଗାମୀ ହେବା କାରଣରୁ ଜଳ ସଂକଟ ବୃଦ୍ଧି, ଓ ଖଣିରେ ବ୍ଲାଷ୍ଟିଙ୍ଗ ହୋଇ ସ୍ଥାନୀୟ ଅଞ୍ଚଳରେ ବାସ କରୁଥିବା ଘର ଗୁଡିକଭାଙ୍ଗିବା ଭଳି ସମସ୍ୟା ସ୍ଥାନୀୟ ଅଧିବାସୀ ଭୋଗୁଛନ୍ତି ବୋଲି ଖଣି କାର୍ଯ୍ୟାଳୟ ସର୍ମୁଖରେ ନାରାବାଜି କରିଥିଲେ। ତୁରନ୍ତ ଏହାର ପ୍ରତିକାର କରି ପ୍ରଭାବିତ ମାନଙ୍କୁ ଅବିଳମ୍ବେ ନିଯୁକ୍ତି ଦିଆ ନଗଲେ ଆଗାମି ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ନେତାମାନେ ଚେତାବନି ଦେଇଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଉତ୍ସବମୁଖର ବଙ୍ଗୋମୁଣ୍ଡା




ବଙ୍ଗୋମୁଣ୍ଡା/ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ହନୁମାନ ମନ୍ଦିରର ପ୍ରତିଷ୍ଠା ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ବଙ୍ଗୋମୁଣ୍ଡା ଉତ୍ସବ ମୁଖର ହୋଇପଡ଼ିଛି। ଗତ ୬ ତାରିଖ ଦିନ ଠାରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ମନ୍ଦିର ପ୍ରତିଷ୍ଠା ସହ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ରାମ ସହସ୍ରନାମ ହନୁମାନ ଚାଲିଶା ପଠନ ସହ ତୁଳସୀ ରାମାୟଣ ପାଠ କରାଯାଉଛି। ହଜାର ହଜାର ଲୋକଙ୍କ ସମାଗମ ହେଉଛି ।ଷୋହଳ ପ୍ରହରୀ ନାମଯଜ୍ଞରେ ଆଖ ପାଖ ଅଞ୍ଚଳର ବିଭିନ୍ନ ସଂକୀର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରିଛନ୍ତି। ବଙ୍ଗୋମୁଣ୍ଡାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। କମିଟିର ଅନୁରୋଧ କ୍ରମେ ଦୁଇ ଦିନ ହେବ ମାଛ ମାଂସ ଦୋକାନ ବନ୍ଦ ରହିବା ସହ ହୋଟେଲରେ ନିରାମିଷାସୀ ଭୋଜନ ବିକ୍ରୟ ହେଉଛି। ସକାଳ, ସନ୍ଧ୍ୟାରେ ପ୍ରବଳ ଜନଗହଳି ହେଉଛି। ଶ୍ରଦ୍ଧାଳୁଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଛି। ହଜାର ହଜାର ଲୋକ ଅନ୍ନ ଭୋଗ ସେବନ କରୁଛନ୍ତି। ହନୁମାନ ମନ୍ଦିର ପ୍ରତିଷ୍ଠା କମିଟିର ଅଧକ୍ଷ ତଥା ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ସଭାପତି ଝସକେତନ ମେହେର, ଉପସଭାପତି ଦୁର୍ଗା ବନଛୋର, କାର୍ଯ୍ୟକାରୀ ସଭାପତି ରିଟୁ ପଣ୍ଡା, ନୂଆ ମନହୀରା,ଚମାର ଭୋଇ, ଧନଞ୍ଜୟ ଛତ୍ରିଆ, ସମ୍ପାଦକ ଡ଼ଃ ନାରାୟଣ ମିଶ୍ର, କୋଷାଧକ୍ଷ ମୁକେଶ ଜୈନ, ସହ-କୋଷାଧକ୍ଷ କୋଷରାଜ ବେହେରା, ଶରତ ଚନ୍ଦ୍ର ସିଂ ଭୋଇ, ବିନୋଦ ବାଗଙ୍କ ସହ କମିଟିର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ମହା ଆଡମ୍ବରରେ ପାଳିତ ହେଉଛି ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ।

## ମଙ୍ଗରାଜପୁର ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ସଦ୍ୟ ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ନୀଳମଣି ବିଶ୍ୱାଳଙ୍କର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାଟିକୁ ସଂଚାଳନ କରିଥିଲେ କବି ଡ଼ଃ. ଅମୂଲ୍ୟ କୁମାର ସେନାପତି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସୋମନାଥ ପାଢ଼ୀ ଓ ମୁଖ୍ୟ ବକ୍ତାଭାବେ କବି ତଥା ଭାଟପଡା ପଞ୍ଚାୟତ ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ ଯଦୁମଣି ପାଣିଗ୍ରାହୀ କାର୍ଯ୍ୟାବସର ଓ ବିଦାୟ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଙ୍ଘ ସମ୍ପାଦକ ରମାକାନ୍ତ ଦାସ, ବଂଶୀଧର ଦାସ, ମନ୍ମଥ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷୟିତ୍ରୀ ନୀଳମଣି ବିଶ୍ୱାଳ ଦୀର୍ଘ ୨୮ବର୍ଷ ଚାକିରୀ କାଳ କେବଳ ଗୋଟିଏ ମାତ୍ର ମଙ୍ଗରାଜପୁର ବିଦ୍ୟାଳୟରେ ନିଜ କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରି ଅନେକ ଛାତ୍ରଛାତ୍ରୀ ତିଆରି କରିଛନ୍ତି। ଏହି ସଭାରେ, ଶିକ୍ଷକ ଦୀନବନ୍ଧୁ ବାରିକ ସମେତ ପାଟଣାସାହି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଦେବ କିଶୋର ଦାଶଙ୍କ ଏବଂ ପ୍ରାକ୍ତନ ଶିକ୍ଷକ କୃପାସିନ୍ଧୁ ବାରିକ, ବସାନ୍ତିଲତା ପାତ୍ର, ବିଦ୍ୟାଳୟର ବର୍ତ୍ତମାନ ଓ ପୂର୍ବତନ ପରିଚାଳନା କମିଟିର ସଭ୍ୟ ଶ୍ରୀମତୀ ସୁକାନ୍ତି ରାଉଳ, ବସନ୍ତ ପଣ୍ଡା, ମୋହନ ବେହେରା, ହରେକୃଷ୍ଣ ପଣ୍ଡା, କୁଶଭଦ୍ର ବାରିକ, ବୈଦ୍ୟନାଥ ସେନାପତି, ବିଶ୍ୱରଞ୍ଜନ ତ୍ରିପାଠୀ ଏବଂ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠି ଉପସ୍ଥିତ ଥିଲେ। ଉକ୍ତ ସଭାଟିକୁ ସଂଜୀବ ପାଣିଗ୍ରାହୀ, ସୁମିତ୍ରା ପାଣିଗ୍ରାହୀ, ଉଷାରାଣି ମିଶ୍ର, ଭୂମିକା ମଲ୍ଲିକ ଓ ବାଳାବତୀ ଧଳ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନର ସହଯୋଗ କରିଥିଲେ।

## ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଦାବି



ଅନୁଗୁଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଆଜି ବୁଧବାର ଲୋକସଭାରେ ଅନୁଗୁଳ ଯାଜପୁର ରେଳ ଲାଇନ ରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଦାବୀ କରିଛନ୍ତି। ବିଗତ ପଚିଶ ବର୍ଷ ପୂର୍ବେ ଅଟଳବିହାରୀ ବାଜପେୟୀଙ୍କ ସରକାରରେ ଅନୁଗୁଳ ସୁକିନ୍ଦା ରେଳ ଲାଇନ ପାଇଁ ତତ୍କାଳୀନ ରେଳ ମନ୍ତ୍ରୀ ରାମ ବିଳାସ ପାଶଓ୍ୱାନ ଶିଳାନ୍ୟାସ କରିଥିଲେ। ପରବର୍ତ୍ତୀ ସମୟରେ ନରେନ୍ଦ୍ର ମୋଦୀ ଙ୍କ ସରକାର ରେ ଉକ୍ତ ରେଳ ଲାଇନ କାର୍ଯ୍ୟ ଶେଷ ହୋଇ ଦୁଇ ବର୍ଷ ହେବ ଉକ୍ତ ରେଳପଥ ରେ ମାଲବାହି ଟ୍ରେନ ଚଳାଚଳ କରୁଛି। ସେ ସମୟରେ ବହୁ କମ ପଇସାରେ ଜନ ସାଧାରଣ ରେଲୱେ ପାଇଁ ନିଜର ଜମି ଦେଇଥିଲେ ଏବଂ ସ୍ୱପ୍ନ ଦେଖିଥିଲେ ଆମ ଅଂଚଳ ଦେଇ ଯାତ୍ରୀବାହୀ ଟ୍ରେନ ଚାଲିବ କିନ୍ତୁ ଏ ଯାଏ ଯାତ୍ରୀବାହୀ ଟ୍ରେନ ଚାଲିନାହିଁ ବୋଲି ଶ୍ରୀ ପାଣି ଲୋକସଭା ରେ ଧ୍ୟାନ ଆକର୍ଷଣ କରିଛନ୍ତି। ଅନୁଗୁଳ ଦେଇ ବୁଢ଼ାପଙ୍କ, ପରଜଙ୍ଗ, କାମାକ୍ଷା ନଗର, ଭୁବନ, ସୁକିନ୍ଦା ଦେଇ ଯାଜପୁର ପର୍ଯ୍ୟନ୍ତ ରେଳପଥରେ ଯାତ୍ରୀବାହୀ ଟ୍ରେନ ଏବଂ ପରବର୍ତ୍ତୀ ସମୟରେ ତାକୁ ପୁରୀ ପର୍ଯ୍ୟନ୍ତ ଏବଂ ହାଓ୍ୱଡ଼ା ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ଓ ଏକ୍ସପ୍ରେସ ଟ୍ରେନ ଉକ୍ତ ଅଂଚଳ ଦେଇ ଚଳାଚଳ କରିବାକୁ ସାଂସଦ ପାଣି କେନ୍ଦ୍ର ସରକାର ତଥା ଓଡିଶାରୁ ଯାଇଥିବା ରେଳ ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଥାଉକି ଏହା ପୂର୍ବରୁ ସାଂସଦ ପାଣି ଉକ୍ତ ଦାବୀ ନେଇ ବହୁବାର ବିଭିନ୍ନ ମହଲରେ ଜଣାଇ ଆସୁଛନ୍ତି।

## ସିଲେଇ ମେସିନ୍ ବଣ୍ଟନ କାର୍ଯ୍ୟକ୍ରମ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ଉତ୍କଳ ମାଇନରିଟି ଓ୍ୱିକର ସେକ୍ସନ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଯୁବତୀଙ୍କୁ ସ୍ୱାବଲମ୍ୱୀ କରିବା ପାଇଁ ସିଲେଇ ମେସିନ ବଣ୍ଟନ କରାଯାଇଛି। ଏହି ଅବସରରେ ପଡିଆ ସ୍ଥିତ ଏହି ସୋସାଇଟିର କର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଯୁବପିଢି ନିଜକୁ ବିଭିନ୍ନ କୌଶଳ ଯୁକ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ କୁହାଯାଇଛି। ଗ୍ରାମାଞ୍ଚଳରେ ଛାତ୍ରୀମାନେ ବିଭିନ୍ନ କାରଣରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଘରେ ରହୁଥିବା ଅତ୍ୟନ୍ତ ଚିନ୍ତାର ବିଷୟ। ଏଥିପାଇଁ ଯୁବତୀ ମାନେ ନିଜକୁ ସ୍ୱାବଲମ୍ୱୀ କରିବା ପାଇଁ ଏହି ସୋସାଇଟି ପକ୍ଷ୍ୟରୁ ସିଲେଇ ମେସିନ୍ ବଣ୍ଟନ କରାଯିବା ସହ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯିବା ନେଇ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର ଯୋଗ ଦେଇ ଯୁବପିଢ଼ି ସଶକ୍ତ ହେଲେ ସ୍ଥାନୀୟ ଅଞ୍ଚଳ ମଧ ସଶକ୍ତ ହୋଇପାରିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ମାଇନରିଟି ଓ୍ୱିକର ସେକ୍ସନ ଡେଭଲପମେଣ୍ଟ ସୋସାଇଟିର ଡାଇରେକ୍ଟର ଡଃ ଏନ୍ ରାଘବ ରାଓ, ଚୀନାମ ଜନାର୍ଦ୍ଦନ, ମେଷାକ ରବି ମାଦ୍ରୀ, ଚୀନାମ ରାବିଡ଼ କୁମାର, କେ ଆଲବର୍ଟ ଓ ନାରା ବେରସେବା ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମପୁର ଦୋଳଉତ୍ସବ ଓ ନାମଯଜ୍ଞ ଉଦ୍‌ଘାଟିତ

ବାଲଗଡ, (ଭାସ୍କର ନ୍ୟୁଜ୍): ପାଟପୁର ଶାସନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ଦୋଳଉତ୍ସବ ଓ ୧୫ତମ ନାମଯଜ୍ଞ ଆଜି ମହାଆଡମ୍ବର ସହକାରେ ଶୁଭ ଉଦଘାଟନ ହୋଇଯାଇଛି। ଦୋଳବେଦିରେ ଗ୍ରାମର ମହାଦେବ ଠାକୁର ଗ୍ରାମ ପରିକ୍ରମା କରି ଭୋଗ ଖାଇଥିଲେ। ଦୋଳରେ ଠାକୁର ଗ୍ରାମର ମଝିରେ ଦୋଳବେଦିରେ ବସିଥିଲେ। ପଦ୍ମପୁର ଗ୍ରାମର ଚୈତନ୍ୟ ମଣ୍ଡଳୀ ଓ ଗ୍ରାମବାସୀ ମିଳିତଭାବେ କୁନି ପିଲାମାନଙ୍କୁ ରାଧାକୃଷ୍ଣ ବେଶରେ ସଜ୍ଜିତ କରି ଘଣ୍ଟ, ଖୋଳ, ତାଳ, ଘଣ୍ଟି ବଜାଇ ନାମ ସଂକୀର୍ତ୍ତନ କଳସ ଯାତ୍ରା କରି ଗ୍ରାମ ମଝିରେ ନିର୍ମାଣ ହୋଇଥିବା ବେଦି ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଏହି ପୀଠରେ ହରେକୃଷ୍ଣ ହରେ ରାମ ନାମ ଉଚ୍ଚାରଣ କରି ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଭକ୍ତ ସହଯୋଗ କରିଥିଲେ। ଆଖପାଖ ଲୋକଙ୍କ ଭିଡ଼ ଜମିଥିଲା ଏହି ଉତ୍ସବରେ ସମାଜସେବୀ ମନୋଜ କୁମାର ପ୍ରଧାନ,କଂଗ୍ରେସ ନେତା ସଦାଶିବ ମହାପାତ୍ର, ସରପଞ୍ଚ ଶରତ ହୋତା ଯୋଗଦେଇଥିବାବେଳେ ଦିବାକର ବେହେରା, ଅଜୟ କୁମାର ବେହେରା, ମନୋରଞ୍ଜନ ବେହେରା, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ହୋଇଥିବା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ୍ ଶିବିର ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ର ଅଧକ୍ଷ ଡ଼ଃ. ସୁଶାନ୍ତ କୁମାର ମଲ୍ଲିକ ସଭାପତିତ୍ୱ ଗ୍ରହଣ କରିଥିଲେ। ଆତ୍ମରକ୍ଷା ସଂଯୋଜିକା ଶ୍ରୀମତୀ ସନ୍ଧ୍ୟାରାଣୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଓଟଝ ଅଧିକାରୀ ମନୀଷା ସଗୁନ ଏବଂ ସମ୍ମାନୀତ ଅତିଥିରୂପେ ଡେପୁଟି କଲେକ୍ଟର ସୁମନ ଘୋଷ, ଭଞ୍ଜନଗର ଝଓ ସସ୍ମିତା ଗୁଗୁ ଯୋଗ ଦେଇଥିଲେ। ଅତିଥି ମାନେ ଆତ୍ମ ରକ୍ଷାର ଗୁରୁତ୍ୱ ଓ ଉଦେଶ୍ୟ ଏବଂ ନାରୀ ସଶକ୍ତିକରଣ ସମ୍ପର୍କରେ ମତ ପୋଷଣ କରିଥିଲେ। ପରି ଶେଷରେ ଅଧାପିକା ଉର୍ମିଳା ପଟ୍ଟଯୋଶୀ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରେମଚାନ୍ଦ ମଲିକ, ରଶ୍ମିତା ବେହେରା, ଜୟ ଲକ୍ଷ୍ମୀ ରଥ, ପୁଷ୍ପାଞ୍ଜଳି ପଟ୍ଟନାୟକ, ସ୍ୱର୍ଣ୍ଣ ମହାରଣା, ଶୁଭଶ୍ରୀ ସାହୁ, ହେମଲତା ଭୋଇ, ସନ୍ତୋଷ ମହାନ୍ତି, କମଳିନୀ ବେହେରା, ଅମୁଲ୍ୟ ଶତପଥୀ, ପ୍ରଭାତୀ ମିଶ୍ର, ସସ୍ମିତା ମିଶ୍ର, ଶ୍ରୀୟା ପ୍ରଧାନ, ସୁରଜ ସାମଲ ଆଦି ଅଧାପକ ଏବଂ ଅଧାପିକା ଉପସ୍ଥିତ ଥିଲେ।ଏଥିସହ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ।

## ଗୋଖେଇରଥ ଓ ପଥରମୁଣ୍ଡେଇ ମେଳଣ ଶେଷ



ଡେରାବିଶ, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ପାଇଁ ଦୋଳ ଉପଲକ୍ଷେ ଫଗୁ ଦଶମୀ ଠାରୁ ଶ୍ରୀରାଧାକୃଷ୍ଣ ମନ୍ଦିରରୁ ପଦାକୁ ବାହାରି ବିମାନରେ ବିଭିନ୍ନ ମେଳଣକୁ ଯିବା ପାଇଁ ପ୍ରସ୍ତୁତ ହୋଇଥାନ୍ତି। ଏହି ରାଜଦୋଳର ଦ୍ୱିତୀୟ ଦିନରେ ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଂଚାୟତର କେଶରପୁର ସ୍ଥିତ ମେଳଣ ପଡ଼ିଆ ଠାରେ ଗତକାଲି ରାତିରେ ଗୋଖେଇ ରଥ ମେଳଣ ସମ୍ପନ୍ନ ହୋଇଛି। ଏହି ମେଳଣରେ ସ୍ଥାନୀୟ ଅଂଚଳରୁ ୯ ଗାଦି ବିମାନ ଯୋଗ ଦେଇଥିଲେ। ମେଳଣ କମିଟି ପକ୍ଷରୁ ସମସ୍ତ ବିମାନ ସମ୍ମୁଖରେ ଭୋଗଲାଗି ପରେ ବିଳମ୍ବିତ ରାତିରେ ଏହି ମେଳଣ ସମ୍ପନ୍ନ ହୋଇଥିଲା। ସେହିପରି ହରିଅଙ୍କ ପଂଚାୟତର ଭୋଳହାଟ ମେଳଣ ଓ ଆଜି କୁମାର ସାହି ମେଳଣ ସମ୍ପନ୍ନ ହୋଇଛି। ସେହିପରି ଆଜି ଅପରାହ୍ନରେ ଦାନପୁର ପଂଚାୟତ ଅନ୍ତର୍ଗତ ନଣ୍ଡା ମହାଦେବ ପ୍ରାଙ୍ଗଣରେ ପଥରମୁଣ୍ଡେଇ ମେଳଣ ସମ୍ପନ୍ନ ହୋଇଛି। ଗାଦିଶ୍ୱର ଦଖମଠ ବିମାନ ପ୍ରଥମେ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ଧିରେ ଧିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତରୁ ୨୪ ଗୋଟି ବିମାନ ପାରମ୍ପରିକ ବାଜା ଓ ରୋଷଣୀରେ ମେଳଣ ପଡ଼ିଆରେ ବିଭିନ୍ନ ଦିଗରୁ ପ୍ରବେଶକରି ସେମାନଙ୍କ ପାଇଁ ନିର୍ଦ୍ଧାରିତ ସ୍ଥାନରେ ଉପବେଶନ କରିଥିଲେ। ସନ୍ଧ୍ୟାରେ ମେଳଣ କମିଟି ପକ୍ଷରୁ ବିମାନ ସମ୍ମୁଖରେ ଭୋଗଲାଗି କରାଯିବା ପରେ ବିଳମ୍ବିତ ରାତିରେ ମେଳଣ ସମ୍ପନ୍ନ ହୋଇଥିଲା।

# ଲକ୍ଷପତି ଦିଦି କାର୍ଯ୍ୟକ୍ରମ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓଡିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ମାଧ୍ୟମରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଓଡିଶା ଜୀବିକା ମିଶନର ଜିଲ୍ଲାର ପ୍ରକଳ୍ପ ପରିଚାଳକ ଚନ୍ଦନ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ, ମହିଳାମାନଙ୍କ ସାମାଜିକ, ଆର୍ଥିକ ସଶକ୍ତିକରଣ ବିକାଶ ସହ ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ବିକଶିତ କରି ସ୍ୱାବଲମ୍ବୀ କରିବା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ କଳାହାଣ୍ଡି ଜିଲ୍ଲାରେ ଲକ୍ଷପତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେବା ସହ ଲକ୍ଷପତି ଦିଦି ବିକାଶ ନିମନ୍ତେ ମହିଳା ମାନଙ୍କ ତାଲିମ୍, ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ମହିଳା ମାନଙ୍କୁ ଲକ୍ଷପତି ଦିଦି ବିକାଶ ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କ ପଦକ୍ଷେପ, ଜୀବିକାର ବିକାଶ ବିଷୟରେ ଆହ୍ୱାନ ଦେଇଥିଲେ ଓ ଜିଲ୍ଲାର ୧୩ ଟି ବ୍ଲକରୁ ୧୩ ଜଣ ଲକ୍ଷପତି ସହାୟିକା ଦିଦିମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ, ସଫଳତା, ଦୃଢ ଇଚ୍ଛା ଶକ୍ତି ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମହିଳା ମାନଙ୍କ ପାଇଁ ବିଭିନ୍ନ ଯୋଜନା ଯଥା ଶ୍ରୀ ଅନ୍ନ ଯୋଜନା, କୃଷି ଯନ୍ତ୍ରପାତି, ପ୍ରାକୃତିକ କୃଷି ପ୍ରଭୃତି ସେମାନଙ୍କୁ ଲକ୍ଷପତି କରିବା ପାଇଁ କିପରି ସହାୟକ ହୋଇପାରିବ, ସେ ବିଷୟରେ ଉପସ୍ଥାପନା କରିଥିଲେ। ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ ବିଷ୍ଣୁ ପ୍ରସାଦ ସିଂ ମହିଳା ଲକ୍ଷପତି ଦିଦି ମାନଙ୍କୁ ଜୈବିକ କୃଷି, ଛତୁ ଚାଷ, ବୁନ୍ଦା ଜଳ ସେଚନ, ତୈଳବୀଜ ଉଦ୍ୟାନ କୃଷି ଯୋଜନା ମହିଳାମାନଙ୍କୁ କିଭଳି ଲକ୍ଷପତି କରାଇବାରେ ସହାୟକ ହେବ ବୋଲି ବକ୍ତବ୍ୟ ରଖିଥିଲେ। ଜିଲ୍ଲା ମତ୍ସ୍ୟସମ୍ପଦ ଅଧିକାରୀ ସୁଶ୍ରୀ ଦ୍ରୌପଦୀ ମାଝୀ ସରକାରଙ୍କ ମାଛ ଚାଷ ଯୋଜନା ବିଷୟରେ ଅବଗତ କରାଇଥିଲେ । ଡା. ନିରୋଦ କହଁର, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା



ପରିଚାଳିତ ଯୋଜନା ଯଥା ୩୦+୨ମଡେଲ, ୧୦+୧ ମଡେଲ ଛେଳି ଚାଷ, ବ୍ରଏଲର କୁକୁଡ଼ା, ଦେଶୀ କୁକୁଡ଼ା ଚାଷ, ଗୋଖାଦ୍ୟ ପାଇଁ ଘାସ ଚାଷ ଇତ୍ୟାଦି ଯୋଜନା ମହିଳା ମାନଙ୍କୁ ଲକ୍ଷପତି ହେବାରେ ସହାୟକ ହୋଇପାରିବ ବୋଲି ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଫଳ ଲକ୍ଷପତି ଦିଦି ଭାବେ ତେନ୍ତୁଳିପଙ୍ଗା ଗ୍ରାମ, ଲାଞ୍ଜିଗଡ ବ୍ଲକର ବାସନ୍ତୀ ହରିଜନ କିଭଳି ସରକାରଙ୍କ ପରିଚାଳିତ ଓଡିଶା ଜୀବିକା ମିଶନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ପଞ୍ଚାୟତ ମହିଳା ସଂଘରୁ ଋଣ ନେଇ ଉଦ୍ୟାନ ବିଭାଗର କୃଷି ଓ ପ୍ରଦାନସଂସ୍ଥା ମାଧ୍ୟମରେ ସୌର ଉଠାଜଳସେଚନ ପ୍ରକଳ୍ପ, ଜନ ସାହାଯ୍ୟ ସଂସ୍ଥାର ତାଲିମ ନେଇ ଦାଦନ ସମସ୍ୟାରୁ ମୁକ୍ତି ପାଇ ଲକ୍ଷପତି ହୋଇ ପାରିଛନ୍ତି ସେ ବିଷୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସେହିପରି କୋକସରା ବ୍ଲକ ବଞ୍ଜାରୀ ସ୍ୱୟଂ ସହାୟକ ଗୋଷ୍ଠୀର କୌଶଲ୍ୟା ନାଏକ ପ୍ରାଣୀସମ୍ପଦ ବିଭାଗର ବତକ ଚାଷ ଯୋଜନାରେ ସାମିଲ ହୋଇ ଲକ୍ଷପତି ହେବାର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଦାନ ସଂସ୍ଥାର ଟିମ୍ କୋର୍ଡିନେଟର ହୃଦୟାନନ୍ଦ ମହାପାତ୍ର ଲକ୍ଷପତି ଦିଦିମାନଙ୍କୁ ଲକ୍ଷପତି ହେବା ପାଇଁ ଜୀବନ ଜୀବିକାର ବିଭିନ୍ନ ମଡେଲ ଯଥା ୦.୫ ଏକର ମଡେଲ, ଛତୁ ଚାଷ, ଲତା ଜାତୀୟ ପନିପରିବା, ଛତୁ ଚାଷ ମଡେଲ ଓ ମହିଳାମାନେ କିଭଳି ଉଦ୍ୟୋଗ ବିକାଶ ଯୋଜନା ପ୍ରସ୍ତୁତ କରିପାରିବେ ସେ ବିଷୟରେ ତାଲିମ୍ ଦେଇଥିଲେ । କେସିଙ୍ଗା ବ୍ଲକ ଶିବଶମ୍ଭୁ ସ୍ୱୟଂ ସହାୟକ ଗୋଷ୍ଠୀର ବଳଦିନୀ ସାହୁ କିପରି କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ମାସିକ ୨୦୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରି ଲକ୍ଷପତି ଦିଦି ହୋଇ ପାରିଛନ୍ତି ସେ ବିଷୟରେ କହିଥିଲେ। ଏଲ୍‌ଡିଏମ୍ ଧର୍ମରାଜ ସୁନାନୀ ନିଜର ବକ୍ତବ୍ୟରେ ସରକାରଙ୍କ ଆର୍ଥିକ ସାକ୍ଷରତା, ମହିଳା ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବିଶ୍ୱ ଆଦିଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଅବନ୍ତୀ ନାଏକ ଏକ କବିତା ମାଧ୍ୟମରେ ଲକ୍ଷପତି ଦିଦି ଯୋଜନା ବିଷୟରେ ସମସ୍ତଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ସମସ୍ତ ୧୩ ଟି ବ୍ଲକ ଓ ପୌରପାଳିକାରୁ ୪୦୦୦୦ ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ପରିଶେଷରେ ମିଶନ ଶକ୍ତି ବିଭାଗର ଜିଲ୍ଲା ସଂଯୋଜିକା ସୁମନ ଦ୍ୱିବେଦୀ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବିଭାଗ, ଗଣ ମାଧ୍ୟମ ପ୍ରତିନିଧି, ସ୍ୱାସ୍ଥ୍ୟ, ପୋଲିସ ପ୍ରଶାସନଙ୍କୁ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଜିଲ୍ଲାପାଳ ଓ ବିଡ଼ିଓଙ୍କ ତତ୍ପରତା

# ଦମ୍ପତିଙ୍କୁ ମିଳିଲା ସରକାରୀ ସହାୟତା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ଟେଣ୍ଟାପାଲି ପଞ୍ଚାୟତ ଘଣ୍ଟିଗୁଡା ତେଲିପଳାସ ପଡାର ଦମ୍ପତି ଦୁର୍ଦ୍ଦିନରେ ଜୀବନ କାଟୁଥିବା ଘଟଣା ଓଡିଶା ଭାସ୍କରରେ ଖବର ପ୍ରସାରଣ ହୋଇଥିଲା। ଦମ୍ପତି ଦୁହେଁ ହେଲେ ପଡାର ହରି ଗହୀର (୭୫)ସ୍ତ୍ରୀ ମାଳତୀ ଗହୀର (୭୦)। ଅତି ଦୟନୀୟ ସ୍ଥିତିରେ ଜୀବନଯାପନ କରୁଥିଲେ। କେବଳ ଭିକ୍ଷା ବୃତ୍ତି ହିଁ ଏକ ମାତ୍ର ସାହା ସାଜିଥିବା ବେଳେ ସରକାରୀ ଯୋଜନାରୁ ବାଦ ପଡିଯାଇ ଥିଲେ। ଏପରି କି ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପଞ୍ଚାୟତ ଠାରୁ ଚାଉଳ ପାଇବାରୁ ମଧ୍ୟ ବଞ୍ଚିତ ରହିଥିଲେ। ଦିନେ ନୁହେଁ କି ଦୁଇ ଦିନ ନୁହେଁ ସ୍ୱାଧୀନତାର ୭୫ବର୍ଷ ପରେ ବି ସରକାରୀ ସୁବିଧାରୁ ବଞ୍ଚିତ ଥିଲେ ଦମ୍ପତି। ଏହି ଘଟଣାକୁ ନେଇ ଓଡିଶା ଭାସ୍କର ଖବର ପ୍ରସାରଣ କରିବା ପରେ ତତ୍‌କ୍ଷଣି ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ ଦମ୍ପତିଙ୍କ ନିକଟରେ ପହଞ୍ଚି ଚାଉଳ ୧୦କିଲୋ ସହାୟତା କରିଥିଲେ। ଏପରିକି ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ



ସଦାଶିବ ନାୟକ ତତ୍ପରତା ପ୍ରକାଶ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦମ୍ପତିଙ୍କ ଆଧାରକାର୍ଡ କରି ସବୁ ପ୍ରକାର ସରକାରୀ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କଥା ସେତିକିରେ ରହି ନ ଥିଲା-ଖବର ଉପରେ ଜିଲ୍ଲାପାଳ ସଚିନ ପାଓ୍ୱାରଙ୍କ ନଜର ପଡିବାରୁ ତତକ୍ଷଣି ଦମ୍ପତିଙ୍କ ଆଧାରକାର୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପରେ ମଙ୍ଗଳବାର ଦିନ ସ୍ଥାନୀୟ ସରପଞ୍ଚ ଓ ଆଧାର କେନ୍ଦ୍ର କର୍ମଚାରୀ ମାନେ ଦମ୍ପତିଙ୍କ ଦ୍ୱାର ମୁହଁରେ ଯାଇ ଆଧାରକାର୍ଡ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଉଭୟ ଦମ୍ପତିଙ୍କ ଫିଙ୍ଗର ପ୍ରିଣ୍ଟ ନେବା ସହ ଅନ୍ୟାନ୍ୟ ନଥିପତ୍ର ନେଇଥିବା ଜଣାପଡିଛି ।ଖୁବ କମ ଦିନ ଭିତରେ ଦୁଇଙ୍କ ଆଧାର କାର୍ଡ ଆସି ଯିବ - ଏଥିସହ ପ୍ରଥମେ ଦମ୍ପତି ଙ୍କୁ ଅନ୍ତଦୟ ରେ ସାମିଲ କରାଯାଇ ୩୫କିଲୋ ଚାଉଳ ବାର୍ଦ୍ଧକ୍ୟ ଭତ୍ତା ସମେତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ସରପଞ୍ଚ ଗୌଲୋଚନ ଗୋପାଳ ପ୍ରକାଶ କରିଛନ୍ତି।

‘ଓଡିଶା ଭାସ୍କର’ର ପ୍ରଭାବ

## ମାଁ ତାରିଣୀ ଶକ୍ତି ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠ ଠାରେ ମନ୍ଦିର ଉନ୍ନତି କରଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବିଧାୟିକା ମନୋରମା ମହାନ୍ତି ଓ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା ମୁରଲୀଧର ରଣା ଯୋଗଦେଇଥିବା ବେଳେ ପୂଜା କମିଟି ସଭାପତି କୈଳାସ କୁମୁରା, ସଂପାଦକ ସୁଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ହୃଦାନନ୍ଦ ମଲ୍ଲିକ, ପ୍ରଶନ୍ନ ରଣା, ସୁର୍ଯ୍ୟମଣି ରଣା, ମହିମା ରଣା, ରଞ୍ଜନ ରଣା, ଚୁନୁ ପଟନାୟକ, କଫୁଲ ରଣା, ହିମାଂଶୁ ରଣା, ତାରା ଭୋଇ, ଲେଭା ଭୋଇ, କୁନି ଭୋଇ, ମହେନ୍ଦ୍ର ପ୍ରଧାନୀ, ସେକ୍ଷଦେବ ରଣା,ଦୁତିଆ ରଣା, ବୃହସ୍ପତି ରଣା, ସୋନୁ ରଣାଙ୍କ ସମେତ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ଖାଟୁଶ୍ୟାମ ବାବାଙ୍କ ଫାଲ୍‌ଗୁନ ମେଳା

ନର୍ଲା , (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରାରୋଡରୁ ପଲସାପଡା ଖାଟୁଶ୍ୟାମ ବାବାଙ୍କ ନିଶାନ ପଦ ଯାତ୍ରା ଓ ଫାଲଗୁନ ମେଳା ମହାସମାରୋହରେ ପାଳିତ ହୋଇଯାଇଛି। ରୁପ୍ରାରୋଡ ଶ୍ୟାମ ପରିବାର ଘରୁ ଆରମ୍ଭ ହୋଇ ବାବାଙ୍କ ପଦଯାତ୍ରା ରୁପ୍ରାରୋଡ ନଗର ପରିକ୍ରମା କରି ମାଳିପଡା, ବରଗା ଛକ, ଭୀମକେଲା ଛକ ଦେଇ ଲାଖଗୁଡା, ଭୀମକେଲା ଦେଇ ପଲସାପଡା ଶ୍ୟାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ଶ୍ୟାମ ପରିବାରର ସମସ୍ତ ସଦସ୍ୟ ସହିତ ରୁପ୍ରାରୋଡ, ଧର୍ମଗଡ଼, ଜୁନାଗଡ, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ଭବାନୀପାଟଣା, ତୁଷରା, ନର୍ଲା, ନର୍ଲା ରୋଡ



ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶ୍ୟାମ ଭକ୍ତ କାଲୁ ଶର୍ମା, ରାଜେଶ ଶର୍ମା, ଶ୍ୟାମସୁନ୍ଦର ଶର୍ମା, ଅମିତ ଶର୍ମା, ରାଧେଶ୍ୟାମ ଶର୍ମା, ରାମଚନ୍ଦ୍ର ଶର୍ମା, ସୁନିଲ ଶର୍ମା, ସୁରେସ ଶର୍ମା, ସନ୍ଦିପ ଶର୍ମା, ସୁମିତ ଶର୍ମା, ବିଜୟ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ଅଶୋକ କମାନୀ,ରତନ ଅଗ୍ରୱାଲ, ସତିଷ ଅଗ୍ରୱାଲ, ମୁକେଶ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ । ଠିକ୍ ସେହିପରି ନର୍ଲା ରୋଡ ସ୍ଥିତ ଦୁର୍ଗା ମନ୍ଦିର ପରିସରରେ ନର୍ଲା ଓ ନର୍ଲାରୋଡର ଶ୍ୟାମ ପରିବାରଙ୍କ ମିଳିତ ସହଯୋଗରେ ଶିବମନ୍ଦିରରୁ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ନିଶାନ ପଦଯାତ୍ରା ଅନୁଷ୍ଠିତ କରାଯାଇ ଦୂର୍ଗା ମନ୍ଦିରରେ ଏକ ଭବ୍ୟଶ୍ୟାମ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ନୌର ଭଜନ କଳାକାର ମାଗି ପୋରବାଲ ଓ ଭଜନ ଗାୟକ ରୂପେ ବରଗଡର ଆନନ୍ଦ କୋକଚା ଯୋଗ ଦେଇଥିଲେ । ପୂଜକ ରୂପେ ରାମ ବରନ ଶର୍ମା ପୂଜା କାର୍ଯ୍ୟ ତୁଲାଇଥିଲେ। ବିମଲ କେଡିଆ, ହମେଶ ଜୈନ, ମନୋଜ ଅଗ୍ରୱାଲ, ରାଜା ଅଗ୍ରୱାଲ, ମୋତି ଅଗ୍ରୱାଲ ଅନୁପ ଅଗ୍ରୱାଲ, ନିକୁ ଦତା, ମୁକେଶ ଅଗ୍ରୱାଲ, ଅରୁଣ ଅଗ୍ରୱାଲ, ରମେଶ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ରତନ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ମଧୁପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ





ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ ଆରୋଗ୍ୟ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ମନ୍ଦିରର ମେଡିକାଲ ଅଫିସର ଡା. ରାଜେଶ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳୀ ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ଫାର୍ମାସିଷ୍ଟ ସୁଧୀର କୁମାର ଖାନସମା, ଜନ ଆରୋଗ୍ୟ ସମିତିର ସଦସ୍ୟ ସୁଶୀଲ କୁମାର ବାଗ, ହୃଷିକେଶ ବଗର୍ତ୍ତି, ତୀର୍ଥ ଗହୀର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଡା. ମହାରଣା ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସିକେରକୁପା-କଦମ୍ବଗୁଡା ରାସ୍ତା ବିପର୍ଯ୍ୟସ୍ତ

# ପୂର୍ତ୍ତ ବିଭାଗର ଦୃଷ୍ଟି ପଡ଼ିବ କେବେ ?



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ସୀମାନ୍ତ ତଥା ଲାଞ୍ଜିଗଡ଼ ବ୍ଲକରୁ ନର୍ଲା ବ୍ଲକକୁ ସିଧାସଳଖ ଯୋଡୁଥିବା ସିକେରକୁପା- କଦମ୍ବଗୁଡା ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତା ନର୍ଲା ବ୍ଲକ ସମେତ ବ୍ଲକର ଦୁର୍ଗମ ଭୁର୍ଟିଗଡ଼ ପଞ୍ଚାୟତ ଓ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରୁଥିବାବେଳେ ରାସ୍ତା ସାରା ହଜାର ହଜାର ଖାଲଖମା ଭରି ରହିଛି। ୬ କିମି ବିଶିଷ୍ଟ ଏହି ରାସ୍ତାରେ ଦିନ ପ୍ରତିଦିନ ଦୁର୍ଘଟଣା ସଂଖ୍ୟା ବଢ଼ି ଚାଲିଥିବାବେଳେ ଅତ୍ୟନ୍ତ ସଂକୀର୍ଣ୍ଣ ଓ ବୁଲାଣି ରାସ୍ତା ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଦୀର୍ଘ ଦିନ ଏହି ରାସ୍ତା ଉଜୁଡି ଯାଇଥିବାବେଳେ ଅନେକ ଦାବି ଓ ଅଭିଯୋଗ ପରେ ବି ରାସ୍ତାର ଅବସ୍ଥା ସୁଧୁରୁନାହିଁ। ଏପରିକି ଉପାନ୍ତ ଅଞ୍ଚଳ ବୋଲି ରାସ୍ତାର ଏହି ଦୁରାବସ୍ଥା ପ୍ରତି ଆଖି ବୁଜିଦେଇଛି କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ। ତେବେ ଏହି ରାସ୍ତାର ଆଉ ଏକ ଅଂଶ କଦମ୍ବଗୁଡାରୁ ନର୍ଲା ରୋଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଥିବାବେଳେ ବର୍ଷେରୁ ଅଧିକ ସମୟ ହେଲା ଏହା ସରିବାର ନାଁ ନେଉନାହିଁ। ଅପରପକ୍ଷରେ, ନିର୍ମାଣ ଓ ମରାମତି ଅଭାବରୁ ସିକେରକୁପା ଓ କଦମ୍ବଗୁଡ଼ା ରାସ୍ତା ଏବେ ବିପଦକୁ ହାତଠାରି ଡାକୁଛି। ଏଣୁ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନନେଲେ ପରିସ୍ଥିତି ଭୟାବହ ହେବ ଏବଂ ଲୋକେ ଯେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନ ମୁହାଁ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

# ଆମୋଦ ପ୍ରମୋଦ ସ୍ଥଳ ପାଲଟିଛି ଜେନା ଡଙ୍ଗର !





ଧର୍ମଗଡ, (ଭାସ୍କର ନ୍ୟୁଜ୍) : ଧର୍ମଗଡ ସହର ଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ତେଲ ନଦୀ କୂଳରେ ଲାଗିରହିଛି ଜେନା ଡଙ୍ଗର। ତାକୁ ଏକ ସୁନ୍ଦର ପିକନିକ୍ ସ୍ପଟ୍ ଭାବରେ ଗଢି ତୋଳିବାକୁ ଆଗେଇ ଆସିଛି ଛିଳିପା ପଞ୍ଚାୟତ। ଧର୍ମଗଡ ସହର ତଥା ପଡ଼ୋଶୀ ଛତିଶଗଡ଼ର ସହର ଦେଭୋଗବାସୀଙ୍କ ପାଇଁ ଏହା ହେବ ଏକ ପ୍ରକୃଷ୍ଟ ଅବସର ବିନୋଦନ ପାର୍କ । ଡଙ୍ଗରର ଠିକ୍ ପାଦ ଦେଶରେ ପ୍ରବାହିତ ହେଉଛି ତେଲ ନଦୀ ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ କେନାଲ ପାଣି କୁ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳକୁ ନେବା ପାଇଁ ଜେନା ଡଙ୍ଗରକୁ କାଟି ପାହାଡ ଚିରି ଏହି ଠାରେ ନଦୀ ଉପରେ ନିର୍ମିତ ହୋଇଛି ଆକ୍ୟାଡକ୍ଟ। ଆକ୍ୟାଡକ୍ଟ ନିର୍ମାଣ ହେବା ପରେ ଏହି ସ୍ଥାନର ସୋନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚିନ୍ତା କରାଯାଇଥିଲା । କିନ୍ତୁ ଦୀର୍ଘ ବର୍ଷ ଅତିବାହିତ ହୋଇ ଯାଇଥିଲେ ବି ଏହା ହୋଇ ପାରି ନଥିଲା । ଛିଳିପା ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତିର ଉଦ୍ୟମ କ୍ରମେ ଏହି ଟାଙ୍ଗରା ଡଙ୍ଗରଟି ସବୁଜିମାରେ ପରିପୂର୍ଣ୍ଣ ହୋଇଥିଲା। ଏବେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଛିଳିପା ପଞ୍ଚାୟତର ଯୁବ ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଉଦ୍ୟମ ଆରମ୍ଭ କରିଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଆକ୍ୱାଡକ୍ଟ ପାଦ ଦେଶରୁ ଡଙ୍ଗରକୁ ଚଢିବା ପାଇଁ ଭଙ୍ଗାରୁଜା ଅବସ୍ଥାରେ ଥିବା ସିଡ଼ିକୁ ମରାମତି କରାଯାଇଥିବା ବେଳେ ଏମ୍‌ଜିଏନ୍‌ଆରଇଜି ଯୋଜନାରେ ପାହାଡ ଶିଖରରେ ଥିବା ଯୋଗୀ ମଠକୁ ପାଦ ଚଲା ରାସ୍ତା କରାଯାଇଛି। ସେହିପରି ନଦୀ ପଠା କଡ଼ରେ ଏକ ହନୁମାନ ବାଟିକା ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏଠାରେ ଥିବା ରାମ ମନ୍ଦିର ନିକଟରେ ଥିବା ଏକ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ତେବେ ଜାତୀୟ ରାଜପଥ ଠାରୁ ହନୁମାନ ବାଟିକା ପର୍ଯ୍ୟନ୍ତ ଯାଇ ଥିବା ପ୍ରାୟ ୧୨ଶହ ମିଟର ଦୈର୍ଘ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ରହିଛି ପଡିଥିବା ବେଳେ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଏବେ ଜଳ ସମ୍ପଦ ବିଭାଗ ପକ୍ଷରୁ ୩୪.୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜାତୀୟ ରାଜପଥ ଠାରୁ ଆକ୍ୱାଡକ୍ଟ ପର୍ଯ୍ୟନ୍ତ ଏକ କନେକ୍ଟିଭିଟି ରାସ୍ତା ନିର୍ମାଣ କରିଛି । ତଥାପି ଏଠାରେ ଅନେକ କାମର ଆବଶ୍ୟକତା ରହିଛି। ଏଠାରେ ବୋଟିଂ ବ୍ୟବସ୍ଥା, ଓ୍ୱାଚ ଟାଓ୍ୱାର ନିର୍ମାଣ, ରେଷ୍ଟ ସେଡ ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା, ପ୍ରମୋଦ ଉଦ୍ୟାନ ଆଦି ନିର୍ମାଣ କରାଗଲେ ଏହା ଏକ ଭଲ ପିକ୍‌ନିକ୍ ସ୍ପଟ୍ ହୋଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଧର୍ମଗଡ ସହର ଠାରୁ ଅଳ୍ପ ଦୂରରେ ଏକ ସୁନ୍ଦର ପିକ୍‌ନିକ୍ ସ୍ପଟ୍ ହେବା ପାଇଁ ଉପଯୁକ୍ତ ପୃଷ୍ଠଭୂମି ଜେନା ଡଙ୍ଗରରେ ଅଛି । କେବଳ ଏହାକୁ ରୂପ ଦେବା ଦରକାର । ପଞ୍ଚାୟତ ଫଣ୍ଡ ଓ ଅନ୍ୟାନ୍ୟ ଫଣ୍ଡରେ କିଛି କିଛି ଉନ୍ନତିକରଣ କାମ କରାଯାଉଛି। ତେବେ ଏହାକୁ ଏକ ଉନ୍ନତ ପାର୍କ, ପ୍ରମୋଦ ଉଦ୍ୟାନ ଭାବେ ଗଢି ତୋଳିବା ପାଇଁ ଯଥେଷ୍ଟ ପାଣ୍ଠିର ଆବଶ୍ୟକତା ରହିଥିବା ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି ସରପଞ୍ଚ କହିଛନ୍ତି। ଦିନେ ଅବହେଳିତ ଭାବେ ଜେନା ଡଙ୍ଗର ରହିଥିଲା। ଅବାଧ ଗଛକଟା ଯୋଗୁଁ ଓ ରକ୍ଷଣା ବେକ୍ଷଣ ଅଭାବରୁ ଏକଦା ଟାଙ୍ଗରା ହୋଇ ପଡ଼ିଥିବା ଏହି ପାହାଡଟିର ଦାୟିତ୍ୱ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତି ନେବା ପରେ ଗଛ କଟା ବନ୍ଦ ହେବା ସହ ଏହାର ସବୁଜିମା ବୃଦ୍ଧି ପାଇଛି । ଜଙ୍ଗଲ ବିଭାଗ ଏଠାରେ ଅଧିକ ବୃକ୍ଷ ରୋପଣ ସହ ଏକ ଓ୍ୱାଚ ଟାଓ୍ୱାର ନିର୍ମାଣ କଲେ ଆହୁରି ସୁନ୍ଦର ପିକିନିକ ସ୍ପଷ୍ଟ ହୋଇ ପାରିବ।

## ରାଶିଫଳ

ଗୁରୁବାର, ୧୩ ମାର୍ଚ୍ଚ ୨୦୨୫



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ସୁଖ-ଶାନ୍ତି ବୃଦ୍ଧି ହେବ। ଶତୃମାନେ ମିତ୍ରଭାବ ଆଚରଣ କରିବେ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି।



**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। ବ୍ୟବସାୟକ୍ଷେତ୍ରରେ କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟରେ ଆକସ୍ମିକ ଧନ ପ୍ରାପ୍ତି ହେବା ଫଳରେ ବଢେଇବାର ପ୍ରୟାସ କରିବେ।



**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ। ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ।



**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। ବ୍ୟବସାୟକ୍ଷେତ୍ରରେ ବୃତ୍ତିଗତ ଦୃଷ୍ଟିରୁ ପରିଶ୍ରମ ବୃଦ୍ଧି ପାଇବା ଫଳରେ ସୁଖ ଶାନ୍ତି ବର୍ଦ୍ଧିତ ହେବ ଓ ସୁରକ୍ଷିତ ରହିବେ। ଭାତୃବିବାଦ ଓ ଜମିବାଡି ଜନିତ ଦ୍ୱନ୍ଦର ସମାଧାନ ହେବ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମପ୍ରାପ୍ତିର ସୂଚନା ପାଇବେ। ବ୍ୟବସାୟ କ୍ଷେତ୍ରରେ ପୁଞ୍ଜିଲଗାଣ, ଉଦ୍ୟୋଗ, ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତରେ ପରିବର୍ତ୍ତନର ଉଦ୍ୟମ କରିବେ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ରାଜନୀତି କ୍ଷେତ୍ରରେ ଶତୃ ଓ ବିରୋଧୀମାନେ ପରାସ୍ତ ହେବେ।



**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ। ଦାମ୍ପତ୍ୟ କଳହ ସମସ୍ୟାର ସମାଧାନ ହୋଇଯିବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ବକେୟା ଅର୍ଥ କିଛି ମିଳିବ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଦ୍ଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ। ପାରିବାରିକକ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁରସ୍ୱାଦ ଆସ୍ୱାଦନ କରିବେ।



**ମୀନ:** ବିଦ୍ୟା ଓ ବୁଦ୍ଧି କ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। କୋର୍ଟ-କଚେରୀ ଧନ୍ଦା ମଧ୍ୟରେ ଆଶ୍ୱସ୍ତି ବଢିବ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କର୍ମ କରିବାକୁ ବାଧ୍ୟ ହେବେ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯